# ଧରିତ୍ରୀ DHARITRI

ଧରିତ୍ରୀ DHARITRI 50 Years

ଭୁବନେଶ୍ୱର, ସୋମବାର, ଡିସେମ୍ବର ୪/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, December 4/2023 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 11 | ମୂଲ୍ୟ ₹୭/-


# ୪ରୁ ୩ ପଦ୍ମ



୩ ରାଜ୍ୟରେ ବିଜୟ ପରେ ମଧ୍ୟପ୍ରଦେଶ ଜବଲପୁରଠାରେ ଉଲ୍ଲସିତ ଭାଜପା କର୍ମୀ।

- **ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ରେ ଭାଜପାର ବିପୁଳ ବିଜୟ**
- **ତେଲଙ୍ଗାନାରେ କେସିଆର୍‌ଙ୍କ ହାତରୁ କ୍ଷମତା ଛଡ଼ାଇନେଲା କଂଗ୍ରେସ**

ନୂଆଦିଲ୍ଲୀ, ୩।୧୨
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

୩ ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ଭାରତୀୟ ଜନତା ପାର୍ଟି (ଭାଜପା) ବିପୁଳ ବିଜୟ ଲାଭକରି ସରକାର ଗଠନ ଦିଗରେ ଅଗ୍ରସର ହୋଇଥିବାବେଳେ ତେଲଙ୍ଗାନାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ର ଦୁର୍ଗ ଭୁଶୁଡ଼ିଛି। ସେଠାରେ କଂଗ୍ରେସ କ୍ଷମତାସୀନ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ ଓ ଗ୍ୟାରେଣ୍ଟି ଆଗରେ ଫିକା ପଡ଼ିଯାଇଛି କଂଗ୍ରେସର ମନଲୋଭା ପ୍ରତିଶ୍ରୁତି। ମଧ୍ୟପ୍ରଦେଶରେ ଭାଜପା ଦୁଇତୃତୀୟାଂଶ ବହୁମତ ହାସଲ ସହ ସ୍ଥିତାବସ୍ଥା ବଜାୟ ରଖିଛି। ଏଠି କଂଗ୍ରେସ ନେତା କମଲନାଥଙ୍କ ମୁଖ୍ୟମନ୍ତ୍ରୀ ଆଶା ପୁନର୍ବାର ମଉଳିଯାଇଛି। ରାଜସ୍ଥାନ ଭୋଟର ପାଳି କରି ଦୁଇ ବୃହତ୍ ଜାତୀୟ ଦଳ ଭାଜପା ଓ କଂଗ୍ରେସକୁ ସରକାର ଗଢ଼ିବା ସୁଯୋଗ ପ୍ରଦାନ ନେଇ ୩ ଦଶନ୍ଧିର ପରମ୍ପରାକୁ ବଜାୟ ରଖିଛନ୍ତି। ଫଳରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ଯାଦୁ ଆଉ କାମ କରିନାହିଁ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଓ ନିର୍ବାଚନର କିଛିମାସ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ହୋଇଥିବା ଟି.ଏସ୍. ସିଂହଦେଓଙ୍କ ମଧ୍ୟରେ କ୍ଷମତା ପାଇଁ ଟଣାଓଟରା ସାଙ୍ଗକୁ ମହାଦେବ ଆପ୍ ଜରିଆରେ ଜନତାଙ୍କ ଅର୍ଥ ଲୁଟ୍ ଅଭିଯୋଗ ଶାସକ କଂଗ୍ରେସକୁ ଧରାଶାୟୀ କରିଛି। ଫଳରେ ୫ ବର୍ଷ ପରେ ଭାଜପା ପୁଣି ସରକାର ଗଠନ ପାଇଁ ସୁଯୋଗ ପାଇଛି। ତେଲଙ୍ଗାନା ଗଠନ ହେବା ପରଠୁ ଦୀର୍ଘ ୧୦ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଆସିଥିବା କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କଠାରୁ କ୍ଷମତା ଛଡ଼ାଇବାରେ ସଫଳ ହେବା କଂଗ୍ରେସ ପାଇଁ କିଛି ମାତ୍ରାରେ ଆଶ୍ୱସ୍ତି ଆଣିଦେଇଛି। ଏହାସତ୍ତ୍ୱେ ୨୦୨୪ ସାଧାରଣ ନିର୍ବାଚନର ସେମି ଫାଇନାଲ କୁହାଯାଉଥିବା ସଦ୍ୟ ଜନାଦେଶ ସର୍ବପୁରାତନ ଦଳକୁ ଆହୁରି ଆତ୍ମସମୀକ୍ଷାର ଆବଶ୍ୟକତା ଥିବା ସନ୍ଦେଶ

☞ପୃଷ୍ଠା-୪

**ରାଜସ୍ଥାନ: ୧୯୯**

ଭାଜପା-୧୧୫
କଂଗ୍ରେସ-୬୯
ବିଏପି-୩
ବିଏସ୍‌ପି-୨
ଅନ୍ୟାନ୍ୟ-୧୦



**ମଧ୍ୟପ୍ରଦେଶ:୨୩୦**

ଭାଜପା-୧୬୩
କଂଗ୍ରେସ-୬୬
ବିଏପି-୧



**ଛତିଶଗଡ଼ :୯୦**

ଭାଜପା-୫୪
କଂଗ୍ରେସ-୩୫
ଜିଜିପି-୧




**ତେଲଙ୍ଗାନା: ୧୧୯**

କଂଗ୍ରେସ-୬୪
ବିଆର୍‌ଏସ୍-୩୯
ଭାଜପା-୮
ଏଆଇଏମ୍‌ଆଇଏମ୍-୭
ସିପିଆଇ-୧






## ଜନାଦେଶକୁ ବିନମ୍ରତାର ସହ ଗ୍ରହଣ କରୁଛୁ: ରାହୁଲ

ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଜନାଦେଶକୁ କଂଗ୍ରେସ ବିନମ୍ରତାର ସହ ଗ୍ରହଣ କରୁଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ତେବେ ନୀତି ଆଦର୍ଶର ଲଢ଼େଇ ଜାରି ରହିବ।



ତେଲଙ୍ଗାନା ଜନସାଧାରଣ କଂଗ୍ରେସ ସପକ୍ଷରେ ଜନାଦେଶ ଦେଇ ଇତିହାସ ସୃଷ୍ଟି କରିଥିବାରୁ ସେମାନଙ୍କୁ ଧନ୍ୟବାଦ। ଏହା ସେହି ରାଜ୍ୟବାସୀ ଓ ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କ ବିଜୟ। ନିର୍ବାଚନ ପ୍ରଚାର ବେଳେ କଂଗ୍ରେସ ଦେଇଥିବା ସମସ୍ତ ପ୍ରତିଶ୍ରୁତିକୁ ପ୍ରାଥମିକତାର ସହ ପୂରଣର କରାଯିବ ବୋଲି ରାହୁଲ କହିଛନ୍ତି।

## ଦେଶବାସୀ ସୁଶାସନ ସହ ଅଛନ୍ତି: ମୋଦି

ଭାଜପା ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ବିଜୟୀ ହେବାକୁ ଯାଉଥିବାବେଳେ ଜନସାଧାରଣ ସୁଶାସନ ଓ ବିକାଶ ରାଜନୀତି ସହ ଦୃଢ଼ ଭାବେ ରହିଥିବା ଫଳାଫଳରୁ ସ୍ପଷ୍ଟ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। ଭାଜପା ସବୁବେଳେ ସୁଶାସନ ଓ ବିକାଶକୁ ଗୁରୁତ୍ୱ ଦେଇଆସିଛି। ନିର୍ବାଚନ ଫଳାଫଳ ପାଇଁ 'ଆମେ ଜନତା ଜନାର୍ଦ୍ଦନଙ୍କ ନିକଟରେ ମୁଣ୍ଡ ନୁଆଉଛୁ ବୋଲି ମୋଦି ଏକ୍ସରେ ପୋଷ୍ଟ କରିଛନ୍ତି। ସେ ୩ ରାଜ୍ୟର ଜନସାଧାରଣଙ୍କୁ ସେମାନଙ୍କ ସମର୍ଥନ ପାଇଁ ଧନ୍ୟବାଦ ଜଣାଇବା ସହ ସେମାନଙ୍କ ଉନ୍ନତି ଲାଗି ଅବିଶ୍ରାନ୍ତ କାମ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ସେମାନଙ୍କ କଠିନ ପରିଶ୍ରମ ଲାଗି ସ୍ୱତନ୍ତ୍ର ଭାବେ ଧନ୍ୟବାଦ ଜଣାଇଛନ୍ତି। ତେଲଙ୍ଗାନାରେ କଂଗ୍ରେସ ବିଜୟୀ ହେବାକୁ ଯାଉଥିବାବେଳେ ଭାଜପାକୁ ସମର୍ଥନ ବଢ଼ିଥିବାରୁ ପ୍ରଧାନମନ୍ତ୍ରୀ ସେଠାର ଜନସାଧାରଣଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।



# ସୁଶାନ୍ତ ସାହୁଙ୍କୁ ଏନ୍‌କାଉଣ୍ଟର

- **୬୬ରୁ ଊର୍ଦ୍ଧ୍ୱ ମାମଲା ରହିଛି**
- **୫ ଜିଲାରେ ୨ ଗ୍ୟାଙ୍ଗ ଗଠନ କରିଥିଲେ**
- **ସହଯୋଗୀମାନେ ଫେରାର ହୋଇଗଲେ**

ନିଶ୍ଚିନ୍ତକୋଇଲି,୩।୧୨
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ପୋଲିସ ଶନିବାର ବିଳମ୍ବିତ ରାତିରେ ଜଣେ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଏହି ବ୍ଲକର ଅସୁରେଶ୍ୱରଠାରେ ଏନ୍‌କାଉଣ୍ଟର କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ ବାଲିପାଟଣା ଗ୍ରାମର ସୁଶାନ୍ତ ସାହୁ ଓରଫ ଦିପୁ (୩୨)। ତାଙ୍କ ବାମଗୋଡ଼ରେ ଗୁଳି ବାଜିଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସୁଶାନ୍ତଙ୍କ ପାଖରୁ ଦେଶୀ ବନ୍ଧୁକ, ଗୋଟିଏ ରାଉଣ୍ଡ ଅଫୁଟା ଗୁଳି, ମୋବାଇଲ ଫୋନ ସମେତ ୧୦୯୦ ଟଙ୍କା ଜବତ କରାଯାଇଛି। ତାଙ୍କ ନାମରେ ବିଭିନ୍ନ ଥାନାରେ ୬୬ରୁ ଊର୍ଦ୍ଧ୍ୱ ମାମଲା ରହିଛି। ସେ ଦୀର୍ଘଦିନ ହେବ ପୋଲିସକୁ ଚକମା ଦେଇ ଘୂରି ବୁଲୁଥିଲେ। ୫ଟି ଜିଲାରେ ୨ଟି ଗ୍ୟାଙ୍ଗ ଗଠନ କରି ଅପରାଧ ଘଟାଉଥିଲେ। ଆପରାଧିକ ଷଡ଼ଯନ୍ତ୍ର କରୁଥିବା ସମୟରେ ପୋଲିସ କାବୁ କରିବାକୁ ଯାଇ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସୁଶାନ୍ତ ୨ରାଉଣ୍ଡ ଗୁଳି ଫୁଟାଇଥିବା ବେଳେ ପୋଲିସ ଏକ ରାଉଣ୍ଡ ଗୁଳି କରି ତାଙ୍କୁ କାବୁ କରିଥିଲା। ତେବେ ସୁଶାନ୍ତଙ୍କୁ ଏନକାଉଣ୍ଟର ପରେ ଅନ୍ୟ ଅପରାଧୀଙ୍କ ମନରେ ଛନକା ପଶିଛି।

ସୂଚନା ଅନୁଯାୟୀ, ଶନିବାର ନିଶ୍ଚିନ୍ତକୋଇଲି ଥାନା ଏସ୍‌ଆଇ ତପନ ନାୟକ ପାଟ୍ରୋଲିଂରେ ଯାଇଥିଲେ। ଏହି ସମୟରେ ଅସୁରେଶ୍ୱର ଖେଳପଡ଼ିଆ ନିକଟରେ କେତେଜଣ ଆପରାଧିକ କାର୍ଯ୍ୟ ପାଇଁ ଯୋଜନା କରୁଥିବା ଖବର ପାଇଥିଲେ। ଏହାପରେ ପୋଲିସ ଟିମ୍ ସେଠାରେ ପହଞ୍ଚିଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ଦୁଇରାଉଣ୍ଡ ଗୁଳି ଚଳାଇଥିଲେ। ୨ଟି ଯାକ ଗୁଳି ପୋଲିସ ଗାଡିରେ ବାଜିଥିଲା। ପରେ ଏସ୍‌ଆଇ ନାୟକ ସୁଶାନ୍ତଙ୍କୁ ଏନ୍‌କାଉଣ୍ଟର କରିଥିଲେ। ସୁଶାନ୍ତଙ୍କ ଜଂଘରେ ଗୁଳି ବାଜିଥିଲା। ସେ ଗୁରୁତର ହୋଇ ସେଠାରେ ପଡ଼ିଯାଇଥିଲେ। ହେଲେ ତାଙ୍କ ସହଯୋଗୀମାନେ ପୋଲିସକୁ ଚକମା ଦେଖାଇ ଫେରାର ହୋଇଯାଇଥିଲେ। ଏହାପରେ ସୁଶାନ୍ତଙ୍କୁ ପୋଲିସ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛି। ଅପରପକ୍ଷରେ ଥାନାରେ ୨୧୬/୨୦୨୩ରେ ଆଇପିସିର ଦଫା ୨୯୪, ୩୩୨, ୩୦୭,୫୦୬ ଓ ୩୪ ଏବଂ ଆର୍ମସ ଆକ୍ଟ ୨୫/୨୭ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବିବାର ପୂର୍ବାହ୍ନରେ ଡିଏସ୍‌ପି ସ୍ମୃତିରଞ୍ଜନ କରଙ୍କ ନିର୍ଦ୍ଦେଶକ୍ରମେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତକୁ କ୍ରିୟାଶୀଳ କରିଥିବା ଥାନା ଅଧିକାରୀ ଯୁଗଳ ଦାସ ପ୍ରକାଶ କରିଛନ୍ତି।

### ମାହାଙ୍ଗା ପୋଲିସ ଧରିବାକୁ ଜାଲ ବିଛାଇଥିଲା

ସୁଶାନ୍ତ ମାହାଙ୍ଗାର ଏକ ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତ ଥିଲେ। ସେ କିଛିଦିନ ତଳେ ସହଯୋଗୀଙ୍କ ସହ ମିଶି ମାହାଙ୍ଗା ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ସୁକାନ୍ତି ଦାସଙ୍କ ଘରୁ ସଶସ୍ତ୍ର ଡକାୟତି କରିଥିଲେ। ସୁକାନ୍ତିଙ୍କ ଝିଅ ଓ ବୋହୂଙ୍କୁ ବନ୍ଧୁକ ଦେଖାଇ ଘରେ

☞ପୃଷ୍ଠା-୪

# ସୃଷ୍ଟି ହେଲା ବାତ୍ୟା 'ମିଗ୍‌ଜୋମ୍'

## ଓଡ଼ିଶାକୁ ୩ଦିନ ଭାରି ବର୍ଷା

- **ସ୍ଥଳଭାଗ ଛୁଇଁବାବେଳେ ୧୦୦ କିମି ବେଗରେ ପବନ**
- **ଆନ୍ଧ୍ର-ତାମିଲ୍‌ନାଡୁ ଉପକୂଳ ଛୁଇଁବା ସମ୍ଭାବନା**

ଭୁବନେଶ୍ୱର,୩।୧୨
(ଅନୁରାଧା ମହାରଣା)

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ରବିବାର ସାମୁଦ୍ରିକ ଝଡ଼ ବା ବାତ୍ୟାର ରୂପ ନେଇଛି। ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)ର ସୂଚନାନୁସାରେ, ରବିବାର ସନ୍ଧ୍ୟା ୭ଟା ୪୫ ସୁଦ୍ଧା ଏହା ପୁଡୁଚେରୀଠାରୁ ପ୍ରାୟ ୨୪୦ କି.ମି. ପୂର୍ବ, ଚେନ୍ନାଇଠାରୁ ୨୧୦ କି.ମି. ପୂର୍ବ-ଦକ୍ଷିଣ-ପୂର୍ବ, ନେଲ୍ଲୋରଠାରୁ ୩୩୦ କି.ମି. ଦକ୍ଷିଣ-ଦକ୍ଷିଣ ପୂର୍ବ ଏବଂ ମଛଲିପଟନମ୍‌ଠାରୁ ୪୫୦ କି.ମି. ଦକ୍ଷିଣ-ଦକ୍ଷିଣ ପୂର୍ବରେ କେନ୍ଦ୍ରୀଭୂତ ହୋଇଛି। ଏହା ଘଣ୍ଟା ପ୍ରତି ୮ କି.ମି. ବେଗରେ ଆଗକୁ ବଢ଼ୁଛି। କ୍ରମଶଃ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଆହୁରି ଘନୀଭୂତ ହୋଇ ୪ ତାରିଖ ସୋମବାର ସକାଳ ସୁଦ୍ଧା ଦକ୍ଷିଣ ଆନ୍ଧ୍ରପ୍ରଦେଶ ଏବଂ ସଂଲଗ୍ନ ଉତ୍ତର ତାମିଲନାଡୁ ଉପକୂଳ ନିକଟ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ପହଞ୍ଚିବ। ଏହାପରେ ପ୍ରାୟ ସମାନ୍ତରାଳ ଭାବେ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ନିକଟରେ ଗତିକରି ୫ ତାରିଖ ପୂର୍ବାହ୍ନରେ ନେଲ୍ଲୋର ଓ ମଛଲିପଟନମ୍ ମଧ୍ୟରେ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବ। ଏହି ସମୟରେ ଘଣ୍ଟା ପ୍ରତି ସର୍ବାଧିକ ୯୦ରୁ ୧୦୦ କି.ମି. ବେଗରେ ପବନ ବହିବ। ଏହାର ପ୍ରଭାବରେ ଓଡ଼ିଶାରେ ୩ଦିନ ଭାରି ବର୍ଷାର ସମ୍ଭାବନା ରହିଥିବାରୁ ଏନେଇ ସତର୍କ

☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଅନୁସରଣ କରି ବିଫଳ






# କୋଇଲା ଫେଜ୍ ଆଉଟ୍‌କୁ ଭାରତର ବିରୋଧ

## କପ୍‌୨୮ରେ ପୁନଃନବୀକରଣଯୋଗ୍ୟ ଶକ୍ତି ସଂକଳ୍ପରୁ ଦୂରେଇଲା

ଦୁବାଇ,୩।୧୨(ପି.ଟି.)

୨୦୩୦ ସୁଦ୍ଧା କୋଇଲା ବ୍ୟବହାରକୁ ପର୍ଯ୍ୟାୟକ୍ରମେ ବାଦ୍ ଦେଇ ବୈଶ୍ୱିକ ପୁନଃନବୀକରଣଯୋଗ୍ୟ ଶକ୍ତି ସାମର୍ଥ୍ୟ ୩ ଗୁଣ ବଢ଼ାଇବା ପାଇଁ ଅଣାଯାଇଥିବା ସଂକଳ୍ପରେ ସ୍ୱାକ୍ଷର କରିବାରୁ ଭାରତ ଦୂରେଇ ରହିଛି। ପର୍ଯ୍ୟାୟକ୍ରମେ କୋଇଲା ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ସର୍ତ୍ତକୁ ନୂଆଦିଲ୍ଲୀ ସମର୍ଥନ କରୁ ନ ଥିବା ଭାରତୀୟ ପ୍ରତିନିଧିଙ୍କ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଜି୨୦ ସମିଟ୍‌ରେ ଏହାର ଅଧ୍ୟକ୍ଷତା କରୁଥିବା ଭାରତ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ ବଢ଼ାଇବା ଲାଗି ପ୍ରତିଶ୍ରୁତିବଦ୍ଧ ଥିଲା। ଅଥଚ କପ୍‌୨୮ରେ ବିଶ୍ୱର ଅକ୍ଷୟ ଶକ୍ତି ସାମର୍ଥ୍ୟ ୨୦୩୦ ସୁଦ୍ଧା ତିନିଗୁଣ ବଢ଼ାଇବା ପାଇଁ ୧୧୮ଟି ଦେଶ ପ୍ରତିଶ୍ରୁତିବଦ୍ଧ ହୋଇଥିବାବେଳେ କୋଇଲା ଫେଜ୍ ଆଉଟ୍ ସର୍ତ୍ତ ଉଲ୍ଲେଖ ଥିବାରୁ ଚିଠା ପ୍ରସ୍ତାବରେ ସ୍ୱାକ୍ଷର କରିବାରୁ ଉଭୟ ଭାରତ ଓ ଚାଇନା ଦୂରେଇ ରହିଛନ୍ତି। କେବଳ କୋଇଲା ନୁହେଁ, ସମସ୍ତ ଜୀବାଶ୍ମ ଇନ୍ଧନ ବ୍ୟବହାର ପର୍ଯ୍ୟାୟକ୍ରମେ ବନ୍ଦ କରିବା ପାଇଁ ଭାରତ ବିଭିନ୍ନ ଦେଶକୁ କହିଥିଲା। ଗତ ସେପ୍ଟେମ୍ବରରେ ଦିଲ୍ଲୀରେ ଅନୁଷ୍ଠିତ ଜି୨୦ ସମିଟ୍‌ରେ ନବୀକରଣଯୋଗ୍ୟ ଶକ୍ତି କ୍ଷମତା ତିନିଗୁଣ କରିବା ଚୁକ୍ତିରେ ଭାରତ ସମ୍ମତି ପ୍ରଦାନ କରିଥିଲା। ଯେଉଁ ଦେଶଗୁଡ଼ିକ ଏଥିରେ ସଂକଳ୍ପ ନେଇଥିଲେ, ସେମାନେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ଫ୍ରେମ୍‌ୱାର୍କ (ୟୁଏନ୍‌ଏଫ୍‌ସିସିସି) ପରିସରରୁ ବାହାରେ ଥିଲେ। ନିରନ୍ତର କୋଇଲା ଶକ୍ତିର ବ୍ୟବହାରକୁ ପର୍ଯ୍ୟାୟକ୍ରମେ ହ୍ରାସ କରିବା ଏବଂ କୋଇଲା ଚାଳିତ ନୂଆ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକୁ ଆର୍ଥିକ ସହଯୋଗ ବନ୍ଦ କରିବା ପାଇଁ ଉକ୍ତ ସଂକଳ୍ପରେ ଆହ୍ୱାନ ଦିଆଯାଇଥିଲା। ନିରନ୍ତର ଜୀବାଶ୍ମ ଇନ୍ଧନ ସାଧାରଣତଃ ଉତ୍ସର୍ଜନ ହ୍ରାସ ଲାଗି ଉଦ୍ୟମ ନ କରି କୋଇଲା, ତୈଳ ଓ ଗ୍ୟାସ୍‌ର କ୍ରମାଗତ ବ୍ୟବହାରକୁ ବୁଝାଏ। ଏହା ସତ୍ତ୍ୱେ ଏହି ସାର୍ବଜନୀନ ଗ୍ରହଣୀୟ ତଥା ସଂଜ୍ଞା ଥିବା ଏହି ସର୍ତ୍ତ ବର୍ତ୍ତମାନର ଚିଠା ସଂକଳ୍ପରେ ନ ଥିବା ଜଣାପଡ଼ିଛି।



## ୨ ଦିନରେ 'ଆନିମଲ'ର ୨୦୦ କୋଟି ରୋଜଗାର


ରଣବୀର କପୁର

**ମୁମ୍ବାଇ:** ଅଭିନେତା ରଣବୀର କପୁରଙ୍କ ଅଭିନୀତ ଫିଲ୍ମ 'ଆନିମଲ' ଗତ ଶୁକ୍ରବାର ରିଲିଜ୍ ହୋଇଥିଲା। ଏଥିରେ ରଣବୀର ମୁଖ୍ୟ ଭୂମିକାରେ ନଜରକୁ ଆସିଛନ୍ତି। ଫିଲ୍ମ ଏବେ ବକ୍ସ ଅଫିସରେ ଧମାଲ କରୁଛି। ରିଲିଜ୍ ପୂର୍ବରୁ ଫିଲ୍ମ ବକ୍ସ ଅଫିସରେ ବହୁ ଆୟ କରିବ ବୋଲି କୁହାଯାଉଥିଲା। ରିଲିଜ୍ ପରେ ଏହା ସତ ହେବ ବୋଲି ଦର୍ଶକ କହୁଛନ୍ତି। ଦର୍ଶକଙ୍କଠୁ ଆରମ୍ଭ କରି ନିର୍ମାତା ସମସ୍ତେ ସିନେମାକୁ ବେଶ୍ ପସନ୍ଦ କରିଛନ୍ତି। ତେବେ ଫିଲ୍ମ ୨ ଦିନରେ ୨୦୦ କୋଟି ଟଙ୍କା ଆୟ କରିଥିବା ଜଣାପଡ଼ିଛି। କେବଳ ଭାରତ ନୁହେଁ, ବିଶ୍ୱ ବକ୍ସ ଅଫିସ ଆୟକୁ ମିଶାଇ ଏହା ଆକଳନ କରାଯାଇଛି। ମୁଭି ରିଲିଜ୍‌ର ପ୍ରଥମ ଦିନରେ ୬୦ କୋଟିରୁ ଅଧିକ ଆୟ କରିଥିଲା। ଏବେ ମୋଟ ଆୟ ୧୩୧ କୋଟିରେ ପହଞ୍ଚିଛି। ବିଶ୍ୱ ବକ୍ସ ଅଫିସ ଆୟକୁ ମିଶାଇ ଫିଲ୍ମ ମୋଟ ୧୩୬ କୋଟି ଆୟ କରିଥିବା ଜଣାପଡ଼ିଛି। ଫିଲ୍ମରେ ଅନ୍ୟ ଅଭିନେତାଙ୍କ ମଧ୍ୟରେ ବବି ଦେଓଲ, ରଶ୍ମିକା ମାନ୍ଦାନା, ପରିଣିତି ଚୋପ୍ରା, ଅନିଲ କପୁର, ଶକ୍ତି କପୁରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହି ଫିଲ୍ମ ପାଇଁ ବବିଙ୍କ କ୍ୟାରିୟରରେ ଭିନ୍ନ ମୋଡ଼ ଆସିଛି।

# ନୌସେନାର ୪୧୧ ବର୍ଷର ଇତିହାସ



## ଭାରତୀୟ ନୌସେନା ଦିବସ

ଭାରତୀୟ ନୌସେନା ଦିବସ ପ୍ରତିବର୍ଷ ୪ ଡିସେମ୍ବରରେ ପାଳନ କରାଯାଇଥାଏ। ଦେଶର ସାମୁଦ୍ରିକ ସୀମା ସୁରକ୍ଷାରେ ନୌସେନାର ସଫଳତା ଏବଂ ଭୂମିକା ନେଇ ଏହିଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ୧୯୭୧ ଯୁଦ୍ଧରେ ଭାରତୀୟ ନୌସେନାର ଅବିସ୍ମରଣୀୟ ବିଜୟକୁ ସ୍ମରଣ କରିବା ସହ ଯୁଦ୍ଧରେ ଶହୀଦ ହୋଇଥିବା ସମସ୍ତ ନୌସେନା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଏହି ଦିବସ ପ୍ରତିବର୍ଷ ପାଳନ କରାଯାଇଥାଏ। ୧୬୧୨ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ଭାରତୀୟ ନୌସେନା ପ୍ରତିଷ୍ଠା କରାଯାଇଥିଲା। ୩ ଡିସେମ୍ବର ୧୯୭୧ରେ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ପାକିସ୍ତାନ ଭାରତୀୟ ବାୟୁସେନା ଉପରେ ଆକ୍ରମଣ କରିଥିଲା। ଏହି ଆକ୍ରମଣର ମୁକାବିଲା କରି ଭାରତୀୟ ନୌସେନା ୩ଟି ଯୁଦ୍ଧଜାହାଜ ଆଇଏନ୍ଏସ୍ ବୀର, ଆଇଏନ୍ଏସ୍ ନିପାତ ଏବଂ ଆଇଏନ୍ଏସ୍ ନିର୍ଘଟ କରାଚୀ ମୁହାଁ ହୋଇ ପାକିସ୍ତାନ ନୌସେନାକୁ କଡ଼ା ଜବାବ ଦେଇଥିଲେ।

ଏହି ଅପରେଶନ ସମୟରେ ଭାରତୀୟ ନୌସେନା ପାକିସ୍ତାନ ସେନାର ୩ଟି ଜାହାଜକୁ ନଷ୍ଟ କରିବାକୁ ସକ୍ଷମ ହୋଇଥିଲା। ଭାରତର ନୌସେନାକୁ ଏହି ସଫଳତା ଦେବା ପଛରେ ଆକ୍ରମଣର ନେତୃତ୍ୱ ନେଇଥିବା କମାଣ୍ଡର କେ. ପି. ଗୋପାଳ ରାଓ ହିଁ ଥିଲେ। ଅପରେଶନ ଟ୍ରାଇଡେଣ୍ଟ ନାମରେ ପ୍ରସିଦ୍ଧ ଏହି ଘଟଣାକୁ ସ୍ମରଣୀୟ କରିବା ପାଇଁ ଭାରତୀୟ ନୌସେନା ପକ୍ଷରୁ ଏହି ଦିବସ ପାଳିତ ହୋଇଥାଏ।

୧୯୭୧ ଡିସେମ୍ବର ୪ରେ ଅପରେଶନ ଟ୍ରାଇଡେଣ୍ଟ ସମୟରେ ଭାରତୀୟ ନୌସେନା ପିଏନ୍ଏସ୍ ଖାଇବର ସମେତ ଚାରିଟି ପାକିସ୍ତାନୀ ଜାହାଜକୁ ଧ୍ୱଂସ କରିଥିଲା। ଏହି ଘଟଣାରେ ଶହେରୁ ଅଧିକ ପାକିସ୍ତାନୀ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା। ଏହି ଯୁଦ୍ଧରେ ଶହୀଦ ହୋଇଥିବା ଭାରତୀୟ ଯବାନଙ୍କ ସ୍ମୃତିରେ ନୌସେନା ଦିବସ ପାଳନ କରାଯାଇଥାଏ। ଭାରତୀୟ ନୌସେନାରେ ୬୭,୦୦୦ରୁ ଅଧିକ କର୍ମଚାରୀ ଏବଂ ପ୍ରାୟ ୧୫୦ ଜାହାଜ ଏବଂ ବୁଡ଼ାଜାହାଜ ସାମିଲ ଅଛନ୍ତି। ୨୧ ଅକ୍ଟୋବର ୧୯୪୪ରେ ରୟାଲ ଇଣ୍ଡିଆନ ନେଭି ପକ୍ଷରୁ ପ୍ରଥମ ଥର ପାଇଁ ନୌସେନା ଦିବସ ପାଳନ କରାଯାଇଥିଲା। ନୌସେନା ଦିବସ ପାଳନ କରିବାର ମୁଖ୍ୟ ଲକ୍ଷ୍ୟ ଥିଲା ସାଧାରଣ ଲୋକଙ୍କ ମଧ୍ୟରେ ନୌସେନା ବିଷୟରେ ସଚେତନତା ବୃଦ୍ଧି କରାଯିବା। ୧୯୪୫ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧ ଡିସେମ୍ବରରେ ନୌସେନା ଦିବସ ପାଳନ କରାଯାଇଥିଲା। ୩୦ ନଭେମ୍ବର ୧୯୪୫ ରାତିରେ ନୌସେନା ଦିବସ ପାଳନ ଅବସରରେ ଇନ୍‌କିଲାବ ଜିନ୍ଦାବାଦ ସ୍ଲୋଗାନ ଦିଆଯାଇଥିଲା।













































# 'ରାସ୍ତାରୁ ପାର୍କିଂ ଗାଡ଼ି ହଟାଅ'

## କେନ୍ଦୁଝର ଦୁର୍ଘଟଣା ପାଇଁ ଏନ୍‌ଏଚ୍‌ଏଆଇକୁ ଦୋଷ ଦେଲେ ସଚିବ

ଭୁବନେଶ୍ୱର, ୩।୧୨ (ସୁନିତ୍ ମିଶ୍ର)



- ପାଟ୍ରୋଲିଂ ପାଇଁ ସମସ୍ତ ଆର୍‌ଟିଓଙ୍କୁ ନିର୍ଦ୍ଦେଶ
- ଦାୟିତ୍ୱରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏବେ 'ଶୂନ୍ୟ ମୃତ୍ୟୁ ସପ୍ତାହ' ପାଳନ ହେଉଥିବାବେଳେ ପ୍ରତିଦିନ ରାସ୍ତା ଦୁର୍ଘଟଣାରେ ବହୁ ଜୀବନ ଯାଉଛି। ବିଭିନ୍ନ ଜିଲାରେ ବଡ଼ ବଡ଼ ଦୁର୍ଘଟଣା ଘଟିଥିବାବେଳେ ଜାତୀୟ ରାଜପଥ(ଏନ୍‌ଏଚ୍)ରେ ସର୍ବାଧିକ ଦୁର୍ଘଟଣାଜନିତ ମୃତ୍ୟୁ ସାମ୍ନାକୁ ଆସିଛି। ଏହାକୁ ନେଇ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଉଦ୍‌ବେଗ ପ୍ରକାଶ କରିବା ସହ ରାଜ୍ୟର ସବୁ ଆର୍‌ଟିଓମାନଙ୍କୁ ଶନିବାର ଚିଠି ଲେଖି ପାଟ୍ରୋଲିଂ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଦାୟିତ୍ୱରେ ଅବହେଳା ହେଲେ କାର୍ଯ୍ୟାନୁଷ୍ଠାନର ଧମକ ମଧ୍ୟ ଦେଇଛନ୍ତି। ଅନ୍ୟପଟେ କେନ୍ଦୁଝର ଦୁର୍ଘଟଣାକୁ ନେଇ ପରିବହନ ସଚିବ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ଙ୍କୁ ଦୋଷ ଦେଇଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଗତ ୧ ତାରିଖରେ କେନ୍ଦୁଝର ଜିଲା ବାଲିଯୋଡ଼ିସ୍ଥିତ ୨୦ ନମ୍ବର ଜାତୀୟ ରାଜପଥରେ ଘଟିଥିବା ଏକ ଦୁର୍ଘଟଣାରେ ୮ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ରାସ୍ତା ଉପରେ ପାର୍କିଂ କରିଥିବା ଏକ ଗାଡ଼ି ପଛରେ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଗାଡ଼ି ପିଟି ହୋଇଯାଇଥିଲା। ଏହିପରି ରାସ୍ତା ଉପରେ ପାର୍କିଂ କାରଣରୁ ରାଜ୍ୟରେ ବହୁ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଦୁର୍ଘଟଣା ପରେ ରାସ୍ତା ଉପରେ ପଡ଼ି ରହୁଥିବା ଗାଡ଼ିଗୁଡ଼ିକୁ ତୁରନ୍ତ ହଟାଇବା ଲାଗି ସବୁ ଆର୍‌ଟିଓକୁ ସଡ଼କ ସୁରକ୍ଷା ପାଣ୍ଠିରୁ ଲକ୍ଷେ ଟଙ୍କା ଲେଖାଏ ଦିଆଯାଇଛି। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା 'ଶୂନ୍ୟ ମୃତ୍ୟୁ ସପ୍ତାହ'ର ସ୍ଥିତି ଅନୁଧ୍ୟାନ କରାଯାଉଛି। ତେଣୁ ପ୍ରତ୍ୟେକ ସମୟରେ ଏନ୍‌ଏଚ୍‌ରେ ପାଟ୍ରୋଲିଂ କରି ରାସ୍ତାରେ ପାର୍କିଂ କରୁଥିବା ଗାଡ଼ିଗୁଡ଼ିକୁ ହଟାଅ। ଆବଶ୍ୟକ ହେଲେ ଚଳିତ ସପ୍ତାହ ଲାଗି ଭଡାରେ ଆହୁରି ଗାଡ଼ି ଆଣି ଏହି କାର୍ଯ୍ୟରେ ବିନିଯୋଗ କର। ଏସ୍‌ପି ଏବଂ ପୋଲିସ୍ ଡେପୁଟି କମିଶନରଙ୍କୁ ଅନୁରୋଧ କରି ପୋଲିସ୍ ଫୋର୍ସଙ୍କୁ ପାଟ୍ରୋଲିଂ କାର୍ଯ୍ୟରେ ନିଯୋଜିତ କର। ଯଦି କୌଣସି ଅବହେଳା କାରଣରୁ ରାସ୍ତାରେ ଦୁର୍ଘଟଣା ଘଟେ, ତେବେ ଦାୟିତ୍ୱରେ ଥିବା ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

ସଚିବ ପାଢ଼ୀ ଆଉ ଏକ ଚିଠି ମଧ୍ୟ ଏନ୍‌ଏଚ୍‌ଏଆଇର ଚିଫ୍ ଜେନେରାଲ ମ୍ୟାନେଜରଙ୍କୁ ଲେଖିଛନ୍ତି। ସେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, 'ଶୂନ୍ୟ ମୃତ୍ୟୁ ସପ୍ତାହ' ଲାଗି କ୍ଷେତ୍ରସ୍ତରୀୟ ଅଧିକାରୀମାନେ ନିଜର ଉତ୍ତମ ପ୍ରଦର୍ଶନ ଦେବାକୁ ଚେଷ୍ଟା କରୁଛନ୍ତି। ହେଲେ ଗତ ୧ ତାରିଖରେ କେନ୍ଦୁଝରଠାରେ ଯେଉଁ ସଡ଼କ ଦୁର୍ଘଟଣା ହେଲା ସେହି ସ୍ଥାନକୁ ସଡ଼କ ପରିବହନ ଏବଂ ହାଇୱେ ମନ୍ତ୍ରଣାଳୟ ଚିହ୍ନଟ କରିଥିବା କଥା ଆପଣଙ୍କୁ ଜଣାଅଛି। ଏନ୍‌ଏଚ୍‌ଏଆଇର ପିଡିଙ୍କୁ ମଧ୍ୟ ଏ ବାବଦରେ ଜଣାଅଛି। ଦୁଇ ଦିନ ତଳେ କେନ୍ଦୁଝର ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଦୁର୍ଘଟଣା ଘଟିଥିବା ସ୍ଥାନରେ ଟ୍ରାଫିକ କ୍ଲେମିଂ ବ୍ୟବସ୍ଥା ଗ୍ରହଣ କରିବାକୁ ପିଡି ଏନ୍‌ଏଚ୍‌ଏଆଇଙ୍କୁ କୁହାଯାଇଥିଲା। ଏହା ସହ ଦୁର୍ଘଟଣା ଘଟିବା ପରେ କେନ୍ଦୁଝର ଆର୍‌ଟିଓ ଘଟଣାସ୍ଥଳରେ ପହଞ୍ଚିବା ଲାଗି ହାଇୱେ ପାଟ୍ରୋଲିଂ ଟିମ୍ ଏବଂ ଏନ୍‌ଏଚ୍‌ଏଆଇ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ସେମାନେ ଆନ୍ଦୋଳନରେ ଥିବାରୁ ଆସିବାକୁ ମନା କରିଦେଇଥିଲେ। ଏନ୍‌ଏଚ୍‌ଏଆଇ ପାଟ୍ରୋଲିଂ ଟିମ୍ ଠିକ୍ ଭାବେ ନିଜ ଦାୟିତ୍ୱ ତୁଲାଉନାହାନ୍ତି। ସଡ଼କ କଡ଼ରେ ଗାଡ଼ିଗୁଡ଼ିକ ପାର୍କିଂ କରିବା ରାଜ୍ୟର ଏକ ବଡ଼ ସମସ୍ୟା। ଏନ୍‌ଏଚ୍‌ଏଆଇ ଏକ ଘରୋଇ ଟିମ୍ ସହ ଚୁକ୍ତି ସ୍ୱାକ୍ଷର କରି ଏନ୍‌ଏଚ୍‌ରୁ ବେଆଇନ ପାର୍କିଂ ହଟାଇବା, ଦୁର୍ଘଟଣାଗ୍ରସ୍ତ ଗାଡ଼ି ହଟାଇବା, ମୃତ ପଶୁପକ୍ଷୀଙ୍କ ମୃତ ଶରୀର ହଟାଇବା ଦାୟିତ୍ୱ ନେଇଛନ୍ତି। ହେଲେ ସେମାନେ ତାଙ୍କ କାର୍ଯ୍ୟ ଠିକ୍ ଭାବେ କରୁନାହାନ୍ତି। କାହା ଦାୟିତ୍ୱହୀନତା ଲାଗି ଲୋକଙ୍କ ଜୀବନ ଯିବା କଥାକୁ ଅଣଦେଖା କରାଯିବ ନାହିଁ। ଆନ୍ଦୋଳନରେ ଥିଲେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉ। ଏଭଳି ଘଟଣା ଆଗକୁ ଘଟିଲେ ସେମାନଙ୍କ ବିରୋଧରେ ଫୌଜଦାରି ମକଦ୍ଦମା ଗ୍ରହଣ କରାଯିବ ବୋଲି ପାଢ଼ୀ କହିଛନ୍ତି।

# ୩ ଦିନରେ ଗଲାଣି ୩୦ରୁ ଊର୍ଦ୍ଧ୍ୱ ଜୀବନ

ଭୁବନେଶ୍ୱର, ୩।୧୨ (ସତ୍ୟଜିତ୍ ରାଉତ)

**'ଶୂନ୍ୟ ମୃତ୍ୟୁ ସପ୍ତାହ'ରେ ବି କମୁନି ଦୁର୍ଘଟଣା**

ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ରୋକିବାକୁ ଡିସେମ୍ବର ପ୍ରଥମ ସପ୍ତାହକୁ ରାଜ୍ୟ ସରକାର 'ଶୂନ୍ୟ ମୃତ୍ୟୁ ସପ୍ତାହ' ଭାବେ ପାଳନ କରୁଛନ୍ତି। ବ୍ୟାପକ ସଚେତନତା ସହ ରାସ୍ତାରେ ଚେକିଂ, ଆହତଙ୍କୁ ତୁରନ୍ତ ଉଦ୍ଧାର, ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଦି ନେବାକୁ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ହୋଇଛି। ହେଲେ ଏହି ସପ୍ତାହ ଆରମ୍ଭରୁ ଦୁର୍ଘଟଣା ବଢ଼ିବା ଚିନ୍ତା ବଢ଼ାଇଛି। 'ଶୂନ୍ୟ ମୃତ୍ୟୁ ସପ୍ତାହ'ର ପ୍ରଥମ ୩ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଟିଥିବା ଦୁର୍ଘଟଣାରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ଗମନାଗମନ କ୍ଷେତ୍ରରେ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିଲେ ହେଁ ଦୁର୍ଘଟଣା କମାଇବାକୁ ଏହା ପର୍ଯ୍ୟାପ୍ତ ହେଉନାହିଁ। ଡିସେମ୍ବର ୧ ଶୁକ୍ରବାର କେନ୍ଦୁଝର ଜିଲା ବାଲିଯୋଡ଼ି ନିକଟ ଜାତୀୟ ରାଜପଥ ଦୁର୍ଘଟଣାରେ ୮ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିଦିନ ବିଳମ୍ବିତ ରାତିରେ ଭୁବନେଶ୍ୱର ପାହାଳ ନିକଟ ଜାତୀୟ ରାଜପଥରେ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ଶନିବାର ନୂଆପଡ଼ା ଜିଲା ଲଖନା ଥାନା ଅନ୍ତର୍ଗତ ମେଣ୍ଡୋଟାଲ ଛକରେ ଡମ୍ପର ଧକ୍କାରେ ବଡ଼ବାପା ଓ ଝିଅାରୀଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଦିନ ଭୁବନେଶ୍ୱର ନୟାପଲ୍ଲୀ ଡେଲ୍‌ଟା ଛକରେ ସ୍କୁଟି ଓ ଅଟୋ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ଜୀବନ ଯାଇଥିଲା। ରବିବାର ମଧ୍ୟ ପାହାଳ ଓ ଚନ୍ଦ୍ରଶେଖରପୁରରେ ଘଟିଥିବା ପୃଥକ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ଏଥିସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସଡ଼କ ଦୁର୍ଘଟଣା ଘଟି ଏକାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଫଳରେ ରାଜ୍ୟ ପରିବହନ ବିଭାଗର 'ଶୂନ୍ୟ ମୃତ୍ୟୁ ସପ୍ତାହ' ପାଳନ ଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ଗତ ଏପ୍ରିଲ ୧ରୁ ୭ ପର୍ଯ୍ୟନ୍ତ ପ୍ରଥମ 'ଶୂନ୍ୟ ମୃତ୍ୟୁ ସପ୍ତାହ' ପାଳନ ହୋଇଥିଲା। ଉକ୍ତ ସପ୍ତାହରେ ବୌଦ୍ଧ, ରାୟଗଡ଼ା, ସୋନପୁର, ଭଦ୍ରକ, ମାଲକାନଗିରି, ନୟାଗଡ଼ ଓ ସମ୍ବଲପୁରରେ ଦୁର୍ଘଟଣାରେ କୌଣସି ମୃତ୍ୟୁ ହୋଇ ନ ଥିଲା। ହେଲେ ଅନ୍ୟ ଜିଲାଗୁଡ଼ିକରେ ପ୍ରାୟ ୧୨୫ ବଡ଼ ଦୁର୍ଘଟଣାରେ ୭୦ ଜଣଙ୍କ ଜୀବନ ଯାଇଥିଲା। ଏସବୁ ଦୁର୍ଘଟଣା ପାଇଁ ପରିବହନ ବିଭାଗ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)କୁ ଦାୟୀ କରିଥିଲା। ଜାତୀୟ ରଜପଥଗୁଡ଼ିକରେ ବେଆଇନ ପାର୍କିଂ, ବ୍ରେକ୍‌ଡାଉନ୍ ହୋଇଥିବା ବଡ଼ଗାଡ଼ି ଏବଂ ମୃତ ପଶୁପକ୍ଷୀଙ୍କୁ ରାସ୍ତା ମଝିରେ ହଟା ନ ଯିବା ଆଦି କାରଣରୁ ଦୁର୍ଘଟଣା ଅଧିକ ଘଟିଲା ବୋଲି ବିଭାଗ କହିଥିଲା। ହେଲେ ଏହାର ସ୍ଥାୟୀ ନିରାକରଣ ପାଇଁ ପଦକ୍ଷେପ ନିଆ ନ ଯାଇ ଏବେ ରାଜ୍ୟ ପରିବହନ ବିଭାଗ ପୁରୁଣା ଢ଼ଙ୍ଗରେ ଏନ୍‌ଏଚ୍‌ଆଇକୁ ଦୋଷ ଦେଇ ଚିଠି ଲେଖିଛି।

ରାଜ୍ୟରେ ପରିବହନ ବିଭାଗ ତଥ୍ୟ ଅନୁଯାୟୀ, ୨୦୨୩ ଜାନୁୟାରୀରୁ ସେପ୍ଟେମ୍ବର ଅର୍ଥାତ ୯ ମାସ ମଧ୍ୟରେ ରାଜ୍ୟରେ ୮ ହଜାର ୯୩୯ ସଡ଼କ ଦୁର୍ଘଟଣାରେ ୪ ହଜାର ୧୭୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ହଜାର ୮୯୮ ଜଣ ଆହତ ହୋଇଥିଲେ। ତେବେ ଦ୍ରୁତଗତି, ରାସ୍ତାରେ ବେଆଇନ ପାର୍କିଂ, ଖରାପ ରାସ୍ତା, ମଦ୍ୟପାନ, ବିନା ହେଲ୍‌ମେଟ୍, ରଙ୍ଗ୍ ସାଇଡ୍ ଓ ମୋବାଇଲ୍‌ରେ କଥା ହୋଇ ଗାଡ଼ି ଚଳାଇବା ଆଦି ଯୋଗୁ ଦୁର୍ଘଟଣା ଘଟୁଛି। କିନ୍ତୁ ସଚେତନତା ଦିଗରେ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଦୁର୍ଘଟଣା ବଢୁଥିବା କୁହାଯାଉଛି।

# ପାଟ୍ରୋଲିଂ ଇନ୍‌ଚାର୍ଜଙ୍କୁ ନୋଟିସ

**ଦୁର୍ଘଟଣାରେ ୮ ତୀର୍ଥଯାତ୍ରୀ ମୃତ୍ୟୁ ଘଟଣା**

କେନ୍ଦୁଝର, ୩।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ଥାନା ବାଲିଯୋଡ଼ି ଗ୍ରାମ ନିକଟ ୨୦ ନଂ. ଜାତୀୟ ରାଜପଥରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ତାରିଣୀ ଦର୍ଶନ ପାଇଁ ଆସୁଥିବା ୮ ଜଣଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ପରିବହନ ବିଭାଗ ଅଭିଯୋଗ ଆଧାରରେ ଘଟଗାଁ ପୋଲିସ ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବିରୋଧରେ ମାମଲା ରୁଜୁ କରିଛି। ଘଟଣାରେ ଶନିବାର ପାଟ୍ରୋଲିଂ ପାଇଁ ନିଯୁକ୍ତି ଘରୋଇ ସଂସ୍ଥାର ଇନ୍‌ଚାର୍ଜଙ୍କ ସମେତ ଦୁଇ ଜଣଙ୍କୁ ଡକାଇ ପଚରାଉଚୁରା କରିଥିଲା। ତଦନ୍ତରେ ସହଯୋଗ କରିବାକୁ ପାଟ୍ରୋଲିଂ ଇନ୍‌ଚାର୍ଜଙ୍କୁ ରବିବାର ନୋଟିସ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଏନ୍‌ଏଚ୍‌ରେ ବ୍ରେକ୍ ଡାଉନ ବା ଦୁର୍ଘଟଣା ଗାଡ଼ିକୁ ସାଇଡ୍ କରିବା ଏନ୍‌ଏଚ୍‌ଏଆଇର ଦାୟିତ୍ୱ। ଏଣୁ ଏହି କାମ କରିବାକୁ ଏନ୍‌ଏଚ୍‌ଏଆଇ ଏକ ଘରୋଇ ସଂସ୍ଥା ସହିତ ଚୁକ୍ତି କରିଛି। ତେବେ ଉକ୍ତ ଦିନ ଏକ କୋଇଲା ବୋଝେଇ ଟ୍ରକ୍ ରାସ୍ତାରେ ବ୍ରେକ୍ ଡାଉନ ହୋଇଥିବା ବେଳେ ପଛ ପାଖରୁ ଯାତ୍ରୀବାହୀ ଭ୍ୟାନ ପିଟି ଦେଇଥିଲା। ଫଳରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଆହତ ହୋଇଥିଲେ। ଘଟଣାରେ ଆତ୍ମସମର୍ପଣ କରିଥିବା ଭ୍ୟାନ ଚାଳକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ଏନ୍‌ଏଚ୍‌ଆଇ ବିଭାଗ ମୁଖ୍ୟଙ୍କ ବିରୋଧରେ ମାମଲା କରି ପୋଲିସ ତଦନ୍ତ କରୁଛି। ଘଟଣାରେ ଶନିବାର ପାଟ୍ରୋଲିଂ ଇନ୍‌ଚାର୍ଜଙ୍କୁ ଗିରଫ କରାଯାଇଥିବା ଆଲୋଚନା ହୋଇଥିଲା। ଆଲୋଚନାକୁ ନେଇ ଘଟଗାଁ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗେଇ କହିଛନ୍ତି, ଗିରଫ ନୁହେଁ ଥାନା ପକ୍ଷରୁ ପାଟ୍ରୋଲିଂ ଇନ୍‌ଚାର୍ଜଙ୍କୁ ସିଆରପିସିର ଧାରା ୪୧(ଏ) ରେ ନୋଟିସ କରାଯାଇଛି। ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ କୁହାଯାଇଛି। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

ସର୍ତ୍ତ ଓ ନିୟମାବଳୀ ଲାଗିବ । *ପଲ୍ସର୍ 125 ନିଅନ୍, ପଲ୍ସର୍ 125 କାର୍ବନ୍ ଫାଇବର୍ ଓ NS125 ପ୍ରକାରର ପ୍ରାରମ୍ଭିକ ମୂଲ୍ୟ । ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍ସ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ଡୀଲରଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Rourkela: RM BAJAJ 90780 83803 • Sundergarh RM BAJAJ 9078083500 • Bargarh CHANDAN BAJAJ 8895591155 • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356. Authorised Service Centre: Binika 9437151684, Dungripali 9937006819, Boudh 7978833033, Kuchinda 9437392099, Laikera 9658855530, Jamankira 9437393978 Titilagarh 9658050722, Bangamunda 6372790284Patnagarh 9937301752, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9124600099, Padampur 9668826075 Rajkhariar 9437072917, Khariar Road 9437188542, Brajrajnagar 9937124444, Bamra 9937108643, Bagdhi 7873430989,Kuchinda 9437392099, Laikera 9658855530, Jamankira 9437393978 Deogarh 9437020444, Rajgangpur 8908908901, Bonaigarh 9078083800 Subdega 7894408649 Diptipur- 7750039856, Godbhaga – 9937514987, Saintala-8114662939 / 9658030100, Baliguda 7008301945, M Rampur 9337897005, Tusura 8908577144, Tarbha 7008133010, Lathor 8018785694, Kantamanjhi 7205911835, Narla 9337025341, Charbahal 7008814200.

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟଙ୍କା ଯା'ର**
**ମାମଲା ତା'ର ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଟଙ୍କା ହିଁ ସବୁକିଛି। ଟଙ୍କା ବଳରେ ବ୍ୟକ୍ତି ସବୁକିଛି ଅନାୟାସରେ ହାସଲ କରିପାରେ, ନିଜ ଇଚ୍ଛାମୁତାବକ ଜୀବନ ବିତାଇ ପାରେ। ଧନୀକ ଶ୍ରେଣୀର ବ୍ୟକ୍ତି ଅର୍ଥବଳରେ ଆଇନକାନୁନ ବା ନ୍ୟାୟ ନିଶାପକୁ ନିଜ ହାତମୁଠାକୁ ଆଣିବାରେ ସକ୍ଷମ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟୋକୁଲିଟିଏ**
**ଟୋକୁଲି ହାତରେ ଚକୁଲିଟିଏ।**

କେତେକଙ୍କର ଟକଳା ପ୍ରକୃତି ରହିଥାଏ। ଯାଉଣୁ ଆସୁଣୁ ସବୁବେଳେ ତାଙ୍କର ପାଟି ଚାଲୁଥାଏ। ଯେତେ ଖାଇଥିଲେ ମଧ୍ୟ ପାଟିରେ କ'ଣ ଟିକିଏ ନ ପକେଇଲେ ଭଲ ଲାଗି ନ ଥାଏ। ଟକଳି ଝିଅଟିର ଖାଦ୍ୟାଭ୍ୟାସ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୪ ବିଭାଗର ଯାଞ୍ଚ ସତ୍ତ୍ୱେ କାରଣ ଅସ୍ପଷ୍ଟ

**ପାରାଦୀପରେ ଜାହାଜରୁ କୋକେନ ଜବତ ଘଟଣା**

- ଏପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ
- ଫେରିଗଲେ ତଦନ୍ତକାରୀ ଅଧିକାରୀ
- କୋକେନ୍ ପ୍ୟାକିଂ କରାଯାଇଥିବା ପଲିଥିନ୍ ବ୍ରିଟେନର
- ପ୍ୟାକେଟ୍‌ରେ ଲାଗିଥିବା ଚୁମ୍ବକ ଆଫ୍ରିକୀୟ ଦେଶର

ପାରାଦୀପ,୩।୧୨(ଶରତ ରାଉତ)

ପାରାଦୀପ ବନ୍ଦରର ଘରୋଇ ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ) ବର୍ଥରୁ ଡିସେମ୍ବର ୩୦ ରାତିରେ 'ଏମ୍‌ଭି ଦେବୀ' ନାମକ ଜାହାଜରୁ ୨୨ ପ୍ୟାକେଟ୍ କୋକେନ ଧରାପଡ଼ିଥିଲା। ଏହି ଘଟଣାରେ ୪ ତଦନ୍ତକାରୀ ସଂସ୍ଥା ଗତ ୨ ଦିନରେ ଜାହାଜ, ନାବିକ ଓ କୋକେନ୍ ସମ୍ପର୍କରେ ଯାଞ୍ଚ କରିଥିଲେ। ଏହାପରେ ରବିବାର ତଦନ୍ତକାରୀ ସଂସ୍ଥା ଆଇବି, ଏନ୍‌ସିବି ଓ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍‌ର ଅଧିକାରୀମାନେ ଫେରିଯାଇଛନ୍ତି। ଏବେ କେବଳ କଷ୍ଟମ୍ସ ବିଭାଗ ଯାଞ୍ଚ କରୁଛି। ଏତେ ଯାଞ୍ଚ ସତ୍ତ୍ୱେ କୋକେନ୍ କିପରି ଓ କେଉଁ ପରିସ୍ଥିତିରେ ପାରାଦୀପ ବନ୍ଦର ଭିତରକୁ ଆସିଲା ତାହା ଜଣାପଡ଼ିନାହିଁ। ଏପରିକି ରବିବାର ସନ୍ଧ୍ୟା ସୁଦ୍ଧା ଏହି ଘଟଣାରେ ମାମଲା ରୁଜୁ ହୋଇନାହିଁ। ଏ ସମ୍ପର୍କରେ କଷ୍ଟମ୍ସ ବିଭାଗ ପକ୍ଷରୁ କୁହାଯାଇଛି, ଭୁବନେଶ୍ୱର ଟିମ୍ ଏହି ଘଟଣାରେ କେସ୍ କରିବ ଏବଂ ପରବର୍ତ୍ତୀ ରିପୋର୍ଟ ପ୍ରେସ୍ ରିଲିଜ୍ ଜରିଆରେ ଜଣାଯିବ।

ତଦନ୍ତ କରିଥିବା ଟିମ୍‌ର ଜଣେ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି କୋକେନ୍ ବାହାର ଦେଶର କୌଣସି ବ୍ୟକ୍ତି ଜାହାଜରେ ରଖିଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଜାହାଜର କ୍ୟାପ୍‌ଟେନ୍ କିମ୍ବା କ୍ରୁ ମେମ୍ବର(ନାବିକ)ଙ୍କୁ ଜଣାନାହିଁ। ସେମାନେ ଜାଣିଥିଲେ ନିଜଆଡ଼ୁ ସୂଚନା ଦେଇ ନ ଥାନ୍ତେ। ତେବେ ଯେଉଁ ପଲିଥିନ ଦ୍ୱାରା କୋକେନ୍ ପ୍ୟାକିଂ କରାଯାଇଛି ତାହା ବ୍ରିଟେନ୍‌ର। ଯେଉଁ ମ୍ୟାଗନେଟ୍(ଚୁମ୍ବକ) ସେଥିରେ ରହିଛି ତାହା ଆଫ୍ରିକୀୟ ଦେଶର। ଇଣ୍ଡୋନେସିଆରୁ ଜାହାଜ ଆସିଥିଲେ ହେଁ ସେଠାକାର କୌଣସି ପ୍ରମାଣ ମିଳିନାହିଁ। ଇଣ୍ଡୋନେସିଆ ପୂର୍ବରୁ ଜାହାଜ ଇଜିପ୍ଟରୁ ଆସିଥିଲା। ଏନେଇ ପ୍ରମାଣ ମିଳିବା କଷ୍ଟକର ହେଉଛି। ଜାହାଜ ଭିତରୁ ଆଉ ଅଧିକ କୋକେନ୍ ମିଳିନାହିଁ ବୋଲି ସମ୍ପୃକ୍ତ ଅଧିକାରୀ କହିଛନ୍ତି। ଅପରପକ୍ଷେ ଦେବୀ ଜାହାଜ ବର୍ଥରେ ସେମିତି ରହିଛି। ସେଥିରେ ପ୍ରାୟ ୫ରୁ ୬ ହଜାର ମେଟ୍ରିକ ଟନ୍ ଷ୍ଟିଲ କାର୍ଗୋ ବୋଝେଇ ହୋଇ ରହିଛି। ସେସବୁ ଲିଆସିଙ୍ଗ (ସମତୁଲ କରାଯାଇ ବନ୍ଧା ଯିବା)ହୋଇନାହିଁ। ଏହାଦ୍ୱାରା ଜାହାଜ (ସେଲିଂ କରିବା) ଚାଲିବା ଅବସ୍ଥାରେ ନାହିଁ। ଜାହାଜ ଜବତ ହେଲେ ଆଇଏମ୍‌ଓ (ଇଣ୍ଟରନ୍ୟାଶନାଲ ମେରିଟାଇମ ଅର୍ଗାନାଇଜେଶନ)ନିୟମାନୁସାରେ ଯିବା ପାଇଁ ସମୟସାପେକ୍ଷ ହେବ। ୨୧ ଜଣ ନାବିକ ଓ କ୍ୟାପଟେନ୍ ଗିରଫ ହେବେ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ କୋକେନ୍ ଧରା ପଡିବାପରେ ଯେଉଁଭଳି ଚର୍ଚ୍ଚା ଜୋର୍ ଧରିଥିଲା ତାହା ଏବେ ଶିଥିଳ ପଡ଼ିଯାଇଥିବା କୁହାଯାଉଛି।

# ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ୱାଭିମାନର ପରିଚୟ: ଧର୍ମେନ୍ଦ୍ର

## ଜନ୍ମମାଟିରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ଅନାବରଣ

ତାଳଚେର,୩।୧୨(ମନୋଜ ନନ୍ଦ)

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ୱାଭିମାନ, ସଂଘର୍ଷ, ସାମାଜିକ ସମରସତ୍ତା ଓ ସମର୍ପଣର ପରିଚୟ। ରବିବାର ଅନୁଗୋଳ ଜିଲା ତାଳଚେର ବ୍ଲକ ଗୁରୁଜାଙ୍ଗ ନିଜ ଗ୍ରାମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଭବ୍ୟ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପିଲାଟି ଦିନରୁ ମୁଁ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ। ଓଡ଼ିଶାର ସମସ୍ୟା କ'ଣ ଏବଂ ଏହାକୁ ସମାଧାନ କରିବା ପାଇଁ ଯୁବବର୍ଗଙ୍କ ଭୂମିକା କ'ଣ ତା ଉପରେ ସେ ଆମକୁ ମାର୍ଗଦର୍ଶନ ଦେଇଥିଲେ। ସମାଜର ବଞ୍ଚିତ ବର୍ଗଙ୍କ ସେବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସମର୍ପଣ ଭାବନା ତିଆରି କରିବା ଲାଗି ଲକ୍ଷ୍ମଣାନନ୍ଦ ପ୍ରେରିତ କରୁଥିଲେ। ଓଡ଼ିଶାର ଉପାନ୍ତ ଅଞ୍ଚଳ କନ୍ଧମାଳରେ ସେ ଜାତି, ଧର୍ମ ଓ ଦେଶ ପାଇଁ ବଳିଦାନ ଦେଇଥିଲେ। ସ୍ୱାମୀ ଲକ୍ଷ୍ମଣାନନ୍ଦଜୀଙ୍କ ଜନ୍ମସ୍ଥାନରେ ତାଙ୍କ ସ୍ମୃତିରେ ଭକ୍ତଙ୍କ ଆଗ୍ରହ ଓ ପ୍ରଚେଷ୍ଟା କାରଣରୁ ଆଜି ତାଙ୍କର ଏକ ପୂର୍ଣ୍ଣ ଅବୟବ ମୂର୍ତ୍ତି ଉନ୍ମୋଚନ ହୋଇଛି। ଆଜିର ଦିନରେ ତାଙ୍କ ବିଚାରକୁ ପାଥେୟ କରି ଆମେ ଲକ୍ଷ୍ମଣାନନ୍ଦଙ୍କ ବ୍ୟକ୍ତିତ୍ୱକୁ ବ୍ୟାପକ କରିପାରିବା।



କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

ସେ ଆହୁରି କହିଛନ୍ତି, ତାଳଚେରର ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ ଯେତେବେଳେ ଇଂରେଜଙ୍କ ଅତ୍ୟାଚାର ବିରୋଧରେ ଲଢେଇ କରୁଥିଲେ, ତାଙ୍କୁ ଏହି ଗ୍ରାମର ସାହସୀ ଲୋକମାନେ ସୁରକ୍ଷା ଦେଇଥିଲେ। ଆମ ପୂର୍ବଜ ସ୍ୱାମୀ ଲକ୍ଷ୍ମଣାନନ୍ଦ ଜୀ ଓ ପବିତ୍ର ମୋହନ ପ୍ରଧାନଙ୍କ ବିଚାରକୁ ଅନୁସରଣ କରାଯିବା ଉଚିତ। କାର୍ଯ୍ୟକ୍ରମକୁ ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ପଣ୍ଡିତ ମହେଶ ସାହୁ ସଂଯୋଜନା କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଓଡ଼ିଶା ପଶ୍ଚିମପ୍ରାନ୍ତ ସଂଘ ଚାଳକ ବିପିନ ବିହାରୀ ନନ୍ଦ, ବିଶ୍ୱହିନ୍ଦୁ ପରିଷଦ କ୍ଷେତ୍ର ସହ ସେବା ପ୍ରମୁଖ ହରିଶ ଚନ୍ଦ୍ର ପ୍ରଧାନ, ସ୍ୱାମୀ ସଚ୍ଚିଦାନନ୍ଦ ଜୀ, ମହାରାଜ, ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ, ଲକ୍ଷ୍ମଣାନନ୍ଦଙ୍କ ସହଯୋଗୀ କବିଚନ୍ଦ୍ର ନାଥ, ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ଜୀ, ବିଶେଷ ଚୈତନ୍ୟ ଜୀ, ସନ୍ଥ ପ୍ରଭୁପାଦ ଦାସ, ସନ୍ଥ ଅନ୍ତର୍ଯ୍ୟାମୀ ଦାସ, ମଦନ ମୋହନ ଦାସ, ଗ୍ରାମ ସଭାପତି ପ୍ରସନ୍ନ ପାଣି, ସମ୍ପାଦକ ତୁଷାର କାନ୍ତ ପାଣିଙ୍କ ସମେତ ଶତାଧିକ ସାଧୁସନ୍ଥ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା ରୁଦ୍ର ନାରାୟଣ ପାଣି, ଏନ୍‌ଏସଆଇସିର ଡାଇରେକ୍ଟର କାଳନ୍ଦୀ ସାମଲ, ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ୪ରୁ ୩ ପଦ୍ମ...

ପ୍ରଥମ ପୃଷ୍ଠାରୁ...

ଦେଇଛି। କେବଳ ଏତିକି ନୁହେଁ, ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ର ଭବିଷ୍ୟତ ଉପରେ ମଧ୍ୟ ଏହି ପରିଣାମ ପ୍ରଶ୍ନଚିହ୍ନ ଲଗାଇଛି। ଅନ୍ୟପକ୍ଷେ କଂଗ୍ରେସ ଜନାଦେଶକୁ ସମ୍ମାନର ସହ ଗ୍ରହଣ କରିଥିବାବେଳେ ଆଗାମୀ ଲୋକ ସଭା ନିର୍ବାଚନରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି।

ନଭେମ୍ବର ୭ ଓ ୧୭ ଦୁଇଟି ପର୍ଯ୍ୟାୟରେ ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ୧୭ ତାରିଖରେ ଏମ୍‌ପିର ୨୩୦, ୨୫ରେ ରାଜସ୍ଥାନର ୧୯୯ ଓ ୩୦ରେ ତେଲଙ୍ଗାନା ବିଧାନସଭାର ୧୧୯ ଆସନ ପାଇଁ ମତଦାନ ହୋଇଥିଲା। ଏହି ୪ ଗୁରୁତ୍ୱପୂର୍ଣ୍ଣ ରାଜ୍ୟର ଭୋଟ ଗଣତି ରବିବାର ସକାଳ ୮ଟାରେ ଆରମ୍ଭ ହୋଇଥିଲା। ୩୦ ସନ୍ଧ୍ୟାରେ ପ୍ରକାଶିତ ଅଧିକାଂଶ ଏକ୍‌ଜିଟ୍ ପୋଲ୍ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଭାଜପା ବିଜୟୀ ହେବା ଏବଂ ଛତିଶଗଡ଼ ସହ ତେଲଙ୍ଗାନାରେ କଂଗ୍ରେସ ସରକାର ଗଠନର ସଙ୍କେତ ମିଳିଥିଲା।

କିନ୍ତୁ ଭାଜପା ୩ ହିନ୍ଦୀଭାଷୀ ରାଜ୍ୟ ଦଖଲ କରିବାକୁ ଯାଉଛି ବୋଲି ଗଣତି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଲଗାତର ଭାବେ ରହିଆସିଥିବା ଟ୍ରେଣ୍ଡ୍ ସୂଚାଇଦେଇଥିଲା। ଛତିଶଗଡ଼ ବିଧାନସଭାକୁ ପଦ୍ମଦଳ ଦଖଲ କରିବାର ସ୍ପଷ୍ଟ ସଙ୍କେତ ସମସ୍ତଙ୍କୁ ଚକିତ କରିଦେଇଥିଲା। ନିର୍ବାଚନ ଅନୁଷ୍ଠିତ ହୋଇଥିବା ସବୁଠୁ ବଡ଼ ରାଜ୍ୟ ହେଉଛି ମଧ୍ୟପ୍ରଦେଶ। ଏଠାରେ ସରକାର ବିରୋଧୀ ହାୱା ବହୁଥିବା ପ୍ରଚାର ଯୋଗୁ କ୍ଷମତାସୀନ ଭାଜପା ଶିବରାଜ ସିଂ ଚୌହାନଙ୍କୁ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରି ନ ଥିଲା। ୧୮ ଏମ୍‌ପି ଏବଂ ୪ ଜଣ କେନ୍ଦ୍ରମନ୍ତ୍ରୀଙ୍କୁ ବିଧାୟକ ପ୍ରାର୍ଥୀ କରାଯିବା ପରେ ଭାଜପାର ରଣନୀତିକୁ ବୁଝିପାରି ନ ଥିଲେ ଅନେକ ରାଜନୈତିକ ବିଶ୍ଳେଷକ। କିନ୍ତୁ ୩ ଥର ମୁଖ୍ୟମନ୍ତ୍ରୀ ଥିବା ଶିବରାଜଙ୍କ ଅକ୍ଳାନ୍ତ ପ୍ରଚାର, ତାଙ୍କ ସରକାରର ଜନକଲ୍ୟାଣକାରୀ ଯୋଜନା ଏବଂ ସର୍ବୋପରି ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତା ସହ ତୋଫାନୀ ଗସ୍ତ ସବୁ କଳ୍ପନାଜଳ୍ପନାରେ ରୋକ୍ ଲଗାଇଦେଲା। ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟାନୁସାରେ ଏମ୍‌ପିର ମୋଟ୍ ୨୩୦ ଆସନ ମଧ୍ୟରୁ ଭାଜପା ୧୬୩ ଆସନ ଦଖଲ କରିଛି, ଯାହାକି ୨୦୧୮ ତୁଳନାରେ ୫୪ ଅଧିକ। ମ୍ୟାଜିକ୍ ନମ୍ବର ୧୧୬ଠାରୁ ୪୭ ଅଧିକ ଆସନ ଦଖଲ କରିବା ପରେ ମାମୁ (ଶିବରାଜଙ୍କୁ ଶ୍ରଦ୍ଧାରେ ସମ୍ବୋଧନ) ବିଜୟର ଶ୍ରେୟ ଭଉଣୀ, ଭାଣିଜୀ ଓ ଭଣଜା (ଏମ୍‌ପି ଭୋଟର) ଏବଂ ପ୍ରଧାନମନ୍ତ୍ରୀଙ୍କ ଡବଲ ଇଞ୍ଜିନ ବିକାଶ କାର୍ଯ୍ୟକ୍ରମକୁ ଦେଇଛନ୍ତି। ଅନ୍ୟପକ୍ଷେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମଧ୍ୟପ୍ରଦେଶ କଂଗ୍ରେସ କମିଟି (ଏମ୍‌ପିସିସି) ଅଧ୍ୟକ୍ଷ କମଲନାଥଙ୍କୁ ଫଳାଫଳ ଝଟ୍‌କା ଦେଇଛି। ୭୭ ବର୍ଷୀୟ କମଲନାଥ ଛିନ୍ଦୱାଡ଼ା ଆସନରେ ବିଜୟୀ ହୋଇଥିଲେ ମଧ୍ୟ ତାଙ୍କ ଆଶା ଆଶାରେ ରହିଗଲା। ଆଉ ୫ ବର୍ଷ ପରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଏହି ଭେଟେରାନ୍‌ଙ୍କ ବର୍ଦ୍ଧିତ ବୟସକୁ ଦେଖି କଂଗ୍ରେସ ତାଙ୍କୁ ଆଉ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଇ ନ ପାରେ। ତେଣୁ ୨୦୧୮ ଡିସେମ୍ବରରୁ ୧୫ ମାସ ଧରି ମୁଖ୍ୟମନ୍ତ୍ରୀ ଚୌକିରେ ଆସୀନ ହେବା ସମ୍ଭବତଃ ତାଙ୍କ ପାଇଁ କ୍ଷମତାର ଶେଷ ପାଳିଥିଲା।

ଉତ୍ତର ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ରାଜସ୍ଥାନରେ ଦୀର୍ଘ ୩୦ ବର୍ଷ ହେଲା ଭୋଟର କୌଣସି ଦଳକୁ ଲଗାତର ଦୁଇଥର ସରକାର ଗଢ଼ିବାକୁ ସୁଯୋଗ ଦେଇନାହାନ୍ତି। ଥରେ କଂଗ୍ରେସ ଓ ଆର ଥରକୁ ଭାଜପା ଜିତିଆସିଛି। ୨୦୧୮ ନିର୍ବାଚନରେ କଂଗ୍ରେସ ସରକାର ଗଢ଼ିବା ପରଠୁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଆଭ୍ୟନ୍ତରୀଣ ବିଦ୍ରୋହର ସାମ୍ନା କରିଆସିଥିଲେ। ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍‌ଙ୍କ ବିକ୍ଷୋଭ, ଧାରଣା, ଶୋଭାଯାତ୍ରା, ଦିଲ୍ଲୀ ଧାଇଁବା ଆଦି ଗେହଲଟ୍‌ଙ୍କ ମୁଣ୍ଡବ୍ୟଥା ବଢ଼ାଇଦେଇଥିଲା। ଇତିମଧ୍ୟରେ ସେ ଅନେକ ଜନକଲ୍ୟାଣକାରୀ ଯୋଜନା ଗଢ଼ି ଯୁବ, ମହିଳା, କୃଷକଙ୍କ ସମେତ ସବୁ ବର୍ଗର ଭୋଟରଙ୍କୁ ଆକର୍ଷିତ କରିବାକୁ ପ୍ରାଣପଣେ ଉଦ୍ୟମ କରିଥିଲେ। କଂଗ୍ରେସ ହାଇକମାଣ୍ଡଙ୍କ ହସ୍ତକ୍ଷେପ ଯୋଗୁ ଗେହଲଟ୍‌ଙ୍କ ଆସନ ବର୍ତ୍ତିଯାଇଥିଲା ସିନା, ମୋଦିଙ୍କ ଲୋକପ୍ରିୟତା ଆଗରେ ଯାଦୁକରଙ୍କ ଯାଦୁ ଆଉ କାମ କରି ନ ଥିଲା। ନିର୍ବାଚନ ପ୍ରଚାରର ଅନ୍ତିମ ପର୍ଯ୍ୟାୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆଙ୍କ ସହ ଗୋଟିଏ ମଞ୍ଚରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ରାଜସ୍ଥାନ ଭୋଟରଙ୍କ ମନରୁ ସନ୍ଦେହ ଦୂରକରି ନୂଆପ୍ରାଣ ଭରିଦେଇଥିଲା। ଏପରି କି ଫଳାଫଳ ଆସିବା ପୂର୍ବରୁ ସମ୍ଭାବ୍ୟ ବିଜୟୀ ଓ ବିଦ୍ରୋହୀ ବିଧାୟକ ପ୍ରାର୍ଥୀମାନଙ୍କ ସହ ବସୁନ୍ଧରାଙ୍କ ଯୋଗାଯୋଗ ରାଜ୍ୟରେ ପଟ୍ଟ ପରିବର୍ତ୍ତନର ଆଭାସ ଦେଇଥିଲା। ତେବେ ରବିବାର ପରିଣାମ ଆସିବା ପରେ ମୁଖ୍ୟମନ୍ତ୍ରୀ ଦୌଡ଼ ପାଇଁ କସରତ ବଢ଼ିଯାଇଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭଳି ନାଥ ସମ୍ପ୍ରଦାୟର ଆବାଳ ସନ୍ନ୍ୟାସୀ ମହନ୍ତ ବାଳକନାଥଙ୍କ ନାମ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ପଦ ପାଇଁ ଚର୍ଚ୍ଚାର ସର୍ବାଗ୍ରେ ରହିଛି। ୪୦ ବର୍ଷୀୟ ଅଲ୍‌ୱର ଏମ୍‌ପି ବାଳକନାଥ ତିଜାରା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱୀ ଇମ୍ରାନ୍ ଖାନ୍‌ଙ୍କୁ ୬,୧୭୩ ଖଣ୍ଡ ଭୋଟ ବ୍ୟବଧାନରେ ହରାଇଛନ୍ତି। ୨୦୨୪କୁ ଦୃଷ୍ଟିରେ ରଖି ମୋଦି ତାଙ୍କୁ ମୁଖ୍ୟମନ୍ତ୍ରୀ କଲେ ଶାସନ କ୍ଷମତାର ଶୀର୍ଷରେ ଆଉ ଜଣେ ମହନ୍ତଙ୍କ ଅଭ୍ୟୁଦୟର ସାକ୍ଷୀ ହେବ ଭାରତୀୟ ରାଜନୀତି। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଓ ଅନ୍ୟ କେତେଜଣ ମଧ୍ୟ ଦୌଡ଼ରେ ଥିବା କୁହାଯାଉଛି। ରାଜସ୍ଥାନରେ ଭାଜପାକୁ ୧୧୫ ଆସନ ମିଳିଛି, ଯାହାକି ଗତ ନିର୍ବାଚନ ତୁଳନାରେ ୪୨ ଅଧିକ। ମ୍ୟାଜିକ୍ ନମ୍ବର ୧୦୦ ହୋଇଥିବାବେଳେ କଂଗ୍ରେସ ୬୯ରେ ସୀମିତ ରହିଯିବା ଦଳୀୟ କନ୍ଦଳର ପ୍ରକୃତ ସମାଧାନ ଓ ସଙ୍ଗଠନକୁ ତଳୁ ଠିକ୍ କରିବା ଆବଶ୍ୟକତାର ଗୁରୁତ୍ୱ ସମ୍ପର୍କରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

କଂଗ୍ରେସକୁ ସବୁଠୁ ବେଶି ଝଟ୍‌କା ଦେଇଥିବା ରାଜ୍ୟ ହେଉଛି ଛତିଶଗଡ଼। ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ପଟନ ଆସନରେ ନିଜ ପୁତୁରା ତଥା ଭାଜପା ଏମ୍‌ପି ବିଜୟ ବଘେଲଙ୍କଠାରୁ ଜିତିଯାଇଥିଲେ ମଧ୍ୟ ରାଜ୍ୟରେ କଂଗ୍ରେସ ଶାସନକୁ ବଞ୍ଚାଇପାରି ନାହାନ୍ତି। ଉପମୁଖ୍ୟମନ୍ତ୍ରୀ ଟି.ଏସ୍. ସିଂହଦେଓ ଓ ଗୃହମନ୍ତ୍ରୀ ତାମ୍ରଧ୍ୱଜ ସାହୁଙ୍କ ସମେତ ୯ ବରିଷ୍ଠ ମନ୍ତ୍ରୀ ପରାଜୟର ମୁହଁ ଦେଖିଛନ୍ତି। ୯୦ ଆସନ ବିଶିଷ୍ଟ ବିଧାନସଭା ଦଖଲ କରିବା ପାଇଁ ୪୬ଟିରେ ବିଜୟ ଆବଶ୍ୟକ। କିନ୍ତୁ କଂଗ୍ରେସ ମାତ୍ର ୩୫ଟିରେ ସୀମିତ ହୋଇଯାଇଛି। ଭାଜପା ପ୍ରାର୍ଥୀମାନେ ୫୪ ଆସନରେ ଜିତି ଛତିଶଗଡ଼ରେ ୫ ବର୍ଷ ପରେ ପୁନର୍ବାର ପଦ୍ମ ଫୁଟାଇବାରେ ସକ୍ଷମ ହୋଇଛନ୍ତି। ୩ ଥର ମୁଖ୍ୟମନ୍ତ୍ରୀ ହୋଇସାରିଥିବା ଡକ୍ଟର ରମଣ ସିଂ ଏଥର ବି ଦୌଡ଼ରେ ଆଗୁଆ ଥିବାବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ବରିଷ୍ଠ ନେତା ଅଭୟରାମ ସାଓଙ୍କ ପୁଅ ଅରୁଣ ସାଓ ଏବଂ ଅବସରପ୍ରାପ୍ତ ଅମଲାତନ୍ତ୍ରୀ ଓ.ପି. ଚୌଧରୀଙ୍କ ନାମ ଚର୍ଚ୍ଚାରେ ରହିଛି। କ୍ରିକେଟରରୁ ନେତ୍ରୀ ସାଜିବା ପରେ ମୋଦିଙ୍କ କ୍ୟାବିନେଟ୍‌ରେ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରୂପେ ସ୍ଥାନ ପାଇଥିବା ରେଣୁକା ସିଂ ମଧ୍ୟ ସିଏମ୍ ରେସ୍‌ରେ ଥିବା କୁହାଯାଉଛି।

ଭାରତ ବର୍ଷର ସର୍ବକନିଷ୍ଠ ରାଜ୍ୟ ତେଲଙ୍ଗାନା ୨୦୧୪ରେ ଅସ୍ତିତ୍ୱକୁ ଆସିବା ପରଠୁ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) କ୍ରମାଗତ ୨ଟି ନିର୍ବାଚନରେ ସଫଳତା ପାଇ ସରକାର ଗଢ଼ିଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ପ୍ରଧାନମନ୍ତ୍ରୀ ମହତ୍ତ୍ୱାକାଂକ୍ଷା ବଢ଼ିବାରୁ ସେ ଜାତୀୟ ରାଜନୀତିରେ ଅଧିକ ମନୋନିବେଶ କରିବାରେ ଲାଗିଲେ। ଏହିକ୍ରମେ ସେ ଟିଆର୍‌ଏସ୍‌କୁ ବିଆର୍‌ଏସ୍‌ରେ ପରିଣତ କଲେ। କଂଗ୍ରେସର ନେତୃତ୍ୱକୁ ପ୍ରତ୍ୟାଖ୍ୟାନ କରି ଇଣ୍ଡିଆ ବ୍ଲକ୍‌ଠାରୁ ବି ଦୂରେଇ ରହିଲେ। ଏହି ଜାତୀୟ ସ୍ୱପ୍ନ ସାଙ୍ଗକୁ ପାରିବାରିକ ରାଜନୀତିକୁ ପ୍ରଶ୍ରୟ ଦେବା, ଦୁର୍ନୀତି ପ୍ରତି ଆଖି ବୁଜିଦେବା, ବିକାଶ ନାମରେ କେବଳ ଯୋଜନା ଗଢ଼ିଚାଲିବା ଆଦି ପ୍ରସଙ୍ଗ କେସିଆର୍‌ଙ୍କ ସାମ୍ରାଜ୍ୟର ପତନର କାରଣ ହୋଇପାରେ ବୋଲି ରାଜନୈତିକ ପଣ୍ଡିତମାନେ କହୁଛନ୍ତି। ଗତମାସରେ ନିର୍ବାଚନ ଅନୁଷ୍ଠିତ ହୋଇଥିବା ଏହି ଏକମାତ୍ର ଦକ୍ଷିଣ ଭାରତୀୟ ରାଜ୍ୟରେ କଂଗ୍ରେସ ଆଶାତୀତ ସଫଳତା ପାଇଛି। ସର୍ବପୁରାତନ ଦଳ ୬୪ ଆସନ ଦଖଲ କରିପାରିଛି। ବିଆର୍‌ଏସ୍ ପୂର୍ବାପେକ୍ଷା ୪୯ ଆସନ ହରାଇ ୨ ନମ୍ବରକୁ ଖସିଛି। ଭାଜପା ୮ଟି ଆସନ ଦଖଲ କରିଥିବାବେଳେ ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍ ୭ ସିଟ୍ ଜିତିପାରିଛି। କେସିଆର୍ ଗଜୱେଲ ଆସନରେ ଜିତିଥିବାବେଳେ କାମାରେଡ୍ଡୀ ନିର୍ବାଚନମଣ୍ଡଳୀରେ ପରାଜିତ ହୋଇଛନ୍ତି। ତାଙ୍କ କ୍ୟାବିନେଟର ବହୁ ମନ୍ତ୍ରୀ ଶୋଚନୀୟ ପରାଜୟ ବରଣ କରିଛନ୍ତି। କାମାରେଡ୍ଡୀ ନିର୍ବାଚନମଣ୍ଡଳୀରେ ବିଆର୍‌ଏସ୍ ମୁଖ୍ୟ କେସିଆର୍ ଏବଂ ତେଲଙ୍ଗାନା ପିସିସି ସଭାପତି ଏ.ରେଭନ୍ତ ରେଡ୍ଡୀଙ୍କୁ ଭାଜପା ପ୍ରାର୍ଥୀ ହରାଇଦେଇଛନ୍ତି। କେସିଆର୍‌ଙ୍କ ପୁଅ କେ.ଟି. ରାମାରାଓ (କେଟିଆର୍) ଏହାକୁ ସାମୟିକ ପରାଜୟ ଭାବେ ଅଭିହିତ କରିବା ସହ ବିଆର୍‌ଏସ୍ ନିଜ ଜାତୀୟ କାର୍ଯ୍ୟସୂଚୀକୁ ଆଗେଇ ନେବ ବୋଲି କହିଛନ୍ତି। ରାଜ୍ୟରେ ପ୍ରଥମ ଥର ପାଇଁ କଂଗ୍ରେସ ସରକାର ଗଢ଼ିବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଆସନ ପାଇଁ କାହା ମୁଣ୍ଡରେ ହାତୀ ସୁନାକଳସ ଢ଼ାଳୁଛି ତାହା ସୋମବାର ସ୍ପଷ୍ଟ ହୋଇଯିବ।

ଅନ୍ୟପକ୍ଷେ ନଭେମ୍ବର ୭ରେ ଅନୁଷ୍ଠିତ ମିଜୋରାମ ବିଧାନସଭା ନିର୍ବାଚନର ଭୋଟ ଗଣତି ମଧ୍ୟ ରବିବାର କରାଯିବା ପାଇଁ ସ୍ଥିର ହୋଇଥିଲା। ତେବେ ଖ୍ରୀଷ୍ଟିଆନ ବହୁଳ ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ଭୋଟରଙ୍କ ଅନୁରୋଧ କ୍ରମେ ନିର୍ବାଚନ କମିଶନ ଗଣତିକୁ ଦିନେ ଅର୍ଥାତ୍ ସୋମବାର ପର୍ଯ୍ୟନ୍ତ ଘୁଞ୍ଚାଇଦେଇଛନ୍ତି। ଉପରୋକ୍ତ ୪ ରାଜ୍ୟ ପରେ ଏବେ ମିଜୋରାମ ଫଳାଫଳ ଉପରେ ନଜର।

## ସୁଶାନ୍ତ ସାହୁଙ୍କୁ...

କଳାକନା ବୁଲାଇ ଦେଇଥିଲେ। ଏହି ଘଟଣାରେ ମାହାଙ୍ଗା ପୋଲିସ ୩୫୧/୨୦୨୩ରେ ମାମଲା ରୁଜୁ କରି ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ସୁଶାନ୍ତ ଫେରାର ଥିଲେ। ତାଙ୍କୁ ଧରିବା ପାଇଁ ମାହାଙ୍ଗା ପୋଲିସ ୩ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଅପରପକ୍ଷରେ କମିଶନରେଟ ପୋଲିସ ମଧ୍ୟ ଏକ ସ୍ୱତନ୍ତ୍ର ଟିମ୍ କରି ତାଙ୍କୁ ଖୋଜି ବୁଲୁଥିଲା। ତେବେ ସୁଶାନ୍ତ ଚତୁରତାର ସହ ହ୍ୱାଟସଆପ ଓ ଇନ୍‌ଷ୍ଟାଗ୍ରାମ୍ ଭଳି ସାମାଜିକ ଗଣମାଧ୍ୟମ ଜରିଆରେ ଟିମ୍ ଗଠନ କରି ନିଜର ଆପରାଧିକ କାର୍ଯ୍ୟକଳାପ ଚଳାଇଥିଲେ। ବିଶେଷକରି କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଖୋର୍ଦ୍ଧା ଆଦି ଜିଲାକୁ ସେ ଟାର୍ଗେଟ କରୁଥିଲେ। ଶନିବାର ବିଳମ୍ବିତ ରାତିରେ ସେ ଜଗତ୍‌ସିଂହପୁର ଜିଲାର ଏକ ଗହଣା ଦୋକାନରୁ ଲୁଟ୍ କରିବା ପାଇଁ ପ୍ରଥମେ ଷଡ଼ଯନ୍ତ୍ର କରିଥିଲେ ହେଁ ପରମୁହୂର୍ତ୍ତରେ ଅସୁରେଶ୍ୱର ଆସି ଅନ୍ୟ ଏକ ସ୍ଥାନରୁ ଲୁଟ୍ ପାଇଁ ଯୋଜନା କରିଥିଲେ। ଏ ବିଷୟରେ ଖବରପାଇ ସୁଶାନ୍ତଙ୍କୁ ଧରିବା ପାଇଁ ମାହାଙ୍ଗା ପୋଲିସ ଜାଲ ବିଛାଇ ଗତିବିଧି ଉପରେ ନିରୀକ୍ଷଣ କରୁଥିଲା। ମାତ୍ର ତାଙ୍କୁ ଧରିବାରେ ନିଶ୍ଚିନ୍ତକୋଇଲି ପୋଲିସକୁ ସଫଳତା ମିଳିଛି ବୋଲି ମାହାଙ୍ଗା ଥାନା ଅଧିକାରୀ ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

## ସୃଷ୍ଟି ହେଲା ବାତ୍ୟା...

କରିଛି ପାଣିପାଗ ବିଭାଗ। ପ୍ରବଳ ବର୍ଷାର ପୂର୍ବାନୁମାନ କରି ସୋମବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ପୁରୀ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି) ହେବ। ମଙ୍ଗଳବାର ୬ ତାରିଖରେ ଗଞ୍ଜାମ, ଗଜପତି, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କନ୍ଧମାଳ, କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହେବାର ସମ୍ଭାବନା ରହିଛି। ଉପକୂଳ ଓଡ଼ିଶାର ଅଧିକାଂଶ ଜିଲାରେ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ ଜିଲାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବଜ୍ରପାତ ହେବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ୪ ତାରିଖ ସନ୍ଧ୍ୟାରୁ ୫ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବ। ତେଣୁ ୫ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଗଭୀର ସମୁଦ୍ର ଭିତରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ ୬ ତାରିଖ ପର୍ଯ୍ୟନ୍ତ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ସହ ଓଡ଼ିଶା ଉପକୂଳ ଅଞ୍ଚଳକୁ ସତର୍କତା ଜାରି ହୋଇଛି। ସେହିଭଳି ବାତ୍ୟା କ୍ଷେତରେ ଛିଡ଼ା ହୋଇଥିବା ଫସଲ ଓ ପନିପରିବା, କଚ୍ଚା ରୋଡ୍ ଏବଂ କଚ୍ଚା ଘରଗୁଡ଼ିକୁ କ୍ଷତି ପହଞ୍ଚାଇପାରେ। ତେଣୁ ପାଚିଲା ଧାନ, ମାଣ୍ଡିଆ, ବାଜରା, କପା ଓ ଅନ୍ୟାନ୍ୟ ଫସଲ, ଉଦ୍ୟାନ କୃଷି ଫସଲ ଓ ପନିପରିବା ଅମଳ ୩ ତାରିଖ ସୁଦ୍ଧା ଶେଷ କରି ସୁରକ୍ଷିତ ସ୍ଥାନରେ ରଖିବା ସହ ଫସଲ ଥିବା ଚାଷଜମିରୁ ଅତିରିକ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଆଇଏମ୍‌ଡି ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଦିନଟିରେ ତରବର ନ ହୋଇ ଧୀରସ୍ଥିର ପଦକ୍ଷେପ ନେଲେ ଉପକୃତ ହେବେ। ଦୂରଯାତ୍ରାର ସୁଯୋଗ ପାଇବେ, ମାତ୍ର ରାସ୍ତାରେ କୌଣସି ବ୍ୟକ୍ତିଙ୍କ ସହ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆଜି ହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ବୃଷ** - ପ୍ରତ୍ୟେକ କ୍ଷେତ୍ରରେ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବେ। ପରିଜନ ସହ ଅର୍ଥ, ଭୋଗବିଳାସ ମଧ୍ୟରେ ସମୟଟି ଭଲରେ କଟିବ। ପାରିବାରିକ କ୍ଷେତ୍ରରେ ସୁଯୋଗ ପାଇବା ସାଙ୍ଗକୁ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ।

**ମିଥୁନ** - ଚିନ୍ତା ନ କରି ନିର୍ଭୟରେ ଆଗକୁ ମାଡ଼ି ଚାଲନ୍ତୁ, ଦେଖିବେ ଚେଷ୍ଟା ନିଶ୍ଚିତ ଫଳବତୀ ହେବ। ସନ୍ଧ୍ୟାରେ ହଠାତ୍ ସାଧାରଣ କଥାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ ଅନ୍ୟଥା ତାହା ହିଁ ସମସ୍ୟାର କେନ୍ଦ୍ରବିନ୍ଦୁ ହୋଇପଡ଼ିବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**କର୍କଟ** - କର୍ମକ୍ଷେତ୍ରରେ ମଉଜିଆ କଥା କହି ଅନ୍ୟମାନଙ୍କୁ ନିଜର କରିବାରେ ସକ୍ଷମ ହେବେ। ଅତି ନିକଟରେ ରହୁଥିବା ମିତ୍ରମାନେ କିଛି ପାଇବା ଆଶାରେ ପ୍ରଶଂସା ଗାଇ ବୁଲିବେ। କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**ସିଂହ** - ଅତୀତ ଘଟଣାର ସମୀକ୍ଷା କରି ଭାବବିହ୍ୱଳ ହେବା ସାଙ୍ଗକୁ କୌଣସି ଅସୁବିଧା ନ ଥାଇ ମଧ୍ୟ ମନଟି ଭଲ ଲାଗିବ ନାହିଁ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ଘଟିବ। ପାରିବାରିକ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**କନ୍ୟା** - ଭାବୁଥିବା କାମଟି ବିଧିବଦ୍ଧ ଭାବରେ କରିପାରିବେ ନାହିଁ। ଫଳରେ ସୁଯୋଗ ହାତଛଡ଼ା ହୋଇପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଖୁସି ରହିବେ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**ତୁଳା** - ସମ୍ପର୍କୀୟଙ୍କ ଶତ୍ରୁତା ଯୋଗୁ ବିଚଳିତବୋଧ କରିବାକୁ ପଡ଼ିବ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। ପାରିବାରିକ ସଦ୍‌ଭାବ ଅକ୍ଷୁଣ୍ଣ ରହିବ ମାତ୍ର ନିଜକୁ ଟିକିଏ ନରମି କହିବାକୁ ପଡ଼ିପାରେ। ନିର୍ମାଣ କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ପରିସ୍ଥିତି ଗମ୍ଭୀର ରହିବ ଏବଂ ଟଙ୍କା, ପଇସାର ଘୋର ଅଭାବ ପରିଲକ୍ଷିତ ହେବ।

**ବିଛା** - ଲୋକସମ୍ପର୍କ ବୃଦ୍ଧି ପାଇବାରେ ନିଜ ଲୋକମାନେ ହିଁ ପ୍ରତିବନ୍ଧକ ସୃଷ୍ଟି କରିବେ। ବନ୍ଧୁମାନଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ମାତ୍ର କର୍ମକ୍ଷେତ୍ରରେ ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ।

**ଧନୁ** - କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି ପ୍ରତିଷ୍ଠିତ ହେବାର ସମ୍ଭାବନା ରହିଛି। ବନ୍ଧୁମାନଙ୍କ ଆହ୍ୱାନକ୍ରମେ କୌଣସି ଶୁଭକାର୍ଯ୍ୟରେ ଯୋଗଦେଇପାରନ୍ତି। ରାଜନୀତି, ପ୍ରକାଶନ, ପ୍ରଶାସନ, ଗବେଷଣା ଓ ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଦିନଟି ବହୁତ ଭଲ। ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ ସଭା ସମିତିରେ ସୁନାମ ଅର୍ଜନ କରିବେ।

**ମକର** - ପ୍ରତ୍ୟେକ କ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ନିଜ ଜିଦ୍‌ରେ ଅଟଳ ରହିବେ। ଆଶା ପୂରଣ ହେବାରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିବେ। ପରିସ୍ଥିତି ମଧ୍ୟରେ ଅଧିକାଂଶ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ଏଣେ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

**କୁମ୍ଭ** - ଗତକାଲି ସମସ୍ୟା ସମାଧାନରେ ରାସ୍ତା ଖୋଜି ପାଇବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ଓ ସନ୍ଦେହ ବୃଦ୍ଧି ପାଇବା କାରଣରୁ ପରିବାରରେ ବିଶୃଙ୍ଖଳା ଦେଖା ଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ଅନ୍ୟଥା ଅଦଳବଦଳ ହୋଇଯାଇପାରେ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ।

**ମୀନ** - ପ୍ରତ୍ୟେକ ବିଷମ ପରିସ୍ଥିତିରେ ମଧ୍ୟ ସାହସିକତାର ପରିଚୟ ଦେଇ ପ୍ରଶଂସିତ ହେବେ। ନିଜେ କଷ୍ଟ ସ୍ୱୀକାର କଲେ ମଧ୍ୟ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସ୍ୱାର୍ଥ ସାଧନର ମସୁଧା କରି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଅଧିକାଂଶ ସମୟରେ ଭାବପ୍ରବଣତା ଯୋଗ ମନୋବଳ କ୍ରମଶଃ ହ୍ରାସ ପାଇବ।

ଆଜି ମାର୍ଗଶିର କୃଷ୍ଣ ସପ୍ତମୀ ସୋମବାର, ଡିସେମ୍ବର ୪ ତାରିଖ, ଭାରତୀୟ ନୌସେନା ଦିବସ, ରାଶି ନକ୍ଷତ୍ର- ମଘା/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଘ.୦୬।୧୦ ମି. ଗତେ, ଘ.୦୭।୩୧ ମି. ମଧ୍ୟେ, ଘ.୦୯।୦୪ମି. ଗତେ, ଘ.୧୧।୧୪ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ. ୦୭।୩୧ମି. ଗତେ, ଘ.୮।୫୩ ମି. ମଧ୍ୟେ ରାହୁକାଳ ।।







ଭଦ୍ରାପଡା ଗାଁମୁଣ୍ଡ ଜଙ୍ଗଲ ପାଖ ପୋଖରୀରେ ହାତୀ ଫସି ରହିଛି।

# ଫସଲ ଖାଇବାକୁ ଆସି ଫସିଲା

## ପୋଖରୀରେ ପଡ଼ିଥିବା ହାତୀ ଉଦ୍ଧାର

ସବ୍‌ଡେଗା,୩।୧୨ (ଅନନ୍ତ ପଟେଲ)

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକର ଡମକୁଡା ଗ୍ରାମପଞ୍ଚାୟତ ଭଦ୍ରାପଡା ଗାଁମୁଣ୍ଡ ଜଙ୍ଗଲ ପାଖ ପୋଖରୀରେ ପଡ଼ି ଫସିରହିଥିବା ଦନ୍ତାହାତୀକୁ ରବିବାର ମଧ୍ୟାହ୍ନରେ ଉଦ୍ଧାର କରାଯାଇଛି। ପରେ ହାତୀ ଜଙ୍ଗଲକୁ ଦୌଡ଼ି ପଳାଇଯାଇଛି। ଶନିବାର ରାତିରେ ହାତୀଟି ଫସଲ ଖାଇବାକୁ ଆସି ଛୋଟିଆ ପୋଖରୀରେ ପଡ଼ିଯାଇଥିଲା। ପାଣି, କାଦୁଅ ଅଧିକ ଥିବାରୁ ଓ ପୋଖରୀ ହୁଡ଼ା ସମତୁଲ ନ ଥିବାରୁ ହାତୀଟି ଉଠିପାରି ନ ଥିଲା। ସକାଳେ ଲୋକେ ଜଙ୍ଗଲ ପାଖକୁ ଯାଇଥିବାବେଳେ ହାତୀକୁ ପୋଖରୀରେ ପଡ଼ିଥିବା ଦେଖିଥିଲେ। ଖବର ଚାରିଆଡ଼େ ପ୍ରଚାର ହୋଇଯିବାରୁ ହାତୀକୁ ଦେଖିବା ପାଇଁ ପୋଖରୀ ପାଖରେ ଲୋକଙ୍କର ଭିଡ଼ ଜମି ଯାଇଥିଲା। ପରେ ବନ ବିଭାଗକୁ ଖବର ଦିଆଯିବାରୁ ସ୍ଥାନୀୟ ବନ ବିଭାଗର କର୍ମଚାରୀମାନେ ପହଞ୍ଚିଥିଲେ। ହାତୀକୁ ବାହାରକୁ ବାହାର କରିବାକୁ ପ୍ରୟାସ କରିଥିଲେ। ଜେସିବି ମେଶିନ ମଗାଇ ପୋଖରୀ ହୁଡ଼ାକୁ ସମତୁଲ କରିଥିଲେ। ପରେ ହାତୀ ସେହି ସମତୁଲ ରାସ୍ତାରେ ପୋଖରୀ ଉପରକୁ ଉଠିଆସି ଜଙ୍ଗଲକୁ ପଳାଇଥିଲା। ଏହି ଅଞ୍ଚଳରେ ହାତୀପଲ ଉପଦ୍ରବ ଚଳାଇ ଆସୁଛନ୍ତି। ଏହି ହାତୀଟି ପଲରୁ ଖସି ଆସିଥିବାବେଳେ ପୋଖରୀରେ ପଡ଼ିଯାଇଥିଲା ବୋଲି ବନ କର୍ମଚାରୀ କହିଛନ୍ତି।

# ଧାନଖଳା ଜଗିଥିଲେ, ହାତୀ ଦଳିଦେଲା

କେନ୍ଦୁଝର,୩।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଭେଜିଡିହି ଗ୍ରାମରେ ଧାନଖଳା ଜଗିଥିବାବେଳେ ଶନିବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କୁ ହାତୀ ଦଳିଦେଇଛି। ମୃତକ ଜଣକ ହେଲେ ସୁଡ଼ଙ୍ଗ ଗ୍ରାମ ଜାମୁଡ଼ିହି ସାହିର ବନମାଳୀ ମୁଣ୍ଡା(୪୭)। ସେ ଗତ କିଛିବର୍ଷ ହେବ ଭେଜିଡିହି ଗ୍ରାମର ଶିରିଶ ବେହେରାଙ୍କ ଘରେ ରହି କାମ କରୁଥିଲା। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାର ଲୋକଙ୍କୁ ୬୦ ହଜାର ଟଙ୍କା ଅଗ୍ରିମ ପ୍ରଦାନ କରାଯାଇଛି ବୋଲି ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜର ନୟନକାନ୍ତ ସାହୁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ନୟାକୋଟ ବିଟ୍ ଅଞ୍ଚଳରେ ୨୦ ଟିକିଆ ହାତୀପଲ ଗତ କିଛିଦିନ ହେବ ବୁଲୁଛନ୍ତି। ସେଥିରୁ ୨ ଦନ୍ତାହାତୀ ଅଲଗା ହୋଇ ଖାଦ୍ୟ ଅନ୍ୱେଷଣରେ ଶନିବାର ରାତି ପ୍ରାୟ ୧ଟାରେ ଗାଁରେ ପ୍ରବେଶ କରି ଧାନ ଖଳାରେ ଧାନ ଖାଇଥିଲେ। ସେଠାରେ ପଲା ବାନ୍ଧି ଶୋଇଥିବା ବନମାଳୀ ମୁଣ୍ଡାଙ୍କୁ ଦଳି ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ସହିତ ଥଣ୍ଡାରୁ ରକ୍ଷା ପାଇଁ ସେଠାରେ ଜଳୁଥିବା ନିଆଁ ଲାଗି ଏକ ଅସ୍ଥାୟୀ ଘର ମଧ୍ୟ ପୋଡ଼ିଯାଇଥିବା ଜଣାପଡିଛି। ଗଜସାଥୀଙ୍କଠାରୁ ସୂଚନା ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ନୟାକୋଟ ପୋଲିସ ଅପମୃତ୍ୟୁ ମାମଲା (ନଂ. ୩୧/୨୦୨୩) ରୁଜୁ କରି ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ୨ ଲକ୍ଷ ଆବାସ ନିର୍ମାଣ କରି ଓଡ଼ିଶା ଆଗରେ

ଭୁବନେଶ୍ୱର, ୩।୧୨(ସୁନିତ୍ ମିଶ୍ର)

**ପିଏମ୍‌ଏୱାଇ(ଜି)**

- ଉତ୍ତରପ୍ରଦେଶ ଦ୍ୱିତୀୟ, ଆସାମ ତୃତୀୟ ସ୍ଥାନରେ
- ଦେଶରେ ଚଳିତ ଆର୍ଥିକ ବର୍ଷରେ ୧୧,୮୩,୭୭୯ ଘର ନିର୍ମାଣ ସରିଛି

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ବା ପିଏମ୍‌ଏୱାଇ(ଜି)ରେ ଚଳିତ ଆର୍ଥିକ ବର୍ଷରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ପକ୍କାଘର ନିର୍ମାଣ କରି ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ମିଳିଥିବା ସୂଚନା ମୁତାବକ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ସମଗ୍ର ଦେଶର ୧୧ ଲକ୍ଷ ୮୩ ହଜାର ୭୭୯ ପକ୍କାଘର ନିର୍ମାଣ ହୋଇଛି। ସେଥିମଧ୍ୟରୁ ଓଡ଼ିଶାରେ କେବଳ ୨ ଲକ୍ଷରୁ ଅଧିକ ଗୃହ ନିର୍ମାଣ ହୋଇଛି। ସାରା ଦେଶରେ ଓଡ଼ିଶା ସବୁଠାରୁ ଆଗରେ ଥିବାବେଳେ ଉତ୍ତରପ୍ରଦେଶ ଦ୍ୱିତୀୟ ଏବଂ ଆସାମ ତୃତୀୟ ସ୍ଥାନ ଅଧିକାର କରିଛି।

ମିଳିଥିବା ତଥ୍ୟ ଅନୁଯାୟୀ, ଉତ୍ତର ପ୍ରଦେଶ ଏବଂ ଆସାମ ଦେଢ଼ ଲକ୍ଷ ଘର ନିର୍ମାଣ କରିଥିବାବେଳେ ମଧ୍ୟପ୍ରଦେଶରେ ୮୯ ହଜାର, ଗୁଜରାଟରେ ୮୫ ହଜାର, ତ୍ରିପୁରାରେ ୭୦ ହଜାର ୯୨୫, ଛତିଶଗଡ଼ରେ ୭୦ ହଜାର, ତାମିଲନାଡୁରେ ୬୫ ହଜାର, ବିହାରରେ ୫୫ ହଜାର, ମହାରାଷ୍ଟ୍ରରେ ୫୪ ହଜାର, ଝାଡ଼ଖଣ୍ଡରେ ୪୫ହଜାର, ଜମ୍ମୁ କଶ୍ମୀରରେ ୨୩ ହଜାର, କର୍ନାଟକରେ ୧୮ ହଜାର, ରାଜସ୍ଥାନରେ ୧୪ ହଜାର, ଆନ୍ଧ୍ରପ୍ରଦେଶରେ ୧୪ ହଜାର, ଉତ୍ତରାଖଣ୍ଡରେ ୧୨ ହଜାର, ଅରୁଣାଚଳ ପ୍ରଦେଶରେ ୧୧ ହଜାର, ପଶ୍ଚିମବଙ୍ଗରେ ୮ ହଜାର, ମେଘାଳୟରେ ୭ ହଜାର, କେରଳରେ ୩ ହଜାର, ହରିୟାଣାରେ ୧୯୦୦, ନାଗାଲାଣ୍ଡରେ ୧୮୦୦, ହିମାଚଳ ପ୍ରଦେଶରେ ୧୭୩୯, ମିଜୋରାମରେ ୧୬୬୫, ମଣିପୁରରେ ୧୬୫୦, ପଞ୍ଜାବରେ ୯୪୫, ଲଦାଖରେ ୫୯୮, ଦାଦ୍ରା ଏବଂ ନଗର ହାବେଳିରେ ୨୬୬, ସିକିମ୍‌ରେ ୧୪୯, ଗୋଆରେ ୭୫, ଆଣ୍ଡାମାନ ଏବଂ ନିକୋବରରେ ୨୨, ଡାମନ ଏବଂ ଡିଉରେ ୩, ଲାକ୍ଷାଦ୍ୱୀପରେ ୧ ଘର ନିର୍ମାଣ ହୋଇଛି। ପୁଡୁଚେରୀ ଏବଂ ତେଲଙ୍ଗାନାରେ ଗୋଟିଏ ହେଲେ ପିଏମ୍‌ଏୱାଇ(ଜି) ଆବାସ ଚଳିତ ଆର୍ଥିକ ବର୍ଷରେ ହୋଇ ନ ଥିବା ତଥ୍ୟରେ ଉଲ୍ଲେଖ ରହିଛି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଗତ ୯ ବର୍ଷ ମଧ୍ୟରେ ଓଡ଼ିଶାରେ ୩୩ ଲକ୍ଷରୁ ଊର୍ଦ୍ଧ୍ୱ ଗୃହ ନିର୍ମାଣ ହୋଇଛି। ତୁରନ୍ତ ଗୃହ ନିର୍ମାଣ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଏ ବାବଦରେ ବର୍ତ୍ତମାନ ପର୍ଯ୍ୟନ୍ତ ୮ ଲକ୍ଷ ୩୦ ହଜାର ପରିବାରକୁ ୧୩୬୩ କୋଟି ଟଙ୍କା ପ୍ରଦାନ କରାଯାଇଛି।

# ବାଘଛାଲ ଜବତ: ୩ ବ୍ୟବସାୟୀ ଜେଲ ଗଲେ

ନୟାଗଡ଼,୩।୧୨ (ଲୋକନାଥ ମିଶ୍ର)

- ଫୁଲବାଣୀରେ ଶିକାର, ନୟାଗଡ଼ରେ ବିକ୍ରି
- ଅଟକର ୩ ଦିନ ପରେ କୋର୍ଟ ଚାଲାଣ

ନୟାଗଡ଼ ବନଖଣ୍ଡ ଇଟିରି ପଞ୍ଚାୟତ ଝରଦେଇ ପୀଠ ନିକଟରୁ ନୟାଗଡ଼ ବନବିଭାଗ ଓ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଚଢ଼ାଉ କରାଯାଇ କଲରାପତରିଆ ବାଘଛାଲ ଜବତ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୩ ବ୍ୟବସାୟୀଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଇଟାମାଟି ଥାନା ଟିପୁରା ଗାଁର ସୁବାସ ଜେନା(୨୯), ପୁତୁରା ସୁନୀଲ ଜେନା(୨୪), ବିରୁଡା ଗାଁର ଆକାଶ ମଲ୍ଲିକ(୨୪)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଯାଇଛି। ଅନ୍ୟପକ୍ଷେ ବାଘ ଶିକାର ଫୁଲବାଣୀ ଜଙ୍ଗଲରେ ହୋଇଥିବାବେଳେ ନୟାଗଡ଼ ଜଙ୍ଗଲରେ ବାଘଛାଲ ବିକ୍ରି ପାଇଁ ଡିଲ୍ କରାଯାଇଥିବା ଜଣାପଡ଼ିଛି। ବନବିଭାଗ ୩ ଅଭିଯୁକ୍ତଙ୍କୁ ୧ ତାରିଖରୁ ଅଟକ ରଖି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କୁ ୨୪ ଘଣ୍ଟା ଭିତରେ କୋର୍ଟଚାଲାଣ ପାଇଁ ଆଇନ ରହିଛି। ତେବେ ନିୟମକୁ ଅଣଦେଖା କରାଯାଇ ୩ ଦିନ ପର୍ଯ୍ୟନ୍ତ ଅଟକ ରଖି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ବନବିଭାଗର କାର୍ଯ୍ୟ ସନ୍ଦେହ ଘେରକୁ ଆସିଛି। ବନବିଭାଗ ସୂଚନା ଅନୁସାରେ, ଫୁଲବାଣୀ ଜଙ୍ଗଲରେ ଶିକାର ହୋଇଥିବା କଲରାପତରିଆ ବାଘକୁ ଟିପୁରା ଗାଁର ସୁବାସ ୫୦ ହଜାର ଟଙ୍କାରେ କିଣିଥିଲେ। ସୁବାସଙ୍କ ପୁତୁରା ସୁନୀଲ ଓ ବିରୁଡା ଗାଁର ଆକାଶ ବାଘ ଛାଲ ବିକ୍ରି କରୁଥିଲେ। ଅଧିକ ଅର୍ଥ ପାଇବାକୁ ସୁବାସ ନିଜ ପୁତୁରାଙ୍କୁ ବାଘଛାଲକୁ ବିକ୍ରି କରିବାକୁ ଦେଇଥିଲେ। ସୁନୀଲ ଓ ଆକାଶ ବାଘଛାଲ ବିକ୍ରି ପାଇଁ ଉଦ୍ୟମ କରିଥିଲେ। ହେଲେ ବନ ବିଭାଗ କର୍ମଚାରୀ ଗ୍ରାହକ ସାଜି ୧ ତାରିଖରେ ସେମାନଙ୍କୁ ଧରି ଅଟକ ରଖି ପଚରାଉଚୁରା କରୁଥିଲା। ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଓ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଫାଲ୍‌ଗୁନୀ ସାରଥି ମଲ୍ଲିକଙ୍କ ସହ କର୍ମଚାରୀ ବାଘ ଛାଲ ଜବତ କରିଥିଲେ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସମାରୋହ ଉଦ୍‌ଯାପିତ

## ଦିବ୍ୟାଙ୍ଗଙ୍କ ଉଦ୍ୟମକୁ ପ୍ରୋତ୍ସାହନ ଦେବା ଦରକାର: ମୁଖ୍ୟମନ୍ତ୍ରୀ




ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟ ଅତିଥିମାନେ ଜଣେ କୃତୀ ଦିବ୍ୟାଙ୍ଗଙ୍କୁ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୩।୧୨ (ଅସମାପିକା ସାହୁ)

ରାଜ୍ୟର ଦିବ୍ୟାଙ୍ଗ ବ୍ୟକ୍ତିମାନେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ଦେଖାଇଛନ୍ତି। କଳା, ସାହିତ୍ୟ, ଶିକ୍ଷା, କ୍ରୀଡ଼ା ସବୁକ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ସାରା ଦେଶର ଯୁବ ସମାଜ ପାଇଁ ଏକ ଆଇକନ୍ ହୋଇପାରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଦେଶର ଗୌରବ ବୃଦ୍ଧି କରିଛନ୍ତି। ତେଣୁ ଶାରୀରିକ ଅକ୍ଷମତା ବ୍ୟକ୍ତିଗତ ଉନ୍ନତି ଓ ସଫଳତାରେ ପ୍ରତିବନ୍ଧକ ନୁହେଁ। ମନୋବଳ ଉପରେ ସବୁ ନିର୍ଭର କରେ। ତେଣୁ ଦିବ୍ୟାଙ୍ଗମାନେ ଯେପରି ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିପାରିବେ ସେ ଦିଗରେ ସମାଜ ଓ ପରିବାର ତାଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ଦିବ୍ୟାଙ୍ଗଙ୍କ ଉଦ୍ୟମକୁ ପ୍ରୋତ୍ସାହନ ଦେବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ତିନିଦିନିଆ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ଭର୍ଚ୍ଚୁଆଲରେ ଏହି ବାର୍ତ୍ତା ଦେଇଛନ୍ତି। ଏଥିସହ ରାଜ୍ୟ ସରକାର ସବୁବେଳେ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ କାମ କରୁଛନ୍ତି ଓ କରିଚାଲିବେ ବୋଲି ସେ ପ୍ରକାଶ କରିଛନ୍ତି।

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମାରୋହରେ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଦିବ୍ୟାଙ୍ଗଙ୍କ ପ୍ରତି ଆମର ବ୍ୟବହାର ଓ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବାକୁ ପଡ଼ିବ ବୋଲି କହିଥିଲେ। ବିଏମ୍‌ସି ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ କୁମାର ରାଉତ ଉପସ୍ଥିତ ରହିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଲେ, ଦିବ୍ୟାଙ୍ଗମାନେ ବିଭିନ୍ନ ପ୍ରତିବନ୍ଧକ ଓ ଆହ୍ୱାନର ସମ୍ମୁଖୀନ ହୋଇ ମଧ୍ୟ ସମାଜକୁ ପ୍ରେରଣା ଯୋଗାଉଥିବାରୁ କୌଣସି ବୈଷମ୍ୟ ଓ ତାରତମ୍ୟ ନ ରଖି ସେମାନଙ୍କୁ ସାମଗ୍ରିକ ବିକାଶରେ ଅନ୍ତର୍ଭୁକ୍ତ କରିବାକୁ ହେବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଦିବ୍ୟାଙ୍ଗ ବ୍ୟକ୍ତିତ୍ୱ ତଥା କୃତୀ ଫଟୋଗ୍ରାଫରମାନଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।




ଚିର ଅବିଶ୍ୱାସୀ ଏଇ ମଣିଷ। ନିଜ ଭିତରୁ ପୋଛି ଚାଲିଥାଏ ଅହର୍ନିଶ ଭଗବାନଙ୍କୁ। ଅନ୍ଧକାର ଭଳି ବିଚରଣ କରୁଥାଏ ସେ- କାଳର ପପଥ ବିପଥରେ। ଏଣେ ପୁଣି ଲୋପ କରି ଚାଲିଥାଏ ତାରକା ମଣ୍ଡଳୀଙ୍କୁ ତା' ମୁଣ୍ଡ ଉପରୁ ଏବଂ ମନ ବୁଦ୍ଧି ତା'ର ଏକମାତ୍ର ବ୍ୟାଖ୍ୟାକାର। ସେହି ମନର ଓ ବୁଦ୍ଧିର ସଂଶୟ ମେଘମାନେ ଘୋଡାଇପକାନ୍ତି ସୂର୍ଯ୍ୟ-ନିଃସୃତ ବାଣୀମାନଙ୍କୁ। -ଶ୍ରୀଅରବିନ୍ଦ



# ଅନୁସରଣ କରି ବିଫଳ

ନିକଟରେ ଶେଷ ହୋଇଥିବା ୫ ରାଜ୍ୟ ବିଧାନସଭା ନିର୍ବାଚନ ମଧ୍ୟରୁ ମିଜୋରାମ ବ୍ୟତୀତ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଓ ତେଲଙ୍ଗାନାର ଫଳାଫଳ ୩ ଡିସେମ୍ବରରେ ପ୍ରକାଶ ପାଇଛି। ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନରେ ଭାରତୀୟ ଜନତା ପାର୍ଟି (ଭାଜପା) ବିଜୟ ହାସଲ କରିଥିବା ବେଳେ ତେଲଙ୍ଗାନାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)କୁ ହଟାଇ କଂଗ୍ରେସ ଏକାକୀ ସଂଖ୍ୟାଗରିଷ୍ଠ ଦଳ ହୋଇପାରିଛି। ଏହି ନିର୍ବାଚନୀ ଫଳାଫଳ ଭାରତକୁ ଏକପ୍ରକାର ଦୁଇ ଭାଗରେ ବିଭକ୍ତ କରିଛି। ଦକ୍ଷିଣରେ ଭାଜପା ବିରୋଧରେ ସ୍ପଷ୍ଟ ମତ ରହିଥିବା ବେଳେ ହିନ୍ଦୀଭାଷୀ ରାଜ୍ୟରେ କଂଗ୍ରେସ ବିପକ୍ଷରେ ଓ ହିନ୍ଦୁତ୍ୱ ସପକ୍ଷରେ ବାରମ୍ବାର ମତ ପ୍ରକାଶ ପାଉଛି। କେତେକ ରାଜନୈତିକ ପର୍ଯ୍ୟବେକ୍ଷକ ଉପରଲିଖିତ ରାଜ୍ୟର ଫଳାଫଳ ୨୦୨୪ ସାଧାରଣ ନିର୍ବାଚନ ଉପରେ ପ୍ରଭାବ ପକାଇବ ବୋଲି କହୁଥିଲା ବେଳେ ଆଉ କେତେକେ କହୁଛନ୍ତି, ଏହା ସେମିଫାଇନାଲ ନୁହେଁ ବରଂ ଲୋକ ସଭା ନିର୍ବାଚନ ବେଳକୁ ସ୍ଥିତି ବଦଳିଯାଇପାରେ। ଏହି ପରିପ୍ରେକ୍ଷୀରେ ଯଦି ଏକ୍‌ଜିଟ୍ ପୋଲକୁ ଦେଖାଯାଏ ତେବେ ଛତିଶଗଡ଼ କ୍ଷେତ୍ରରେ ଅନୁମାନ ସମ୍ପୂର୍ଣ୍ଣ ଭୁଲ୍ ପ୍ରମାଣିତ ହୋଇଛି। ସେଠାରେ କଂଗ୍ରେସ ଆସିପାରେ ବୋଲି କୁହାଯାଉଥିଲା। ତେଲଙ୍ଗାନାରେ କଂଗ୍ରେସ ଆସିବା ନେଇ ଅନୁମାନ ଲଗାଯାଇଥିବା ବେଳେ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଭାଜପା-କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେବ ବୋଲି କୁହାଯାଇଥିଲା।

ମଧ୍ୟପ୍ରଦେଶରେ ୨୦୦୩ରୁ ଅଦ୍ୟାବଧି ଭାଜପା କ୍ରମାଗତ କ୍ଷମତା ବଜାୟ ରଖିଆସିଛି ବୋଲି କୁହାଯାଇପାରେ। ୨୦୧୮ ବିଧାନସଭାରେ କମଲନାଥଙ୍କ ନେତୃତ୍ୱରେ କଂଗ୍ରେସ କେବଳ ୧୫ ମାସ ପାଇଁ ଶାସନ କରିଥିଲା। ଜ୍ୟୋତିରାଦିତ୍ୟ ସିନ୍ଧିଆ ଅସନ୍ତୁଷ୍ଟ ୨୨ ବିଧାୟକଙ୍କୁ ନେଇ କଂଗ୍ରେସ ଶିବିରରୁ ଭାଜପା ଜାହାଜକୁ ଲମ୍ଫ ପ୍ରଦାନ କରିବା ପରେ ସେଠାରେ ରାଜନୈତିକ ସମୀକରଣ ବଦଳିଯାଇଥିଲା। ଭାଜପା ପୁନଶ୍ଚ କ୍ଷମତାସୀନ ହୋଇଥିଲା। ୨୦୨୩ ବିଧାନସଭା ଭୋଟ ବେଳେ କୁହାଯାଉଥିଲା ଯେ, ଭାଜପାର ଦୀର୍ଘବର୍ଷ ଶାସନ ସରକାର ବିରୋଧୀ ହାୱାରେ ଉଡ଼ିଯିବ। କିନ୍ତୁ ତାହା ହେଲା ନାହିଁ। ବରଂ ନରମ ହିନ୍ଦୁତ୍ୱବାଦକୁ ଅନୁସରଣ କଂଗ୍ରେସ ପାଇଁ କାଳ ହେଲା। ପୂର୍ବରୁ ଭାଜପା ସହିତ ରହିଆସିଥିବା ଦକ୍ଷିଣପନ୍ଥୀ ଗୋଷ୍ଠୀ ବଜରଙ୍ଗ ସେନା ସହ କଂଗ୍ରେସ ମିଶିଥିଲା। ଏଥିସହିତ କେତେକ ପୂଜାରୀଙ୍କୁ ଜମି ଅଧିକାର ଦେବା ସହ ଅନେକ ତୁଷ୍ଟୀକରଣ ଯୋଜନା ବିଷୟରେ ଘୋଷଣା କରିଥିଲା। ଛତିଶଗଡ଼ରେ କଂଗ୍ରେସ କ୍ଷମତାସୀନ ଥିଲେ ମଧ୍ୟ ସରକାରୀ ସ୍ତରରେ ଘଟିଥିବା ଦୁର୍ନୀତିକୁ ଭାଜପା ଲୋକଙ୍କ ପାଖରେ ପହଞ୍ଚାଇଥିଲା। ରାଜସ୍ଥାନରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ଦଳର ଅନ୍ୟତମ ତୁଙ୍ଗ ନେତା ସଚିନ ପାଇଲଟଙ୍କ ମଧ୍ୟରେ କ୍ରମାଗତ କଳି ଦଳକୁ ପରାଜୟ ଆଡ଼କୁ ଠେଲି ଦେଇଥିଲା। ଏମିତି ଦେଖିଲେ ଦୀର୍ଘ ୩ ଦଶନ୍ଧି ଧରି ରାଜସ୍ଥାନରେ ବିକଳ୍ପ ଦଳକୁ ଭୋଟର ବାଛିବାର ନଜିର ରହିଥିବାରୁ ଚଳିତ ଥର ଏହା ଭାଜପା ଭାଗରେ ପଡ଼ିଲା ବୋଲି କୁହାଯାଉଛି। ଅନ୍ୟପକ୍ଷରେ ତେଲଙ୍ଗାନାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତା ତଥା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ଟକ୍କର ଦେବା ଲାଗି ଯୁବନେତା ତଥା ପ୍ରଦେଶ କଂଗ୍ରେସ ମୁଖ୍ୟ ରେଭନ୍ତ ରେଡ୍ଡୀଙ୍କୁ ପ୍ରଦର୍ଶନ କରିବାରୁ କଂଗ୍ରେସ ସୁଫଳ ପାଇପାରିଛି। ଏଥିସହିତ ଆଞ୍ଚଳିକ ଦଳ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍)କୁ ଏକ ସର୍ବଭାରତୀୟ ଦଳରେ ପରିଣତ କରିବାର କେସିଆର୍‌ଙ୍କ ଉଦ୍ୟମ ତାଙ୍କ ପାଇଁ ବିପର୍ଯ୍ୟୟର କାରଣ ହୋଇଥାଇପାରେ ବୋଲି ଆଲୋଚନା ହେଉଛି। ଦେଖିବାକୁ ଗଲେ ତେଲଙ୍ଗାନାରେ ନୂଆ ମୁହଁ ଦେଇ କଂଗ୍ରେସ ବିଜୟ ହୋଇଛି। କିନ୍ତୁ ହିନ୍ଦୀଭାଷୀ ରାଜ୍ୟରେ ବରିଷ୍ଠ ନେତା, ଯେଉଁମାନଙ୍କୁ ଜନସାଧାରଣ ଚାହୁଁ ନ ଥିଲେ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଭାବେ କଂଗ୍ରେସ ପ୍ରୋଜେକ୍ଟ କରିବାରୁ ଫଳାଫଳ ଅସ୍ୱାଭାବିକ ହେଲା। ଏଥିସହିତ କଂଗ୍ରେସ ଆଶା କରିଥିଲା ଯେ ନରମ ହିନ୍ଦୁତ୍ୱ ଓ ତୁଷ୍ଟୀକରଣ ଉପାୟ ଅବଲମ୍ବନ କଲେ ଭୋଟରଙ୍କ ହୃଦୟ ଜିଣିପାରିବ। ସାଧାରଣ ଲୋକଙ୍କ ସହ ନ ମିଶି ଦୀର୍ଘବର୍ଷ ଧରି ଧର୍ମକୁ ନେଇ ଭାଜପା ଯେଉଁ ଆସନ ସଂରକ୍ଷଣ କରିଆସିଛି, ତାହାକୁ କଂଗ୍ରେସ ଅନୁଧାବନ କରିବାରୁ ଗାତରେ ପଡ଼ିଗଲା। ସ୍ୱକୀୟ ଚିନ୍ତା ଓ ଦେଶ ପାଇଁ ଦରକାର ହେଉଥିବା ଦୃଢ଼ ଅର୍ଥନୈତିକ ନୀତି ବିଷୟରେ ଭୋଟରଙ୍କୁ ଅବଗତ କରିଥିଲେ ହୁଏତ ଫଳ ଭିନ୍ନ ହୋଇଥାଆନ୍ତା।

ଏପଟେ ଭାଜପା ବିଜୟ ହେବାର ଅନେକ କାରଣ ରହିଛି। ମଧ୍ୟପ୍ରଦେଶରେ ଶିବରାଜ ସିଂ ଚୌହ୍ୱାନଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ସେଭଳି ପ୍ରୋଜେକ୍ଟ କରାଯାଇ ନ ଥିଲା। ଛତିଶଗଡ଼ରେ ଡାକ୍ତର ରମଣ ସିଂଙ୍କ ଅପେକ୍ଷା ବରିଷ୍ଠ ଆର୍‌ଏସ୍‌ଏସ୍ ନେତା ଅଭୟରାମ ସାଓଙ୍କ ପୁଅ ତଥା ଯୁବନେତା ଅରୁଣ ସାଓଙ୍କୁ ଗୁରୁତ୍ୱ ଦିଆଯାଇଥିଲା। ଅନୁରୂପ ଭାବେ ରାଜସ୍ଥାନରେ ବସୁନ୍ଧରା ରାଜେଙ୍କ ପରିବର୍ତ୍ତେ ଗୈରିକ ବସ୍ତ୍ରଧାରୀ ସାଧୁ ତଥା ରାଜସ୍ଥାନର ଯୋଗୀ ଭାବେ ପରିଚିତ ବାଳକନାଥ ଏବଂ କେନ୍ଦ୍ରରେ ମନ୍ତ୍ରୀ ଥିବା ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଅଧିକ ଗୁରୁତ୍ୱ ଦିଆଯିବାରୁ ଭାଜପା ସଫଳତା ପାଇଥିବା କୁହାଯାଉଛି। ଏଥିସହିତ ହିନ୍ଦୀଭାଷୀ ଅଞ୍ଚଳରେ ସ୍ଥାନୀୟ ନେତାଙ୍କ ଅପେକ୍ଷା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା କାମ ଦେଇଛି। ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ମହିଳା ଭୋଟରଙ୍କ ପାଇଁ ଭାଜପା ବିଭିନ୍ନ ହିତକାରୀ ଯୋଜନା ଘୋଷଣା କରିଥିଲା। ମଧ୍ୟପ୍ରଦେଶରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ କ୍ଷମତାରେ ରହିବା ଓ ଛତିଶଗଡ଼ରେ ଦଳର ସ୍ଥିତି ଦୁର୍ବଳ ଥିଲେ ମଧ୍ୟ ଉଚିତ ସମୟରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବାରେ ଭାଜପା ସକ୍ଷମ ହୋଇଥିଲା। କଂଗ୍ରେସର ନିର୍ଦ୍ଦିଷ୍ଟ ବର୍ଗଙ୍କୁ ତୁଷ୍ଟ କରିବା ଲାଗି ନେଇଥିବା ପଦକ୍ଷେପକୁ ପ୍ରତିହତ କରିବା ସକାଶେ ଭାଜପାର ହିନ୍ଦୁତ୍ୱ, ବିକାଶ ଓ ଜନମଙ୍ଗଳ ଯୋଜନାର ମିଶ୍ରିତ କୌଶଳ ଆଗରେ ରହିଲା ବୋଲି କୁହାଯାଉଛି। କଂଗ୍ରେସ 'ଇଣ୍ଡିଆ' ମେଣ୍ଟରେ ନେତୃତ୍ୱ ନେବ ବୋଲି ଯାହା ଭାବିଥିଲା, ତାହା ବର୍ତ୍ତମାନ ଫସର ଫାଟିଲା। ଆଞ୍ଚଳିକ ଦଳଗୁଡ଼ିକୁ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରିଥିଲେ କଂଗ୍ରେସର ସ୍ଥିତି ଭିନ୍ନ ହୋଇଥାଆନ୍ତା। ଅବଶ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଅନ୍ୟ କୌଣସି ଆଞ୍ଚଳିକ ଦଳ ନ ଥିବାରୁ ସେସବୁ ରାଜ୍ୟରେ କଂଗ୍ରେସ ମୁଖ୍ୟ ବିରୋଧୀ ଭୂମିକା ଗ୍ରହଣ କରିଛି। ଏହି ନିର୍ବାଚନୀ ଫଳାଫଳ ପ୍ରମାଣ କରିଦେଉଛି ଯେ, କଂଗ୍ରେସର ଆୟୁଷ ପୂରିବା ସତ୍ତ୍ୱେ ସେହି ଦଳ ତା'ର ତ୍ରୁଟି ସୁଧାରିପାରୁ ନାହିଁ।

# ବୟସ୍କମାନେ ଦେଶର ସମ୍ପଦ



ବୈକୁଣ୍ଠନାଥ ମିଶ୍ର

୨୦୧୧ ଜନଗଣନା ଓ ୨୦୨୧ ଆକଳନ ଅନୁସାର ଭାରତ ଯୁବପିଢ଼ିର ଦେଶଭାବେ ବିବେଚିତ ହେଉଛି। କିନ୍ତୁ ମିଳିତ ଜାତିସଂଘର ଜନସଂଖ୍ୟା ପାଣ୍ଠି (ପପୁଲେଶନ ଫଣ୍ଡ)ର ଏକ ସଦ୍ୟ ଆକଳନ ଅନୁଯାୟୀ ୨୦୫୦ ଭାରତ ଆଉ ଯୁବକ ଓ କିଶୋରଙ୍କ ଦେଶ ନ ହୋଇ ବୟସ୍କଙ୍କ ଦେଶ ଭାବେ ପରିଗଣିତ ହେବ। ବର୍ତ୍ତମାନ ଭାରତରେ ବୟସ୍କଙ୍କ ସଂଖ୍ୟା ୧୪କୋଟିରୁ ଅଧିକ(ପ୍ରାୟ ଏକ ଦଶମାଂଶ), ଯାହା ୨୦୫୦ ସୁଦ୍ଧା ୩୦ କୋଟି ଛୁଇଁବ, ସେତେବେଳର ଜନସଂଖ୍ୟାର ପ୍ରାୟ ଏକ ପଞ୍ଚମାଂଶ ହୋଇଥିବ। ସେହି ସମୟକୁ କିଶୋର ଓ ପ୍ରୌଢ଼(୧୫ରୁ ୫୯ବର୍ଷ ବୟସ୍କ)ଙ୍କ ସଂଖ୍ୟା ସମପରିମାଣରେ ହ୍ରାସ ପାଇଥିବ। ସେତେବେଳର ଭାରତ ଆଉ ଯୁବବର୍ଗର ଦେଶ ନ ହୋଇ ବୟସ୍କଙ୍କ ଦେଶରେ ପରିଣତ ହୋଇଥିବ। ଏଜ୍.ୱେଲ୍ ଫାଉଣ୍ଡେଶନର ଜାତୀୟ ରିପୋର୍ଟ ଅନୁସାର ଦେଶରେ ବୟସ୍କଙ୍କ ଆୟ ଓ ବ୍ୟୟଧାରାରେ ପରିବର୍ତ୍ତନ ଆସିଛି। ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ୬୦.୫ ପ୍ରତିଶତ ବୃଦ୍ଧାବୃଦ୍ଧଙ୍କ ମାସିକ ପେନ୍‌ସନ ସେମାନଙ୍କ ଆୟର ମୂଳଉତ୍ସ। ଶତକଡା ୩୭ ବୃଦ୍ଧାବୃଦ୍ଧ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ। ପେନ୍‌ସନ ବ୍ୟତୀତ ୧୯.୫ ପ୍ରତିଶତ ଜମିରୁ ଆୟ, ଘରଭଡା ଓ ଆର୍ଥିକ ନିବେଶରୁ ସୁଧ ପାଉଛନ୍ତି। ୪୮.୦୫ ପ୍ରତିଶତ ବୟସ୍କଙ୍କ ନିକଟରେ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ରହିଛି। କିନ୍ତୁ ବୟସ୍କଙ୍କ ଆୟର ଏକ ସିଂହଭାଗ ଅର୍ଥାତ୍ ପ୍ରାୟ ଏକ ତୃତୀୟାଂଶ ଔଷଧ ଓ ଚିକିତ୍ସା କ୍ଷେତ୍ରରେ ଖର୍ଚ୍ଚ ହେଉଛି। ବୟସ୍କଙ୍କ ମଧ୍ୟରୁ ୭୦ ପ୍ରତିଶତଙ୍କର ଆଣ୍ଠୁଗଣ୍ଠି ରୋଗ ଓ ୮୦ ଭାଗଙ୍କର ମଧୁମେହ ରୋଗ ରହିଛି। ବୃଦ୍ଧଙ୍କ ମଧ୍ୟରେ ପ୍ରାୟ ଶତକଡା ୨୫ ବିପତ୍ନୀକ ଭାବେ ଦୟନୀୟ ଜୀବନ ଜିଉଁଥିବା ବେଳେ ୪୯ ପ୍ରତିଶତ ଜୀବନସାଥୀଙ୍କ ସହ ବାସ କରନ୍ତି। ୨୯.୫ ପ୍ରତିଶତ ବୃଦ୍ଧାବୃଦ୍ଧ ପିଲାମାନଙ୍କ ସହ ଏକତ୍ର ବାସ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୭୫ ଭାଗ ଘୋର ଅବହେଳିତ।

ସଭ୍ୟତା ଯେତେ ଆଗକୁ ବଢ଼ୁଛି ଆମ ମାନସିକତା ସେତେ ନିମ୍ନଗାମୀ ହେଉଛି। ନିଜଛଡା ଅନ୍ୟକଥା ଚିନ୍ତା କରିବାକୁ ଆମ ପାଖରେ ସମୟ ନାହିଁ। ଏପରି କି ନିଜ ମାତାପିତା ଘୋର ଅବହେଳିତ। ଅଭାବ ଅନଟନ ମଧ୍ୟରେ ରହି ମଧ୍ୟ ନିଜ ପିଲାଙ୍କର ପାଠପଢା କଥା ବୁଝି ଦୁନିଆ ଦାଣ୍ଡରେ ଉତ୍ତମ ମଣିଷଟିଏ କରି ଗଢି ତୋଳିବାରେ ମାତାପିତାଙ୍କର କଠିନ ସାଧନାର ପଟାନ୍ତର ନାହିଁ। ପିଲାମାନେ ଆଜି ନିଜ ଗୋଡରେ ଠିଆ ହୋଇଛନ୍ତି, ପ୍ରତିଷ୍ଠା ଅର୍ଜନ କରିଛନ୍ତି। କିନ୍ତୁ ଯେଉଁମାନଙ୍କ ଯୋଗୁ ସେମାନଙ୍କର ଆଜି ଏ ସମ୍ଭ୍ରାନ୍ତ ପରିଚିତ, ସେହି ମାତାପିତା ଚରମ ଅବହେଳିତ ହୋଇ ଦୁର୍ଦ୍ଦିନରେ କାଳକାଟି ଶେଷଦିନର ଅବଗଣନା କରୁଛନ୍ତି। ଯେଉଁମାନେ ବାଧ୍ୟତାବଶତଃ ନିଜ ପିଲାଙ୍କ ସହ ସହରରେ ରହୁଛନ୍ତି ସେମାନେ ଏକପ୍ରକାର ବନ୍ଦୀ ଜୀବନ ବିତାଉଛନ୍ତି। ନା ସେମାନଙ୍କର ଅଛି ମତାମତ ଦେବାର ଅଧିକାର ଅବା ନାତି ନାତୁଣୀଙ୍କ ସହ ହସକୌତୁକ କରିବାର ଅବସର। ଏପରି କି ଗାଉଁଲି ମଳିମୁଣ୍ଡିଆ ଭାବି ନାତୁଣୀନାତିଙ୍କୁ ତାଙ୍କଠାରୁ ଦୂରେଇ ରଖାଯାଉଛି। ତାଙ୍କୁ ସ୍ପର୍ଶ କରିବା ମଧ୍ୟ ମନା। ବସ୍ତୁତଃ ବୃଦ୍ଧାବୃଦ୍ଧମାନେ ଏକପ୍ରକାର ଅପାଂକ୍ତେୟ, ଅସ୍ପୃଶ୍ୟ, ଅନାଦୃତ ଓ ଅଲୋଡ଼ା।



ସହରରେ ରହୁଥିବା ବୃଦ୍ଧାବୃଦ୍ଧମାନେ ସହରୀ କଟକଣା, ଅସହ୍ୟ ବେଦନା ଓ ସର୍ବୋପରି ପ୍ରଦୂଷିତ ବାୟୁମଣ୍ଡଳରେ ନିକ୍ଷେପିତ ହୋଇ ପଲ୍ଲୀର ଶାନ୍ତସ୍ନିଗ୍ଧ ପରିବେଶକୁ କେବଳ ଝୁରି ହେଉଛନ୍ତି। ପଲ୍ଲୀର ଉନ୍ମୁକ୍ତ ବାତାବରଣ, ସୁଶୀତଳ ତରୁଛାୟା, ସୁବିସ୍ତୀର୍ଣ୍ଣ ମନଲୋଭା ଗ୍ରାମ୍ୟ ତଟିନୀର ବାଲୁକାପୂର୍ଣ୍ଣ ବେଳାଭୂମି, ଆମ୍ର, ନଡିଆ, ପଣସ ବୃକ୍ଷର ସମ୍ଭାର ସହ ଅପରୂପ ଶସ୍ୟକ୍ଷେତ୍ରର ଦୃଶ୍ୟ, ଭାଇ ବନ୍ଧୁ ଜ୍ଞାତି କୁଟୁମ୍ବଙ୍କ ସ୍ନେହ ଆଦରର ସ୍ମୃତି ଆଜି ତାଙ୍କୁ ପ୍ରବାସରେ ବ୍ୟଥିତ କରୁଛି। ସହରରେ ଆତ୍ମଜଙ୍କ ସହ ରହି ବି ନାନା କଟକଣାକୁ ସହ୍ୟ କରିବାକୁ ହେଉଛି। ବସ୍ତୁତଃ ସେମାନେ ଏକ ଅଲୋଡା ଜୀବନକୁ ନେଇ ସଦସନ୍ତ୍ରସ୍ତ। ଏଠି ପ୍ରଶ୍ନ ଉଠେ ସତରେ କ'ଣ ବୃଦ୍ଧାବୃଦ୍ଧମାନେ ଅଲୋଡା? ଏ ସମ୍ବନ୍ଧରେ ଇଂଲିଶ ଲେଖକ ଜିନ୍ ଉରେଙ୍କ ଗଳ୍ପର ମର୍ମାଂଶ ବେଶ୍ ପ୍ରାସଙ୍ଗିକ ମନେହୁଏ। ଏକଦା ରୋମାନିଆର ଏକ ପଡୋଶୀ ଦେଶର ଶାସକଙ୍କୁ ଏକ ଉଦ୍ଭଟ ଚିନ୍ତାଗ୍ରାସ କଲା ଯେ ବୃଦ୍ଧମାନେ ଦେଶ ପ୍ରଗତିର ବାଧକ। ସେମାନେ କୌଣସି ଶାରୀରିକ ଶ୍ରମ ନ କରି ପରାଙ୍ଗପୁଷ୍ଟ ଜୀବଭାବେ ଦେଶ ସମ୍ପତ୍ତିକୁ ଭୋଗ କରୁଛନ୍ତି। ତେଣୁ ସେହି ଅଦରକାରୀ ବୟସ୍କମାନଙ୍କୁ ଲୋପ କରାଯିବା ଆବଶ୍ୟକ। ରାଜା ଆଦେଶ ଦେଲେ ଯେ ସବୁ ଯୁବକ ନିଜ ହାତରେ ନିଜ ବୃଦ୍ଧ ମାତାପିତାଙ୍କୁ ହତ୍ୟା କରନ୍ତୁ। ରାଜାଦେଶ ଅଲଂଘ୍ୟ। ଫଳରେ ଅଳ୍ପଦିନ ମଧ୍ୟରେ ଦେଶଟି ବୃଦ୍ଧଶୂନ୍ୟ ହୋଇଗଲା। ମାତ୍ର ଜଣେ ଯୁବକ ରାଜାଦେଶ ଲଙ୍ଘନର ନିର୍ମମ ପରିଣାମ ଜାଣି ମଧ୍ୟ ପିତୃଭକ୍ତିର ନିଦର୍ଶନ ସ୍ୱରୂପ ବୃଦ୍ଧ ପିତାଙ୍କୁ ହତ୍ୟା ନ କରି ଏକ ଗୁପ୍ତ କୋଠରିରେ ଲୁଚାଇ ରଖିଲା।

ସେହିବର୍ଷ ଦେଶ ଉତ୍କଟ ମରୁଡିର ସମ୍ମୁଖୀନ ହେଲା। ପ୍ରବଳ ଶସ୍ୟହାନି ସାମ୍ନା କଲେ ଦେଶବାସୀ। ଘରେ ଥିବା ସାଇତା ଶସ୍ୟ ସରିଗଲା। ପରବର୍ଷ ବର୍ଷା ଯଥାରୀତି ହେଲା ସିନା କ୍ଷେତରେ ବୁଣିବାକୁ କାହାଘରେ ଶସ୍ୟକଣିକାଏ ନାହିଁ। ପଡିଶା ଦେଶର ସମାନ ସ୍ଥିତି ଥିବାରୁ ସେଠାରୁ ମଧ୍ୟ ବିହନଗଣ୍ଡାଏ ମିଳିପାରିଲା ନାହିଁ। ସର୍ବତ୍ର ଦୁଶ୍ଚିନ୍ତାର ବାତାବରଣ। ସଂପୃକ୍ତ ଯୁବକର ବିମର୍ଷଭାବକୁ ଲକ୍ଷ୍ୟକରି ତା'ର ବୃଦ୍ଧ ପିତା ଏହାର କାରଣ ପଚାରିବାରୁ ଯୁବକଟି ସବୁକଥା ପିତାଙ୍କୁ ଜଣାଇଲା। ବୃଦ୍ଧ ସବୁଶୁଣି କହିଲେ ଚିନ୍ତା କରନାହିଁ ପୁଅ। ତୁମେ ଆମ ଘର ସମ୍ମୁଖ ରାସ୍ତାକୁ ହଳ କରିଦିଅ, ତା'ପରେ ସମାଧାନର ବାଟ ଆପେ ଆପେ ଆସିବ। ପିତାଙ୍କ ଉପଦେଶ ମାନି ଯୁବକ ରାସ୍ତାକୁ ହଳ କରିଦେଲା। ପ୍ରଥମ ବର୍ଷାରେ ରାସ୍ତାରେ ଛତୁ ଫୁଟିଲାପରି ଶସ୍ୟ ଚାରାମାନ ଦେଖାଗଲା। ଯୁବକ ସେଗୁଡିକୁ ନେଇ କ୍ଷେତରେ ରୋପଣ କଲା। ସୁନ୍ଦର ଶସ୍ୟ ସମ୍ଭାରରେ କ୍ଷେତ ସବୁଜିମାମୟ ହୋଇଉଠିଲା। ତୁଣ୍ଡବାଇଦ ସହସ୍ର କୋଶ। ରାଜାଙ୍କର କର୍ଣ୍ଣଗୋଚର ହେବାକ୍ଷଣି ସେ ଯୁବକକୁ ଡକାଇ ଏହାର ରହସ୍ୟ ଜାଣିବାକୁ ଚାହିଁବାରୁ ଯୁବକଟି ସଭୟ କହିଲା- ମଣିମା ମୁଁ ରାଜାଦେଶ ଲଘଂନ କରିଛି। ମୋ ପିତାଙ୍କୁ ମୁଁ ହତ୍ୟା କରିନାହିଁ। ତେଣୁ ମୁଁ ଦଣ୍ଡଯୋଗ୍ୟ। ଆପଣ ମୋତେ ପ୍ରାଣଦଣ୍ଡ ଦେଇପାରନ୍ତି। କିନ୍ତୁ ଆଜି ମୋର ଯେଉଁ ସବୁଜ ଶସ୍ୟକ୍ଷେତ୍ର ଲହଡି ଭାଙ୍ଗୁଛି, ତାହା ମୋ ବୃଦ୍ଧ ପିତାଙ୍କର ଅବଦାନ। ରାଜା ବୃଦ୍ଧଙ୍କ ନିକଟକୁ ଯାଇ କ୍ଷମାଯାଚନା ପୂର୍ବକ ସବୁଜ ଶସ୍ୟର ରହସ୍ୟ ଜାଣିବାକୁ ଚାହିଁଲେ। ବୃଦ୍ଧ କହିଲେ, ଖରାଦିନେ ରାସ୍ତାରେ ଶଗଡରେ ଶସ୍ୟ ପରିବହନ ସମୟରେ ଅନେକ ଶସ୍ୟ ଭୂମିରେ ପଡିଥାଏ। ଉପଯୁକ୍ତ କର୍ଷଣ ଓ ଜଳଲାଭ କରି ସେଗୁଡିକ ଅଙ୍କୁରିତ ହୁଅନ୍ତି। ଏହା ମୋର ଦୀର୍ଘ ଅନୁଭୂତି, ଯାହା କରିବା ପାଇଁ ପୁଅକୁ ଉପଦେଶ ଦେଇଛି ମାତ୍ର, ରାଜାଙ୍କର ଜ୍ଞାନୋଦୟ ହେଲା ଯେ ବୃଦ୍ଧମାନେ ବାସ୍ତବିକ ପ୍ରାଜ୍ଞ ଓ ଅଭିଜ୍ଞ। ଗୋଟିଏ ପରିବାର କାହିଁକି ସମଗ୍ର ଦେଶକୁ ନିଶ୍ଚିତ ବିପଦରୁ ରକ୍ଷାକରିବାର କ୍ଷମତା ତାଙ୍କର ଅଛି। ରାଜା ଅନୁତାପ ଅନଳରେ ଦଗ୍ଧହୋଇ ନିଜ ଭୁଲ ପାଇଁ ପ୍ରଜାବର୍ଗଙ୍କ ନିକଟରେ ମଥାନତ କଲେ।

ଏ ଗଳ୍ପର ନିଷ୍କର୍ଷ ଏତିକି ଯେ ବୟସ୍କମାନେ ଆଦୌ ଦେଶ ପ୍ରଗତିର ବାଧକ ନୁହନ୍ତି। ସେମାନେ ଦେଶର ଅମୂଲ୍ୟ ସମ୍ପଦ। ସେମାନଙ୍କ ଦୀର୍ଘଜୀବନର ଅନୁଭୂତି ଯୁବବର୍ଗ, ଶାସକ, ପ୍ରଶାସକ ଓ ସମାଜର ସବୁ ସ୍ତରର ଲୋକଙ୍କ ପାଇଁ ସଦା ମଙ୍ଗଳଦାୟକ ଓ ପ୍ରେରଣାପ୍ରଦ। ବୟସ୍କମାନେ ଶାରୀରିକ ଭାବେ ଅକ୍ଷମ ହୋଇପାରନ୍ତି, ମାତ୍ର ବୌଦ୍ଧିକ ଦୃଷ୍ଟିରୁ ଅତ୍ୟନ୍ତ ପରିପକ୍ୱ। ଗ୍ରାମୀଣ ବୃଦ୍ଧମାନଙ୍କର କୃଷିକର୍ମଣର ଅନୁଭୂତିସମ୍ପନ୍ନ ପରାମର୍ଶ କୌଣସି କୃଷି ବିଜ୍ଞାନୀଠାରୁ ଊଣାନୁହେଁ। ସେମାନଙ୍କ ବୌଦ୍ଧିକ ବିଚାରଧାରାକୁ ସମ୍ମାନ ଜଣାଇ ସେମାନଙ୍କୁ ଦେଶର ଅମୂଲ୍ୟ ସମ୍ପଦରୂପେ ବିବେଚନା କରାଯିବା ଉଚିତ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ:୯୯୩୭୪୫୦୫୪୦**

# ଭିତ୍ତିଭୂମି ନିର୍ମାଣର ଉତ୍ତରଦାୟିତ୍ୱ



ଡ. ପ୍ରମୋଦ କୁମାର ପଣ୍ଡା

ବିଖ୍ୟାତ ଅର୍ଥନୀତି ପ୍ରଫେସର ଲିଓନେଲ ରୋବିନସଙ୍କ ମତରେ ମନୁଷ୍ୟର ଆବଶ୍ୟକତା ଅସୀମିତ ଓ ସେହି ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ସମ୍ବଳ ସର୍ବଦା ସୀମିତ। ଏହା ଯେ କେବଳ ବ୍ୟକ୍ତିବିଶେଷ ପାଇଁ ପ୍ରଯୁଜ୍ୟ ତାହା ନୁହେଁ, ଏହା ଗ୍ରାମପଞ୍ଚାୟତଠୁ ଆରମ୍ଭକରି ଜିଲା, ରାଜ୍ୟ, ଦେଶ ଓ ବିଶ୍ୱସ୍ତର ପାଇଁ ପ୍ରଯୁଜ୍ୟ। ଆମ ରାଜ୍ୟ ଓଡ଼ିଶା ଭାରତବର୍ଷର ଅଷ୍ଟମ ବୃହତ୍ତମ ରାଜ୍ୟ ହେଲେ ମଧ୍ୟ ମୁଣ୍ଡ ପିଛା ଘରୋଇ ଉତ୍ପାଦରେ (୨୦୨୧-୨୨) ଆମେ ଦେଶର ରାଜ୍ୟଗୁଡ଼ିକ ତାଲିକାରେ ୧୭ତମ ସ୍ଥାନରେ ଅଛୁ। ସେହିପରି ଆମର ନାନାବିଧ ବିକାଶ କାର୍ଯ୍ୟକ୍ରମ ବଜାୟ ରଖିବା ପାଇଁ ଆମ ରାଜ୍ୟରେ ପର୍ଯ୍ୟାପ୍ତ ସମ୍ବଳ ଅଭାବରୁ ଆମକୁ ପ୍ରତିବର୍ଷ ଋଣ କରିବାକୁ ପଡୁଛି। ରାଜ୍ୟର ସମସ୍ତ ଋଣକୁ ହିସାବକୁ ନେଲେ, ଜଣାଯାଏ ଯେ ୨୦୨୧-୨୨ରେ ଆମର ମୁଣ୍ଡପିଛା ଋଣ ଟ୨୨୦୪୨.୦୦ ଥିଲା। ଅର୍ଥାତ ଓଡ଼ିଶାର ପ୍ରତ୍ୟେକ ଅଧିବାସୀ ସେ ଧନୀ ହୁଅନ୍ତୁ କିମ୍ବା ଗରିବ ହୁଅନ୍ତୁ ସମସ୍ତଙ୍କ ମୁଣ୍ଡରେ ଟ ୨୨୦୪୨.୦୦ର ଋଣ ଲଦା ହୋଇଛି ଓ ଏହା ପ୍ରତିବର୍ଷ ବଢ଼ିବାରେ ଲାଗିଛି, ଯାହାକୁ ବର୍ତ୍ତମାନ ଓ ଭବିଷ୍ୟତରେ ସରକାରଙ୍କୁ ପରିଶୋଧ କରିବାକୁ ପଡ଼ିବ ସୁଧ ମୂଳ ସହିତ। ଏହି ବୋଝ ମଧ୍ୟ ରାଜ୍ୟବାସୀଙ୍କୁ ବୋହିବାକୁ ପଡ଼ିବ ବର୍ଦ୍ଧିତ ଟିକସ ହିସାବରେ। ସମସ୍ତ ଜନସାଧାରଣ ଏ ବିଷୟରେ ଅବଗତ ହେବା ଜରୁରୀ। ପ୍ରଶ୍ନ ଉଠେ , ଆମର ଯେଉଁ ସୀମିତ ସମ୍ବଳ ଅଛି, ସେ ସବୁର ସଦୁପଯୋଗ ହେଉଛି ତ ? କାରଣ ଯେତେ ଟଙ୍କା ଥିଲେ ବି ସେ ସବୁର ସଦୁପଯୋଗ ନ ହେଲେ, ନିଅଣ୍ଟ ପଡ଼ିବା ସାଭାବିକ।

ଆଉ ଏକ କଥା ହେଲା, ବିକାଶ ପାଇଁ ଯେଉଁ ଋଣ କରୁଛୁ ତା'ର ସଦୁପଯୋଗ ହେଉଛି ତ? ସାଧାରଣତଃ ଋଣ ଟଙ୍କାରେ ସେ ସବୁ କାର୍ଯ୍ୟ କରିବା ଉଚିତ, ଯଦ୍ୱାରା ଏହା ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେବ। ଅନ୍ୟ ଅର୍ଥରେ ଆମେ ଋଣ ଟଙ୍କାକୁ ଏମିତି ବିନିଯୋଗ କରିବା ଉଚିତ, ଯେଉଁଥିରୁ ଜିନିଷ ଓ ରୋଜଗାର ସୃଷ୍ଟି ହୋଇପାରିବ? ତା' ନ କରି ଯଦି ଆମେ ସ୍ଥୂଳ ନିବେଶ ବା ଅଳସୁଆ ନିବେଶ କରିବା, ସେଥିରୁ ଆଉ ଜିନିଷ ବା ଦ୍ରବ୍ୟ ଓ ରୋଜଗାର ସୃଷ୍ଟି ହେବ ନାହିଁ। ଫଳରେ ରାଜ୍ୟ ଅର୍ଥନୀତିରେ ଆଉ ବୃଦ୍ଧି ହେବ ନାହିଁ। ସେ ଯାହା ହେଉ ଗୋଟିଏ କଥାରେ ସମସ୍ତେ ସହମତ ହେବେ ଯେ, ରାଜ୍ୟର ନିଜସ୍ୱ ହେଉ କିମ୍ବା ଋଣ ଟଙ୍କା ହେଉ, ସବୁ ସମ୍ବଳର ସୁବିନିଯୋଗ ହେବା ଆବଶ୍ୟକ। ମାତ୍ର ଆଜି ଯଦି ଆମର ନାନାବିଧ ଖର୍ଚ୍ଚ ଓ ତା'ର ଉପଯୋଗିତାର ବାସ୍ତବତାକୁ ବିଶ୍ଲେଷଣ କରିବା, ଆପଣ ମୁଣ୍ଡରେ ହାତ ଦେବେ।

ବ୍ରିଟିଶ ଶାସନ ସମୟରେ ଟେକ୍ନୋଲୋଜି ସେତେଟା ବିକଶିତ ହୋଇ ନ ଥିଲା। ସେମାନେ ନିଜ ଦେଶରେ କାର୍ଯ୍ୟ ନ କରି ଆମ ଦେଶରେ କରୁଥିଲେ। ମାତ୍ର ତାଙ୍କ ସମୟରେ ନିର୍ମିତ ପାର୍ଲାମେଣ୍ଟ ଭବନ, ରାଷ୍ଟ୍ରପତି ଭବନ ଓ ହାୱଡା ପୋଲ ଭଳି ବଡ଼ ବଡ଼ ନଦୀର ପୋଲ ଶହ ଶହ ବର୍ଷ ପରେ ଅତୁଟ ରହିଛି। କିନ୍ତୁ ସ୍ୱାଧୀନ ଭାରତରେ ଭାରତୀୟଙ୍କ ଦ୍ୱାରା ନିର୍ମିତ ପୋଲ କିମ୍ବା ରାସ୍ତା କିମ୍ବା ବିଲ୍‌ଡିଂ ଅକ୍ଷୁଣ୍ଣ ଭାବରେ ୧୦-୨୦ ବର୍ଷ ଚାଲିବା ମୁସ୍କିଲ ହେଉଛି। ଏହାର ମୁଖ୍ୟ କାରଣ ହେଉଛି ଆମର ଭ୍ରଷ୍ଟାଚାର ଓ ନିମ୍ନମାନର କାର୍ଯ୍ୟ। କାରଣ ଆମେ ଭିତ୍ତିଭୂମି ନିର୍ମାଣର ନ୍ୟୂନତମ ସ୍ଥାୟିତ୍ୱ ନିର୍ଦ୍ଧାରିତ କରୁନାହାନ୍ତି କିମ୍ବା ନିମ୍ନମାନର କାର୍ଯ୍ୟ ପାଇଁ ଦଣ୍ଡ ବ୍ୟବସ୍ଥା କରୁନାହାନ୍ତି। ରାଜ୍ୟରେ ଶହେ ବର୍ଷରୁ ପୁରୁଣା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୋଠା ସଗର୍ବେ ଐତିହାସିକ କୀର୍ତ୍ତି ପାଳୁଥିବା ବେଳେ ବର୍ତ୍ତମାନ ନିର୍ମିତ ହେଉଥିବା ସ୍କୁଲ, କଲେଜ ଓ ଅଫିସ ଗୃହରୁ କିଛି ଦିନ ପରେ ପାଣି ଗଳିବା ଦୁଃଖଦାୟକ ଘଟଣା। ଏ ବ୍ୟାଧିରୁ ଆମକୁ ମୁକ୍ତି ପାଇବାକୁ ପଡ଼ିବ। ଏଥିପାଇଁ ବିଶେଷଜ୍ଞ କମିଟି ଦ୍ୱାରା ଭିନ୍ନ ଭିନ୍ନ କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ନ୍ୟୂନତମ ଗ୍ୟାରେଣ୍ଟିଡ ଅବଧି ନିର୍ଦ୍ଧାରଣ କରିବାକୁ ପଡ଼ିବ। ସେହି ଅବଧି ମଧ୍ୟରେ ଭିତ୍ତିଭୂମିର କ୍ଷୟକ୍ଷତି ପାଇଁ ନିର୍ମାତା କଣ୍ଟ୍ରାକ୍ଟରକୁ ଉତ୍ତରଦାୟୀ କରାଯିବା ସହିତ କ୍ଷତିପୂରଣ ଭରଣା ପାଇଁ ତା'ର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବ୍ୟବହାର କରିବା ପାଇଁ ଆଇନ ପ୍ରଣୟନ କରିବାକୁ ପଡ଼ିବ। ଏପରି ହେଲେ କଣ୍ଟ୍ରାକ୍ଟରଙ୍କ ମନରେ ଭୟ ସଂଚାର ହେବ ଓ ସେମାନେ ଗୁଣବତ୍ତା ନିର୍ମାଣ ଉପରେ ଧ୍ୟାନ ଦେବେ। ଫଳରେ ଆମର ବିତ୍ତୀୟ ସମ୍ପତ୍ତିର ଦୁରୁପଯୋଗ ନ ହୋଇ ସଦୁପଯୋଗ ହେବ। ଏକ କାମ ପାଇଁ ଆମକୁ ବାରମ୍ବାର ଉଧାର ନେବାକୁ ପଡ଼ିବ ନାହିଁ।



ଆଉ ଏକପ୍ରକାର ସମ୍ବଳ ଅପଚୟ ହେଉଛି ଭିତ୍ତିଭୂମି ନିର୍ମାଣ କରିବା ପରେ ତାକୁ ତାଲା ପକାଇ ରଖିବା କିମ୍ବା ଅଧାପନ୍ତରିଆ କରି ଛାଡ଼ିଦେବା। ସର୍ବସାଧାରଣ ଶୌଚାଳୟ ନିର୍ମାଣ କରି ତାକୁ ତାଲା ପକାଇ ରଖିବା। ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ତାକୁ ଚାଲୁ ନ କରିବା। ସରକାରୀ ବସ୍ କିଣି ନ ଚଳାଇ ଖତ ଖୁଆଇବା। ଜଳସେଚନ ପ୍ରକଳ୍ପକୁ ଅଧାପନ୍ତରିଆ କରି ଛାଡ଼ିଦେବା। ନିରାଶ୍ରୟ ଗୃହ ନିର୍ମାଣ କରି ତାଲା ପକାଇ ରଖିବା। ବସ୍ଷ୍ଟାଣ୍ଡ ନିର୍ମାଣ କରି ସେଠାକୁ ବସ ନ ନେବା। କୌଣସି କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ ନ କରି ବଜେଟ ବଢ଼ାଇବା ପାଇଁ ଅହେତୁକ ବିଳମ୍ବ କରିବା। ଏ ସବୁ କରିବା ଦ୍ୱାରା ଶହ ଶହ କୋଟି ଟଙ୍କାର ଭିତ୍ତିଭୂମି ବ୍ୟବହାର ନ ହୋଇ ନଷ୍ଟ ହେବାରେ ଲାଗୁଛି। ତାକୁ ପୁଣି ସଜାଡ଼ିବା ପାଇଁ କୋଟି କୋଟି ଟଙ୍କାର ଆବଶ୍ୟକତା ପଡୁଛି। ଏ ସବୁ ନିବେଶରୁ କିଛି ସୁଫଳ ମିଳୁନି। କରଦାତାଙ୍କ କଷ୍ଟ ଉପାର୍ଜିତ ଧନ ଅଯଥାରେ ବରବାଦ ହେଉଛି। ତେଣୁ ଯେଉଁ ଅଧିକାରୀ କିମ୍ବା ବିଭାଗ ସେପରି ଯୋଜନା ବା ଭିତ୍ତିଭୂମି ନିର୍ମାଣ ପାଇଁ ସୁପାରିସ ଓ ମଞ୍ଜୁରୀ ପ୍ରଦାନ କରିଛନ୍ତି, ସେମାନଙ୍କୁ ଉତ୍ତରଦାୟୀ କରାଯିବାର ଆବଶ୍ୟକତା ରହିଛି ଯେତେବେଳେ ସେଗୁଡ଼ିକ ବ୍ୟବହାର ନ ହୋଇ ପଡ଼ିରହୁଛି ବର୍ଷ ବର୍ଷ। ସେହି ଅଫିସରମାନଙ୍କଠୁ କ୍ଷତିପୂରଣ ଭରଣାର ବ୍ୟବସ୍ଥା କରାଗଲେ ଆବଶ୍ୟକତା ନ ଥାଇ ଖର୍ଚ୍ଚ କରାଯାଉଥିବା କାର୍ଯ୍ୟରେ ବିରାମ ଲଗାଯାଇ ପାରିବ ଓ ଯେଉଁ କାର୍ଯ୍ୟଗୁଡ଼ିକର ଆବଶ୍ୟକତା ଅଛି ତାକୁ କାର୍ଯ୍ୟ ସମାପ୍ତି ପରେ ତୁରନ୍ତ ବ୍ୟବହାରରେ ଲଗାଯାଇପାରିବ। ତେଣୁ ଆସନ୍ତୁ ସମସ୍ତେ ମିଶି ଭିତ୍ତିଭୂମି ନିର୍ମାଣରେ ଉତ୍ତରଦାୟିତ୍ୱ ସ୍ଥିର କରି କରଦାତାଙ୍କ ଅର୍ଥର ଅପଚୟ ରୋକିବା ସହିତ ସେଗୁଡ଼ିକର ପୂର୍ଣ୍ଣ ଉପଯୋଗିତା ବା ବ୍ୟବହାର ସୁନିଶ୍ଚିତ କରିବା ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା।

**ଶ୍ୟାମଚାନ୍ଦ ପାଟଣା, ଭଦ୍ରକ**
**ମୋ:୮୯୧୭୪୨୬୪୪୦**

## ଏଇ ଭାରତରେ

ପରିଣତ ବୟସରେ ବିଶ୍ରାମ ଶରୀର ପାଇଁ ଅପରିହାର୍ଯ୍ୟ। କିନ୍ତୁ ଦିଲ୍ଲୀର ଏକ ଦମ୍ପତି ଯୋଗେଶ୍ୱର ଓ ସୁଷମା ଭାଲ୍ଲାଙ୍କ ନିଆରା ସଉକ ସେମାନଙ୍କ ବୟସକୁ ପଛରେ ପକାଇ ଦେଇଛି। ବୟସ ସେମାନଙ୍କ ପାଇଁ ଏକ ସଂଖ୍ୟା ପାଲଟିଛି। ଯୋଗେଶ୍ୱରଙ୍କ ବୟସ ୭୩ ହୋଇଥିବାବେଳେ ସୁଷମାଙ୍କ ବୟସ ୬୯। ସେମାନେ ବିବାହ ପରେ ହନିମୁନ ଲାଗି ପ୍ରଥମେ ବାଇକ୍‌ରେ ଶ୍ରୀନଗର ଯାଇଥିଲେ। ପରେ ଯୋଗେଶ୍ୱର ଚାକିରିରୁ ଶୀଘ୍ର ଅବସର ନେଇ ତାଙ୍କ ବାଇକ୍ ଯାତ୍ରା ଆରମ୍ଭ କରିଥିଲେ। ସେମାନେ ଏକାଠି ରୟାଲ ଏନ୍‌ଫିଲ୍ଡ ବୁଲେଟ୍‌ରେ ଭୁଟାନ, ନେପାଳ, ଲେହ, ଲଦାଖ ବୁଲିସାରିଛନ୍ତି। କେବଳ ଏତିକି ନୁହେଁ, ଏହି ଦମ୍ପତି ବେଲ୍‌ଜିୟମ, ଦୁବାଇ, ଫ୍ରାନ୍ସ, କାତାର, ରୋମ, ସିଙ୍ଗାପୁର, ଇଂଲଣ୍ଡ, ସ୍କଟ୍‌ଲାଣ୍ଡ, ତୁର୍କୀ, ଭିଏନା ସମେତ ୨୨ଟି ଦେଶ ଭ୍ରମଣ କରିସାରିଲେଣି। ପରିଣତ ବୟସରେ ଯୋଗେଶ୍ୱରଙ୍କ ଏପରି ଦୁର୍ବାର ପ୍ରୟାସକୁ ସମସ୍ତେ ତାରିଫ କରନ୍ତି। ୨୦୨୧ରେ ଯୋଗେଶ୍ୱରଙ୍କ ଆଣ୍ଠୁ ରିପ୍ଲେସ୍‌ମେଣ୍ଟ ସର୍ଜରି ହୋଇଥିଲା। ସମସ୍ତେ ଭାବିଥିଲେ ସେ ଆଉ ଦୂର ଯାତ୍ରାକୁ ମନ ବଳାଇବେ ନାହିଁ। ହେଲେ ସେ କିଛିଦିନର ବିରତି ପରେ ପୁଣି ସାହାସ ଜୁଟାଇଥିଲେ। ଏବେ ସେ ସଫଳତା ପୂର୍ବତକ ଦୂରଯାତ୍ରା ଜାରି ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ଡିସେମ୍ବର ୧୯୭୪

- ଭୟାବହ ଅଗ୍ନିକାଣ୍ଡରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍‌ର ପଣସପଦା ଗ୍ରାମଟି ସମ୍ପୂର୍ଣ୍ଣ ଧ୍ୱଂସ ପାଇବା ସହ ୨ ଶହ ପରିବାର ବାସହରା।
- ଦଳ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗରେ ଜନସଂଘର ବିଶିଷ୍ଟ କାର୍ଯ୍ୟକାରୀ କମିଟି ସଭ୍ୟ ଶେଖ ରହମନ ଦଳରୁ ବହିଷ୍କୃତ।
- ମନୁଷ୍ୟକୃତ ସର୍ବାଧିକ ଦ୍ରୁତଗାମୀ ମହାକାଶ ଯାନ 'ପାୟୋନିଅର-୧୧' ଶନି ଗ୍ରହର ମାଧ୍ୟାକର୍ଷଣ ମଧ୍ୟରେ ପ୍ରବେଶ କରିଛି।

## ଚିରନ୍ତନୀ

ପାଇବାକୁ ଫେରି ଯୁଝିଲେ ଧରି ସେ ଜିଦି
ଡିଆଗିଲେ ତନୁ କେତେ ଅମୂଲ୍ୟ ନିଧି
ଅସ୍ତ୍ର ବିହୀନ ଶୂନ୍ୟ ହାତରେ
ପତାଇଲେ ଛାତି ଯେହୁଁ ଅକାତରେ
ବତାଇଲେ ଆମେ ବିନା କମାଣରେ
ଟାଳିବୁଁ ପ୍ରାଚୀନ ବିଧି
ଢାଳିଦେଲେ ପ୍ରାଣ କେତେ ଅମୂଲ୍ୟ ନିଧି।
-(ଭାରତ ଆସିବ ଫେରି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | | | | 6 |
| | | | | | 9 | | | |
| | 5 | 7 | | 6 | | 2 | | 4 |
| | 4 | 2 | 3 | 1 | | 7 | | |
| | | | 7 | | | 4 | | |
| | 1 | 5 | | | | | | 2 |
| | 3 | | | | 7 | | 9 | |
| | | 1 | | | | | | |
| | | 8 | | | 6 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 7 | 3 | 1 | 6 | 9 | 4 | 5 |
| 4 | 1 | 6 | 7 | 5 | 9 | 3 | 2 | 8 |
| 9 | 5 | 3 | 8 | 2 | 4 | 1 | 7 | 6 |
| 5 | 9 | 4 | 6 | 8 | 2 | 7 | 3 | 1 |
| 6 | 7 | 2 | 4 | 3 | 1 | 8 | 5 | 9 |
| 1 | 3 | 8 | 5 | 9 | 7 | 4 | 6 | 2 |
| 8 | 6 | 9 | 2 | 7 | 3 | 5 | 1 | 4 |
| 7 | 4 | 1 | 9 | 6 | 5 | 2 | 8 | 3 |
| 3 | 2 | 5 | 1 | 4 | 8 | 6 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶାନ୍ତିପୂର୍ଣ୍ଣ ନିର୍ବାଚନ ହେଉ

ମହାଶୟ,

ସାଧାରଣ ନିର୍ବାଚନ ଲାଗୁ ସବୁ ଦଳ କସରତ ଆରମ୍ଭ କରିଦେଲେଣି। ବିଶେଷକରି ଶାସକ ବିଜୁ ଜନତା ଦଳ ଗ୍ରାମରୁ ସହର ପର୍ଯ୍ୟନ୍ତ ସଭାସମିତି କରି ଜନସମ୍ପର୍କ ଜାରି ରଖିଛନ୍ତି। ରାଜ୍ୟର ମୁଖ୍ୟ ବିରୋଧୀ ଦଳ ଭାରତୀୟ ଜନତା ପାର୍ଟି ବ୍ଲକରୁ ରାଜଧାନୀ ପର୍ଯ୍ୟନ୍ତ ଧାରଣା ବିକ୍ଷୋଭ କରି ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି କରିବାକୁ ପ୍ରୟାସ ଚଳାଇଛି। ଅନ୍ୟପକ୍ଷରେ କଂଗ୍ରେସ ଜନମତକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଥିଲେ ମଧ୍ୟ ଭୋଟ ସଂଗ୍ରହ କରିବାରେ ବ୍ୟର୍ଥ ହୋଇଛି। ଗଣମାଧ୍ୟମରେ କଂଗ୍ରେସର ଦବ୍‌ଦବା ପରିଲକ୍ଷିତ ହେଉଥିଲେ ମଧ୍ୟ ତୃଣମୂଳସ୍ତରରେ ବିଶେଷ ପ୍ରଭାବ ଅନୁଭୂତ ହେଉନାହିଁ। ଭାଜପା ଓ କଂଗ୍ରେସ ପରସ୍ପର ଆକ୍ଷେପ ପ୍ରତି ଆକ୍ଷେପ ଚଳାଇଥିବା ବେଳେ ବିଜେଡି ସାଙ୍ଗଠନିକ ଶକ୍ତି ବୃଦ୍ଧି କରିବାରେ ଲାଗିପଡିଛି। ରାଜ୍ୟରେ ଆଇନଶୃଙ୍ଖଳା, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଖଣି, ପାଣି, କଳକାରଖାନାରେ ନିଯୁକ୍ତି ନେଇ ବିରୋଧୀ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାରେ ବ୍ୟର୍ଥ ହୋଇଛନ୍ତି କହିଲେ ଭୁଲ୍ ହେବ ନାହିଁ। ମିରୋରାମ ଭଳି କେତେକ ହାତଗଣତି ରାଜ୍ୟ ବିନା ହୋହଲ୍ଲାରେ ନିର୍ବାଚନ କରିଥିବା ବେଳେ ଅନ୍ୟାନ୍ୟ ରାଜ୍ୟରେ ଏହାର ବ୍ୟତିକ୍ରମ ଦେଖାଯାଇଥିଲା। ଶାନ୍ତିପୂର୍ଣ୍ଣ ନିର୍ବାଚନ ସବୁ ଦଳର ଧ୍ୟେୟ ହେବା ଉଚିତ।

**-ଚୌଧୁରୀ ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ରାଜସ୍ଥାନରେ ଭାଜପାର ବିଜୟ ଖବର ଆସିବା ପରେ ଜୟପୁରସ୍ଥିତ ଦଳୀୟ ମୁଖ୍ୟାଳୟ ବାହାରେ କର୍ମୀ ଓ ସମର୍ଥକମାନେ ଉତ୍ସବ ମନାଉଛନ୍ତି।




ତେଲଙ୍ଗାନା ନିର୍ବାଚନରେ କଂଗ୍ରେସର ଐତିହାସିକ ବିଜୟ ଖବର ପ୍ରକାଶ ପାଇବା ପରେ ହାଇଦ୍ରାବାଦର ଗାନ୍ଧୀଭବନ ବାହାରେ ଦଳୀୟ ନେତା ଓ କର୍ମୀମାନେ ବିଜୟ ଉତ୍ସବ ପାଳନ କରୁଛନ୍ତି।

## ପ୍ରମୁଖ ବିଜୟୀ ପ୍ରାର୍ଥୀ


କମଳ ନାଥ (କଂଗ୍ରେସ) ଛିନ୍ଦୱାରା


ନରେନ୍ଦ୍ର ସିଂ ତୋମାର (ଭାଜପା) ଡିମାନୀ


ରାଜେନ୍ଦ୍ର ଭାରତୀ (କଂଗ୍ରେସ) ଡାଟିଆ


କୈଳାସ ବିଜୟଭର୍ଗୀୟ (ଭାଜପା)ଇନ୍ଦୋର


ବସୁନ୍ଧରା ରାଜେ (ଭାଜପା) ଝାଲପାଟଣା


ଅଶୋକ ଗେହଲଟ (କଂଗ୍ରେସ)ସର୍ଦ୍ଦାରପୁର


ରାଜ୍ୟବର୍ଦ୍ଧନ ସିଂ ରାଠୋର (ଭାଜପା) ଝୋଟୱାରା


ସଚିନ ପାଇଲଟ (କଂଗ୍ରେସ) ଟୋଙ୍କ


କିରୋଡିଲାଲ୍ ମୀନା(ଭାଜପା) ସାୱାରି ମାଧୋପୁର


କେ. ଚନ୍ଦ୍ରଶେଖର ରାଓ (ବିଆର୍‌ଏସ୍) ଗଜୱେଲ


କେ.ଟି. ରାମାରାଓ (ବିଆର୍‌ଏସ୍) ସିର୍‌ସିଲା


ରେଭନ୍ତ ରେଡ୍ଡୀ (କଂଗ୍ରେସ) ବୋଡ଼ାଙ୍ଗଲ


ଆକବରୁଦ୍ଦିନ ଓୱାଇସି (ଏଆଇଏମ୍‌ଆଇଏମ୍) ଚନ୍ଦ୍ରୟାଙ୍ଗୁଟା


ଭୂପେଶ ବଘେଲ(କଂଗ୍ରେସ) ପଟାନ


ରମଣ ସିଂ(ଭାଜପା) ରାଜନନ୍ଦଗାଁଓ

## ପ୍ରମୁଖ ପରାଜିତ ପ୍ରାର୍ଥୀ


ନରୋତ୍ତମ ମିଶ୍ର (ଭାଜପା) ଡାଟିଆ


ସି.ପି. ଜୋଷୀ (କଂଗ୍ରେସ)ନାଥଦ୍ୱାର


କେ.ସି.ଆର୍ (ବିଆର୍‌ଏସ୍) କାମାରେଡ୍ଡୀ


ବନ୍ଦି ସଞ୍ଜୟ କୁମାର (ଭାଜପା) କରିମନଗର


ଟି.ଏସ୍. ସିଂଦେଓ (କଂଗ୍ରେସ) ଅମ୍ବିକାପୁର


ଅମିତ୍ ଯୋଗୀ (କଂଗ୍ରେସ) ପଟାନ

# ତେଲଙ୍ଗାନାରେ କଂଗ୍ରେସ ବିଜୟ ପଛରେ ସୁନୀଲ କନୁଗୋଲୁ

**ନୂଆଦିଲ୍ଲୀ,୩।୧୨**



ତେଲଙ୍ଗାନାରେ କଂଗ୍ରେସକୁ ବିସ୍ମୟଜନକ ଭାବେ ବିଜୟୀ କରାଇ ସୁନୀଲ କନୁଗୋଲୁ ପୁଣିଥରେ ନିଜକୁ ଜଣେ ସଫଳ ନିର୍ବାଚନୀ ରଣନୀତିକାର ଭାବେ ପ୍ରମାଣିତ କରିଛନ୍ତି। କର୍ଣାଟକରେ କଂଗ୍ରେସ କ୍ଷମତାକୁ ଆଣିବାର ମୁଖ୍ୟ ବିନ୍ଧାଣୀର ଭୂମିକା ନେଇଥିବା କନୁଗୋଲୁ ଅଳ୍ପ କେତେମାସ ହେଲା ତେଲଙ୍ଗାନାରେ ସର୍ବପୁରାତନ ଦଳର ନିର୍ବାଚନ ଦାୟିତ୍ୱ ନେଇଥିଲେ।

ପ୍ରଶାନ୍ତ କିଶୋରଙ୍କ ଆଇ-ପିଏସିରୁ କାମ ଆରମ୍ଭ କରିଥିବା କନୁଗୋଲୁ କର୍ଣାଟକରେ କଂଗ୍ରେସକୁ ବିଜୟୀ କରାଇବା ପରେ ସିଦ୍ଧାରାମାୟା ସରକାରରେ କ୍ୟାବିନେଟ୍ ପାହ୍ୟା ପାଇଥିଲେ। ଏଥର ତେଲଙ୍ଗାନାରେ କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ବିଆର୍‌ଏସ୍ ସରକାରକୁ କ୍ଷମତାରୁ ହଟାଇବା ପାଇଁ କନୁଗୋଲୁ ଏବଂ ତେଲଙ୍ଗାନା ପିସିସି ସଭାପତି ଏ. ରେଭନ୍ତ ରେଡ୍ଡୀ ଦଳ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ହିନ୍ଦୀ ଭାଷାଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ରାଜସ୍ଥାନରେ କଂଗ୍ରେସ ପରାଜିତ ହୋଇଥିବାବେଳେ ତେଲଙ୍ଗାନାରେ ବିଜୟ ହାସଲ କରିପାରିଛି। କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱର ନିର୍ଦ୍ଦେଶକ୍ରମେ କନୁଗୋଲୁ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ରଣନୀତି ପ୍ରସ୍ତୁତ କରିବାକୁ ଆଗେଇ ଆସିଥିଲେ ମଧ୍ୟ ଆଞ୍ଚଳିକ ନେତା ଅଶୋକ ଗେହଲଟ୍ ଏବଂ କମଲ ନାଥଙ୍କ ସମର୍ଥନ ପାଇ ନ ଥିଲେ। ସେ ରାଜସ୍ଥାନରେ ବିଜୟ ସମ୍ଭାବ୍ୟ ଦଳୀୟ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନାକୁ ନେଇ କରିଥିବା ଆକଳନକୁ ଗେହଲଟ ଗ୍ରହଣ କରି ନ ଥିଲେ।

# ଭାଜପା ଶାସିତ ରାଜ୍ୟ ୧୨କୁ ବଢ଼ିବ

**ନୂଆଦିଲ୍ଲୀ,୩।୧୨**

ଭାଜପା ୩ଟି ରାଜ୍ୟରେ ବିଜୟୀ ହୋଇ ସରକାର ଗଢ଼ିବାକୁ ଯାଉଥିବାବେଳେ ଏହି ଦଳ ଶାସନାଧୀନ ରାଜ୍ୟ ସଂଖ୍ୟା ୧୨କୁ ବୃଦ୍ଧି ପାଇବାକୁ ଯାଉଛି। ଅନ୍ୟପକ୍ଷରେ ଦ୍ୱିତୀୟ ସର୍ବବୃହତ୍ ଜାତୀୟ ଦଳ କଂଗ୍ରେସ ରାଜସ୍ଥାନ ଓ ଛତିଶଗଡ଼ରେ ପରାଜିତ ହେବା ପରେ ଏହି ଦଳ ମାତ୍ର ୩ ରାଜ୍ୟରେ କ୍ଷମତାରେ ରହିବ। ଦିଲ୍ଲୀ ଓ ପଞ୍ଜାବରେ କ୍ଷମତାରେ ଥିବା ଆମ୍ ଆଦ୍‌ମୀ ପାର୍ଟି ତୃତୀୟ ଜାତୀୟ ଦଳର ପରିଚୟ ହାସଲ କରିଛି। ଭାଜପା ଏବେ ଉତ୍ତରାଖଣ୍ଡ, ହରିୟାଣା, ଉତ୍ତରପ୍ରଦେଶ, ଗୁଜରାଟ, ଗୋଆ, ଆସାମ, ତ୍ରିପୁରା, ମଣିପୁର, ଅରୁଣାଚଳପ୍ରଦେଶରେ କ୍ଷମତାରେ ଥିବାବେଳେ ମଧ୍ୟପ୍ରଦେଶରେ କ୍ଷମତା ବଜାୟ ରଖିଛି। ଏଥିସହିତ ରାଜସ୍ଥାନ ଓ ଛତିଶଗଡ଼ରେ ଦଳ ସରକାର ଗଢ଼ିବାକୁ ଯାଉଛି। ଏହା ବ୍ୟତୀତ ମହାରାଷ୍ଟ୍ର, ମେଘାଳୟ, ନାଗାଲାଣ୍ଡ ଏବଂ ସିକିମ୍‌ରେ ଭାଜପା ଅନ୍ୟ ଦଳ ସହ ମିଶି ସରକାରରେ ରହିଛି। କଂଗ୍ରେସ ଏବେ କର୍ଣାଟକ ଓ ହିମାଚଳପ୍ରଦେଶରେ ଶାସନରେ ରହିଥିବାବେଳେ ତେଲଙ୍ଗାନାରେ ବିଆର୍‌ଏସ୍‌କୁ ହରାଇ ସରକାର ଗଢ଼ିବାକୁ ଯାଉଛି।

# ତେଲଙ୍ଗାନା ପୋଲିସ ଡିଜି ନିଲମ୍ବିତ

**ହାଇଦ୍ରାବାଦ,୩।୧୨**

ଭୋଟଗଣତିବେଳେ ତେଲଙ୍ଗାନା କଂଗ୍ରେସ ସଭାପତି ରେଭନ୍ତ ରେଡ୍ଡୀଙ୍କୁ ଭେଟିଥିବା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଞ୍ଜାନୀ କୁମାରଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ନେଇ ଡିଜିପି ଏବଂ ଅନ୍ୟ ୨ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ବାଚନ କମିଶନ ସ୍ପଷ୍ଟୀକରଣ ମାଗିଥିଲେ। ରବିବାର ଅଞ୍ଜାନୀ ଓ ଅନ୍ୟ ଦୁଇ ପୋଲିସ ଅଫିସର ଫୁଲତୋଡ଼ା ଧରି କଂଗ୍ରେସି ରେଡ୍ଡୀଙ୍କୁ ତାଙ୍କ ହାଇଦ୍ରାବାଦ ବାସଭବନରେ ଭେଟୁଥିବାର ଫଟୋ ଭାଇରାଲ ହୋଇଥିଲା।

# ନୋଟାକୁ ୧%ରୁ କମ୍ ଭୋଟ

**ନୂଆଦିଲ୍ଲୀ,୩।୧୨(ପି.ଟି.)**




ଏଥର ବିଧାନସଭା ନିର୍ବାଚନରେ 'ନନ୍ ଅଫ୍ ଦି ଏବଭ୍' (ନୋଟା) ବିକଳ୍ପକୁ ଖୁବ୍ କମ୍ ଭୋଟର ବାଛିଛନ୍ତି। ରାଜସ୍ଥାନ, ମଧ୍ୟପ୍ରଦେଶ ଓ ତେଲଙ୍ଗାନାରେ ନୋଟାକୁ ଯାଇଥିବା ଭୋଟ ହାର ୧ ପ୍ରତିଶତରୁ କମ୍ ହୋଇଥିବାବେଳେ ଛତିଶଗଡ଼ରେ ୧.୨୯ ପ୍ରତିଶତ ଭୋଟର ଏହି ବଟନ୍ ଚିପିଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି। ମଧ୍ୟପ୍ରଦେଶରେ ମୋଟ ୭୭.୧୫ ପ୍ରତିଶତ ମତଦାନ ହୋଇଥିବାବେଳେ ୦.୯୯ ପ୍ରତିଶତ ନୋଟା ବିକଳ୍ପ ବାଛିଥିଲେ। ସେହିପରି ଛତିଶଗଡ଼ରେ ୭୬.୩ ପ୍ରତିଶତ ଭୋଟିଂ ହୋଇଥିବାବେଳେ ନୋଟାକୁ ୧.୨୯ ପ୍ରତିଶତ ଭୋଟ ଯାଇଥିଲା। ତେଲେଙ୍ଗାନାରେ ମୋଟ ୭୧.୧୪ ପ୍ରତିଶତ ମତଦାନ ହୋଇଥିବାବେଳେ ନୋଟାକୁ ୦.୭୪ ପ୍ରତିଶତ ଚୟନ କରିଥିଲେ। ସେହିପରି ରାଜସ୍ଥାନରେ ୭୪.୬୨ ପ୍ରତିଶତ ଭୋଟିଂ ହୋଇଥିବାବେଳେ ନୋଟା ବିକଳ୍ପକୁ ୦.୯୬ ପ୍ରତିଶତ ବାଛିଥିଲେ।

# ତାପି ଉପନିର୍ବାଚନରେ ଏନ୍‌ଡିପିପି ପ୍ରାର୍ଥୀ ବିଜୟୀ

**କୋହିମା,୩।୧୨**

ନାଗାଲାଣ୍ଡର ମୋନ୍ ଜିଲା ଅନ୍ତର୍ଗତ ତାପି ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ଶାସକ ଏନ୍‌ଡିପିପି ପ୍ରାର୍ଥୀ ୱାଙ୍ଗ୍‌ପାଙ୍ଗ କୋନ୍ୟକ ବିଜୟୀ ହୋଇଛନ୍ତି। ସେ କଂଗ୍ରେସର ୱାଙ୍ଗଲେମ୍ କୋନ୍ୟକଙ୍କୁ ୫,୩୩୩ ଭୋଟରେ ପରାଜିତ କରିଛନ୍ତି। ନଭେମ୍ବର ୭ରେ ତାପି ଆସନ ଲାଗି ହୋଇଥିବା ଉପନିର୍ବାଚନରେ ୯୬.୨୫% ଭୋଟିଂ ହୋଇଥିଲା। ଗତ ଅଗଷ୍ଟ ୨୮ରେ ଏନ୍‌ଡିପିପି ବିଧାୟକ ନୋକ୍ ୱାଙ୍ଗନାଓଙ୍କ ପରଲୋକ ଯୋଗୁ ଉକ୍ତ ଆସନରେ ଉପନିର୍ବାଚନ ଆବଶ୍ୟକ ହୋଇଥିଲା।

## ଫଳାଫଳକୁ ନେଇ ନେତାଙ୍କ ପ୍ରତିକ୍ରିୟା



"ତୁଷ୍ଟୀକରଣ ଏବଂ ଜାତି ରାଜନୀତିର ଯୁଗ ଶେଷ ହୋଇଥିବା ନିର୍ବାଚନ ଫଳାଫଳରୁ ପ୍ରମାଣିତ ହୋଇଛି। ନୂଆ ଭାରତ ପ୍ରଦର୍ଶନର ରାଜନୀତିକୁ ଭୋଟ ଦେଇଛନ୍ତି।

**-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**



"ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ କଂଗ୍ରେସର ପ୍ରଦର୍ଶନ ଦୁଃଖଦାୟକ। ଦଳ ଏହି ସାମୟିକ ଝଟକାକୁ ଅତିକ୍ରମ କରି ଇଣ୍ଡିଆ ବ୍ଲକ୍‌ର ସହଯୋଗୀମାନଙ୍କ ସହ ଲୋକ ସଭା ନିର୍ବାଚନ ପାଇଁ ପୂର୍ଣ୍ଣ ମାତ୍ରାରେ ପ୍ରସ୍ତୁତ ହେବ।

**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**



"ଲୋକ ସଭା ନିର୍ବାଚନ ପୂର୍ବରୁ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଭୋଟ ଫଳାଫଳ ଗୁରୁତ୍ୱପୂର୍ଣ୍ଣ। ୩ ରାଜ୍ୟରେ ଭାଜପାର ସଫଳ କାହାଣୀଠାରୁ କଂଗ୍ରେସ ଅଧିକ ବିଫଳ ହୋଇଛି। କଂଗ୍ରେସର ଏହି ନୈରାଶ୍ୟଜନକ ପ୍ରଦର୍ଶନ ପରେ ଇଣ୍ଡିଆ ବ୍ଲକ୍ ସହଯୋଗୀ ଟିଏମ୍‌ସି ଜାତୀୟ ସ୍ତରରେ ଲଢ଼େଇର ନେତୃତ୍ୱ ନେବାକୁ ପ୍ରସ୍ତୁତ।

**-କୁନାଲ ଘୋଷ, ଟିଏମ୍‌ସି ମୁଖପାତ୍ର**



"ବିଧାନସଭା ନିର୍ବାଚନ ଫଳାଫଳ ପ୍ରତ୍ୟେକଙ୍କ ପାଇଁ ଅବାଞ୍ଛିତ ଥିଲା। କଂଗ୍ରେସ ଜନାଦେଶକୁ ବିନମ୍ରତାର ସହ ଗ୍ରହଣ କରୁଛି।

**-ଅଶୋକ ଗେହଲଟ, ରାଜସ୍ଥାନର ବିଦାୟୀ ମୁଖ୍ୟମନ୍ତ୍ରୀ**



"୩ ପ୍ରମୁଖ ରାଜ୍ୟରେ କଂଗ୍ରେସ ପରାଜିତ ହୋଇଥିବାବେଳେ ଭାଜପା ବିଜୟୀ ହୋଇଛି। କଂଗ୍ରେସ ଏକାକୀ ନିର୍ବାଚନ ଜିତିବା ପାଇଁ ସକ୍ଷମ ନୁହେଁ ବୋଲି ଫଳାଫଳରୁ ସ୍ପଷ୍ଟ ହୋଇଛି। ପ୍ରତ୍ୟେକ ଇଣ୍ଡିଆ ବ୍ଲକ୍‌କୁ ସୁଦୃଢ଼ କରିବା ଆବଶ୍ୟକ।

**-କେ.ସି. ତ୍ୟାଗୀ, ଜେଡିୟୁ ମୁଖପାତ୍ର**



"ମଧ୍ୟପ୍ରଦେଶରେ ଭାଜପାର ବୃହତ୍ ବିଜୟର ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡବଲ ଇଞ୍ଜିନ ସରକାରଙ୍କର। ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟବାସୀଙ୍କ ହୃଦୟରେ ରହିଛନ୍ତି।

**-ଶିବରାଜ ସିଂ ଚୌହାନ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ**



"ପ୍ରଧାନମନ୍ତ୍ରୀଙ୍କ ଉପରେ ଜନସାଧାରଣଙ୍କ ଅଟଳ ଆସ୍ଥା ଏବଂ କଂଗ୍ରେସର ଫମ୍ପା ପ୍ରତିଶ୍ରୁତି ପ୍ରତ୍ୟାଖ୍ୟାନକୁ ନିର୍ବାଚନ ଫଳାଫଳ ସ୍ପଷ୍ଟ କରିଛି। କଲ୍ୟାଣକାରୀ ନୀତି, ସୁଶାସନକୁ ଲୋକେ ସ୍ୱୀକୃତି ଦେଇଛନ୍ତି।

**-ମନୋହରଲାଲ୍ ଖଟ୍ଟାର, ହରିୟାଣା ମୁଖ୍ୟମନ୍ତ୍ରୀ**



"ଏହି ବିଜୟ ଏକ ହ୍ୟାଟ୍ରିକ ଏବଂ ମୋଦିଙ୍କ ଗ୍ୟାରେଣ୍ଟି ଉପରେ ଜନସାଧାରଣଙ୍କ ଆସ୍ଥାର ଗ୍ୟାରେଣ୍ଟି।

**-ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ**



"ଜନସାଧାରଣ ବିକାଶ ସପକ୍ଷରେ ଏବଂ ବଂଶବାଦ, ଜାତି ଓ ତୁଷ୍ଟୀକରଣ ରାଜନୀତି ବିରୋଧରେ ଭୋଟ ଦେଇଥିବା ଭାଜପାର ବିଜୟରୁ ପ୍ରମାଣିତ ହୋଇଛି।

**-ପୁଷ୍କର ସିଂ ଧାମି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ**



"କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ଭାରତରେ କାମ କରୁଥିବା ଭୋଟ ଫଳାଫଳ ପ୍ରମାଣିତ କରିଛି। ବିରୋଧୀ ଇଣ୍ଡିଆ ବ୍ଲକ୍ ଜାତି ନାମରେ ଦେଶକୁ ଭାଗଭାଗ କରିବାକୁ ଉଦ୍ୟମ କରୁଛି।

**-ଜେ.ପି. ନଡ୍ଡା, ଭାଜପା ଅଧ୍ୟକ୍ଷ**

# ୬ରେ ଇଣ୍ଡିଆ ବ୍ଲକ୍ ନେତାଙ୍କ ବୈଠକ

**ନୂଆଦିଲ୍ଲୀ,୩।୧୨**

ବିଧାନସଭା ନିର୍ବାଚନ ଫଳାଫଳ ଭାଜପା ସପକ୍ଷରେ ଯିବା ପରେ ଆସନ୍ତା ୬ ତାରିଖରେ ବିରୋଧୀ ଇଣ୍ଡିଆ ମେଣ୍ଟର ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବାସଭବନରେ ହେବାକୁ ଥିବା ଏହି ବୈଠକରେ ବିରୋଧୀ ନେତାମାନେ ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ରଣକୌଶଳ ସ୍ଥିର କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସାଧାରଣ ନିର୍ବାଚନରେ ଭାଜପାକୁ କିପରି ପରାସ୍ତ କରାଯିବ ସେନେଇ ବୈଠକରେ ଆଲୋଚନା ହୋଇ ଯୋଜନା ଚୂଡ଼ାନ୍ତ ହେବ। ରଣନୀତି ଯୋଜନା ଚୂଡ଼ାନ୍ତ କରିବା ପାଇଁ କଂଗ୍ରେସ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳକୁ ଅପେକ୍ଷା କରି ରହିଥିଲା। ପୂର୍ବରୁ ଇଣ୍ଡିଆ ବ୍ଲକ୍‌ର ୨୬ ବିରୋଧୀ ଦଳ ପାଟନା, ବେଙ୍ଗାଲୁରୁ ଓ ମୁମ୍ବାଇରେ ଏକାଠି ହୋଇ ଆଲୋଚନା କରିଥିଲେ। ବିରୋଧୀ ନେତାମାନେ ଏବେଠାରୁ ମିଳିତ ରାଲିର ଯୋଜନା କରିବା ଆବଶ୍ୟକ ବୋଲି କେତେକ ସୂତ୍ର କହିଛନ୍ତି।



ରାଜସ୍ଥାନର ଜୟପୁରସ୍ଥିତ ଏକ କେନ୍ଦ୍ରରେ ରବିବାର ଭୋଟ ଗଣତି କରାଯାଉଛି।

# ଆଉ ଅଧିକ ଜମି ଜଳସେଚନ ସମ୍ଭବ ନୁହେଁ

## ଲୋୟରସୁକତେଲ ପ୍ରକଳ୍ପ ଶୀର୍ଷକ ଆଲୋଚନା ଚକ୍ର

ଲୋଇସିଂହା,୩।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକରେ ଜଳସେଚନ ବ୍ୟବସ୍ଥା ନଥିବାରୁ ଖରିଫ ସମୟରେ ମରୁଡି ପରିସ୍ଥିତି ଦେଖାଦେଇଥାଏ। ସମ୍ପୃକ୍ତ ଅଞ୍ଚଳକୁ ଲୋୟର ସୁକତେଲ ପ୍ରକଳ୍ପ ସହାୟକ ହେବ ବୋଲି ସ୍ଥାନୀୟ ଲୋକେ ଆଶାବାଦୀ ଥିଲେ। ହେଲେ ଉକ୍ତ ପ୍ରକଳ୍ପରୁ ସମ୍ପୃକ୍ତ ଅଞ୍ଚଳ ଜଳସେଚନରୁ ବାଦ୍ ପଡିଛି। ଏହାକୁ ନେଇ ସ୍ଥାନୀୟ ଚାଷୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏହିକ୍ରମରେ ମାହେଶ୍ୱରୀ ସଂଗଠନ ଆନୁକୂଲ୍ୟ ଏବଂ ମା' ଛେଲିଆପାଟ ସେବା ସଂଗଠନ ସହାୟତାରେ ଭରସୁଜା ପଞ୍ଚାୟତ ପରିସରରେ ଲୋୟର ସୁକତେଲ ପ୍ରକଳ୍ପ କାହା ପାଇଁ ଶୀର୍ଷକ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଯୁବନେତା ଆକାଶ ମିଶ୍ର, ସ୍ଥାନୀୟ ସରପଞ୍ଚ ପ୍ରମିଳା ସାହୁ ଏବଂ ଲୋୟର ସୁକତେଲ ପ୍ରକଳ୍ପର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ବେଲାରସେନ ସିଂଭୋଇ ପ୍ରମୁଖ ଭାଗ ନେଇ ମତ ରଖିଥିଲେ।

ବିଧାୟକ ମହାଲିଙ୍ଗ କହିଥିଲେ ସୁକତେଲ ଜଳସେଚନ ସମ୍ପର୍କରେ ବିଧାନ ସଭାରେ ସେ ତଥ୍ୟଭିତ୍ତିକ ଅନେକ ଥର ପ୍ରଶ୍ନ କରିଛନ୍ତି। ହେଲେ ସରକାର ନିର୍ଦ୍ଦିଷ୍ଟ ଉତ୍ତର ନ ଦେଇ ଭୂଆଁ ବୁଲାଇ ଆସୁଛନ୍ତି। ଟେକନିକାଲ ସମସ୍ୟା



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ଯୋଗୁ ଅନେକ ଅଞ୍ଚଳ ଜଳସେଚନରୁ ବଞ୍ଚିତ ହେଉଥିବା ସେ କହିଥିଲେ। ଅଣଜଳସେଚିତ ଅଞ୍ଚଳକୁ ମରୁଡିରୁ ରକ୍ଷା ପାଇଁ ଚେକଡ୍ୟାମ ଓ ଅଇଏସଏସ ଷ୍ଟ୍ରକଚର ମାଧ୍ୟମରେ ଜଳ ସଂରକ୍ଷଣ ପାଇଁ ପ୍ରସ୍ତାବ ଦିଆଯାଇଛି। ପୁଇଁତଳା ବ୍ଲକର ଲେକାପଡାରେ ଏକ ମେଗା ପ୍ରକଳ୍ପ ପାଇଁ ସରକାର ସହମତି ପ୍ରକାଶ କରିଛନ୍ତି। ଏହା ହେଲେ ବୃହତ ଅଞ୍ଚଳ ଜଳସେଚନ ହୋଇ ପାରିବ ବୋଲି ଓ କହିଥିଲେ।

ଯୁବନେତା ଅକାଶ ମିଶ୍ର କହିଥିଲେ ଯେ, ସୁକତେଲ ପ୍ରକଳ୍ପକୁ ସମର୍ଥନ କରିଥିବାରୁ ୨୦୦୯ ନିର୍ବାଚନରେ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା। ପ୍ରକଳ୍ପର ଡିପିଆର ପ୍ରସ୍ତୁତ ବେଳେ ଆଗଲପୁର ବ୍ଲକ ଆସୁ ନ ଥିଲା। ଲୋଇସିଂହା ନିର୍ବାଚନ ମଣ୍ଡଳୀର ୫୫ ପ୍ରତିଶତ ଓ ବଲାଙ୍ଗୀର ଓ ସୋନପୁର ନିର୍ବାଚନ ମଣ୍ଡଳୀର ୪୫ପ୍ରତିଶତ ଜଳସେଚନ ଲକ୍ଷ୍ୟ ରହିଥିଲା। ସେତେବେଳେ ଖୋଲା କେନାଲ ବ୍ୟବସ୍ଥା ରହିଥିଲା। ଏବେ ଭୂତଳ ପାଇପ ଲାଇନ ମାଧ୍ୟମରେ କାମ ହେଉଛି। ଏହାଫଳରେ ଅଧିକ ଜମିକୁ ଜଳସେଚନ କରାଯାଉଛି। ଟେକନିକାଲ ସମସ୍ୟା ଯୋଗୁ ଲୋଇସିଂହା ଓ ଆଗଲପୁର ବ୍ଲକର ୧୦ ପଞ୍ଚାୟତ ବାଦ ପଡୁଥିବା ସେ କହିଥିଲେ। ୧୯୯୫ରୁ ୨୦୨୦୪ ମସିହା ମଧ୍ୟରେ ଲୋଇସିଂହା ଆଗଲପୁର ଓ ବଲାଙ୍ଗୀର ବ୍ଲକରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ୭୫ଚେକଡ୍ୟାମ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ତାହା ରାଜନୈତିକ କାରଣରୁ ସମ୍ଭବ ହୋଇପାରି ନ ଥିଲା। ଦୃଢ ଇଚ୍ଛାଶକ୍ତି ଅଭାବରୁ ବିଭିନ୍ନ ପ୍ରକଳ୍ପ ଆଗଉ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ମୁରଶୁଣ୍ଡି ଏବଂ ବଣ୍ଡାବାହାଲରେ ବିକଳ୍ପ ବ୍ୟବସ୍ଥା ମାଧମରେ ଜଳସେଚନ ପାଇଁ ସରକାରଙ୍କୁ ୨ଟିପ୍ରସ୍ତାବ ଦିଆଯାଇଥିବା ସେ କହିଥିଲେ। ଚଳିତ ବର୍ଷରୁ ପ୍ରକଳ୍ପରେ ଜଳ ସଂରକ୍ଷଣ କରାଯାଇଛି। ପ୍ରକଳ୍ପର ତଳମୁଣ୍ଡର ଲୋକ ଉପକୃତ ହେବେ ଏଥିରେ ଦ୍ୱିମତ ନାହିଁ ବୋଲି ସେ କହିଥିଲେ। ପ୍ରକଳ୍ପରେ ଆଂଶିକ କ୍ଷତିଗ୍ରସ୍ତଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ଦିଆଯାଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ।

ଅନ୍ୟତମ ଆଲୋଚକ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଭୋଇ ସୁକତେଲ ପ୍ରକଳ୍ପ ଲୋକଙ୍କ ପାଇଁ ବୋଲି କହିଥିଲେ। ୨୦୦୧ମସିହାରେ ପ୍ରକଳ୍ପ ଶୁଭାରମ୍ଭ ବେଳେ ୫୧ହଜାର ହେକ୍ଟର ଜମିକୁ ଜଳସେଚନ ଲକ୍ଷ୍ୟ ରହିଥିଲା। ଏବେ ଭୂତଳ ପାଇପ ଲାଇନ ମାଧ୍ୟମରେ ୪୦ହଜାର ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ରହିଛି। ପ୍ରକଳ୍ପର ବାମପାର୍ଶ୍ୱ କେନାଲରେ ୬୬ ଏବଂ ଡାହାଣପାର୍ଶ୍ୱ କେନାଲରେ ୧୪୦ ଗାଁ ଏପରି ୨୦୬ ଗ୍ରାମର ଚାଷୀ ଉପକୃତ ହେବେ। ବିସ୍ଥାପନକୁ ନେଇ ପ୍ରକଳ୍ପରେ ଜଳଧାରଣ କ୍ଷମତା ଧାର୍ଯ୍ୟ ହୋଇଥାଏ । ବର୍ଷାଭାବରୁ ପ୍ରକଳ୍ପରେ ପାଣି ସଂରକ୍ଷଣ କମି ଯାଉଥିବାରୁ ୪୦ ହଜାର ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ହୋଇଛି। ଉକ୍ତ ପ୍ରକଳ୍ପରୁ ଅଧିକ ଅଞ୍ଚଳ ବା ଜମିକୁ ଜଳସେଚନ ଆଉ ସମ୍ଭବ ନୁହେଁ ବୋଲି ସେ କହିଥିଲେ । ନିକଟରେ ଅନୁଦାନ ମଞ୍ଜୁର ହୋଇଥିବା କୁଟାସିଂହା ମେଗା ପ୍ରକଳ୍ପକୁ ଆହୁରି ବଡ ପ୍ରକଳ୍ପ କରାଯାଇ ପାରିଥାନ୍ତା। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରେ ଜଳସେଚନ କରାଯାଇ ପାରିବ। ଏଥିପାଇଁ ଶାଣିତ ସ୍ୱରରେ ଚାଷୀମାନେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନାର ଅବଶ୍ୟକତା ରହିଥିବା ସେ କହିଥିଲେ। ସ୍ଥାନୀୟ ସରପଞ୍ଚ ସାହୁ ଲୋୟର ସୁକତେଲ ପ୍ରକଳ୍ପରୁ ନହେଲେ ମଧ୍ୟ ବିକଳ୍ପ ବ୍ୟବସ୍ଥାରେ ଛେଲିଆପାଟ ଅଞ୍ଚଳକୁ ଜଳ ସେଚନ ବ୍ୟବସ୍ଥା କରିବାକୁ ବିଧାୟକଙ୍କ ନିକଟରେ ଦାବି ଉପସ୍ଥାପନା କରିଥିଲେ । ବିଚିତ୍ରାନନ୍ଦ ପାତ୍ର ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ। ଏଥିରେ ବହୁ ଚାଷୀ ଉପସ୍ଥିତ ଆଲୋଚକଙ୍କୁ ପ୍ରଶ୍ନ କରିଥିଲେ।

# ମଞ୍ଚସ୍ଥ ହେଲା ଛାତ୍ରୀଛାତ୍ରଙ୍କ ୫ କ୍ଷୁଦ୍ର ନାଟକ


ଅତିଥିମାନେ ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଇଡି କଲେଜ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

## ଅଟଳ ବିହାରୀ ପଣ୍ଡା ଜୟନ୍ତୀ ସମାରୋହ

- ବିଇଡି କଲେଜ ଛାତ୍ରୀଛାତ୍ର ଜିତିଲେ ପ୍ରଥମ ପୁରସ୍କାର
- ଅଟଳ ବିହାରୀ ଥିଲେ ଜଣେ ବିରଳ କଳାକାର

ବଲାଙ୍ଗୀର,୩।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ବର୍ଷିଆନ ସିନେ କଳାକାର ତଥା ନାଟ୍ୟକାର ସ୍ୱର୍ଗତ ଅଟଳ ବିହାରୀ ପଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଜୟନ୍ତୀ ଅବସରରେ ସ୍କୁଲ ଓ କଲେଜସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବଲାଙ୍ଗୀର ବିଇଡି କଲେଜର ଛାତ୍ରୀଛାତ୍ର ପ୍ରଥମ, ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଏ ଫୁଲ ନାଟକର ଫୁଲ ଚରିତ୍ରକୁ ଶ୍ରେଷ୍ଠ କଳାକାର ଭାବେ ପୁରସ୍କୃତ କରାଯାଇଥିଲା। ନାଟ୍ୟକାର ତଥା ନିର୍ଦ୍ଦେଶକ ଅଶୋକ ମିଶ୍ର, କବି ମଧୁସୂଦନ ନାୟକ ଓ ଅଭିନେତା ରାମପ୍ରସାଦ ଦାଶ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଛାତ୍ରୀଛାତ୍ରଙ୍କ ନାଟକରେ ସାମାଜିକ ସଚେତନତାର ବାର୍ତ୍ତା ରହିଥିଲା। କିଶୋର କଳାକମାରମାନେ ନାଟକରେ ନିଜର ଅଭିନୟ ଦକ୍ଷତା ଦେଖାଇଥିଲେ।

ନାଟକ ପ୍ରତିଯୋଗିତା ପରେ ଜୟନ୍ତୀ ସମାରୋହ ସଭା ପାଳନ କରାଯାଇଥିଲା। ଅଟଳ ବିହାରୀ ସ୍ମୃତି କମିଟି ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥି ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ମୁଖ୍ୟବକ୍ତା ଭାବେ ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥି, ଗଣମାଧମ ପ୍ରତିନିଧି ଚିତ୍ତରଞ୍ଜନ ମିଶ୍ର, ଉପଦେଷ୍ଟା କପିଳେଶ୍ୱର ଖମାରୀ, ସୌମ୍ୟରଞ୍ଜନ ପୂଝାରୀ, ବଲାଙ୍ଗୀର ଦିନ ଅଧକ୍ଷ ଗୋପାଲଜୀ ପାଣୀଗ୍ରାହୀ, ସଂଜୋତ କଳା କେନ୍ଦ୍ର ସଭାପତି ବ୍ୟାସଦେବ ପୁରୋହିତ, ସମ୍ପାଦିକା ସଙ୍ଗୀତା ଦାଶ ମଞ୍ଚାସୀନ ଥିଲେ । ସଭାରେ ଅତିଥିମାନେ କଳାକାର ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରି ତାଙ୍କୁ ଜଣେ କିମ୍ବଦନ୍ତୀ ପୁରୁଷ ଭାବେ ବର୍ଣ୍ଣନା କରିଥିଲେ। ନାଟକ ପାଇଁ ତାଙ୍କର ଯେଉଁ ସମର୍ପଣ ଏବଂ ଅଭିନୟରେ ତାଙ୍କର ପାରଦର୍ଶିତା ଅଗଣିତ ଛାତ୍ରୀଛାତ୍ର, ଯୁବ କଳାକାରଙ୍କୁ ପ୍ରେରଣା ଯୋଗାଉଥିବ ବୋଲି କହିଥିଲେ। ବାସ୍ତବରେ ତାଙ୍କ ଭଳି ପ୍ରତିଭା ବିରଳ ବୋଲି କହିଥିଲେ। ସଭାରେ ବିଶିଷ୍ଟ ଶିକ୍ଷାବିତ୍ ତଥା ବରିଷ୍ଠ ନାଟ୍ୟକାର ସନାତନ ଠାକୁର ଓ ନାଟ୍ୟକାର ତଥା ନିର୍ଦ୍ଦେଶକ ବିପିନ ବିହାରୀ ଦାସଙ୍କୁ ଅଟଳ ସମ୍ମାନ ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବ୍ୟାସଦେବ ପୁରୋହିତ ଓ ସଙ୍ଗୀତା ଦାଶ ପରିଚାଳନା କରିଥିଲେ। ସଭା ପରେ ସ୍ୱାତୀ ପଣ୍ଡା ଓ ସଂଜୋତ କଳା କେନ୍ଦ୍ର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ସଙ୍ଗଠକ ଜୟକୃଷ୍ଣ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ସଂକ୍ଷେପରେ

### ତୈଳିକ ହଳଦିଆ ସାହୁ ସମାଜ ଗୃହର ଭୂମିପୂଜନ

ସଇଁତଳା,୩।୧୨(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କଅଁସର ପଞ୍ଚାୟତ ଭୁଷକିମାଲଠାରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ ଗୃହ ପାଇଁ ରବିବାର ଭତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମନ୍ତ୍ରୀ ଟୁକୁନୀ ସାହୁ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ସାହୁ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ କଳାହାଣ୍ଡି ସାହୁ ସମାଜ ସମ୍ପାଦକ ନବୀନ କିଶୋର ସାହୁ, ଅଧାପକ କିଶୋର ସାହୁ, ବଲାଙ୍ଗୀର ସାହୁ ସମାଜ ସଭାପତି ଅଶୋକ ସାହୁ, ସମ୍ପାଦକ ପ୍ରହରୀ ସାହୁ, ଗାଇସିଲେଟ ସଭାପତି ଡ଼ୋଳାମଣୀ ସାହୁ, ପାଟଣାଗଡ ସଭାପତି ବନମାଳୀ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ନିଶାମୁକ୍ତ ଓ ଶିକ୍ଷାଯୁକ୍ତ ହେଲେ ସମାଜ ଆଗକୁ ବଢ଼ିପାରିବ ବୋଲି ମନ୍ତ୍ରୀ ସାହୁ ନିଜ ବକ୍ତବ୍ୟରେ କହିଥିଲେ। ଘାସି ସାହୁ ଓ ଫଗନୁ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରୁଣ ଭୋଇ, ବଳରାମ ସାହୁ, ଦୀପାଞ୍ଜଳି ସାହୁ, କଳାହାଣ୍ଡିର ଜିଲା ପରିଷଦ ସଦସ୍ୟା ରୀନା ସାହୁଙ୍କ ସମେତ ସଇଁତଲା ବ୍ଲକର ୩୩ଟି ଗ୍ରାମର ତୈଳିକ ବୈଶ୍ୟ ସାହୁ ସମାଜର ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ବିଶ୍ୱାମିତ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଛେଲିଆପାଟ କୃଷକ ଉତ୍ପାଦକ ସଂଘ ବୈଠକ

ଲୋଇସିଂହା,୩।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଝରଣିପାଲିରେ ଛେଲିଆପାଟ କୃଷକ ଉତ୍ପାଦକ ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ସହାୟତାରେ ଅନୁଷ୍ଠିତ ବୈଠକରେ ହୀରାମଣୀ ସାହୁ ଅଧ୍ୟକ୍ଷତା କରିଥିଲେ। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସଂଗଠନର ଏକ ସ୍ଥାୟୀ ଗୃହ ନିର୍ମାଣ ପାଇଁ ବିଧାୟକ ପାଣ୍ଠି କିମ୍ବା ଡବ୍ଲ୍ୟୁଓଡିସି ପାଣ୍ଠିରୁ ଅନୁଦାନ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ୬ଟି ପଞ୍ଚାୟତକୁ ନେଇ ଉକ୍ତ ସଂଗଠନ ପ୍ରତିଷ୍ଠା ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ଖରିଫରେ ଧାନ ସହ ରବିଚାଷ ବହୁଳ ମାତ୍ରରେ ହେଉଛି। ପରିବାର ଅଭାବି ବିକ୍ରି ରୋକିବା ପାଇଁ ଏକ ଶୀତଳ ଭଣ୍ଡାର ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଚାଷୀମାନେ ବିଧାୟକଙ୍କ ନିକଟରେ ଦାବି ରଖିଥିଲେ । ଆଗାମୀ ଦିନରେ କୃଷି ଓ କୃଷକର ଉନ୍ନତୀ ପାଇଁ ରହିଥିବା ଯୋଜନା ସମ୍ପର୍କରେ ଜିଲା ପରିଚାଳକ ସମ୍ପଦ କୁମାର ପଟେଲ ସୂଚନା ଦେଇଥିଲେ। ସଂଗଠନରେ ଚାଷୀ ଅଧିକ ସଂଖ୍ୟାରେ ଯୋଡି ହେବାକୁ କହିଥିଲେ ଶ୍ୟାମସୁନ୍ଦର ବିଶ୍ୱାଳ।

# ସାଧାରଣ ଲୋକ ଆଜି ଚର୍ଚ୍ଚାରେ ରହିଛନ୍ତି

## ବଲାଙ୍ଗୀର ନାଗରିକ କମିଟି ସ୍ମରଣିକା ସୌରଭ ଉନ୍ମୋଚିତ

ବଲାଙ୍ଗୀର,୩।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ସରକାରୀ ଟାଉନ୍ ବାଳିକା ହାଇସ୍କୁଲଠାରେ ସ୍ମରଣିକା ଉନ୍ମୋଚନ କାର୍ଯ୍ୟକ୍ରମ ତଥା କମିଟି ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ଇ. ବେଲାର ସିଂ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆୟକର କମିଶନର ତଥା ସ୍ତମ୍ଭକାର ଶ୍ରୀକାନ୍ତ ଚାଟାର୍ଜୀ, ଅନ୍ୟତମ ଅତିଥି ଭାବେ ପ୍ରଫେସର ମଧୁସୂଦନ ପତି ଓ ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ ଶ୍ରୀନିବାସ ଉଦ୍‌ଗାତା ମଞ୍ଚାସୀନ ଥିଲେ। ଅତିଥିମାନେ କମିଟିର ସ୍ମରଣିକା ସୌରଭ ଉନ୍ମୋଚନ କରିଥିଲେ।

ମୁଖ୍ୟଅତିଥି ପୂର୍ବତନ ଆୟକର କମିଶନର ଚାଟାର୍ଜୀ କହିଥିଲେ ଯେ, ଦେଶର ସାଧାରଣ ଲୋକମାନେ ଯେଉଁ ପରାକ୍ରମ, ପରାକାଷ୍ଠା ଓ ନିଷ୍ଠା ଦେଖାଇଛନ୍ତି ତାହା ପ୍ରଣିଧାନଯୋଗ୍ୟ। ଚନ୍ଦ୍ରଯାନ୍ ତୃତୀୟର ସଫଳତା ସମଗ୍ର ବିଶ୍ୱକୁ ଚକିତ କରିଦେଇଥିଲା। ଠିକ୍ ସେହିପରି ନିକଟରେ ଉତ୍ତରାଖଣ୍ଡର ଟନେଲ ଭିତରେ ଫସି ରହିଥିବା ୪୧ ଶ୍ରମିକଙ୍କୁ ଯେଉଁ ରେଟ୍ ହୋଲ


ସଭାରେ ମୁଖ୍ୟ ଅତିଥି ଶ୍ରୀକାନ୍ତ ଚାଟାର୍ଜୀ ଉଦ୍‌ବୋଧନ ଦେଉଛନ୍ତି।

ମାଇନର୍ସର ଶ୍ରମିକମାନେ ଉଦ୍ଧାର କଲେ ତାହା ବେଶ୍ ପ୍ରେରଣାଦାୟୀ ହୋଇଥିଲା। ଆତଙ୍କବାଦୀଙ୍କ ଆଡ୍ଡା ଭିତରକୁ ପଶି ସେମାନଙ୍କୁ ଯେଉଁମାନେ ଉଚିତ୍ ଜବାବ ଦେଇଥିଲେ ସେ ସମସ୍ତଙ୍କ ଭିତରେ ଗୋଟିଏ ଅସାଧାରଣ ସମାନତା ରହିଥିଲା। ଚନ୍ଦ୍ରଯାନର ବୈଜ୍ଞାନିକ, ରେଟ୍ ହୋଲ ମାଇନର୍ସର ଶ୍ରମିକ ଓ ସୈନ୍ୟ ବିଭାଗର କମାଣ୍ଡୋ ମାନେ ସମସ୍ତେ ମଧ୍ୟବିତ୍ତ ପରିବାରରୁ ଆସିଛନ୍ତି। ସେମାନଙ୍କ କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅନନ୍ୟ ଦେଶପ୍ରେମ ସେମାନଙ୍କୁ ଦେଶର ଅଗଣିତ ଧନୀ ଓ ଗରିବଙ୍କ ଠାରୁ ସ୍ୱତନ୍ତ୍ର କରିଛି। ସାଧାରଣ ଲୋକ ଆଜି ଜାତୀୟସ୍ତରରେ ଚର୍ଚ୍ଚାରେ ରହିଛନ୍ତି ବୋଲି କହିଥିଲେ। ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ନିଜ ପ୍ରତି ନ୍ୟାୟ କରିବା ହିଁ ଦେଶ ଓ ସମାଜ ପ୍ରତି ନ୍ୟାୟ ବୋଲି କହିଥିଲେ। ପଦ୍ମଶ୍ରୀ ଉଦ୍‌ଗାତା ଯୁବପିଢ଼ିଙ୍କୁ ସତ୍ୟଶୀଳ ଓ କର୍ମଯୋଗୀ ହେବାକୁ ପରାମର୍ଶ ଦେଇଥିଲେ। କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ବିବରଣୀ ପାଠ କରି ସଭାକୁ ପରିଚାଳନା କରିଥିଲେ। ଏହି ଅବସରରେ ସମ୍ପାଦକୀୟ କମିଟି ମୁଖ୍ୟ ଅଖିଳ ଚନ୍ଦ୍ର ହୋତାଙ୍କୁ ସ୍ମାରକୀ ପ୍ରଦାନ କରାଯାଇଥିଲା। ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ କର୍ମଚାରୀ ରମେଶ ଚନ୍ଦ୍ର ପୋଢ ଓ ପୌରସଂସ୍ଥା ଝାଡୁଦାର ଖଡୁ ଭରାସାଗରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସବିତା ଚାଟାର୍ଜିଙ୍କୁ ମଧ ସମ୍ମାନିତ କରାଯାଇଥିଲା। ରଘୁନନ୍ଦନ ସିଂଙ୍କ ପରିଚାଳନାରେ ସମ୍ବର୍ଦ୍ଧିତ ସଭାରେ ଶିକ୍ଷୟିତ୍ରୀ ନନ୍ଦିନୀ ସାହୁ ସହାୟତା କରିଥିଲେ। ସଭା ପ୍ରାରମ୍ଭରେ କମିଟି ବରିଷ୍ଠ ସଭ୍ୟ ଗୋପଭୂଷଣ ନାଥ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଆଡଭୋକେଟ ଜୟରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସ୍ମରଣିକା ସମ୍ପାଦନା ମଣ୍ଡଳୀ ସଭ୍ୟ ପୀତବାସ ପଣ୍ଡା, ବିମଳ କୁମାର ଚୋପଦାର, ମନୋରଞ୍ଜନ ପୁରୋହିତ, ବିକ୍ରମାନନ୍ଦ ବହିଦାର, ପଙ୍କଜିନୀ ପଣ୍ଡା, ଧର୍ମବ୍ରତ ରଥ, ଦିବାକର ହୋତା, ପର୍ଶୁରାମ ନାୟକ, ସଲିମ ଖାନ, ଗୋପବନ୍ଧୁ ପୁରୋହିତ, ସୁନୀଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ମୁରିବାହାଲ, ୩।୧୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପରିସରରେ ରବିବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଡିଆରିଙ୍କ ସଭପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ଆୟୁବ ମଣ୍ଡଳ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୀରା ସିଂ ମାଝି, ପ୍ରଧାନଶିକ୍ଷକ ନେତ୍ରାନନ୍ଦ ମହାକୁର, ବିଆରଟି ଜୟଗୋପାଳ ଷଡ଼ଙ୍ଗୀ, ଅଶୋକ ସାହୁ ମଞ୍ଚାସୀନ ରହି ଅନ୍ତର୍ଜାତୀୟ ଭିନ୍ନକ୍ଷମଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ଉପସ୍ଥିତ ଥିଲେ। ଭିନ୍ନକ୍ଷମମାନଙ୍କୁ ନେଇ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ ୨୨କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।

# ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା

ଲୋଇସିଂହା,୩।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ରବିବାର ପାଳିତ ହୋଇଯାଇଛି। ଉତ୍ସବରେ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୬୦ଭିନ୍ନକ୍ଷମ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଏବଂ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ସିଲଡ ଦେଇ ବିଇଓ ରୀନାକୁମାରୀ ବେହେରା ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଆରଟି ଏବଂ ସମସ୍ତ ସିଆରସିସି ପରିଚାଳନା କରିଥିଲେ।

# ଦେଓଗାଁ ବ୍ଲକ ଜନପ୍ରତିନିଧିଙ୍କ ବୈଠକ


ବୈଠକରେ ଉପସ୍ଥିତ ବ୍ଲକ ଅଧକ୍ଷଙ୍କ ସହ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ।

ଦେଓଗାଁ,୩।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ସମର୍ଥିତ ସମିତି ସଭ୍ୟଙ୍କ ସହଯୋଗରେ ବିଜେଡି ସମର୍ଥିତ ଦୟାନିଧି ଖମାରୀ ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚିତ ହୋଇଥିଲେ। ହେଲେ ନିକଟରେ କଂଗ୍ରେସ ସମର୍ଥିତ ସମିତି ସଭ୍ୟମାନେ ବ୍ଲକର ସମସ୍ୟା ସହ ଉନ୍ନୟନ କାର୍ଯ୍ୟରେ ଅଧକ୍ଷଙ୍କ ଅସହଯୋଗକୁ ନେଇ ଜିଲାପାଳ ଓ ପିଡିଙ୍କୁ ଫେରାଦ ହେବା ପରେ ବ୍ଲକ ଅଞ୍ଚଳରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଏହାକୁ ଦେଖି ଅଧକ୍ଷ ଖମାରୀ ନିଜ ଶକ୍ତି ପ୍ରଦର୍ଶନ ପାଇଁସହଯୋଗୀ ସରପଞ୍ଚ ଓ ସମିତିସଭ୍ୟଙ୍କୁ ନେଇ ବଡବନ୍ଧ ପଞ୍ଚାୟତ କରୁଆଁଝର ନିକଟସ୍ଥ ଏକ ଫାର୍ମ ହାଉସଠାରେ ରବିବାର ଏକ ବୈଠକ କରିଥିଲେ । ବୈଠକରେ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ସମେତ ୧୯ଜଣ ସରପଞ୍ଚ ଓ ୧୪ଜଣ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ସେମାନେ ସମସ୍ତେ ଏକଜୁଟ ଭାବେ ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବା ଦିଗରେ ଶତଚେଷ୍ଟା କରିବେ ବୋଲି ମତପୋଷଣ କରିଥିଲେ। ତେବେ ଏହି ବୈଠକରେ ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେରଙ୍କ ଅନୁପସ୍ଥିତି ଚର୍ଚ୍ଚାର ବିଷୟ ହୋଇଛି।

# ରାସ୍ତା ଅବରୋଧ ହଟାଉଛି ଜିଲାପାଳଙ୍କ ଗାଡ଼ି

## ବଲାଙ୍ଗୀର ସହରରେ ଟ୍ରାଫିକ୍ ଅବ୍ୟବସ୍ଥା

- ପୋଲିସ, ମ୍ୟୁନିସିପାଲିଟି, ପରିବହନ ବିଭାଗ ସାଜିଛି ଦେଖଣାହାରି

ବଲାଙ୍ଗୀର,୩।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ମୁଖ୍ୟରାସ୍ତାରେ ବିଭିନ୍ନ ସମୟରେ ରାସ୍ତା ଅବରୋଧ ଏକ ସାଧାରଣ କଥା ପାଲଟିଛି। ସହରର ମୁଖ୍ୟରାସ୍ତା ଓ ଅନ୍ୟ ଗଳି ରାସ୍ତା କଡରେ ଦୋକାନୀମାନେ ଦୋକାନ ଖୋଲିଥିବାରୁ ସହରରେ ଟ୍ରାଫିକ୍ ଜାମ୍ ସ୍ଥିତି ଲାଗି ରହିଛି। ତେବେ ଏହି ସ୍ଥିତି ସୁଧାରିବା ଦିଗରେ ଟ୍ରାଫିକ୍ ପୋଲିସ, ଜିଲା ପୋଲିସ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଦେଖାଯାଉଛି। ଏଭଳିକି ମ୍ୟୁନିସିପାଲିଟି ଏବଂ ପରିବହନ ବିଭାଗ ମଧ ହାତରେ ହାତ ଦେଇ ବସିଥିବାରୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛିଦିନ ତଳର ଦୁଇଟି ଘଟଣାରୁ ଜିଲା ପୋଲିସ, ପରିବହନ ଏବଂ ମ୍ୟୁନିସିପାଲିଟିର ଅବହେଳକୁ ନେଇ ଖୋଦ୍ ଜିଲାପାଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ତୁରନ୍ତ ରାସ୍ତା ଅବରୋଧ ହଟାଇବାକୁ ନିର୍ଦ୍ଦେଶ ଦେଇଥିବା ଦେଖିବାକୁ ମିଳିଛି।

ବଲାଙ୍ଗୀର-ପାଟଣାଗଡ ରାସ୍ତାର ଠିକାଦାରପଡା ଲକ୍ଷ୍ମୀଯୋର ନୂଆ ପୋଲକୁ ଲାଗି ଏବଂ ଟାଉନ୍ ଥାନା ପଛ ପଟ ରାସ୍ତା କଡରେ କିଛି ଉଠାଦୋକାନ ରହିଥିଲା। ରାସ୍ତାକଡରେ ଏହି ଦୋକାନଗୁଡିକ ଥିବାରୁ ଏଠାରେ ବିଭିନ୍ନ କାରଣରୁ ପ୍ରବଳ ଭିଡ ପରିଲକ୍ଷିତ ହେଉଥିଲା। ଏଥିଯୋଗୁ ଅନେକ ସମୟରେ ଟ୍ରାଫିକ୍ ଜାମ୍ ସ୍ଥିତି ଉପୁଜୁଥିଲା। ଲୋକେ ଅସନ୍ତୋଷ କଲେ ମଧ ପୋଲିସ କି ମ୍ୟୁନିସିପାଲିଟି ଉଠାଦୋକାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ



ଜିଲାପାଳଙ୍କ ନିର୍ଦ୍ଦେଶ ପରେ ବଲାଙ୍ଗୀର ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖ ଉଠାଦୋକାନକୁ ବନ୍ଦ କରି ଦିଆଯାଇଛି।

ଗ୍ରହଣ କରୁ ନ ଥିଲେ। ଜିଲାପାଳ ନିଜ ସରକାରୀ ଗାଡିରେ ଯାଉଥିବାବେଳେ ରାସ୍ତା ଉପରେ ଅସ୍ୱାଭାବିକ ଭିଡ ଯୋଗୁଁ ତାଙ୍କ ସରକାରୀ ଗାଡି ଅଟକି ଯାଇଥିଲା। ଏହାକୁ ନେଇ ଜିଲାପାଳ ଚଞ୍ଚଳ ରାଣା ବିରକ୍ତି ପ୍ରକାଶ କରିବା ସହ ତୁରନ୍ତ ଉକ୍ତ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପାଇବା ପରେ ଉପଜିଲାପାଳ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତତ୍କ୍ଷଣାତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ। ସେଠାରେ ଥିବା କେତେକ ଉଠା ଦୋକାନକୁ ଭାଙ୍ଗି ଦିଆଯାଇଥିଲା। ଏବେ ପୁଣି ଥରେ ଏଭଳି ଘଟଣାର ପୁନରାବୃତ୍ତି ଘଟିଛି। ବଲାଙ୍ଗୀର ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖ ଫଳ ମାର୍କେଟ କୋଣରେ ଏକ ଉଠା ଖାଇବା ଦୋକାନ ଲାଗିଥିଲା। ସେଠାରେ ସକାଳୁ ରାତି ପର୍ଯ୍ୟନ୍ତ ପ୍ରବଳ ଭିଡ ଲାଗି ରହିଥିଲା। ଏହି ଦୋକାନର ଭିଡ ଯୋଗୁ ପ୍ରତିଦିନ ଏଠାରେ ଟ୍ରାଫିକ୍ ଜାମ୍ ସ୍ଥିତି ଲାଗି ରହିଥିଲା। ଏନେଇ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ କେହି କିଛି ଶୁଣୁ ନ ଥିଲେ। ଏଭଳିକି ସେଠାରେ ମୁତୟନ ହେଉଥିବା ପୋଲିସ କର୍ମଚାରୀ ମଧ ସବୁ ଦେଖି ନ ଦେଖିଲା ଭଳି ଠିଆ ହୋଇଥିଲେ। ଅନେକ ସମୟରେ ଭିଡ ଯୋଗୁ ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡକୁ ଯାତ୍ରୀବାହୀ ବସ୍ ମଧ ପଶି ପାରୁ ନ ଥିଲା। ଏଭଳି ସ୍ଥିତିରେ ଏଠାରେ ଟ୍ରାଫିକ୍ ଜାମ୍ ସ୍ଥିତି ଲାଗି ରହିଥିଲା। ଅଳ୍ପଦିନ ତଳେ ଜିଲାପାଳ ନିଜ ସରକାରୀ ଗାଡିରେ ଯାଉଥିବାବେଳେ ଏହି ଜଳଖିଆ ଉଠା ଦୋକାନର ଭିଡ ଯୋଗୁ ଆଗକୁ ବଢ଼ି ପାରି ନ ଥିଲେ। ଏହାପରେ ପୁନର୍ବାର ବିରକ୍ତି ପ୍ରକାଶ କରି ସେଠାରୁ ଉକ୍ତ ଦୋକାନକୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ।

ଜିଲାପାଳଙ୍କ ନିର୍ଦ୍ଦେଶ ପାଇବା ପରେ ପୋଲିସ ଓ ମ୍ୟୁନିସିପାଲିଟି କର୍ମଚାରୀ ଉକ୍ତ ଉଠାଦୋକାନୀଙ୍କ ଦୋକାନ ବନ୍ଦ କରିଦେଇଛନ୍ତି। ଏହି ଦୋକାନ ବନ୍ଦ କରିଦେବା ପରେ ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ପ୍ରତିଦିନ ଲାଗି ରହିଥିବା ଭିଡ ଏବେ କମିଛି। ତେବେ ଜିଲାପାଳଙ୍କ ଗାଡି ଅଟକିଲା ପରେ ଯାଇ ପୋଲିସ ଓ ମ୍ୟୁନିସିପାଲିଟି ବିଭାଗ କାର୍ଯ୍ୟାନୁଷ୍ଠାନ ନେଉଥିବାରୁ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜନସାଧାରଣଙ୍କ ଅସୁବିଧାକୁ ପୋଲିସ ଓ ମ୍ୟୁନିସିପାଲିଟି କାହିଁକି ଦୃଷ୍ଟି ଦେଉନାହାନ୍ତି ବୋଲି ପ୍ରଶ୍ନ ହେଉଛି। ସହରର ଅନ୍ୟ ରାସ୍ତା ଉପରେ ଗାଡି ପାର୍କିଂ, ଦୋକାନ ଖୋଲି ଲୋକଙ୍କୁ ଖାଇବାକୁ ଦେବା ଏବଂ ଅନ୍ୟାନ୍ୟ ଦୋକାନ ଲଗାଇବା ସାଧାରଣ କଥାରେ ପରିଣତ ହୋଇଛି। ତେବେ ପୋଲିସ ଓ ମ୍ୟୁନିସିପାଲିଟି ବିଭାଗ ଏଭଳି ସମସ୍ୟା ସମାଧାନ ଦିଗରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବେ ନାଁ ଜିଲାପାଳଙ୍କ ଗାଡି ଅଟକିବା ପର୍ଯ୍ୟନ୍ତ ଅପେକ୍ଷା କରିବେ ତାକୁ ନେଇ ଏବେ ସହରରେ ସରଗରମ ଆଲୋଚନା ଲାଗି ରହିଛି।

# ଭିନ୍ନକ୍ଷମ ଦିବସରେ ପ୍ରତିଭା ପ୍ରଦର୍ଶନ






ସୋହେଲା ଡାକ୍ତରଖାନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ। ବିଶ୍ୱ ଭିନ୍ନକ୍ଷମ ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା।

ସୋହେଲା,୩।୧୨(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରବିବାର ତାଲୁକ ଆଇନ ସେବା ସମିତି ପକ୍ଷରୁ ଭିନ୍ନକ୍ଷମ ଦିବସ ପାଳନ କରାଯାଇଛି। ଏଥିରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ସହକାରୀ ଦୌରାଜଜ୍ ଅମିତ ସ୍ୱରୂପ ସେଠ ଅଧ୍ୟକ୍ଷତା କରିଥିଲେ। ମେଡିକାଲ ଅଫିସର ଡାକ୍ତର ସ୍ୱସ୍ତିକ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ଅନୀଲ ପଧାନ ସ୍ୱାଗତ ଭାଷଣ ଦେଇଥିଲେ। ରଣଜୀତ ପଧାନ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଭିନ୍ନକ୍ଷମ ଦିବସ ଉପରେ ସମିତିର ଅଧ୍ୟକ୍ଷ ତଥା ସହକାରୀ ଦୌରାଜଜ୍ ଅମିତ ସ୍ୱରୂପ ସେଠ, ଆଡଭୋକେଟ ଅଶୋକ ବାରିକ ଓ ମିର୍ଜା ଆକବର ବେଗ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ର ଓ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁଭଦ୍ରା ଦଳପତ ପ୍ରମୁଖ ବକ୍ତବ୍ୟ ଦେଇ ଭିନ୍ନକ୍ଷମଙ୍କ ପାଇଁ ଥିବା ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଉପରେ ବକ୍ତବ୍ୟ ଦେଇଥିଲେ। ଅନୀଲ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ବରପାଲି (ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ବରପାଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଗଙ୍ଗାଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ କରାଯାଇଛି। ଉଦଘାଟନୀ ସଭାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ଭୁଏ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦୁର୍ଯ୍ୟୋଧନ ସିଂହ, ରମେଶ ଚନ୍ଦ୍ର ସାହୁ ଓ ରତ୍ନ କୁମାର ଭୋଇ ଯୋଗଦାନ କରିଥିଲେ। ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ଓ ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସଭାରେ ବରପାଲି ତହସିଲଦାର ରୁକ୍ମଣ ମେହେର ମୁଖ୍ୟ ଅତିଥି ଏବଂ ସରକାରୀ ଚିକିତ୍ସାଳୟର ମେଡିକାଲ ଅଫିସର ରାଜେଶ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷକ ସୋହନ ପଧାନ ସଭା ପରିଚାଳନା କରିଥିଲେ।

**ଝାରବନ୍ଧ (ଦେବେନ୍ଦ୍ର ସାହୁ):** ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ରବିବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ବ୍ଲକର ୮୦ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର, ଅଭିଭାବକ ଯୋଗଦାନ କରିଥିଲେ। ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଚିତ୍ରାଙ୍କନ, ମ୍ୟୁଜିକାଲ ଚେୟାର, ହାଣ୍ଡିପିଟା, ଜିଲାପି ରେସ୍, ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭମ କୁମାର ପତି ସଭାପତିତ୍ୱ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଦୟାନିଧି କୈବର୍ତ୍ତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଜୟକୁମାର ସାହୁ ବିଶ୍ୱ ଭିନ୍ନକ୍ଷମ ଦିବସ ଉପରେ ଆଲୋକପାତ କରିଥିଲେ। ଗୋଷ୍ଠୀ ସାଧନ କର୍ମୀ ରାଜକିଶୋର ବାରିକ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ସରକାରଙ୍କଠାରୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷକ ଉତ୍ତମ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଗୋଷ୍ଠୀ ସାଧନ କର୍ମୀ ରାଜକିଶୋର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

**ପାଇକମାଳ (ବଡ ଶତପଥୀ):** ପାଇକମାଳ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଇଓ ଚୂଡ଼ାମଣି ବାରିକ ସଭାପତିତ୍ୱ କରିଥିଲେ। ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଓଦୁ ମୁଖ୍ୟଅତିଥି, ନୂଆପଡ଼ା ଭିନ୍ନକ୍ଷମ ଅନୁଷ୍ଠାନର ଅଧକ୍ଷ ଅରୁଣ ବିଶ୍ୱାଳ ମୁଖ୍ୟ ବକ୍ତା, ପାଇକମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ୱାଦଶ ପଧାନ, ଯମୁନା କନ୍ଧୁନୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର ଓ ଧଳେନ୍ଦ୍ର କୁମାର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଢୁଲାମଣି ମାହାର ମଞ୍ଚ ପରିଚାଳନା ଏବଂ ଶିକ୍ଷୟିତ୍ରୀ ଅମିନା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର (ପ୍ରଦୀପ୍ତ ଦାଶ):** ରାଜବୋଡ଼ାସମ୍ବର ବିଇଓଙ୍କ କାର୍ଯ୍ୟାଳୟରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିନାୟକ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ତାରାପ୍ରସାଦ ଶତପଥି ମୁଖ୍ୟ ବକ୍ତା, ରାମସିଂ ଭୋଇ ଓ ଶିବ ପ୍ରସାଦ ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ଭଗବାନ ତରିଆ ଉଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବରିଷ୍ଠ କିରାଣୀ ଦିଲୀପ କୁମାର ଭୋଇ ଓ ସିଆରସିସି ନେତ୍ରାନନ୍ଦ ସାହୁ ମଞ୍ଚ ପରିଚାଳନା କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ପ୍ରଭାତ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷାର ବିକାଶରେ ସମସ୍ତଙ୍କ ଉତ୍ତର ଦାୟିତ୍ୱ ରହିଛି

## ହୋଲି ହାର୍ଟ୍ସ ପବ୍ଲିକ ସ୍କୁଲର ଅଷ୍ଟମ ବାର୍ଷିକୋତ୍ସବ

ସରଣ୍ଡା,୩।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ସ୍ଥିତ ହୋଲି ହାର୍ଟ୍ସ ପବ୍ଲିକ ସ୍କୁଲ ହେଲୋ କିଡ୍ସର ଅଷ୍ଟମ ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ନିର୍ଦ୍ଦେଶକ ସସ୍ମିତ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଜୁଲି ପ୍ରଧାନଙ୍କ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇ କହିଥିଲେ, ଆମ ସମସ୍ତଙ୍କ ଉତ୍ତମ ଦାୟିତ୍ୱ ଅଛି ସମାଜରେ ଶିକ୍ଷାର ବିକାଶ କରିବା। ଆମେ ସମସ୍ତେ ଜାଣୁ ସମାଜରେ ଶିକ୍ଷାର ବିକାଶ ହେଲେ ସମାଜର ବିକାଶ ହୋଇପାରିବ। ଛୁଆର ସର୍ବାଙ୍ଗୀନ ବିକାଶ ହିଁ ଶିକ୍ଷା । ଆଉ ଶିଶୁର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଥମେ ମା'ମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ଛୁରିଆ କହିଥିଲେ। ଶିକ୍ଷୟିତ୍ରୀ ରେଶମା ପ୍ରଧାନ ଓ ଅନୁସୟା ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ରବୀନ୍ଦ୍ର ପୂଝାରୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ବାର୍ଷିକୋତ୍ସବରେ ମୁଖ୍ୟଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟତ୍ରୀ ଏମ. ରଜିତା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।




ବାର୍ଷିକୋତ୍ସବରେ ମୁଖ୍ୟଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# କ୍ଷୁଦ୍ର ନାଟିକା ବଏଠା ମଞ୍ଚସ୍ଥ

ବରଗଡ଼,୩।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ମହାତ୍ମା ଗାନ୍ଧୀ ସ୍ନାତକ କଲେଜ ପକ୍ଷରୁ ନୂଆ ଓଡ଼ିଶା କାର୍ଯ୍ୟକ୍ରମରେ ସଚେତନତାଧର୍ମୀ କ୍ଷୁଦ୍ର ନାଟିକା 'ବଏଠା' ପ୍ରଦର୍ଶିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ କଲେଜର ଛାତ୍ରୀଛାତ୍ରମାନେ ପ୍ରକାଶପୁରସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପଡ଼ିଆରେ କ୍ଷୁଦ୍ର ନାଟିକା ପ୍ରଦର୍ଶନ କରିଥିଲେ। କଲେଜ ଅଧ୍ୟକ୍ଷା କଳ୍ପନା ମିଶ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କଲେଜର ଅଧ୍ୟାପକ ଅନ୍ତର୍ଯାମୀ ସାହୁ, ସୁବୋଧ କୁମାର ରଥ, ଦୟାସାଗର ନାୟକ, ଡଃ ଦୟାନିଧି ସା, ଅନିଲ କୁମାର ଦେବତା, ଡଃ ବିକାଶ ଚନ୍ଦ୍ର ପ୍ରଧାନ, ଶରତ ଚନ୍ଦ୍ର ବେହେରା ଏବଂ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଅନିଲ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।



ଛାତ୍ରୀଛାତ୍ର କ୍ଷୁଦ୍ର ନାଟିକା ବଏଠା ମଞ୍ଚସ୍ଥ କରୁଛନ୍ତି ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

ଅତାବିରା,୩।୧୨(ହୃଷୀକେଶ ଖମାରୀ)

ଅତାବିରା ବ୍ଲକ ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ପରିଚାଳନା ସମିତି ସମ୍ପାଦକ ଚିନ୍ମୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମକୁନ୍ଦ ମହାରଣା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜାନକୀ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାଳୀଚରଣ ହୋତାଙ୍କ ତତ୍ତ୍ୱାବଧାନରେ ଶିଶୁମାନେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ମଶାଲ ଆଣି ଖେଳ ପଡିଆରେ ସ୍ଥାପନ କରିଥିଲେ। ଖେଳ ଶିକ୍ଷକ ତାପସ ଭୋଇ, ବୈଶାଳୀ ଭୋଇଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀ ଖେଳ ପରିଚାଳନା କରିଥିଲେ। ପରିଚାଳନା ସମିତି କୋଷାଧ୍ୟକ୍ଷ ପ୍ରେମାନନ୍ଦ ମେହେର, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ତରିଆ ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସମାଜସେବୀ କୃଷ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ପରିଚାଳନା ସମିତିର ପୂର୍ବତନ ସମ୍ପାଦକ ଚିନ୍ମୟ କୁମାର ମହାପାତ୍ର, ଆକାଶ ମିଶ୍ର, ଜନକରାମ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପରିଚାଳନା ସମିତି ଉପସଭାପତି ବୃନ୍ଦାବନ ସାହୁ, ଯୁଗ୍ମ ସମ୍ପାଦକ ଭରତ ଚନ୍ଦ୍ର ପ୍ରଧାନ, ଅସିତ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଯୁଗ୍ମ ସମ୍ପାଦକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




କ୍ରିଷ୍ଟା ବିକାଶର ବାର୍ଷିକୋତ୍ସବରେ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ଏସିସି କ୍ରିଷ୍ଟା ବିକାଶର ବାର୍ଷିକୋତ୍ସବ

ବରଗଡ଼,୩।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଏସିସି କ୍ରିଷ୍ଟା ବିକାଶ ସିମେଣ୍ଟ ନଗର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୭ତମ ବାର୍ଷିକୋତ୍ସବ ସ୍ପଟ୍‌ଲାଇଟ୍-୨୦୨୩ ଅନୁଷ୍ଠିତ ହୋଇଯାଇଛି । କ୍ରିଷ୍ଟା ବିକାଶର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦସାରୀ ସ୍ୱାଗତ ଭାଷଣ ଦେଇଥିଲେ। ଏସିସି ସିମେଣ୍ଟ କାରଖାନାର ପ୍ଲାଣ୍ଟ ମ୍ୟାନେଜର ସୁନିଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। କ୍ରିଷ୍ଟା ବିକାଶ ଗ୍ରୁପ୍‌ର ସଂସ୍ଥାପକ ତଥା ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଟା ବିଦ୍ୟାଳୟର ସଫଳତାରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କୁ ପ୍ରଶଂସା କରିଥିଲେ।



କ୍ରିଷ୍ଟା ବିକାଶର ବାର୍ଷିକୋତ୍ସବରେ ଅତିଥିବୃନ୍ଦ ।

ପ୍ରଧାନ ଶିକ୍ଷକ ସନାତନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରିଷ୍ଟା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, କ୍ରିଷ୍ଟା ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, କ୍ରିଷ୍ଟା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେକେଣ୍ଡ ଇନ୍ କମାଣ୍ଡ ବାପୁନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇନିଂ ଷ୍ଟାର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବରଗଡ଼,୩।୧୨(ପ୍ରେମାନନ୍ଦ ଖମାରୀ)

ଭଟଲି ବ୍ଲକ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ସାଇନିଂ ଷ୍ଟାର ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବରଗଡ଼ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ରାଧାକାନ୍ତ ଛତ୍ରୀ, ଭଟଲି ବ୍ଲକ ଶିକ୍ଷାଧିକାରୀ ସରୋଜ ଭୁଏ, ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଭାବେ କାର୍ଯ୍ୟ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସର୍ବଦା ପ୍ରୟାସ କରିବା ପାଇଁ ଜିଲା ଶିକ୍ଷାଧିକାରୀ କଚ୍ଛପ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ରବି ନାରାୟଣ ସାହୁ, ଶିକ୍ଷକ ଗୋବିନ୍ଦ ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ ସାଇନିଂ ଷ୍ଟାର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସୋହେଲା ବ୍ଲକ ଶିକ୍ଷାଧିକାରୀ ଅମୃତା ସାହୁ, ବରଗଡ଼ ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, କମଗାଁ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲାବଣ୍ୟବତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଦାନନ୍ଦ ଜାଲ, ପ୍ରିୟବ୍ରତ ସାହୁ, ଲକ୍ଷ୍ମୀକାନ୍ତ ସାହା, ସୁବୋଧ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ପୋଖରୀ ଯୋଜନାର ଶୁଭାରମ୍ଭ

ବରଗଡ଼,୩।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦରେ ରବିବାର ରାଜ୍ୟ ସରକାରଙ୍କ ୫-ଟି ଏବଂ ମିଶନ ଶକ୍ତି ସହଭାଗିତାରେ ବରଗଡ଼ ପୌରାଞ୍ଚଳ ଜଳାଶୟର ନବୀକରଣ ଆମ ପୋଖରୀ ଯୋଜନାର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ୱାର୍ଡ଼ ନଂ-୧୦ ରାଣୀବନ୍ଧରେ ବିଧାୟକ ଦେବେଶ ଆଚାର୍ଯ୍ୟ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଆମ ପୋଖରୀ ଯୋଜନାର ରାଜ୍ୟ ଉପଦେଷ୍ଟା ହାଡ଼ିବନ୍ଧୁ ବେହେରା, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, କାଉନସିଲର ଉମାଚରଣ ରାଉତ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ବିଜେଡ଼ି ଟାଉନ ସଭାପତି କିଶୋର ମିଶ୍ରଙ୍କ ସମେତ ଏସ୍‌ଏଚ୍‌ଜି କର୍ମକର୍ତ୍ତା, ସଦସ୍ୟ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପର ବ୍ୟୟ ଅଟକଳ ୨୧ଲକ୍ଷ ୪୮ହଜାର ଟଙ୍କା ରହିଥିବାବେଳେ ଆସନ୍ତା ୬ମାସ ମଧ୍ୟରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ। ଅନୁଦାନ ରାଶିରେ ଜଳାଶୟ ପୁନରୁଦ୍ଧାର ସହିତ ଆଲୋକୀକରଣ, ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ସୂଚନା ଦିଆଯାଇଛି।



କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ସ୍ଥାନୀୟ ଲୋକେ ।

# ରାଞ୍ଜୀ ନଦୀରେ ସେତୁ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ବରପାଲି,୩।୧୨
(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ରାବଣଗୁଡା ନିକଟରେ ରାଞ୍ଜ ନଦୀରେ ସେତୁ ନିର୍ମାଣ ପାଇଁ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବିଜୁ ସେତୁ ଯୋଜନାରେ ଏହି ନିର୍ମାଣ କାର୍ଯ୍ୟ କରାଯିବାକୁ ଥିବାବେଳେ ୧୧ କୋଟି ୯୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି। ଉତ୍ସବରେ ବ୍ଲକ ଅଧକ୍ଷା ରୀନା ଥଇତ, ବରପାଲି ନଗରପାଳ ଦୀନେଶ ଗହୀର, ଚିକାୟତ ମହତ୍ତମ, ମଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ବହୁ ଦିନରୁ ଦାବି ହୋଇଆସୁଛି। ଆଖପାଖ ଗ୍ରାମର ଲୋକମାନଙ୍କ ଉଦ୍ୟମ କ୍ରମେ ଗୋଟିଏ କାଠ ପୋଲ କରି ଚଳପ୍ରଚଳ କରାଯାଉଛି। ବର୍ଷାଦିନେ ରାବଣଗୁଡ଼ା ଓ ଦଳପତପାଲି ଗ୍ରାମ ମଧରେ ବହୁ ଅସୁବିଧା ହେଉଥିଲା।




ମନ୍ତ୍ରୀ ରୀତା ସାହୁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ବ୍ରିଜ୍ ନିର୍ମାଣ ଦାବିରେ ରାସ୍ତାରୋକୋ

ବରଗଡ଼,୩।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଦେଓଗାଁ-ଚଣ୍ଡିପାଲି କେନାଲ ବ୍ରିଜ୍ ନିର୍ମାଣ ଦାବି ନେଇ ଆନ୍ଦୋଳନ ତେଜି ଉଠିଛି। ଏହି କ୍ରମରେ ରବିବାର ଦେଓଗାଁ, ଚଣ୍ଡିପାଲି ସମେତ ଆଖପାଖ ଅଞ୍ଚଳର ଲୋକେ ପୁରୁଣା କେନାଲ ବ୍ରିଜ୍ ଉଭୟ ପାର୍ଶ୍ୱରେ ଗଛ ଡ଼ାଳ ପକାଇ ରାସ୍ତା ଅବରୋଧ କରିଛନ୍ତି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ରହିଛି। ଖବର ଲେଖାହେବା ଯାଏ (ସନ୍ଧ୍ୟା ୫ଟା ୩୦ମିନିଟ୍) ଆନ୍ଦୋଳନ ଜାରି ରହିଛି।

ପ୍ରକାଶ ଯେ, ଦେଓଗାଁରୁ ଚଣ୍ଡିପାଲିକୁ ଯିବା ରାସ୍ତାର ବରଗଡ଼ ମୁଖ୍ୟ କେନାଲ ଉପରେ ଦୀର୍ଘବର୍ଷରୁ ଏକ ପୁରୁଣା ବ୍ରିଜ୍ ବିପଦଶଙ୍କୁଳ ଅବସ୍ଥାରେ ରହିଛି। କିଛିମାସ ତଳେ ଉକ୍ତ ବ୍ରିଜରେ ଏକ ଗର୍ତ୍ତ ସୃଷ୍ଟି ହେବା ସହିତ ସେତେବେଳେ ବ୍ରିଜଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲା। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ଏହାର ଆଶୁ ମରାମତି କରାଯାଇଥିଲା। ମାତ୍ର ବ୍ରିଜ୍‌ଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବାରୁ ସେଠାରେ ନୂତନ ବ୍ରିଜ ନିର୍ମାଣ ପାଇଁ ଲୋକେ ଦାବି କରିଥିଲେ। ସେଥିପାଇଁ ବିଭାଗୀୟ ଅଧିକାରୀମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ସେ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଲୋକେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପ୍ରକାଶଥାଉକି, ଉକ୍ତ ବ୍ରିଜ୍ ଉପରେ ଉଭୟ ବରଗଡ଼ ଏବଂ ଭଟଲି ବ୍ଲକ ଅନ୍ତର୍ଗତ ଅନେକ ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ସେହିପରି ଏହି ବ୍ରିଜ୍ ଦେଇ ସୋହେଲା ବ୍ଲକ ଏବଂ ପଡ଼ୋଶୀ ଛତିଶଗଡ଼କୁ ମଧ୍ୟ ରାସ୍ତା ସଂଯୋଗ ହୋଇଛି। ବିପଦଶଙ୍କୁଳ ଅବସ୍ଥାରେ ରହିଥିବା କେନାଲ ବ୍ରିଜ ପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଜୁହୁଳୁଛି।



କେନାଲ ବ୍ରିଜ୍ ଉପରେ ଗଛ ଡାଳ ପକାଇ ରାସ୍ତାରୋକୋ କରାଯାଇଛି।

## ସଂକ୍ଷେପରେ

### ବସ୍ ଧକ୍କାରେ ବାଇକ୍ ଚାଳକ ମୃତ



ରାଉରକେଲା,୩।୧୨(ଦିନେଶ ମିଶ୍ର): ରାଉରକେଲା ଏନ୍‌ଏଚ୍-୧୪୩ରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିକ୍ରମ ଲାକ୍ରା(୪୧)। ଏ ନେଇ ରଘୁନାଥପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩୪।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ପଟୁଆ ଗ୍ରାମର ବିକ୍ରମ ହାଇଟେକ୍ ମେଡିକାଲରେ ସିକ୍ୟୁରିଟି ଗାର୍ଡ କାମ କରନ୍ତି। ରବିବାର ସକାଳେ ସେ ବାଇକ (ନଂ.ଓଡି୧୪/୧୮୯୮) ଯୋଗେ ଡ୍ୟୁଟି କରିବା ପାଇଁ ମେଡିକାଲକୁ ଯାଉଥିଲେ। ଏହି ସମୟରେ ଏନ୍‌ଏଚ-୧୪୩ ହାତିବନ୍ଧା ବଜରଙ୍ଗ ଛକ ନିକଟରେ ମୟୂରୀ ନାମକ ଯାତ୍ରୀବାହୀ ବସ୍ ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ବାଇକ୍ ଚାଳକଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବାଇକ୍ ଚୋରି, ଜଣେ ଗିରଫ

ରାଉରକେଲା,୩।୧୨(ଦିନେଶ ମିଶ୍ର) ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳରେ ବାଇକ୍ ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅନୁପ କୁମାର ଉପାଧ୍ୟାୟ(୨୨)। ତାଙ୍କଠାରୁ ପୋଲିସ ଚୋରି ବାଇକ୍‌କୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୧୩/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ ୧ ତାରିଖ ରାତିରେ ବାସନ୍ତୀ କଲୋନୀ ଅଞ୍ଚଳର ଉପେନ୍ଦ୍ର ସିଂଙ୍କ ଘର ଆଗରୁ ତାଙ୍କ ବାଇକ୍ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତନାଘନା ଚଳାଇଥିଲା।

# ଭେଣ୍ଡିଂ ଜୋନ୍‌ରେ ଅସାମାଜିକଙ୍କ ଆଡ୍ଡା

- ମାର୍କେଟ ପରିସରରେ ଗଦାଗଦା ମଦ ବୋତଲ
- ଦୋକାନରେ ବିକ୍ରି ହେଉଛି ନିଶାଦ୍ରବ୍ୟ

ରାଉରକେଲା,୩।୧୨(ଦିନେଶ ମିଶ୍ର)

ରାସ୍ତାକଡ ଉଠା ବ୍ୟବସାୟୀମାନଙ୍କୁ ଥଇଥାନ କରିବା ପାଇଁ ଆରଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଛି। ଏହି ଭେଣ୍ଡିଂ ଜୋନରେ ବ୍ୟବସାୟ କରି ବ୍ୟବସାୟୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ଏହାର ସୁଯୋଗ ନେଇ ସହରର କିଛି ଅସାଧୁ ବ୍ୟବସାୟୀ ପାନ ଓ ଚା' ଦୋକାନ କରି ସେଠାରେ ବିଭିନ୍ନ ନିଶାଦ୍ରବ୍ୟ ବିକ୍ରି କରୁଛନ୍ତି। ରାଉରକେଲା ଜେଲ୍ ରୋଡ୍ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଭେଣ୍ଡିଂଜୋନରେ ଏଭଳି ଦେଖିବାକୁ ମିଳିଛି।

ଏହି ଭେଣ୍ଡିଂ ଜୋନରେ ସମୁଦାୟ ୧୩୦ଟି ଦୋକାନ ଓ ପିଣ୍ଡି ରହିଛି। ଏହି ମାର୍କେଟ ନିର୍ମାଣ ହେବା ପରେ ସ୍ଥାନୀୟ ଅଞ୍ଚଳର ବହୁ ରାସ୍ତାକଡ ବ୍ୟବସାୟୀ ଭେଣ୍ଡିଂ ଜୋନରେ ଦୋକାନ ପାଇ ବ୍ୟବସାୟ କରିବେ ବୋଲି ଆଶା କରାଯାଇଥିଲା। ମାତ୍ର ଅଧିକାଂଶ ବ୍ୟବସାୟୀ ଭେଣ୍ଡିଂ ଜୋନରେ ଦୋକାନ ହାତେଇବା ପରେ ପୂର୍ବଭଳି ରାସ୍ତାକଡରେ ବସି ବ୍ୟବସାୟ କରୁଛନ୍ତି। ସେମାନଙ୍କୁ ମିଳିଥିବା ଦୋକାନ ନ ଖୋଲି ଏହାକୁ ୩ ହଜାର ଟଙ୍କାରେ ଭଡା ଦେଉଛନ୍ତି। ୧୦ ଜଣ ଦୋକାନୀ ଭେଣ୍ଡିଂ ଜୋନରେ ବ୍ୟବସାୟ କରୁଥିବାବେଳେ ଅଧିକାଂଶ ପାନ ଓ ଚା' ଦୋକାନ ରହିଛି। ଏହି ଦୋକାନରେ ଗଞ୍ଜେଇ, ଗୋଗୋ ସିଗାରେଟ ସାଙ୍ଗକୁ ଧଳାପାଉଡର ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ସେହିପରି ଅଧିକାଂଶ ଦୋକାନ ବନ୍ଦ ପଡିଥିବାରୁ ଏଠାରେ ବିଭିନ୍ନ ସମୟରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି । ଏହି ଭେଣ୍ଡିଂ ଜୋନ ପାଖରେ ବହୁ ଶିକ୍ଷାନୁଷ୍ଠାନ ରହିଛି। ବିଭିନ୍ନ ସମୟରେ କଲେଜ ବିଦ୍ୟାର୍ଥୀମାନେ ଏହି ମାର୍କେଟକୁ ଆସି ନିଶାଦ୍ରବ୍ୟ ନେଉଥିବା ଦେଖାଯାଉଛି। ଗଞ୍ଜେଇ ସିଗାରେଟ ଗୋଟା ପିଛା ୧୫ରୁ ୨୦ ଟଙ୍କା ଓ ଗୋଗୋ ସିଗାରେଟ୍ ୫୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ସିଲଭର ପେପର ଖଣ୍ଡକୁ ୧୦ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ମାର୍କେଟ ପରିସରରେ ଅସାମାଜିକ ଯୁବକମାନେ ମଦ୍ୟପାନ କରି ମଦବୋତଲ ପକାଉଛନ୍ତି। ଅଧିକାଂଶ ସମୟରେ ବିଦ୍ୟାର୍ଥୀମାନେ ନିଶାଦ୍ରବ୍ୟ ଖାଇ ଉକ୍ତ ଭେଣ୍ଡିଂ ଜୋନରେ ଗଣ୍ଡଗୋଳ କରିଥିବା ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଛି। ତଥାପି ପୋଲିସ ପକ୍ଷରୁ ଉକ୍ତ ମାର୍କେଟ ଉପରେ ସେଭଳି ଆଖିଦୃଷ୍ଟିଆ ଚଢାଉ କରାଯାଇ ନ ଥିବା କିଛି ବ୍ୟବସାୟୀ କହିଛନ୍ତି। ଏ ନେଇ ଗୋପବନ୍ଧୁ ଭେଣ୍ଡିଂଜୋନ ମାର୍କେଟର ଯୁଗ୍ମ ସମ୍ପାଦକ ଲୁନା ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ଏଠାରେ ବହୁ ବ୍ୟବସାୟୀ ନିଜ ଦୋକାନ ପାଇଥିଲେ ମଧ୍ୟ ଖୋଲୁ ନ ଥିବାରୁ ଏଭଳି ପରିସ୍ଥିତି ହୋଇଛି। ଦୋକାନ ଗୁଡିକ ଅଧିକାଂଶ ସମୟ ବନ୍ଦ ରହୁଥିବାରୁ ଏଠାରେ ଅସାମାଜିକ ଯୁବକଙ୍କ ପାଇଁ ଆଡ୍ଡା ଜମାଇବାକୁ ସୁବିଧା ହେଉଛି। ଏଥିପ୍ରତି ସ୍ଥାନୀୟ ଆରଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟିଦେଲେ ଏହାର ସମାଧାନ ହେବ ବୋଲି ଜେନା କହିଥିଲେ। ଏ ନେଇ ରଘୁନାଥପାଲି ଥାନାଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ, ଗୋପବନ୍ଧୁ ଭେଣ୍ଡିଂ ଜୋନରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଥିବା ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆମେ ଉକ୍ତ ମାର୍କେଟକୁ ପ୍ରତିଦିନ ପୋଲିସ ପାଟ୍ରୋଲିଂ ଗାଡି ପଠାଇ ଯାଞ୍ଚ କରିବୁ। ସେଠାରେ କୌଣସି ଅପ୍ରୀତିକର ପରିସ୍ଥିତି ଦେଖିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାଇଁ କହିଥିଲେ।



ଗୋପବନ୍ଧୁ ଭେଣ୍ଡିଂ ଜୋନ୍।

### ବିଦ୍ୟୁତ୍ ବିଭ୍ରାଟ, ଅନ୍ଧାରରେ ରୋଗୀ ସେବା



ରାଉରକେଲା,୩।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ଡାକ୍ତରଖାନା ଅନ୍ତଃବିଭାଗରେ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରୁ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ୍ ଯୋଗୁ ରୋଗୀସେବା ବ୍ୟାହତ ହୋଇଥିଲା। ଏହି ବିଭାଗରେ କାର୍ଯ୍ୟରତ ନର୍ସମାନଙ୍କ କକ୍ଷ ମଧ୍ୟ ଅନ୍ଧାର ରହିଥିଲା। ସେବିକାମାନେ ଏ ଦିଗରେ ମେଡିକାଲ ଉଚ୍ଚକର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଆରଜିଏଚ୍ ନିର୍ଦ୍ଦେଶକ ଡାକ୍ତର ଗଣେଶ ପ୍ରସାଦ ଦାସଙ୍କୁ ପଚାରିବାରୁ ଆରଜିଏଚରେ ଏବେ ଯୋଗ ଦେଇଛି। ବିଦ୍ୟୁତ ସଂକ୍ରାନ୍ତ ସମସ୍ୟା ବିଷୟରେ ଅବଗତ ହୋଇ ତୁରନ୍ତ ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ଫୁଟବଲ: ପଟେଲ ବ୍ରଦର୍ସ ଚାମ୍ପିୟନ



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ରାଉରକେଲା,୩।୧୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୫ ସ୍ଥିତ ଟିପ୍‌ଟାଇପ୍ ମାର୍କେଟ ପଡିଆରେ ୧୮ତମ ଦ୍ୱିଦିବସୀୟ ସାରଣା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟକୁ ସାରଣା ସ୍ପୋର୍ଟିଂ କ୍ଲବ ପକ୍ଷରୁ ସଭାପତି ଦଶମତ ହେମ୍ବ୍ରମ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଡକ୍ଟର ଦୁଃଖିଆ ମୁର୍ମୁ ମୁଖ୍ୟ ଅତିଥି, ସାଗରିକା ୱେଲଫେୟାର ଟ୍ରଷ୍ଟ ସଭାପତି ଜୟନ୍ତୀ ଦାସ, ଇଞ୍ଜିନିୟର ଲକ୍ଷ୍ମଣ ମୁର୍ମୁ, ଇଞ୍ଜିନିୟର ବିକ୍ରମ କେସରା, ଆରଡିଏର କନିଷ୍ଠ ଯନ୍ତ୍ରୀ ଲାଲମୋହନ ସୋରେନ, ଲକ୍ଷ୍ମୀଧର ମୁର୍ମୁ, ଆରଜିଏଚ୍ ଡକ୍ଟର ଦୁର୍ଗା ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଫୁଟବଲ ଟୁର୍ନାମେଣ୍ଟରେ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଡାଇପସ୍ ଓ ପଟେଲ ବ୍ରଦର୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ପଟେଲ ବ୍ରଦର୍ସ ଦଳ ପେନାଲ୍‌ଟି ସୁଟ୍‌ରେ ୫-୩ ଗୋଲରେ ଡାଇପସ୍ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ଏସିଏସ୍‌ଟି ଫୁଟବଲ କ୍ଲବ ଓ ଅଙ୍କଲ ଫୁଟବଲ ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଏସିଏସ୍‌ଟି ଫୁଟବଲ ଦଳ ୨-୦ ଗୋଲରେ ଅଙ୍କଲ ଫୁଟବଲ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ପଟେଲ ବ୍ରଦର୍ସ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଭେଟ୍ରନାର ଚାମ୍ପିୟନ ଦଳକୁ ୩ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବେଷ୍ଟ ଗୋଲକିପର ଭାବେ ପ୍ରେମ ଭୂମିଜ, ପ୍ଲେୟାର ଅଫ୍ ଦି ମ୍ୟାଚ ବିକାଶ ଖାଲକୋ ଓ ବେଷ୍ଟ ସ୍କୋରର ଅନୀଲ ତିଗାଙ୍କୁ ପୁରସ୍କୃତ କରାଯାଇଥିଲା। ଲୁସା ମାରାଣ୍ଡି ମଞ୍ଚ ପରିଚାଳନା ଓ କ୍ଲବର ଉପସଭାପତି ପିରୁ ହାସଁଦା ଧନ୍ୟବାଦ ଅର୍ପଣ କରିଥିଲେ। ସାମୁ ହାସଁଦା, ଥବିର ଗରୁଡ, ଶୁଶାନ୍ତ ଧରିତି, ପ୍ରଶାନ୍ତ ପାଣିଗ୍ରାହୀ ଓ ହେମନ୍ତ ହାସଁଦା ରେଫରୀ ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସାରଣା ସ୍ପୋର୍ଟିଂ କ୍ଲବର ଲକ୍ଷ୍ମଣ ସୋରେନ, ସୁନ୍ଦର ହାସଁଦା, ଲକ୍ଷ୍ମଣ ସୋରେନ୍, ଗୋପୀ ବେଶ୍ରା, ସାଇକୁ ହେମ୍ବ୍ରମ୍, ଗୁଲିଆ ବସ୍କେ, ସୁଷମା ମାଝୀ, ସରସ୍ୱତୀ ବେହେରା, ବିଷ୍ଣୁପ୍ରିୟା ନାୟକ, ଗୀତାଞ୍ଜଳି ସାମଲ, ସୁନନ୍ଦା ନାୟକ, ସରିତା ନାୟକ, ବାସନ୍ତୀ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଭିନ୍ନକ୍ଷମଙ୍କୁ ସଶକ୍ତ କରିବା ଆବଶ୍ୟକ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ରାଉରକେଲା,୩।୧୨(ବିପ୍ଳବ ରଞ୍ଜନ ଦାଶ)

ଶ୍ରଦ୍ଧା ଏବଂ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଭଞ୍ଜଭବନ ପରିସରରେ ରବିବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଆଇନଜୀବୀ ଗିରିଶ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରିଙ୍କୁଲତା ମହାରଣା ମୁଖ୍ୟଅତିଥି, ଅନ୍ତର୍ଜିତା ନାୟକ ମୁଖ୍ୟ ବକ୍ତା ଏବଂ ଫାଦର ବେନଚାନ, ଡାକ୍ତର ସମୀର ପାତ୍ର, ରାମକୃଷ୍ଣ ବିଶ୍ୱାଳ, ଓଡିଶା ଖଣି ନିଗମ କୋଇଡାର ଆଞ୍ଚଳିକ ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ନାୟକ, ଏସ୍‌ଏସ୍‌ଏସ୍‌ଓ ମିନୁ ତାଣ୍ଡିଆ ଓ ଟିପିଡବ୍ଲ୍ୟୁଓଡିଏଲର ଅରୁଣା ମାରାଣ୍ଡି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଦିବସ ପାଳନ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ କାର୍ତ୍ତିକ ପାଣ୍ଡବ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଡଃ ନାୟକ ନିଜ ବକ୍ତବ୍ୟରେ ଦିବ୍ୟାଙ୍ଗମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଉନ୍ମୋଚିତ କରି ଲୋକ ଲୋଚନକୁ ଆଣିବା ଆଜିର ଦିବସ ପାଳନର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶ୍ରଦ୍ଧା ଶିକ୍ଷାନୁଷ୍ଠାନର ଅନ୍ତେବାସୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁଜାତା ରାଉତ, ପ୍ରୀତି ବାରିକ, ଅଳୀ ମହାରଣା, ସୁକୁମାର ପାଣ୍ଡବ ପ୍ରମୁଖ ସହଯୋଗ କରିଥିଲେ।

# ଲୋକ ସମ୍ପର୍କ ବୃତ୍ତିଧାରୀଙ୍କ କର୍ମଶାଳା

ରାଉରକେଲା,୩।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗ ଓ ଲୋକ ସମ୍ପର୍କ ଭାରତ ପରିଷଦ ରାଉରକେଲା ଅଧ୍ୟାୟ ସହଭାଗିତାରେ ଭାବାବେଗ ନିୟନ୍ତ୍ରଣ ଲୋକ ସମ୍ପର୍କରେ ନିପୁଣତା ହାସଲ ଭିତ୍ତିକ ରଣନୀତି ଉପରେ ଏକ କର୍ମଶାଳା ରାଉରକେଲା କ୍ଲବରେ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ଗୁଣବତ୍ତା ବିଭାଗର ସିଜିଏମ ଅତିଶ ଚନ୍ଦ୍ର ସରକାର ମୁଖ୍ୟ ଅତିଥି, ମନୋବିଜ୍ଞାନ ମାର୍ଗଦର୍ଶିକା ପ୍ରୀତି ସାଇନି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗର ଜିଏମ୍ ଅର୍ଚ୍ଚନା ଶତପଥି, ଉପାଧ୍ୟକ୍ଷ ଜେ. ଜେ. ଦାସ ଓ ଡାକ୍ତର ଅନା ମୈତ୍ର ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। କର୍ମଶାଳାରେ ବହୁ ଲୋକସମ୍ପର୍କ ବୃତ୍ତିଧାରୀ ଏବଂ ଲୋକ ସମ୍ପର୍କ ଅଧ୍ୟାୟର ସଦସ୍ୟ ଉପସ୍ଥିତ ଥିଲେ। ଯେ କୌଣସି ସଙ୍ଗଠନ ହେଉନା କାହିଁକି ଲୋକସମ୍ପର୍କ ହେଉଛି ପ୍ରତ୍ୟେକ ସଂସ୍ଥାର ମୁଖବନ୍ଧ ଏବଂ ଲୋକସମ୍ପର୍କ ବୃତ୍ତିଧାରୀମାନଙ୍କ ଦ୍ୱାରା ହିଁ ବୃତ୍ତିଗତ ବିକାଶ ସାଧନ ହୋଇଥାଏ ବୋଲି ଅତିଶ ଚନ୍ଦ୍ର ସରକାର କହିଥିଲେ। ଲୋକ ସମ୍ପର୍କର କୌଶଳତାରେ ନିପୁଣତା ହାସଲ ମୂଳକ ରଣନୀତି ଭାବାବେଗ ନିୟନ୍ତ୍ରଣ ଉପରେ ମୁଖ୍ୟବକ୍ତା ସାଇନି ବକ୍ତବ୍ୟ ପ୍ରଦାନ କରିଥିଲେ। ଲୋକ ସମ୍ପର୍କ ବିଭାଗର ସହକାରୀ ପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ ଡିପ୍ ଫେକ ବିଷୟବସ୍ତୁ ଆଧାରିତ ଆହ୍ୱାନ ମୂଳକ ସାରଗର୍ଭକ ଉପସ୍ଥାପନା ଲୋକସମ୍ପର୍କ ବୃତ୍ତିଧାରୀଙ୍କ ପାଇଁ ବିଶେଷ ଆକର୍ଷଣ ସାଜିଥିଲା। ଅର୍ଚ୍ଚନା ଶତପଥି ଲୋକସମ୍ପର୍କ ବୃତ୍ତିଧାରୀଙ୍କ ଦୈନନ୍ଦିନ କାମରେ ରହୁଥିବା ବିବିଧ ଆହ୍ୱାନ ଉପରେ ଅବଗତ କରାଇଥିଲେ। କାର୍ମିକ ବିଭାଗ ଜିଏମ ଧୀରେନ୍ଦ୍ର ମିଶ୍ର ଓ ଜେ.ଜେ ଦାସ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ଲୋକସମ୍ପର୍କ ଅଧ୍ୟାୟ ଯୁଗ୍ମ ସଚିବ ସଙ୍ଗୀତ ପଟ୍ଟନାୟକ କର୍ମଶାଳା ସଂଯୋଜନା କରିଥିଲେ। ଗୀତିକା ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

# ମାନବିକତା ଶିଖାଇଲା ନାଟକ ଜୀବନ ଏମିତି

ରାଉରକେଲା,୩।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଏକତ୍ର ଅନୁଷ୍ଠାନ ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବ-୨୦୨୩ ତୃତୀୟ ସନ୍ଧ୍ୟାରେ ନାଟ୍ୟାନୁଷ୍ଠାନ ରଙ୍ଗମଞ୍ଚ ପକ୍ଷରୁ ନାଟକ 'ଜୀବନ ଏମିତି' ମଂଚସ୍ଥ ହୋଇଯାଇଛି। ଏହି ନାଟକକୁ ଅଶୋକ ବହିଦାର ରଚନା କରିଥିବା ବେଳେ କୈଳାସ ପାଣିଗ୍ରାହୀ ନିର୍ଦ୍ଦେଶନା ଦେଇଥିଲେ। ନାଟକରେ ମଙ୍ଗଳୁ ବୋଦାଟିଏ ରଖିଛି। ବୋଦାର ନାମ ହୀରା ରଖି ସାପ୍ତାହିକ ହାଟରେ ତାକୁ ଲଢେଇରେ ଲଗାଇ କୁଟୁମ୍ବ ଚଳାଉଛି। ବୟସର ଅପରାହ୍ନରେ ବୋଦାଟି ଦୁର୍ବଳ ହୋଇଯାଇଛି। ଅନ୍ୟପଟେ ମଙ୍ଗଳୁର ଏକମାତ୍ର ପୁଅ ଅଜଣା ରୋଗରେ ଆକ୍ରାନ୍ତ ହୋଇଛି। ଏମିତିରେ ପୁଅ ବଡ ନା ରୋଜଗାର ଦେଇ ଆସୁଥିବା ବୋଦା ବଡ ତାହା ଉପରେ ଆଧାରିତ ଥିଲା ନାଟକ 'ଜୀବନ ଏମିତି'। ନାଟକର ତୃତୀୟ ସନ୍ଧ୍ୟାରେ ସମାଜସେବୀ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଓ ଡାକ୍ତର କିରଣ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଳୟ ଶତପଥି ମଞ୍ଚ ପରିଚାଳନା କରିଥିବା ବେଳେ ସୁରେଶ, ସୌମ୍ୟରଞ୍ଜନ, ଶିବାନୀ, ହେମନ୍ତ, ଓମ୍, କୈଳାସ ପ୍ରମୁଖ କଳାକାର ଅଭିନୟ କରିଥିଲେ।



ଜୀବନ ଏମିତି ନାଟକର ଏକ ଦୃଶ୍ୟ ।

# କୋଏଲ ନଦୀରେ ନିଖୋଜ ଛାତ୍ରଙ୍କ ମୃତଦେହ ମିଳିଲା

ରାଉରକେଲା,୩।୧୨(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ପ୍ରଧାନପାଲି ରେଲୱେ ବ୍ରିଜ ନିକଟ କୋଏଲ ନଦୀରେ ଶନିବାରଠାରୁ ନିଖୋଜ ଥିବା ଜଣେ ଛାତ୍ରଙ୍କ ମୃତଦେହକୁ ରବିବାର ଓଡ୍ରାଫ ଟିମ୍ ଉଦ୍ଧାର କରିଛି। ମୃତକ ହେଲେ ପ୍ରିୟରଞ୍ଜନ ପାଢ଼ୀ(୧୫)। ଏ ନେଇ ପୋଲିସ ପୃଥକ୍ ଦୁଇଟି ଅପମୃତ୍ୟୁ ମାମଲା (ନଂ.୨୭।୨୩ ଓ ନଂ.୨୮।୨୩) ରୁଜୁ କରି ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଲେବର ଟେନାମେଣ୍ଟ କଲୋନିର ପ୍ରିୟ ଡିଏଭି ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ଅଟନ୍ତି। ଶନିବାର ସ୍କୁଲରେ ପରୀକ୍ଷା ଦେଇସାରି ପ୍ରିୟରଞ୍ଜନ, ପ୍ରିୟାଂଶୁଙ୍କ ସମେତ ୪ଜଣ ଛାତ୍ର କୋଏଲ ନଦୀରେ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ପ୍ରିୟରଞ୍ଜନ ପାଢ଼ୀ ଓ ପ୍ରିୟାଂଶୁ ବଳ ନଦୀରେ ଗାଧୋଉଥିବାବେଳେ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ୨ଜଣଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଓଡ୍ରାଫ୍ ଟିମ୍ ଆସି ଖୋଜାଖୋଜି କରିବା ପରେ ପ୍ରିୟାଂଶୁଙ୍କ ମୃତଦେହ ମିଳିଥିବା ବେଳେ ପ୍ରିୟରଞ୍ଜନଙ୍କ ମିଳି ନ ଥିଲେ। ଏ ନେଇ ଛେଣ୍ଡ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଓଡ୍ରାଫ୍ ଟିମ ସହାୟତାରେ ରବିବାର ପ୍ରିୟରଞ୍ଜନଙ୍କୁ ନଦୀରୁ ଉଦ୍ଧାର କରିଛି।

# ଅଟୋରୁ ବ୍ୟାଟେରି ଚୋରି, ଥାନାରେ ଅଭିଯୋଗ

ରାଉରକେଲା,୩।୧୨(ଦିନେଶ ମିଶ୍ର)

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ବଣିଆଗେଟ ନିକଟରେ ଏକ ଅଟୋରୁ ବ୍ୟାଟେରି ଚୋରି ନେଇ ଅଭିଯୋଗ ହୋଇଛି। ଏ ନେଇ ପ୍ଲାଣ୍ଟସାଇଟ ପୋଲିସ ଏକ ମାମଲା (ନଂ.୪୧୫/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବିପିନ ବିହାରୀ ସାହୁ ରାଉରକେଲା ସହରରେ ଅଟୋ ଚଳାନ୍ତି। ସେ ଶନିବାର ରାତିରେ ବଣିଆଗେଟ ଛକରେ ଅଟୋ ରଖି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଅଟୋରୁ ବ୍ୟାଟେରି ଚୋରି କରି ନେଇଥିଲେ। ରବିବାର ସକାଳେ ବିପିନ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

# ଭିନ୍ନକ୍ଷମଙ୍କ ସାମଗ୍ରିକ ବିକାଶ ପାଇଁ ଉଦ୍ୟମ ଲୋଡ଼ା

ରାଉରକେଲା,୩।୧୨(ଦିନେଶ ମିଶ୍ର)

ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର (ଆର୍‌ଆର୍‌ଆର୍‌ସି) ସ୍ୱତନ୍ତ୍ର ବିଦ୍ୟାଳୟ ଆଶାଦୀପ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଛେଣ୍ଡ ସ୍ଥିତ ସଂସ୍ଥା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ଅଧ୍ୟକ୍ଷ ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ବହୁମୁଖୀ ଯୋଜନା ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଉରକେଲା ମହାନଗର ନିଗମ ଉପଆୟୁକ୍ତ ରୋନିତ କୁମାର, ପାନପୋଷ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ, ଆଇଜିଏଚ୍ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ସଞ୍ଜୟ କୁମାର ତିୱାରୀ, ଆରଏସ୍‌ପିର ସମାଜ କଲ୍ୟାଣ ବିଭାଗର ଉପପରିଚାଳକ ଦେବେନ୍ଦ୍ର କୁମାର ଖଟୁଆ, କ୍ଲିନ ଆଣ୍ଡ୍ ଗ୍ରୀନ୍‌ର ସଭାପତି ଡକ୍ଟର ଦେବେନ୍ଦ୍ର ସେଠୀ, କରନ ଅଗ୍ରୱାଲ, ସ୍ୱପ୍ନା ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସାମଗ୍ରିକ ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ହେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଏହି ଉତ୍ସବରେ ୩୧ ଜଣ ଭିନ୍ନକ୍ଷମଙ୍କୁ ୧୯ଟି ୩ ଚକିଆ ସାଇକେଲ, ୧୨ଟି ହୁଇଲ ଚେୟାର ବଣ୍ଟନ କରାଯାଇଥିଲା। ଆଶାଦୀପର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସବିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଛେଣ୍ଡ ଥାନା ପରିସରରୁ ବାହାରି ରିଂରୋଡ ପରିକ୍ରମା କରି ଆରଆରଆରସି କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଏଥିରେ ନିଲମ ଫାଉଣ୍ଡେଶନ, ଅନ୍ୱେଷା, ଡ୍ରିମ ଟିମ୍ ଫାଉଣ୍ଡେଶନ, ଆରାଧ୍ୟା ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ସବିତା ସାମଲ, ସସ୍ମିତା ଧଳ, ଲିତାଞ୍ଜଳି ପତ୍ରି, ସତ୍ୟରଞ୍ଜନ ମଲ୍ଲିକ, ଶାନ୍ତନୁ ପଲେଇ, ଲକ୍ଷ୍ମୀ ଗିରି, ଗୀତା ସାହୁ, ମୁକେଶ କୁମାର, ଜନ୍ମୟୀ ସାହୁ, ଅଶୋକ ପଣ୍ଡା, ପ୍ରିୟବ୍ରତ ସାହୁ, ସଲିନ ସାହୁ, ମୁକେଶ ବାରିକ ପ୍ରମୁଖ ସହଯୋଗ କରିଥିଲେ। ନିର୍ଦ୍ଦେଶକ ତ୍ରିଲୋଚନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜାତୀୟ ସଡକ ସୁରକ୍ଷା କ୍ଷୁଦ୍ର ସିନେମା ଉତ୍ସବ, ତପସ୍ୱିନୀ ହଲ ପୂର୍ବାହ୍ନ ୧୦ଟା
- ଜିଲା ପ୍ରଶାସନର ମିଳିତ ଜନଶୁଣାଣି, କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା
- ଚିତ୍ରକଳା ପ୍ରଦର୍ଶନୀ, ଲଳିତକଳା ଏକାଡେମୀ ପରିସରସ୍ଥ ଆର୍ଟ ଗେଲେରୀ, ପୂର୍ବାହ୍ନ ୧୦ ଟା ୩୦
- ଜ୍ୟୋତି ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ, ଓଡିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ୫ ଟା ୩୦



ରବିବାର ସମ୍ବଲପୁର କଚେରି ଛକ ନିକଟରେ ହାପ୍ ମାରାଥନ କାର୍ଯ୍ୟକ୍ରମରେ ବିକାଶ ସ୍କୁଲର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।



ରବିବାର ଗଙ୍ଗାଧର ମଣ୍ଡପଠାରେ ସମ୍ବଲପୁର ଜିଲା ପ୍ରଶାସନ ଆୟୋଜିତ ବିଶ୍ୱ ଭିନ୍ନକ୍ଷମ ଦିବସରେ କଳାକାରମାନଙ୍କ ସମ୍ବଲପୁରୀ ନୃତ୍ୟ ପରିବେଷଣ।

# ଦାଦନ ଖଟିବାକୁ ଯାଉଥିବା ପୂର୍ବତନ ବ୍ଲକ୍ ଅଧକ୍ଷାଙ୍କୁ ଭେଟିଲେ ବିଧାୟକ

**ସମ୍ବଲପୁର,୩।୧୨ (ଭବାନୀ ଶଙ୍କର ଭୋଇ):** ଦାଦନ ଖଟିବାକୁ ଯାଉଥିବା ଧନକଉଡ଼ା ବ୍ଲକର ପୂର୍ବତନ ଅଧକ୍ଷା କାନ୍ତି କୁମ୍ଭାରଙ୍କୁ ନେଇ ଅଞ୍ଚଳରେ ଚର୍ଚ୍ଚା ଚାଲିଥିବା ବେଳେ ରବିବାର ରେଙ୍ଗାଲି ବିଧାୟକ ନାଉରୀ ନାୟକ ତାଙ୍କୁ ଭେଟି ଆଲୋଚନା କରିଛନ୍ତି। କାନ୍ତିଙ୍କ ପାରିବାରିକ, ଆର୍ଥିକ, ସାମାଜିକ ପରିସ୍ଥିତି ବିଷୟରେ ଆଲୋଚନା କରିବା ପରେ ସେ ଆଉ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନ ଯିବାକୁ ଅନୁରୋଧ କରିଥିଲେ। କାନ୍ତିଙ୍କ ଝିଅ ତିନି ବର୍ଷ ହେବ ୨ ପାସ୍ କରି ପାଠ ପଢ଼ା ଛାଡ଼ି ଦେଇଥିବାରୁ ବିଧାୟକ ତାଙ୍କୁ ଉଚ୍ଚ ଶିକ୍ଷା ପାଇଁ ସବୁପ୍ରକାର ସହାୟତା ଯୋଗେଇ ଦେବାକୁ ଆଶ୍ୱାସନା ଦେଇଥିଲେ। ଏହା ସହିତ କାନ୍ତି ଓ ତାଙ୍କ ପୁଅ ପାଇଁ ସ୍ଥାୟୀ କର୍ମ ନିୟୋଜନର ବ୍ୟବସ୍ଥା କରିବା ପାଇଁ ମଧ ପ୍ରତିଶ୍ରୁତି ଦେଇଥିଲେ। କାନ୍ତିଙ୍କ ପରିବାର ପ୍ରତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିନ୍ତା ବିଷୟରେ ବିଧାୟକ ତାଙ୍କୁ ଅବଗତ କରାଇଥିଲେ। କାନ୍ତିଙ୍କୁ ଭେଟିବା ସମୟରେ ଭାଜପା କ୍ଷେତ୍ରୀୟ ଗଣମାଧମ ସଂଯୋଜକ ମାନସ ରଞ୍ଜନ ବକ୍ସି, ଗୋଶାଳା ମଣ୍ଡଳ ସଭାପତି ଦେବେନ୍ଦ୍ର ନାୟକ, କଳାମାଟି ସରପଞ୍ଚ ସୁଷମା ସାହୁ, ଧୀରେନ୍ଦ୍ର ନାଗ, ମୂରଲୀଧର ଛୁରିଆ, ବଂଶୀଧର ବେହେରା ପ୍ରମୁଖ ସାମିଲ୍ ଥିଲେ।

# ଯୁଯୁମୁରା ଥାନା ଘେରାଉ କଲେ ଲୋକେ

**ସମ୍ବଲପୁର, ୩।୧୨(ପ୍ରମୋଦ ବହିଦାର)**

### ନାବାଳିକା ବଳାତ୍କାର ଓ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ ଦାବି

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଲିପିଣ୍ଡା ପଞ୍ଚାୟତ ନାରିଙ୍ଗିପାଲି ଗ୍ରାମର ନିଖୋଜ ନାବାଳିକା(୧୬)ଙ୍କ କ୍ଷତବିକ୍ଷତ ମୃତଦେହ ଶନିବାର ଉଦ୍ଧାର ହୋଇଛି। ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ କରି ଗ୍ରାମବାସୀଙ୍କ ପକ୍ଷରୁ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବି କରାଯାଇଛି। ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ରବିବାର ସନ୍ଧ୍ୟାରେ ଶତାଧିକ ସଂଖ୍ୟାରେ ପୁରୁଷ ଓ ମହିଳା ଗ୍ରାମବାସୀ ଏକତ୍ରିତ ହୋଇ ଥାନା ଘେରାଉ କରିଛନ୍ତି। ଫଳରେ ଯୁଯୁମୁରା ଥାନାରେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ନାବାଳିକା ଜଣକ ନିଖୋଜ ହୋଇଯାଇଥିଲେ। ଏହାକୁ ନେଇ ପରିବାର ଲୋକେ ଯୁଯୁମୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶନିବାର ନାବାଳିକାଙ୍କ କ୍ଷତବିକ୍ଷତ ମୃତଦେହକୁ ପୋଲିସ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର କରିଥିଲା। ତେବେ ନିଖୋଜ ହେବା ଦିନ ନାବାଳିକାଙ୍କୁ ନିକଟସ୍ଥ ଗ୍ରାମର ଜଣେ ଯୁବକ ସାଇକେଲ୍‌ରେ ବସାଇ ନେଉଥିବା ଲୋକେ ଦେଖିଛନ୍ତି ବୋଲି ପୋଲିସକୁ ସୂଚନା ଦେଇଥିଲେ। ମାତ୍ର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ନାବାଳିକା ଜଣକ ବଳାତ୍କାର ଓ ହତ୍ୟାର ଶିକାର ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ଥାନା ଘେରାଉ ଜାରି ରହିଥିବାରୁ ଏଠାରେ ବର୍ତ୍ତମାନ ମଧ ଉତ୍ତେଜନା ଲାଗି ରହିଛି।



ନାବାଳିକା ବଳାତ୍କାର ଓ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଯୁଯୁମୁରା ଥାନା ଘେରାଉ କରିଛନ୍ତି ଗ୍ରାମବାସୀ

# ବୀର ବିର୍ସା ମୁଣ୍ଡା ଫୁଟବଲ ପ୍ରତିଯୋଗିତା: ସେଣ୍ଟଜନ ସ୍କୁଲ ଚାମ୍ପିୟନ

**ସମ୍ବଲପୁର,୩।୧୨(ବି.ଶଙ୍କର)**

ସମ୍ବଲପୁର ସହରସ୍ଥିତ ସେଣ୍ଟଜନ ସ୍କୁଲ ପଡିଆଠାରେ ତୃତୀୟ ଏକଦିବସୀୟ ବୀର ବିର୍ସା ମୁଣ୍ଡା ଫୁଟବଲ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲାର ସୁନାପାଲି ଫୁଟବଲ ଦଳ, ଗେଙ୍ଗୁଟିପାଲି ଫୁଟବଲ ଦଳ, ସେଣ୍ଟଜନ ସ୍କୁଲ, ମୁଣ୍ଡା ଏଫସି, ଡନ ବୋସକୋ ୟୁଥ କ୍ଲବ, ଚାରଭାଟି ଏଫସି, ହିନ୍ଦ କ୍ଲବ, ସିଂହପାଲି ଏଫ୍‌ସି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ସେଣ୍ଟଜନ ସ୍କୁଲ ୨-୧ ଗୋଲରେ ଗେଙ୍ଗୁଟିପାଲିକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସମ୍ବଲପୁର ସେଣ୍ଟଜନ ସ୍କୁଲର ଅଧକ୍ଷ ଫାଦର ଅନିଲ କୁଜୁରଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଅବସରପ୍ରାପ୍ତ ଜିଲାପାଳ ଜୁଲିଆସ ଲାକ୍ରା ମୁଖ୍ୟ ଅତିଥି, ସମ୍ବଲପୁର ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ସଂଯୋଜକ ମାରିଆନୁସ ବିଲୁଙ୍ଗ, କାନାରା ବ୍ୟାଙ୍କର ପ୍ରବନ୍ଧକ ଦେଓ ସାହାୟ କେରକେଟା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାର ମ୍ୟାଚଗୁଡ଼ିକୁ ରେଫରି ସରୋଜ କିଷାନ, ଜଲେନ ଓରାମ ଓ ଦଳ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାକୁ ଆୟୋଜନରେ ସ୍କୁଲର ଖେଳ ଶିକ୍ଷକ ଗୌତମ ପଟେଲ, ବାସ୍କେଟବଲ କୋଚ ଅମରଦିପ ସହଯୋଗ କରିଥିଲେ।



ସେଣ୍ଟଜନ ସ୍କୁଲ ପଡିଆଠାରେ ଅତିଥିଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

# ବାରଖଣ୍ଡିଆରେ ଶିଶୁ କାର୍ଯ୍ୟକ୍ରମ ଉଡାନ

**କୁଚିଣ୍ଡା,୩।୧୨(ବିରଞ୍ଚି ଦର୍ଚ୍ଚା):** ବାମରା ବ୍ଲକ ଅନ୍ତର୍ଗତ ବାବୁନିକ୍ତିମାଲ ପଞ୍ଚାୟତର ବାରଖଣ୍ଡିଆ ଗ୍ରାମରେ ସିଡି ଅନୁଷ୍ଠାନ ପକ୍ଷରୁ ଶିଶୁ କାର୍ଯ୍ୟକ୍ରମ ଉଡାନ ଅନୁଷ୍ଠିତ ହୋଇଯାଇଛି। ସିଡି ସମ୍ପାଦକ ଅଭିରାମ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବାବୁନିକ୍ତିମାଲ ପଞ୍ଚାୟତ ସରପଞ୍ଚ ପ୍ରଦାୟିନୀ ସା ମୁଖ୍ୟ ଅତିଥି, ବାମରା ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ଭିକ୍ଟୋରିଆ ପ୍ରଧାନ, ବସନ୍ତ ପଟେଲ, ଖିରୋଦ ସିଂ ମହାପାତ୍ର,ଏୱାର୍ଡ ସମ୍ପାଦକ ପ୍ରହଲ୍ଲାଦ ଚନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଡିର ଡୋଳାମଣି ଷଣ୍ଢ, ପ୍ରତିକ ଖମାରୀ, ବିରେନ୍ଦ୍ର ନାଗ, ରାନୁରଞ୍ଜିତା ମହାନ୍ତି, ପ୍ରତିମା ପଣ୍ଡା, ଦିଲୀପ ମାଲି, ଅଲିଭା ପଟେଲ, ସୁଲଭା ପଟେଲ, ପଦ୍ମିନୀ ଭୋଇ, ଅଞ୍ଜନା ବାଗ, ମନିସିବା ସିଂ ମହାପାତ୍ର, ରୋଜି ବେହେରା, ନେତ୍ରାନନ୍ଦ ବାରିକ, ପ୍ରେମଚାନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# କିଷାନପଡ଼ାକୁ ହରାଇ ବୁରୋମାଲ ଚାମ୍ପିୟନ

**ସମ୍ବଲପୁର,୩।୧୨(ପ୍ରମୋଦ ବହିଦାର)**

### ବଦୁଆପାଲିର ଏକଦିବସୀୟ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

ମାନେଶ୍ୱର ବ୍ଲକ ବଦୁଆପାଲି ଖେଳପଡ଼ିଆରେ ରାମଜୀ କ୍ଲବ ପକ୍ଷରୁ ୭୭ତମ ଏକଦିବସୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ କିଷାନପଡ଼ା ସମ୍ବଲପୁର ଓ ବୁରୋମାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଖେଳ ଅମିମାଂସିତ ରହିବାରୁ ଟାଇବ୍ରେକର୍‌ର ସହାୟତା ନିଆଯାଇଥିଲା। ଏଥିରେ ବୁରୋମାଲ ଦଳ ୩-୨ ଗୋଲରେ କିଷାନପଡ଼ାକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ନନ୍ଦକିଶୋର ନାୟକ, ଯୋଗେନ୍ଦ୍ର ଓରାମ, ସୁମନ୍ତ ନାୟକ, ଆନନ୍ଦ ମିର୍ଦ୍ଧା, ଦେବାଶିଷ ବାଘ ଖେଳ ଗୁଡ଼ିକୁ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବ ବିଜେଡି ରାଜ୍ୟ ସମ୍ପାଦକ ମନୋଜ ମହାପାତ୍ର ବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ସେହିପରି ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇ ଚନ୍ଦ୍ର ମହାକୁର, ପ୍ରଦୀପ ପତି, ଦିଲୀପ ପ୍ରଧାନ, ମନୋଜ ସିଂ, ସତ୍ୟ ବେହେରା, ଦୁଷ୍ମନ୍ତ ବିଶ୍ୱାଳ ପ୍ରମୁଖ ଉପ ବିଜେତା ଦଳକୁ ଟ୍ରଫି ଓ ନଗଦ ରାଶି ସହ ଅନ୍ୟାନ୍ୟ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ରାମଜୀ କ୍ଲବର ତପନ ନାଥ, ପ୍ରଶାନ୍ତ ସିଂ, ଆକାଶ ନାୟକ, ନଟ ରାଉତ, ନରେଶ ନାୟକ, ବିନ୍ଦା ନାୟକ, ସୁନସେଫ୍ ସାମନ୍ତ, ସୁଶାନ୍ତ ସିଂ ପ୍ରମୁଖ ପ୍ରତିଯୋଗିତା ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।



ବଦୁଆପାଲିରେ ଏକଦିବସୀୟ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

# ଶ୍ରୀଗୁରୁ ରବିଦାସ ଜାତୀୟ ପୁରସ୍କାର ଲାଗି ମହମ୍ମଦ ନୱାବ ମନୋନୀତ

**ସମ୍ବଲପୁର,୩।୧୨(ବି.ଶଙ୍କର)**

ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ଡକ୍ଟର ଆମ୍ବେଦକର ପୁରସ୍କାର କମିଟି ପକ୍ଷରୁ ଚଳିତ ବର୍ଷ ସାମାଜିକ ସେବା ଏବଂ ଅନ୍ୟାନ୍ୟ ସାହିତ୍ୟିକ କାର୍ଯ୍ୟ ପାଇଁ ସମ୍ବଲପୁର ସହରର ମହମ୍ମଦ ନୱାବଙ୍କୁ ଚୟନ କରାଯାଇଛି । ତାଙ୍କୁ ଶ୍ରୀଗୁରୁ ରବିଦାସ ଜାତୀୟ ପୁରସ୍କାର-୨୦୨୩ ପ୍ରଦାନ କରାଯିବାକୁ ମନୋନୟନ କରାଯାଇଛି। ଚଳିତମାସ ଡିସେମ୍ବର ୧୦ରେ ନୂଆଦିଲ୍ଲୀରେ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ୩୯ ତମ ଜାତୀୟ ସମ୍ମିଳନୀ ହେବ। ଏହି ସମ୍ମିଳନୀରେ ମହମ୍ମଦ ନୱାବଙ୍କୁ ପୁରସ୍କାର ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ, ମହମ୍ମଦ ନୱାବ ବର୍ତ୍ତମାନ ସମ୍ବଲପୁର ମୁସଲିମ ସିଟିଜନ ଫୋରମର ସଭାପତି ରହିଛନ୍ତି । ଏଥିସହ ସେ ବିଭିନ୍ନ ସଙ୍ଗଠନ ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡିତ ଅଛନ୍ତି।

# ଶହୀଦ ସ୍ମାରକୀରେ ମହାନଗର ନିଗମ ସହଯୋଗରେ ସଫେଇ ଅଭିଯାନ



କୁଦୋପାଲି ଶହୀଦ ସ୍ମାରକୀରେ ରବିବାର ଗଣସେଫେଇ ସମୟର ଦୃଶ୍ୟ।

**ସମ୍ବଲପୁର,୩ ।୧୨ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର କୁଦୋପାଲିର ବୀର ଛବିଲ ସାଏ ଶହୀଦ ସ୍ମାରକୀ ଠାରେ ମହାନଗର ନିଗମ ସହଯୋଗରେ ରବିବାର ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ, ବୀର ଛବିଲ ସାଏ ଶହୀଦ ସ୍ମାରକୀ କମିଟି ଏବଂ ପଶ୍ଚିମାଞ୍ଚଳ ଏକତା ମଞ୍ଚର ମିଳିତ ସହଯୋଗରେ କୁଦୋପାଲି ପୁରୁଣା ପ୍ରାଥମିକ ବିଦ୍ୟାଳୟ, ଶହୀଦ ସ୍ମାରକୀ ଏବଂ କୁଦୋପାଲି ଗାଁରେ ସଫେଇ ଅଭିଯାନ କରାଯାଇଥିଲା। ରବିବାର ସଫେଇ ଅଭିଯାନରେ ଗ୍ରାମବାସୀଙ୍କ ସହ ମହାନଗର ନିଗମର ସଫେଇ କର୍ମଚାରୀମାନେ ସାମିଲ ହୋଇଥିଲେ। ରବିବାର ଗଣ ସଫେଇ ପରେ ଆଗାମୀ ଡିସେମ୍ବର ୩୦ ତାରିଖରେ ଶହୀଦ ସ୍ମାରକୀଠାରେ ବଳିଦାନ ଦିବସ କାର୍ଯ୍ୟକ୍ରମ ଆୟୋଜନ ନେଇ ଆଲୋଚନା କରାଯାଇଥିଲା। ଐତିହାସିକ କୁଦୋପାଲିକୁ ଲୋକଲୋଚନକୁ ଆଣିବା ପାଇଁ ଜିଲା ପ୍ରଶାସନକୁ କାର୍ଯ୍ୟକ୍ରମ ସହ ସାମିଲ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଏହାସହ ବିଗତ ଦିନର କାର୍ଯ୍ୟକ୍ରମ ଗୁଡିକର ତଥ୍ୟ ସଂଗ୍ରହ କରାଯାଇ ବଳିଦାନ ଦିବସ କାର୍ଯ୍ୟକ୍ରମରେ ପ୍ରଦର୍ଶନ କରାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିରେ ଅରୁଣ ମିର୍ଦ୍ଧା, ସୁଦାମ ସେଠ, ଚନ୍ଦନ ସାହାଣୀ, ଭରତ ସାହୁ, ଗଜିନ୍ଦ୍ର ବେହେରା, ଚନ୍ଦନ ମଟାରୀ, ଅଚ୍ୟୁତ ମିର୍ଦ୍ଧା, ପ୍ରଶାନ୍ତ ମିର୍ଦ୍ଧା, ରାମ ସାଗର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ରାଜ୍ୟ ପୁରସ୍କାରପ୍ରାପ୍ତ ସୌମ୍ୟରଞ୍ଜନଙ୍କୁ ସମ୍ବର୍ଦ୍ଧନା

**କୁଚିଣ୍ଡା,୩।୧୨(ବିରଞ୍ଚି ଦର୍ଚ୍ଚା)**

କୁଚିଣ୍ଡା କଲେଜର ପୂର୍ବତନ ଛାତ୍ର ରାଜ୍ୟ ପୁରସ୍କାରପ୍ରାପ୍ତ ସୌମ୍ୟରଞ୍ଜନ ପଟେଲଙ୍କୁ ରବିବାର କୁଚିଣ୍ଡା କଲେଜରେ ସମ୍ବର୍ଦ୍ଧିତ କରାଯାଇଛି। କଲେଜ ଅଧକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ସମ୍ବର୍ଦ୍ଧନା ସଭାରେ ଏନଏସି ଅଧକ୍ଷ ପ୍ରଦ୍ୟୁତ୍ କୁମାର ମହାନ୍ତି ମୁଖ୍ୟ ଅତିଥି, କଲେଜ ପରିଚାଳନା ସମିତି ସଭାପତି ହୃଦାନନ୍ଦ ଶର୍ମା, ସଭ୍ୟ ଲମ୍ବୋଦର କୁମୁରା, ଆଲମୁନୀ ସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ ପୂର୍ଣ୍ଣେନ୍ଦୁ ମହାନ୍ତି, ବରିଷ୍ଠ ନାଗରିକ ସଂଘ ସଭାପତି ଜୟପ୍ରକାଶ ଗୁପ୍ତା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶାନ୍ତନୁ ସାହୁ, ଧିରେନ୍ଦ୍ର ମହାନ୍ତି, ସୁଜ୍ଞାନୀ ପଟେଲ ପ୍ରମୁଖ ଯୋଗଦେଇ ତାଙ୍କର ଏଭଳି ସ୍ୱେଚ୍ଛାକୃତ କାର୍ଯ୍ୟ ପାଇଁ ପଟେଲଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ,ଗତ ନଭେମ୍ବର ୨୪ରେ ଭୁବନେଶ୍ୱର ଜୟଦେବ ଭବନଠାରେ ଜାତୀୟ ସେବା ଯୋଜନାରେ ଉଲ୍ଲେଖନୀୟ ସେବାକାର୍ଯ୍ୟ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଉଚ୍ଚଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପୁରସ୍କୃତ କରିଥିଲେ। ଏହାଛଡା ବିଗତ ଦୁଇ ବର୍ଷ ମଧ୍ୟରେ ଏନଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧାପିକା ବେଲମତି କୁମୁରାଙ୍କ ତତ୍ତ୍ୱାବଧାନରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ କରି ହାଇଦ୍ରାବାଦ, କଲିକତାରେ ପ୍ରଥମସ୍ଥାନ ଅଧିକାର କରି କୁଚିଣ୍ଡାକୁ ଗୌରବାନ୍ୱିତ କରିଛନ୍ତି। ସୌମ୍ୟରଞ୍ଜନ କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଖଣ୍ଡୋକଟା ପଞ୍ଚାୟତ ଜୁନାନୀ ଗ୍ରାମର ସ୍ୱର୍ଗତ ସଞ୍ଜୟ ପଟେଲ ଓ ଅଞ୍ଜୁ ପଟେଲଙ୍କ ସୁପୁତ୍ର ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି।

# ସମ୍ବଲପୁର ହାପ୍ ମାରାଥନରେ ଭାଗନେଲେ ରାଜ୍ୟ ବାହାର ପ୍ରତିଯୋଗୀ

**ସମ୍ବଲପୁର,୧୧।୧୧(ପ୍ରମୋଦ ବହିଦାର)**

ସମ୍ବଲପୁରଠାରେ ରବିବାର ଆୟୋଜିତ ହୋଇଛି ସମ୍ବଲପୁର ହାପ୍ ମାରାଥନର ପ୍ରଥମ ସଂସ୍କରଣ। ହେପି ଫିଟ୍ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ମାରାଥନରେ ସମ୍ବଲପୁର ଓ ଓଡ଼ିଶାର ବିଭିନ୍ନ ଜିଲାର ପ୍ରତିଯୋଗୀଙ୍କ ସହିତ ବାହାର ରାଜ୍ୟ ଛତିଶଗଡ଼, ବିହାର ଓ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାର ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଭାରତୀୟ ହକି ଫେଡେରେସନ୍‌ର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ସବୁଜ ପତାକା ଦେଖାଇ ମାରାଥନକୁ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ବିକାଶ ସମୂହ ଶିକ୍ଷାନୁଷ୍ଠାନ ଅଧକ୍ଷ ଡି ମୁରଲିକ୍ରିଷ୍ଣା, ହେପି ଫିଟ୍ ଫାଉଣ୍ଡେସନର ପ୍ରତିଷ୍ଠାତା ସଦସ୍ୟା ଅର୍ପିତା ଦାସ, ଭାସ୍କର ରାଓ, ଡା. ଦିଲୀପ ନନ୍ଦ, ରଞ୍ଜିତ ମିଶ୍ର, କିଶୋର ଅଗ୍ରୱାଲ, ଲଳିତ ରୋହିଦାସ, ବିବି ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ରବିବାର ସମ୍ବଲପୁର ହାପ୍ ମାରାଥନକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।



ସମ୍ବଲପୁର ହାଫ୍ ମାରାଥନରେ ଅଂଶଗ୍ରହଣକାରୀ ପ୍ରତିଯୋଗୀ।

ମାରାଥନର ୫ କିଲୋମିଟର ବର୍ଗରେ ସମସ୍ତ ଶ୍ରେଣୀର ମହିଳା, ପୁରୁଷ ଠାରୁ ଆରମ୍ଭ କରି ବାଳିକାବାଳକ, ଯୁବତୀଯୁବକ ଭାଗ ନେଇଥିଲେ। ମାତ୍ର ୧୪ ବର୍ଷରୁ ଅଧିକ ବାଳିକାବାଳକମାନେ ୧୦ କିଲୋମିଟର ଓ ୧୭ ବର୍ଷରୁ ଉର୍ଦ୍ଧ୍ୱ ବାଳିକାବାଳକ, ଯୁବତୀଯୁବକଙ୍କ ସହିତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ୨୧ କିଲୋମିଟର ମାରାଥନରେ ଭାଗ ନେଇଥିଲେ। ନେଲସନ ମଣ୍ଡେଲାଛକରୁ ୨୧ କିଲୋମିଟର ହାଫ୍ ମାରାଥନର ଶୁଭାରମ୍ଭ ହୋଇ ମହାନଦୀର ଦ୍ୱିତୀୟ ସେତୁ, ଚାଉରପୁର ଦେଇ ଘଣ୍ଟେଶ୍ୱରୀ ରାସ୍ତାରେ ସିନାପାଲି ପର୍ଯ୍ୟନ୍ତ ଯାଇ ସେଠାରୁ ନେଲସନ ମଣ୍ଡେଲା ଛକକୁ ଫେରିଥିଲା। ସେହିପରି ୧୦ କିଲୋମିଟର ମାରଥନଟି ସେହିରାସ୍ତାରେ ୫ କିଲୋମିଟର ପର୍ଯ୍ୟନ୍ତ ଓ ୫ କିଲୋମିଟର ମାରାଥନଟି ସେହି ରାସ୍ତାରେ ମହାନଦୀ ସେତୁ ଶେଷଭାଗ ପର୍ଯ୍ୟନ୍ତ ଅଢ଼େଇ କିଲୋମିଟର ଯାଇ ଫେରିଥିଲା। ଅପରପକ୍ଷରେ ଏହି ମାରାଥନରେ ଅଂଶ ଗ୍ରହଣକାରୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ପାଇଁ ମାରାଥନ ମାର୍ଗର ସ୍ଥାନେସ୍ଥାନେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନର ବ୍ୟବସ୍ଥା ହୋଇଥିଲା। ଏଥିରେ ସାଢ଼େ ୫ ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଚାନ୍ଦା ମାଗି ଧରା ପଡ଼ିଲେ ନକଲି ପୋଲିସ



ଭବାନୀପାଟଣା,୩।୧୨(ଉତ୍ତମ କୁମାର ଦାଶ)

ପୋଲିସ ବେଶରେ ଚାନ୍ଦା ମାଗି ଧରା ପଡିଲା ନକଲି ପୋଲିସ। କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ଗାଁର ରାଜା ଚୌଧୁରୀ ନାମକ ଜଣେ ଯୁବକ ନକଲି ପୋଲିସ ଡ୍ରେସ ପିନ୍ଧି ଭବାନୀପାଟଣା ସହରରେ ବିଭିନ୍ନ ସ୍ଥାନରେ ରାତିରେ ଚାନ୍ଦା ମାଗୁଥିବା ଖବର ପୋଲିସ ପାଖରେ ପହଞ୍ଚ ଥିଲା। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକେ ଯୁବକଙ୍କୁ ଅଟକ ରଖି ଉତ୍ତମ ମଧ୍ୟମ ଦେଇଥିଲେ। ଯାହାର ଭିଡିଓ ଏବେ ଭାଇରାଲ ହୋଇଛି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିବା ପରେ ତାଗିଦ କରି ଛାଡି ଥିବା ଜଣାପଡିଛି।

### ଜୁନିୟର କ୍ଲର୍କ ମହେନ୍ଦ୍ର ପଟ୍ଟନାୟକଙ୍କ ଆକସ୍ମିକ ମୃତ୍ୟୁ

ବେହେରା,୩।୧୨(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ତେଣ୍ଡାପାଲି ପଞ୍ଚାୟତସ୍ଥ ପଦ୍ମପୁର ଗ୍ରାମର ମହେନ୍ଦ୍ର



ପଟ୍ଟନାୟକ (୪୫)ଙ୍କ ରବିବାର ଆକସ୍ମିକ ପରଲୋକ ହୋଇଯାଇଛି। ସେ ବେହେରାସ୍ଥିତ ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଜୁନିୟର କ୍ଲର୍କ ଭାବେ କାର୍ଯ୍ୟରତ ଥିଲେ। ସୂଚନା ଅନୁସାରେ ମହେନ୍ଦ୍ରଙ୍କ ହଠାତ ଦେହ ଖରାପ ହେବାରୁ ଧର୍ମଗଡ଼ ପରେ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ଆକସ୍ମିକ ନିଧନ ପରିବାର ବର୍ଗ ସହ ବିଦ୍ୟାଳୟ ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ମ୍ରିୟମାଣ କରିଥିବା ବେଳେ ଅଞ୍ଚଳବାସୀ ଗଭୀର ଶୋକ ପ୍ରକଟ କରିଛନ୍ତି। ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ଧର୍ମଗଡ଼ ବିଧାୟକ ମୌଷଧି ବାଗ, ବେହେରା ସରପଞ୍ଚ କୁମୁଦିନି ଗଇନ୍ତା, ସମିତି ସଭ୍ୟ କିଶୋର ନାଗ, ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ ପ୍ରମୁଖ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

### ରେଣ୍ଡୋ ମାଝିଙ୍କ ରାଜ୍ୟସ୍ତରୀୟ ଶହୀଦ ଦିବସ ପ୍ରସ୍ତୁତି ବୈଠକ

କୋକସରା,୩।୧୨(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲ୍ଲା ଶହୀଦ ରେଣ୍ଡୋ ମାଝିଙ୍କ ଜୟନ୍ତୀ ପାଳନ ପାଇଁ କୋକସରାଠାରେ ଆଦିବାସୀ ସଂଘ ପକ୍ଷରୁ ବ୍ଲକ ସଭାପତି ହେମନ୍ତ ମାଝିଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକର ୨୨ ପଞ୍ଚାୟତରୁ ଆଦିବାସୀ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶହୀଦ ରେଣ୍ଡୋ ମାଝିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନରେ ବ୍ଲକର ସମସ୍ତ ଆଦିବାସୀ କର୍ମକର୍ତ୍ତା ସାମିଲ ହେବାକୁ ଆଲୋଚନା କରିଥିଲେ। ଜିଲ୍ଲା ଆଦିବାସୀ ସଂଘ ସମ୍ପାଦକ ରତ୍ନରାଜ ମାଝି, ବ୍ଲକ ସମ୍ପାଦକ ତ୍ରିନାଥ ଶବର, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ରୁଦ୍ର ପ୍ରସାଦ ନାଏକ, ମହିମା ପଞ୍ଚାୟତ ସମିତି ସଭ୍ୟ ଘନଶ୍ୟାମ ନାଏକ, ମନୋରଞ୍ଜନ ବାଣୁଆ, ନିରଞ୍ଜନ ମାଝି, ଚୈତନ୍ୟ ମାଝି, କ୍ଷୀରସିନ୍ଧୁ ନେଗି ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଚଚରାଭଟ୍ଟାଠାରେ ସିଦ୍ଧେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା

ଖଡ଼ିଆଳ,୩।୧୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲ୍ଲା ଖଡିଆଳ ଚଚରାଭଟ୍ଟାଠାରେ ସିଦ୍ଧେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ସିଦ୍ଧେଶ୍ୱର ବାବାଙ୍କ ମନ୍ଦିର ଖଡିଆଳ ରାଜ ପୁରୋହିତ ପରିବାର ନିର୍ମାଣ କରିଥିବା ବେଳେ କେନାଲ ଦେଇ ଏକ ସଡ଼କ ତାଙ୍କ ଜମି ଉପରେ ନିର୍ମାଣ ପାଇଁ ସମସ୍ତ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପୂଜା ପୂର୍ଣ୍ଣାହୁତି ଏବଂ ଦେବଦେବ ମହାଦେବଙ୍କ ମନ୍ଦିର ପ୍ରବେଶ ନୀତି ଅନୁଷ୍ଠିତ ହୋଇଛି। ଶିବ ଲିଙ୍ଗ ପ୍ରତିଷ୍ଠା, ଶୋଡଶ ନାମଯଜ୍ଞ ଅନୁଷ୍ଠିତ ହେଉଛି।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

# କମାଲ ଦେଖାଇଲେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

ଭବାନୀପାଟଣା,୩।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ରେଡକ୍ରସ କଲ୍ୟାଣ ମଣ୍ଡପରେ ରବିବାର ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏହାକୁ ଆୟୋଜନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ରେଡକ୍ରସ କଲ୍ୟାଣମଣ୍ଡପରେ ପହଞ୍ଚିଥିଲା। ଶୋଭାଯାତ୍ରା ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ରେଡ଼କ୍ରସ କଲ୍ୟାଣ ମଣ୍ଡପଠାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କହଁରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଅତିରିକ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦୁଲାଲ ସେନାପତି, ଜିଲ୍ଲା ଭିନ୍ନକ୍ଷମ ମଞ୍ଚ ସଭାପତି ସୁରେଶ ଚୌଧୁରୀ, ଭିନ୍ନକ୍ଷମ ଫେଡେରେଶନ ସଭାପତି ହେମନ୍ତ ତାଣ୍ଡି, ଜିଲ୍ଲା ଶ୍ରବଣବାଧିତ ସଂଘ ସଭାପତି ଶୋଭନ ରଥ ପ୍ରମୁଖ ଯୋଗଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ୫ଜଣ ଭିନ୍ନକ୍ଷମଙ୍କୁ ମାନପତ୍ର ପ୍ରଦାନ, ୧୦ଜଣ ଭିନ୍ନକ୍ଷମ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ୨.୫୦ ଲକ୍ଷ ହିସାବରେ ସମୁଦାୟ ୨୫ ଲକ୍ଷ, ୧୦ଜଣ ଭିନ୍ନକ୍ଷମ ପିତାମାତାଙ୍କ ପିଲାମାନେ ଶିକ୍ଷାନୁଷ୍ଠାନରେ ପଢୁଥିବା ବିଭିନ୍ନ ଫି ବାବଦକୁ ୨ ଲକ୍ଷ ୮ ହଜାର ବିବିଏସଏ ବୃତ୍ତି, ୩ଜଣ ମିଶନ କ୍ଷମତାଙ୍କୁ ୫୦ ହଜାର ହିସାବରେ ସମୁଦାୟ ୧ଲକ୍ଷ ୫୦ ହଜାର ଅତିଥିମାନେ ପ୍ରଦାନ କରିଥିଲେ। ଜିଲ୍ଲା ଭିନ୍ନକ୍ଷମ କେନ୍ଦ୍ର ଡିଡିଆରସି କଳାହାଣ୍ଡି ଦ୍ୱାରା ମଧ୍ୟ ଭିନ୍ନକ୍ଷମ ପ୍ରମାଣ ପତ୍ର ଓ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ଜୁନାଗଡ଼ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁ ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

**କର୍ଲାମୁଣ୍ଡା,(ପ୍ରଦୀପ କୁମାର ସାହୁ):** କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା



ଭବାନୀପାଟଣାଠାରେ ଅତିରିକ୍ତ ଜିଲ୍ଲାପାଳ ପତାକା ଦେଖାଇ ଶୋଭାଯାତ୍ରା ଶୁଭାରମ୍ଭ କରୁଛନ୍ତି।

କରାଯାଇ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ଖେଳ ଶିକ୍ଷକ ପଦ୍ମନାଭ ବନଛୋର, ଥବିର ଭୋଇ, ବୈଜୟନ୍ତୀ ପୋଡ଼ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ସା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ତହସିଲଦାର ଅରୁଣ ବର୍ଗେ, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପମଣୀ ସାହୁ, ସିଆରସିସି ମଧୁସୂଦନ ଧରୁଆ ପ୍ରମୁଖ ଯୋଗଦେଇ ଆଜି ଦିବସର ତାତ୍ପର୍ଯ୍ୟ କହିବା ସହ ଦିବ୍ୟାଙ୍ଗ ହେଲେ ମଧ୍ୟ ସେମାନଙ୍କ ପାଖରେ ଅନେକ ଆଭ୍ୟନ୍ତରୀଣ ଗୁଣ ରହିଥାଏ, ତାକୁ ଆମେ ଜାଣିବାକୁ ହେବ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉଜ୍ଜ୍ୱଳ କୁମାର ସାହୁ ସଂଯୋଜନା କରିଥିଲେ ଓ ବିଆରଟି ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଆରର୍ଟି ପ୍ରକାଶ ବିଶ୍ୱାଳ, ଗୋଷ୍ଠୀ ଶିକ୍ଷା ବିଭାଗ କ୍ଷୀରୋଦ ବଡ଼ମାଲି, ପ୍ରଫୁଲ୍ଲ କୁମାର ପାଠୀ, ସିଆରସିସି ହେମନ୍ତ କୁମାର ନାଏକ, ସଞ୍ଜୟ କୁମାର ଦାସ, ଡିଇଓ ବୃନ୍ଦାବନ ରଣା, ଶିକ୍ଷକ ମନୋଜ ଦାସଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମନମୋହିଥିଲା।

**ଶୋଭାଯାତ୍ରା, ପ୍ରୋତ୍ସାହନ ରାଶି ବିତରଣ**

**କୋକସରା,(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ):** କୋକସରା ବ୍ଲକ ଚିଲିଗୁଡା ସର୍ବମଙ୍ଗଳା କସ୍ତୁରବା ଆବାସିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମୁକ୍ତା ଖମାରିଙ୍କ ପରିଚାଳନାରେ ଭିନ୍ନକ୍ଷମ ଦିବସ ପାଳନ କରାଯାଇଛି। ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗ ବିଆରସିସି ତଥା ଏବିଇଓ ତୋଫାନ ମାଝିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ସୁମନ ଅର୍ପିତ ପଣ୍ଡା, କିଷନଲାଲ ଧ. ମାଝି, ଶ୍ରୀପତି ବିଶି, ତରୁଲତା ସିଂ, ୱାଡେନ ଗାୟତ୍ରୀ ଲେଙ୍କା ଓ କସ୍ତୁରବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ।

**ଜୁନାଗଡ଼,(ସୁନୀଲ କୁମାର ସିଂହ):** ଜୁନାଗଡ଼ କୋର୍ଟ ପରିସରରେ ଓକିଲ ସଂଘ ସଭାପତି ଅଶୋକ କୁମାର ପାତ୍ରଙ୍କ ସଭାପତିତ୍ୱରେ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ସିଭିଲ ଜଜ୍ ସିକୁନ ରାଏ ମୁଖ୍ୟଅତିଥି ତଥା ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଭଗବାନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ସିକୁନ ରାଏ ସମସ୍ତ ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ଆଇନ ବ୍ୟବସ୍ଥା ତଥା ସାମ୍ବିଧାନିକ ଅଧିକାର ବିଷୟରେ ସଚେତନ କରିଥିଲେ। ଅସୁବିଧାର ସମ୍ମୁଖିନ ହେଲେ ଜୁନାଗଡ଼ କୋର୍ଟକୁ ଆସି ଆଇନ ତାଲୁକ ସେବାରେ ଲିଖିତ ଅଭିଯୋଗ କରିବା ପାଇଁ ଅନୁରୋଧ କରିଥିଲେ ଏବଂ ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜୁନାଗଡ଼ ଓକିଲ ସଂଘ ସମ୍ପାଦକ ହିମାଂଶୁ ଶେଖର ବରାଡ଼ ତଥା ସିଭିଲ ଜଜ୍ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ନୂଆପଡ଼ା,(ମକାରୁ ବେମାଲ):** ନୂଆପଡ଼ା ଜିଲ୍ଲା ଅନ୍ତର୍ନିବେଶି ଶିକ୍ଷା ସାଧନ କେନ୍ଦ୍ରଠାରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ସଭାପତିତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି, ଚୈତ୍ରରାମ ନାଏକ, ଜିଲ୍ଲା ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ହେମନ୍ତ କୁମାର ଭୋଇ, ସେକ୍ସନ ଅଧିକାରୀ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଶ୍ରୀକାନ୍ତ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ସାମଗ୍ରୀକ ବିକାଶ ନିମନ୍ତେ ପିତାମାତା ଓ ଗୁରୁଜନମାନେ ମିଳିତ ଭାବେ ପ୍ରୟାସ ଜାରି ରଖିବା ନିମନ୍ତେ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ନୂଆପଡ଼ା ବ୍ଲକର ୧୫୩ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷାରେ କୃତକାର୍ଯ୍ୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ):** ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାୟକଙ୍କ ସଭାପତିତ୍ୱରେ ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଚେୟାରମେନ ପୁଷ୍ପାଞ୍ଜଳି ନନ୍ଦ, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା, ଲକ୍ଷ୍ମଣ ସ୍ୱାଇଁ, ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଆରର୍ଟି ମନୋଜ ପାଣିଗ୍ରାହୀ ଓ ଗୋପାଳ କୃଷ୍ଣ ମେହେରଙ୍କ ସହ ସମସ୍ତ ସିଆରସିସି ଏବଂ କାର୍ଯ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ।

**ସିନାପାଲି,(ମନଫୁଲ ମେହେର):** ସିନାପାଲି ନୋଡ଼ାଲ ହାଇସ୍କୁଲରେ ସିନାପାଲି ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ବିଶ୍ୱ ଭିନ୍ନକ୍ଷମ ଦିବସରେ ବିଇଓ ଯତନ୍ଦ୍ରେ କୁମାର ସେଠ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି, ବିଶିଷ୍ଟ ଅତିଥି ବ୍ଲକ ଉପାଧ୍ୟକ୍ଷା ମୀନା ଘିଭେଲା, ମୁଖ୍ୟବକ୍ତା ଏବିଇଓ ପ୍ରଭାତ କୁମାର ପାତ୍ର ଓ ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ ମାଝି ଯୋଗଦେଇଥିଲେ। ଶିକ୍ଷକ ବୈଷ୍ଣବ ମେହେର ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶିକ୍ଷକ ପଦ୍ମଲୋଚନ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସନ୍ତୋଷ ବନ୍ଦିଛୋର ଧନ୍ୟବାଦ ଦେଇଥିଲେ। ବିଇଓ ସେଠଙ୍କ ସଭାପତିତ୍ୱରେ ଉଦଯାପନୀରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଆଶା ଜୈନ, ମୁଖ୍ୟବକ୍ତା ଲଳିତ କୁମାର ସୁନାରୀ ଓ ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରଭାତ କୁମାର ପାତ୍ର ଉପସ୍ଥିତ ଥିଲେ। ପଦ୍ମଲୋଚନ ନାୟକ ସ୍ୱାଗତ କରିଥିବା ବେଳେ ରାକେଶ ମିଶ୍ର ଧନ୍ୟବାଦ ଦେଇଥିଲେ। ବିଆରଟି ମହେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମସ୍ତ ସିଆରସିସି, ଶିକ୍ଷକ, ବିଇଓ ଅଫିସ କର୍ମଚାରୀ ଓ ଅନ୍ତର୍ନିବେଶୀ ସେଚ୍ଛାସେବୀ ଶିକ୍ଷକମାନେ ସହଯୋଗ କରିଥିଲେ।



ନୂଆପଡ଼ା ଜିଲ୍ଲା ଅନ୍ତର୍ନିବେଶି ଶିକ୍ଷା ସାଧନ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ହୁଇଲଚେୟାର ବଣ୍ଟନ କରାଯାଉଛି।




କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଛାତ୍ରୀଙ୍କ ନୃତ୍ୟ ପରିବେଷଣ ।

# ପୂର୍ବତନ ଛାତ୍ରୀଛାତ୍ରଙ୍କ ଆଲୁମନି ମିଟ



ପୂର୍ବତନ ଛାତ୍ରୀଛାତ୍ରଙ୍କ ଆଲୁମନି ମିଟ।

ଭବାନୀପାଟଣା/ନର୍ଲା,୩।୧୨ (ଉତ୍ତମ କୁମାର ଦାଶ/ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲ୍ଲା ନର୍ଲା ଜବାହର ନବୋଦୟ ବିଦ୍ୟାଳୟରେ ରବିବାର ପୂର୍ବତନ ଛାତ୍ରୀଛାତ୍ରଙ୍କ ଆଲୁମନି ମିଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରାୟ ୪୫୦ଜଣ ପୂର୍ବତନ ଛାତ୍ରୀଛାତ୍ର ଉପସ୍ଥିତ ରହି ନିଜ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଛାତ୍ରୀଛାତ୍ରମାନେ ସକାଳୁ ବିଦ୍ୟାଳୟରେ ପହଞ୍ଚ ଥିବାବେଳେ ବିଦ୍ୟାଳୟ ଅଧକ୍ଷ ତଥା ସମସ୍ତ ଶିକ୍ଷକ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଆଲୁମିନି ଆସୋସିଏଶନ ନୂତନ କାର୍ଯ୍ୟକର୍ତ୍ତା ବଛାଯାଇଥିଲା। ପୁରାତନ ଛାତ୍ରୀଛାତ୍ର ଓ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ସଭା ହୋଇଥିଲା। ପରେ ପୁରାତନ ଓ ବର୍ତ୍ତମାନ ଛାତ୍ରମାନଙ୍କ ମଧ୍ୟରେ ଏକ ଭଲିବଲ ମ୍ୟାଚ ଖେଳାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରଗତି ଶିକ୍ଷାନୁଷ୍ଠାନରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ ପାଠ ପଢ଼ିବା ସୁଯୋଗ

ଭବାନୀପାଟଣା,୩।୧୨(ଉତ୍ତମ କୁମାର ଦାଶ)

ଜୁହାର ଫାଉଣ୍ଡେଶନ ମୁମ୍ବାଇ ତତ୍ତ୍ୱାବଧାନରେ ପଶ୍ଚିମ ଓଡିଶାର ୧୨ଟି ଗ୍ରାମାଞ୍ଚଳରେ ଭିଏସଏସ ଫେଲୋସିପ ମାଧ୍ୟମରେ ଗରିବ ତଥା ଯେଉଁ ଅଞ୍ଚଳରେ ଶିକ୍ଷାର ଅସୁବିଧା ରହିଛି, ସେହି ଅଞ୍ଚଳର ଶିକ୍ଷିତ ଯୁବକଯୁବତୀମାନଙ୍କୁ ନେଇ ସକାଳ ଓ ସନ୍ଧ୍ୟାରେ ପାଠ ପଢାଯାଏ। ଏଥିରେ କଳାହାଣ୍ଡି ଜିଲ୍ଲା ଚିଲକପୁର, କୋଟେନ ଗାଁ, ଦାସିଗାଁ, ଝାରସୁଗୁଡା ଜିଲ୍ଲାର ମଚିଡ଼ା, ଜାମଗାଁ, ପଣ୍ଡିରି, ରାଜରାମ, ପାଲସଡା, ବରଗଡ଼ ଜିଲ୍ଲାର କରଣଡୋଳା, ମୁଲବାର, କୁଶମୁ ଜିଲ୍ଲାର ଡଙ୍ଗରପଡାରେ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପଠନରତ। ଶନିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜୁହାର ଫାଉଣ୍ଡେସନର ସମସ୍ତ ସଭ୍ୟ, ମେଣ୍ଟର, ଭିଏସଏସ ଫେଲୋସିପର ସଭ୍ୟ ତଥା ଛାତ୍ରୀଛାତ୍ରଙ୍କୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ଶତପଥୀ ଉତ୍ସାହିତ କରିଥିଲେ। ଜୁହାର ଫାଉଣ୍ଡେଶନ ମୁମ୍ବାଇ ବୋର୍ଡ଼ ସଦସ୍ୟ ତଥା ପ୍ରଗତି ଶିକ୍ଷାନୁଷ୍ଠାନ ସମ୍ପାଦକ ଅଜୟ ପଣ୍ଡା ମେଧାବୀ ଛାତ୍ରୀଛାତ୍ରଙ୍କୁ ଦଶମ ପରୀକ୍ଷା ପରେ ପ୍ରଗତି ଶିକ୍ଷାନୁଷ୍ଠାନରେ ନିଃଶୁଳ୍କ ପାଠ ପଢିବାକୁ ସୁଯୋଗ ଦେବା ପାଇଁ ଘୋଷଣା କରିଥିଲେ। ଏହା ସହିତ ଯେଉଁ କେନ୍ଦ୍ରରୁ ୯୦ % ଉପରେ ମାର୍କ ରଖିବେ, ସେହି ସଦସ୍ୟଙ୍କୁ ୧୦,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଗତି ଟ୍ରଷ୍ଟ ପକ୍ଷରୁ ଦିଆଯିବ ବୋଲି ଘୋଷଣା କରିଥିଲେ। ଏହି ଅନଲାଇନ ମିଟିଂରେ ଜର୍ମାନୀର ସଦସ୍ୟ ଅଞ୍ଜନ ଷଡଙ୍ଗୀଙ୍କ ସହ ଜୁହାର ଫାଉଣ୍ଡେସନର ଅନ୍ୟ ସମସ୍ତ ବୋର୍ଡ଼ ସଦସ୍ୟ ପ୍ରଦୀପ ପଣ୍ଡା, ଦୀପକ ପୂଜାରୀ, ସୁଷମା ପଣ୍ଡା, ସମୀର ପଣ୍ଡା, ମୌସୁମୀ ମହାପାତ୍ର ପ୍ରମୂଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ଉଦ୍ୟମକୁ ଆହୁରି ପ୍ରସାରିତ କରି ଶିକ୍ଷାର ମାନ ବୃଦ୍ଧି କରବା ସହିତ ସମସ୍ତେ ଯେମିତ ଉଚିତ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି ସେଥି ପ୍ରତି ଯେତିକି ସମ୍ଭବ ପ୍ରଚେଷ୍ଟା କରାଯିବ ବୋଲି ସୁଷମା ପଣ୍ଡା କହିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

କର୍ଲାମୁଣ୍ଡା,୩।୧୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ କୁଶୁର୍ଲା ଜୋରାଡବରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ




ପାଳିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଶିବରାମ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ କଳାହାଣ୍ଡି ଶିକ୍ଷା ବିକାଶ ସମିତି ସହ ଜିଲ୍ଲା ପ୍ରମୁଖ ମନ୍ମଥ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ବ୍ଲକ ଅଧକ୍ଷା କୁନି ସାହୁ, ପଶ୍ଚିମ ଓଡିଶା ବିକାଶ ପରିଷଦ ବିଶେଷଜ୍ଞ ସଦସ୍ୟ ଅବିନାଶ ଠାକୁର ପ୍ରମୁଖ ଯୋଗଦେଇ ଶିଶୁ ବିଦ୍ୟାମନ୍ଦିର ଏକ ସୁସ୍ଥ ସମାଜ ଗଠନରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମିତି ସମ୍ପାଦକ କ୍ଷୀରୋଦ ବଡମାଲି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ କୈଳାସ ପ୍ରଧାନ ବିବରଣୀ ପ୍ରଦାନ ଓ କୋଷାଧକ୍ଷ ସୁମନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସମିତି ଭାଇ ଭଉଣୀମାନଙ୍କ ଦ୍ୱାରା ପରିବେଷିତ ନାଟକ ଦର୍ଶକମାନଙ୍କ ମନମୋହିଥିଲା। ଏଥିରେ ଶିଶୁ ବିଦ୍ୟାମନ୍ଦିର ଗୁରୁଜୀ ଗୁରୁମା, ପରିଚାଳନା ସମିତି ସଭ୍ୟାସଭ୍ୟ, ଅଭିଭାବକ ମାନେ ସହଯୋଗ କରିଥିଲେ।

# ବଦଳିବ ମା' ଲଙ୍କେଶ୍ୱରୀ ମନ୍ଦିରର ରୂପରେଖ

ଜୁନାଗଡ଼,୩।୧୨(ସୁନୀଲ କୁମାର ସିଂହ)




ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଖୁବଶୀଘ୍ର ବଦଳିବାକୁ ଯାଉଛି ଜୁନାଗଡ଼ ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍କେଶ୍ୱରୀଙ୍କ ମନ୍ଦିର ରୂପରେଖ। ରାଜ୍ୟ ସରକାରଙ୍କ ପକ୍ଷରୁ ମନ୍ଦିର ପାରିପାର୍ଶ୍ୱିକ ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟମୟ ରୂପାନ୍ତରଣ ପାଇଁ ଅଢେଇ କୋଟି ଟଙ୍କା ଅନୁମୋଦନ ହୋଇଛି। ଏହାକୁ ନେଇ ଜୁନାଗଡ଼ ସହରବାସୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ଏପରିସ୍ଥଳେ ରବିବାର ଲଙ୍କେଶ୍ୱରୀ ମନ୍ଦିର ନିକଟରେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ଦ୍ୱାରା ଏହାର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ବ୍ଲକ ଅଧକ୍ଷା ସବିତା ମେହେର, ଉପାଧକ୍ଷ ପ୍ରମୋଦ ବେହେରା, ଏନଏସି ଉପାଧକ୍ଷା ହିମାଦ୍ରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଜେଡିର ଅନେକ ନିର୍ବାଚିତ ପ୍ରତିନିଧିଙ୍କ ସମେତ ବିଭିନ୍ନ ସଂଘ ସଭାପତି ଉପସ୍ଥିତ ରହିଥିବାବେଳେ ଜୁନାଗଡ଼ ନଗରପାଳ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ନ ରହିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏ ନେଇ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲଙ୍କୁ ପଚାରିବାରୁ ଉକ୍ତ କାର୍ଯ୍ୟକ୍ରମ ସରକାରୀ ନା ବେସରକାରୀ ଥିଲା ମୁଁ ଜାଣି ନାହିଁ। ଯଦି ସରକାରୀ ଥିଲା ତାହାହେଲେ ମୋତେ ନିମନ୍ତ୍ରଣ କରାଯାଇ ନ ଥିଲା ବୋଲି କହିଥିଲେ।

- ଅଢ଼େଇ କୋଟି ଟଙ୍କାରେ ହେବ ମନ୍ଦିର ଉନ୍ନତୀକରଣ
- ବିଧାୟକଙ୍କ ଦ୍ୱାରା ଭିତ୍ତି ପ୍ରସ୍ତର ସ୍ଥାପନ

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ଅଭିଯୋଗରେ ମହିଳା ଗିରଫ

ସୋନପୁର,୩।୧୨(ମୃତ୍ୟୁଞ୍ଜୟ ଶତପଥୀ)

ଗଞ୍ଜେଇ ଚାଲାଣ ଅଭିଯୋଗରେ ସୋନପୁର ଟାଉନ ଥାନା ପୋଲିସ ନାସୁଦା ବିବି(୪୯)ଙ୍କୁ ଶନିବାର ବିଳମ୍ବିତ ରାତିରେ ଗିରଫ କରିଛି । ତାଙ୍କ ନିକଟରୁ ୪ କିଲୋ ୧୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି । ସେ ବସ୍ ଯୋଗେ ଯିବା ପାଇଁ ଗଞ୍ଜେଇ ବ୍ୟାଗ୍ ଧରି ସୋନପୁର ବସଷ୍ଟାଣ୍ଡରେ ଅପେକ୍ଷା କରିଥିଲେ। ନାସୁଦାଙ୍କ ଘର ପଶ୍ଚିମବଙ୍ଗର ଇଷ୍ଟ ମେଦିନାପୁର ଜିଲା ଅନ୍ତର୍ଗତ ନୁନାନ ଅଞ୍ଚଳରେ। ସେ ଏବେ ସମ୍ବଲପୁର ସହର ଭୁତାପଡା ଅଞ୍ଚଳରେ ରହୁଛନ୍ତି। ଏ ସମ୍ପର୍କରେ ସୋନପୁର ଥାନାରେ ନଂ ୩୦୫/୨୩ ରେ ଏକ ମାମଲା ରୁଜୁ ହୋଇଛି। ରବିବାର ନାସୁଦାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏସଆଇ ଶମ୍ଭୁଭୂଷଣ ଦେହୁରୀ ମାମଲାର ତଦନ୍ତ କରୁଛନ୍ତି।

### ପୋଲିସଙ୍କୁ ଆକ୍ରମଣ, ଫାଣ୍ଡିରେ ଭଙ୍ଗାରୁଜା

**ଅଭିଯୁକ୍ତ ଗିରଫ**

ତରଭା,୩।୧୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଥାନା ପୁଆ ଗ୍ରାମର ମହେନ୍ଦ୍ର ବାଗ(୨୪) ମେଣ୍ଡା ଫାଣ୍ଡିରେ କାର୍ଯ୍ୟରତ କନଷ୍ଟେବଳ ପ୍ରକାଶ ଧରୁଆଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ମହେନ୍ଦ୍ର ଶନିବାର ମେଣ୍ଡା ଫାଣ୍ଡିକୁ ଆସି ଧରୁଆଙ୍କୁ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ। ସେ ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଫାଣ୍ଡିର କମ୍ପ୍ୟୁଟରକୁ ଭାଙ୍ଗି ଦେଇଥିଲେ। କନଷ୍ଟେବଳ ଧରୁଆ ଏ ସମ୍ପର୍କରେ ତରଭା ଥାନାରେ ଲିଖିତ ଅଭିଯୋଗ କରିବା ପରେ ୨୭୮/୨୩ ମୂଳେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ମହେନ୍ଦ୍ରଙ୍କୁ କୋର୍ଟଚାଲାଣ କରାଯାଇଛି। ଆକ୍ରମଣର କାରଣ ଜଣାପଡିନାହିଁ ଫାଣ୍ଡି ଅଧିକାରୀ ରବିନ୍ଦ୍ର ସାହୁ ମାମଲାର ତଦନ୍ତ କରୁଥିବା ତରଭା ଆଇଆଇସି ଅନିତା କିଡୋ ସୂଚନା ଦେଇଛନ୍ତି।

### ପଲିଥିନମୁକ୍ତ ସଚେତନତା

ବାଉଁଶୁଣୀ, ୩।୧୨(ଦେବାଶିଷ ନେପାକ)

ନୂଆ ଓଡ଼ିଶା ନବୀନ ଓଡ଼ିଶା ସମନ୍ୱୟ ଯୁବ ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ବାଉଁଶୁଣୀ ମା’ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ରାଲି ବିଦ୍ୟାଳୟରୁ ବାହାରିଥିଲା। ପଲିଥିନ ମୁକ୍ତ ରୁହନ୍ତୁ ଏବଂ ନିଜକୁ ସୁଖୀ ରଖନ୍ତୁ ନାରା ଦେଇ ଛାତ୍ରୀଛାତ୍ରମାନେ ଜନସାଧାରଣଙ୍କୁ ସଚେତନ କରାଇବା ସହ ବାଉଁଶୁଣୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ପରିଷ୍କାର କରି ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ବିଦ୍ୟାଳୟର ନୋଡାଲ ଅଫିସର ଉମାକାନ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ତୈଳିକ ବୈଶ୍ୟ ସମାଜର ବାର୍ଷିକୋତ୍ସବ

ବୌଦ୍ଧ,୩।୧୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ତୈଳିକ ବୈଶ୍ୟ ସମାଜର ସପ୍ତମ ବାର୍ଷିକ ଉତ୍ସବ ବାମଣ୍ଡା ନିକଟସ୍ଥ ନାଏକପଡା ଗୁମ୍ଫା ପରିସରରେ ଥିବା ଜଗନ୍ନାଥ ମନ୍ଦିର ନିକଟରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସଭାପତି ଶଙ୍କର୍ଷଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମାଜର ସଂପାଦକ ବିଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସୁବାସ ଚନ୍ଦ୍ର ସାହୁ ଯୋଗଦେଇ ସମାଜର ଉନ୍ନତି ପାଇଁ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅଗାମୀ ଦିନରେ ସମାଜ ପକ୍ଷରୁ ବୃକ୍ଷରୋପଣ, ରକ୍ତଦାନ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ସହଯୋଗ କରିବାକୁ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଥିଲା। ସହ ସଂପାଦକ ଶତୃଘ୍ନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ସମାଜର ଉପସଭାପତି କୈଳାସ ଚନ୍ଦ୍ର ସାହୁ, ବିଚିତ୍ର କୁମାର ସାହୁ, ସନାତନ ସାହୁ, ବିନୋଦ ସାହୁ, ପ୍ରଭାସ ଚନ୍ଦ୍ର ପୃଷ୍ଟି, ଅର୍ଜୁନ ସାହୁ, ଅଶୋକ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ତେଜୁଛି କଣ୍ଟାମାଳ ସବ୍‌ଡିଭିଜନ ଘୋଷଣା ଦାବି



ବୈଠକରେ ଉପସ୍ଥିତ ସଦସ୍ୟ ।

ଘଣ୍ଟାପଡ଼ା/କଣ୍ଟାମାଳ,୩।୧୨(ପ୍ରଭାତ କୁମାର ସାହୁ/ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କଣ୍ଟାମାଳସ୍ଥିତ କଲ୍ୟାଣ ମଣ୍ଡପଠାରେ ରବିବାର ଦିନ କଣ୍ଟାମାଳ ସବ୍-ଡିଭିଜନ ଦାବିରେ ଆଞ୍ଚଳିକ ସଂଗ୍ରାମ ସମିତି କଣ୍ଟାମାଳ ପକ୍ଷରୁ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ଓମ୍ ପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଞ୍ଚଳର ଜନସାଧାରଣ, ବିଭିନ୍ନ ସମାଜର ମୁଖ୍ୟ, ବିଭିନ୍ନ କ୍ଲବର ସଦସ୍ୟ, କଲେଜର ଛାତ୍ର ନେତା, ବିଭିନ୍ନ ସଂଘର ନେତା ପ୍ରମୁଖ ଉପସ୍ଥିତ ରହି କିପରି କଣ୍ଟାମାଳ ସବ୍‌ଡିଭିଜନ ଘୋଷଣା ହୋଇପାରିବ ସେନେଇ ଆଲୋଚନା କରିଥିଲେ। ବୌଦ୍ଧ ଜିଲାର ତିନି ଗୋଟି ବ୍ଲକ ମଧ୍ୟରୁ କଣ୍ଟାମାଳ ଅନ୍ୟତମ ହୋଇଥିବା ବେଳେ ୨୦୦୯ ମସିହାରେ ଏକ ସ୍ୱତନ୍ତ୍ର ବିଧାନସଭାର ମାନ୍ୟତା ପାଇଛି। ୨୪ ଗୋଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ କଣ୍ଟାମାଳ ବ୍ଲକକୁ ଭୌଗୋଳିକ ଦୃଷ୍ଟିକୋଣରୁ ସବ୍‌ଡିଭିଜନ ଘୋଷଣା ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। କଣ୍ଟାମାଳ ଅଞ୍ଚଳର ଅନେକ ଗ୍ରାମର ଜନସାଧାରଣଙ୍କୁ ଛୋଟ ଛୋଟ କାମ ପାଇଁ ବୌଦ୍ଧସ୍ଥିତ ସବ୍‌ଡିଭିଜନ କାର୍ଯ୍ୟାଳୟକୁ ଅଧିକ ରାସ୍ତା ଦେଇ ଯିବାକୁ ପଡୁଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**ଗାଁ ଗାଁରେ ଦସ୍ତଖତ କରି ସମର୍ଥନ ସାଉଁଟିବାକୁ ନିଷ୍ପତ୍ତି**

ରବିବାର ଆୟୋଜିତ ବୈଠକରେ ଆଞ୍ଚଳିକ ସଂଗ୍ରାମ ସମିତି ତରଫରୁ ତିିନିଟି ଜିଲା ପରିଷଦ ଜୋନସ୍ତରୀୟ ସମନ୍ୱୟ ସମିତି ଗଠନ କରାଯିବା ସହ ଆଗାମୀ ରଣନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ଜୋନ ସ୍ତରରେ ଏବଂ ପଞ୍ଚାୟତ ସ୍ତରରେ କମିଟି ଗଠନ କରି ଆଗାମୀ ୧୫ ଦିନ ଭିତରେ ସବ୍‌ଡିଭିଜନ ସମର୍ଥନରେ ବିଭିନ୍ନ ପଞ୍ଚାୟତରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ ସଂଗ୍ରହ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ହସ୍ତାନ୍ତର କରି ତୁରନ୍ତ ସବ୍‌ଡିଭିଜନ ଘୋଷଣା ସକାଶେ ପଦକ୍ଷେପ ନେବା ପାଇଁ ଦାବି କରିବାକୁ ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନର ରଣନୀତି ବିଷୟରେ ନାରାୟଣ କର୍ମୀ, ଗୋପାଳ ପୁରୋହିତ, ନବୀନ ମହାପାତ୍ର, ଶ୍ରୀକାନ୍ତ ମିଶ୍ର, ସୁରେଶ ମହାନ୍ତି, ରାମଚନ୍ଦ୍ର ତାଣ୍ଡି, ଗୋପୀନାଥ କହଁର, ଠାକୁର ନାୟକ, ପ୍ରଦୀପ ମହାକୁଡ, ଧରଣୀ ବିଭାର, ହରି ସାହୁ, ପପୁ ମିଶ୍ର ପ୍ରମୁଖ ସାମିଲ ହୋଇ ନିଜର ମତ ରଖିଥିଲେ।

# ବୌଦ୍ଧ ପୁସ୍ତକ ମେଳା ଉଦ୍‌ଘାଟିତ



ଜିଲାପାଳ ପୁସ୍ତକ ମେଳାକୁ ଉଦ୍‌ଘାଟନ କରୁଛନ୍ତି ।

ବୌଦ୍ଧ,୩।୧୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଜର୍ଣ୍ଣାଲିଷ୍ଟ ଫୋରମ ଦ୍ୱାରା ଆୟୋଜିତ ଅଷ୍ଟାଦଶ ବୌଦ୍ଧ ପୁସ୍ତକମେଳା ରବିବାର ଦିନ କଚେରୀ ଖେଳପଡିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଯୋଗଦେଇ ପୁସ୍ତକ ମେଳା ଉଦ୍‌ଘାଟନ କରିଥିଲେ। ଜିଲାପାଳ ସ୍ୱାଇଁ ପୁସ୍ତକ ମେଳାର ଉପାଦେୟତା ଓ ପୁସ୍ତକ ପଠନ ଉପରେ ଆଲୋକପାତ କରିଥିଲେ। ଜିଲା ଜର୍ଣ୍ଣାଲିଷ୍ଟ ଫୋରମ ସଭାପତି ଦିବ୍ୟଶଙ୍କର ରାଉତ, ସାଧାରଣ ସଂପାଦକ ଯୁଗଳ କିଶୋର ସାମଲ, ଆବାହକ ସତ୍ୟଜିତ କୁମାର ପଣ୍ଡାଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ଉଦଘାଟନୀ ସଭା ସତ୍ୟଜିତ ପଣ୍ଡା ପରିଚାଳନା କରିଥିବା ବେଳେ ଦିବ୍ୟଶଙ୍କର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ମେଳାରେ ରାଜ୍ୟର ପ୍ରତିଷ୍ଠିତ ପୁସ୍ତକ ପ୍ରକାଶକ ଓ ବିକ୍ରେତା ଯୋଗ ଦେଇଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ବଲାଙ୍ଗୀରର ଦୁଲଦୁଲି କଳା ପରିଷଦ, ପ୍ରଗତି କଣ୍ଟାମାଳ, ସୃଷ୍ଟି ଡ୍ୟାନ୍ସ ଗ୍ରୁପ ବୌଦ୍ଧ, ଆଶା ଶିକ୍ଷାନୁଷ୍ଠାନ ଗିରାସିଙ୍ଗା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କାର୍ଯ୍ୟରେ ଅବହେଳା ପାଇଁ ଦୁଇ କର୍ମଚାରୀଙ୍କୁ ନିଲମ୍ବିତ

ବୌଦ୍ଧ,୩।୧୨(ଅଜିତ କୁମାର ବାରିକ)

କାର୍ଯ୍ୟରେ ଅବହେଳା ପାଇଁ ବୌଦ୍ଧ ଜିଲା ପରିଷଦ କାର୍ଯ୍ୟାଳୟର ଦୁଇ ବରିଷ୍ଠ କର୍ମଚାରୀଙ୍କୁ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ନିଲମ୍ବିତ କରିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଜିଲା ପରିଷଦ କାର୍ଯ୍ୟାଳୟର କାର୍ଯ୍ୟରତ ସେକ୍ସନ ଅଫିସର ମାନସ କୁମାର ସେଠୀ ଓ ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ପ୍ରତାପ ରୁଦ୍ର ଡାଙ୍ଗଙ୍କୁ ଶନିବାର ଦିନ ନିଲମ୍ବିତ କରାଯାଇଛି । ଏନେଇ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀଙ୍କୁ ପଚାରିବାରେ ଉଭୟ କର୍ମଚାରୀଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବନ କରାଯାଇଥିବା ସୂଚନା ଦେଇଥିଲେ।

## ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ଆହ୍ୱାନ



ସଚେତନତା ପଦଯାତ୍ରାକୁ ଜିଲାପାଳ ଶୁଭାରମ୍ଭ କରୁଛନ୍ତି।

ସୋନପୁର,୩।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନୂତନ ଟାଉନ ହଲଠାରେ ଜିଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଜିଲାର ବିଭିନ୍ନ ବିଦ୍ୟାଳୟ ସମେତ ଭିନ୍ନକ୍ଷମ ବିଦ୍ୟାଳୟ, ନର୍ସିଂ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ୍ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ରୟାଲ ପଡିଆରୁ ବାହାରି ସହର ପରିକ୍ରମା କରିଥିଲା। ଜିଲାପାଳ ବିମଳେନ୍ଦୁ ରାୟ ଏହି ପଦଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ରାମେଶ୍ୱର ଷ୍ଟାଡିୟମ ପରିସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଟାଉନ ହଲଠାରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀଙ୍କ ସଭାପତିତ୍ୱରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଥିଲା।

**ସୁବର୍ଣ୍ଣପୁରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ**

ଜିଲାପାଳ ରାୟ ମୁଖ୍ୟଅତିଥି ,ସମ୍ମାନିତ ଅତିଥି ଭାବେ ସୋନପୁର ଉପଜିଲାପାଳ ଡ. ଇପସିତା ପ୍ରିୟଦର୍ଶନୀ ମିଶ୍ର, ଜିଲା ଆଇନ ସେବା ପ୍ରାଧିକରଣର ସଚିବ କୁମୁଦିନୀ ମୁଦୁଲି, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଭାରପ୍ରାପ୍ତ ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଓ ରେଆରର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା ଯୋଗଦାନ କରିଥିଲେ। ଭିନ୍ନକ୍ଷମ ବ୍ୟକ୍ତି କେବେ ବି ସାଧାରଣ ନୁହଁନ୍ତି, ବରଂ ସେମାନେ ଅସାଧାରଣ। ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ଆମ ସମସ୍ତଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଭିନ୍ନକ୍ଷମ ବିଦ୍ୟାଳୟ ଓ ଶିକ୍ଷା ବିଭାଗ ଅଧୀନ ସମସ୍ତ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୩୦ ଜଣ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରା ଯାଇଥିଲା। ଭିନ୍ନକ୍ଷମଙ୍କ ସାମଗ୍ରିକ ବିକାଶ ନିମନ୍ତେ ଉଲ୍ଲେଖନୀୟ ଅବଦାନ ପାଇଁ ତରଭାର ରାଜେନ୍ଦ୍ର ରଣା, ରେଆର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା, ଜିଲା ଭିନ୍ନକ୍ଷମ ବିଦ୍ୟାଳୟର ଉତ୍ତମ କୁମାର ଦେହୁରୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରାଜ୍ୟ ତଥା ଜାତୀୟସ୍ତରରେ କୃତିତ୍ୱ ହାସଲ କରି ଜିଲା ପାଇଁ ଗୌରବ ଆଣିଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସୋନପୁର ବ୍ଲକ କଳାପଥରସ୍ଥିତ ଜିଲା ଭିନ୍ନକ୍ଷମ ବିଦ୍ୟାଳୟ, ତରଭା ଅନ୍ଧ, ମୂକ ଓ ବଧିର ବିଦ୍ୟାଳୟ, ଏନଆରଡିସିର ପାଣିସିଆଳିସ୍ଥିତ ସ୍ୱତନ୍ତ୍ର ବିଦ୍ୟାଳୟ, ଉଲୁଣ୍ଡା ବ୍ଲକ ଚଢେଇପଙ୍କର ହ୍ୟାପି ହ୍ୟାଣ୍ଡ ସ୍କୁଲର ଛାତ୍ରୀଛାତ୍ର, ରେଆରର କର୍ମକର୍ତ୍ତା ଓ ଭିନ୍ନକ୍ଷମ ଅଭିଭାବକ ସଂଘ ତଥା ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ତରଭା ବିଏସଏସଓ(ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ) ପ୍ରଭାସ କୁମାର କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉଲୁଣ୍ଡା ବିଏସଏସଓ କ୍ଷୀରୋଦ ଭୂଷଣ ରାୟ ଧନ୍ୟବାଦ ଦେଇଥିଲେ।

## ଭୋଟର ପଞ୍ଜୀକରଣ ସମୀକ୍ଷା କଲେ ନିର୍ବାଚନ ଅଧିକାରୀ

**ଶତ ପ୍ରତିଶତ ଲକ୍ଷ୍ୟ ହାସଲ ପାଇଁ ପରାମର୍ଶ**

ସୋନପୁର,୩।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପୂର୍ବ ପ୍ରସ୍ତୁତି ଜୋରସୋରରେ ଚାଲିଛି । ଏହି କ୍ରମରେ ରବିବାର ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ପ୍ରସାଦ ମହାନ୍ତି ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଜିଲାପାଳଙ୍କ କାର୍ଯ୍ୟାଳୟ ମିନି ସଭାକକ୍ଷରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ମହାନ୍ତି ଜିଲାର ନିର୍ବାଚନ ସମ୍ବନ୍ଧୀୟ ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମର ସ୍ଥିତି ଓ ଅଗ୍ରଗତିର ସମୀକ୍ଷା କରିଥିଲେ। ନୂତନ ଭୋଟର ପଞ୍ଜୀକରଣ ସହ ମୃତ ଓ ସ୍ଥାନାନ୍ତର ଭୋଟରଙ୍କୁ ତାଲିକାରୁ ବାଦ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନୂତନ ଭୋଟର ପଞ୍ଜୀକରଣକୁ ଧାର୍ଯ୍ୟ ସମୟ ମଧ୍ୟରେ ଶତ ପ୍ରତିଶତ ସମ୍ପୂର୍ଣ୍ଣ କରିବାକୁ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଡେପୁଟି କଲେକ୍ଟର ଯଶସ୍ୱିନୀ ପୋଥାଳ ଓ ଜିଲାର ସମସ୍ତ ବିଡ଼ିଓ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସୁବର୍ଣ୍ଣପୁରରେ କସ୍ତୁରୀ-୨୦୨୩




କସ୍ତୁରୀ-୨୦୨୩ ଅବସରରେ ମଞ୍ଚାସୀନ ଅତିଥି।

ସୋନପୁର,୩।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଗୋକର୍ଣ୍ଣେଶ୍ୱରପଡାସ୍ଥିତ ରେଆର ଥେରାପି କେନ୍ଦ୍ରଠାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ କସ୍ତୁରୀ-୨୦୨୩ ରବିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ କୁମୁଦିନୀ ମୁଦୁଲି ଯୋଗଦାନ କରି ଭିନ୍ନକ୍ଷମମାନଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଉପଯୁକ୍ତ ପରିବେଶ ଓ ପ୍ରୋତ୍ସାହନ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଳି ପ୍ରଧାନ, ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଡିଏସପି ରେଣୁକା ସୁନା, ରେଆର କୋଷାଧ୍ୟକ୍ଷ ଅଞ୍ଜଳି ନେଗୀ, ରେଆର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କ ବିଭିନ୍ନ ଅଧିକାର ଓ ସୁଯୋଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ରେଆର ପ୍ରତିଷ୍ଠାତା ପଣ୍ଡା ଭିନ୍ନକ୍ଷମମାନଙ୍କ ପାଇଁ ରେଆରର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରା ଯାଇଥିଲା। ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋଜ କୁମାର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

**ଭିନ୍ନକ୍ଷମଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ପରିବେଶ ଲୋଡ଼ା**

## ଦିବ୍ୟାଙ୍ଗଙ୍କ ଅଧିକାର ଓ ସୁରକ୍ଷା ଉପରେ ଗୁରୁତ୍ୱ

ଘଣ୍ଟାପଡ଼ା,୩।୧୨(ପ୍ରଭାତ କୁମାର ସାହୁ)

**ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ଅଧୀନ କୋଡ଼ିବାହାଲସ୍ଥିତ ଭୀମଭୋଇ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟରେ କଣ୍ଟାମାଳ ତାଲୁକ ଆଇନ ସେବା ସମିତି ତରଫରୁ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ମନବୋଧ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ସହକାରୀ ଦୌରାଜଜ୍ ତପନ କୁମାର ବେହେରା ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ଅଧିକାର ଓ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଜୁଡିସିଆଲ ଫାଷ୍ଟକ୍ଲାସ ମାଜିଷ୍ଟ୍ରେଟ ସତ୍ୟନାରାୟଣ ଦାସ ଯୋଗଦେଇ ଅନ୍ତର୍ଜାତିକ ସ୍ତରରେ ଦିବ୍ୟାଙ୍ଗମାନଙ୍କ ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରିବା ସହ ଦିବ୍ୟାଙ୍ଗ ଦିବସର ଅନୁଚିନ୍ତା,ଆଭିମୁଖ୍ୟ ଓ ସୁରକ୍ଷା ଆଇନ ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଭାତ କୁମାର ସାହୁ ଓ ଆମ୍ବଗାଁ ସରପଞ୍ଚ ପ୍ରତିନିଧି ଜୟ କିଶୋର ରଣା ଯୋଗଦେଇ ଦିବ୍ୟାଙ୍ଗମାନେ ନିଜକୁ କୌଣସି କ୍ଷେତ୍ରରେ କମ ନ ଭାବି ନିଜର ଅନ୍ତର୍ନିହିତ ଗୁଣର ବିକାଶ ଲାଗି ଯତ୍ନବାନ ହେବା ଆବଶ୍ୟକ। ସଭାରେ ୩୦ ଜଣ ଛାତ୍ରୀଛାତ୍ରୀ ଉପସ୍ଥିତ ରହିଥିଲେ। ତାଲୁକ ଆଇନ ସେବା ସମିତିର କାର୍ଯ୍ୟକ୍ରମ ସଂଯୋଜକ ଜ୍ୟୋତି ରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଘନଶ୍ୟାମ ନାଏକଙ୍କ ସମେତ ଅନ୍ୟ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷକ ରାହାସ ବିଭାର ଧନ୍ୟବାଦ ଦେଇଥିଲେ।




ସଭାରେ ଯୋଗ ଦେଇଥିବା ଅତିଥି ।

# ବାଲିଯୁରୀକୁ ହରାଇ ତେଲିପାଲି ଚାମ୍ପିୟନ

ଅମରପାଲି, ୪।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ପଞ୍ଚାୟତର ମେଣ୍ଡିଲିପାଲି ଗ୍ରାମରେ ଚାଲିଥିବା ମା’ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ରେ ବାଲିଯୁରୀକୁ ହରାଇ ତେଲିପାଲି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ତେଲିପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୨୦ ରନ କରିଥିଲା। ଜବାବରେ ବାଲିଯୁରୀ ଦଳ ୮.୧ ଓଭରରେ ୫ ଉଇକେଟ ହରାଇ ୧୨୧ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ତେଲିପାଲି ଦଳ ନର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୮୯ ରନ କରିଥିଲା। ଜବାବରେ ବାଲିଯୁରୀ ଦଳ ନର୍ଦ୍ଧାରିତ ୬ ଓଭରରେ ୭ ଉଇକେଟ ହରାଇ ୭୦ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚରେ ବିଜୟୀ ହେବାରୁ ସୁପର -୨ ଓଭର ମ୍ୟାଚ ଖେଳା ଯାଇଥିଲା। ଏଥିରେ ବାଲିଯୁରୀ ନିର୍ଦ୍ଧାରିତ ୨ ଓଭର ରେ ୪ ଉଇକେଟ ହରାଇ ୩୦ ରନ କରିଥିବା ବେଳେ ତେଲିପାଲି ଦଳ ୧.୪ ଓଭର ରେ କୌଣସି ଉଇକେଟ ନ ହରାଇ ୩୧ ରନ କରି ବିଜୟୀ ହୋଇଥିଲା।



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି ।

**ମା’ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ**

ତେଲିପାଲି ୨-୧ ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଆୟୋଜକ ସଭାପତି ସତ୍ୟ ନନ୍ଦ ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତାରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ନନ୍ଦ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ବବୁଲ ନନ୍ଦ, ଦଶରଥ ନନ୍ଦ, ରବି ନାଏକ, ଅନନ୍ତ ଗାଇଗରିଆ ଓ ଦିନେଶ ମହାକୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତେଲିପାଲିର ଆକାଶ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ବିଶ୍ୱନାଥଙ୍କୁ ମ୍ୟାନ ଅଫ ଦି ସିରିଜ, ମନୋଜଙ୍କୁ ଶ୍ରେଷ୍ଠ ସିକ୍ସର ପୁରସ୍କୃତ କରାଯାଇଥିଲା। ଏଥିସହିତ ଚାମ୍ପିୟନ ତେଲିପାଲି ଦଳକୁ ନଗଦ ୧୫ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ୍ ବାଲିଯୁରୀ ଦଳକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ କୁନା କର୍ଣ୍ଣ ଓ ସୁନିଲ ମହାନନ୍ଦ ପରିଚାଳନା କରିଥିଲେ । ସୁଶାନ୍ତ ନାଏକ ସ୍କୋରିଂ ଓ ମାନସ ନନ୍ଦ ଧାରା ବିବରଣୀ ପ୍ରଦାନ କରିଥଲେ।

## ସଂକ୍ଷେପରେ

### ଶୂନ୍ୟ ଦୁର୍ଘଟଣା ସପ୍ତାହ ପାଳନ ଅବସରରେ ଦୁଇ ଚାଳକ ଧରାପଡ଼ିଲେ

**ବଡ଼ଗାଁ, ୩।୧୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ପୋଲିସ ଶୂନ୍ୟ ଦୁର୍ଘଟଣା ସପ୍ତାହ ପାଳନ ଅବସରରେ ରବିବାର ରାଜ୍ୟ ରାଜପଥରେ ଗାଡ଼ି ଚାଳକଙ୍କୁ ସତର୍କ କରିବା ପାଇଁ ଯାଞ୍ଚ କରୁଥିଲା। ଏହି ସମୟରେ ଦୁଇ ବାଇକ୍ ଚାଳକ ମଦ୍ୟପାନ କରିଥିବା ଧରାପଡ଼ିଥିଲା। ସୂଚନା ଅନୁଯାୟୀ ବଡ଼ଗାଁ ଥାନା ଆଇଆଇସି ବନ୍ଦନା ପାତ୍ର,ଏଏସଆଇ ଗୋପୀନାଥ ଓଝା ପୋଲିସ ବଳ ସହିତ ଗରିଆମାଲ ଛକଠାରେ ଚାଳକଙ୍କୁ ସତର୍କ କରିବା ପାଇଁ ଯାଞ୍ଚ କରୁଥିଲେ।

### ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ବାର୍ଷିକ ବୈଠକ

**ସୁନ୍ଦରଗଡ,୩।୧୨ (ଜୟନାରାୟଣ ମେଣ୍ଟୁଲି):** ସ୍ଥାନୀୟ ପୂର୍ତ୍ତ ବିଭାଗ ସଭାଗୃହଠାରେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘ, ସୁନ୍ଦରଗଡ଼ ଶାଖା ପକ୍ଷରୁ ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ସତ୍ୟପ୍ରିୟ ସାମଲ ଉପଦେଷ୍ଟା, ସଭାପତି ଭାବେ ମହେନ୍ଦ୍ର କୁମାର ଅମାତ, ଉପସଭାପତି ସୁଶାନ୍ତ କୁମାର ସେଠି, ସମ୍ପାଦକ ଭାବେ ରାଧେଶ୍ୟାମ ଦାସ, ସହକାରୀ ସମ୍ପାଦକ (ଆର୍ଥିକ )ସଞ୍ଜୟ କୁମାର ପଟେଲ,ସହକାରୀ ସମ୍ପାଦକ (ସଙ୍ଗଠନ) ବିଶ୍ୱନାଥ ନାୟକ, ଅଡିଟର ଭାବେ ସୀମାକୀର୍ତ୍ତି ବେହେରା, କାର୍ଯ୍ୟକର୍ତ୍ତା ସଦସ୍ୟ ଭାବେ ଇଞ୍ଜିନିୟର ଜେ, ତିରୁପତି ପାତ୍ର, ବିକାଶ ପାଇଯୋଶୀ, ସୀମାରାଣୀ ଚୌଧୁରୀ, ସୁଶାନ୍ତ କୁମାର ପଟେଲ, ଉଷାରାଣି ଲୁଗୁନ, ମଳୟ ବସନ୍ତ ରାଉଡ଼ିଆ ଓ ସହକାରୀ ଜୋନାଲ ସମ୍ପାଦକ ଭାବେ ନିର୍ମଳ କୁମାର ପଣ୍ଡାଙ୍କ ନାମ ଘୋଷଣା କରାଯାଇଥିଲା।

### ରେଣ୍ଡୋ ମାଝିଙ୍କ ରାଜ୍ୟସ୍ତରୀୟ ଶହୀଦ ଦିବସ ପ୍ରସ୍ତୁତି ବୈଠକ

**କୋକସରା,୩।୧୨ (ଦୁଷ୍ମନ୍ତ କୁମାର ପାଇଯୋଶୀ):** କଳାହାଣ୍ଡି ଜିଲା ଶହୀଦ ରେଣ୍ଡୋ ମାଝିଙ୍କ ଜୟନ୍ତୀ ପାଳନ ପାଇଁ କୋକସରାଠାରେ ଆଦିବାସୀ ସଂଘ ପକ୍ଷରୁ ବ୍ଲକ ସଭାପତି ହେମନ୍ତ ମାଝିଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକର ୨୨ ପଞ୍ଚାୟତରୁ ଆଦିବାସୀ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶହୀଦ ରେଣ୍ଡୋ ମାଝିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନରେ ବ୍ଲକର ସମସ୍ତ ଆଦିବାସୀ କର୍ମକର୍ତ୍ତା ସାମିଲ ହେବାକୁ ଆଲୋଚନା କରିଥିଲେ। ଜିଲା ଆଦିବାସୀ ସଂଘ ସମ୍ପାଦକ ରତ୍ନରାଜ ମାଝି, ବ୍ଲକ ସମ୍ପାଦକ ତ୍ରିନାଥ ଶବର, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ରୁଦ୍ର ପ୍ରସାଦ ନାଏକ, ମହିମା ପଞ୍ଚାୟତ ସମିତି ସଭ୍ୟ ଘନଶ୍ୟାମ ନାଏକ, ମନୋରଞ୍ଜନ ବାଣୁଆ, ନିରଞ୍ଜନ ମାଝି, ଚୈତନ୍ୟ ମାଝି, କ୍ଷୀରସିନ୍ଧୁ ନେଗି ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଚାନ୍ଦା ମାଗି ଧରା ପଡ଼ିଲେ ନକଲି ପୋଲିସ



**ଭବାନୀପାଟଣା,୩।୧୨(ଉତ୍ତମ କୁମାର ଦାଶ):** ପୋଲିସ ବେଶରେ ଚାନ୍ଦା ମାଗି ଧରା ପଡିଲା ନକଲି ପୋଲିସ। କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ଗାଁର ରାଜା ଚୌଧୁରୀ ନାମକ ଜଣେ ଯୁବକ ନକଲି ପୋଲିସ ଡ୍ରେସ ପିନ୍ଧି ଭବାନୀପାଟଣା ସହରରେ ବିଭିନ୍ନ ସ୍ଥାନରେ ରାତିରେ ଚାନ୍ଦା ମାଗୁଥିବା ଖବର ପୋଲିସ ପାଖରେ ପହଞ୍ଚି ଥିଲା। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକେ ଯୁବକଙ୍କୁ ଅଟକ ରଖି ଉତ୍ତମ ମଧ୍ୟମ ଦେଇଥିଲେ। ଯାହାର ଭିଡିଓ ଏବେ ଭାଇରାଲ ହୋଇଛି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିବା ପରେ ତାଗିଦ କରି ଛାଡି ଥିବା ଜଣାପଡିଛି।

# ଭିନ୍ନକ୍ଷମମାନେ ବି ସମାଜର ଅବିଚ୍ଛେଦ୍ୟ ଅଙ୍ଗ

**ସୁନ୍ଦରଗଡ଼, ୩।୧୧(ଜୟନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ ଜିଲା ପ୍ରଶାସନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ସମଗ୍ର ଶିକ୍ଷା ଅଭିଯାନର ମିଳିତ ଉଦ୍ୟମରେ ସ୍ଥାନୀୟ ସାର୍ଥକ ସ୍ୱତନ୍ତ୍ର ବିଦ୍ୟାଳୟ ବନ୍ଧପାଲ୍ଲୀଠାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୩ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅନ୍ତର୍ନିବେଶୀ ବିଦ୍ୟାଳୟରେ ଅଧ୍ୟୟନରତ ଭିନ୍ନକ୍ଷମ ପିଲା ଓ ସ୍ୱତନ୍ତ୍ର ବିଦ୍ୟାଳୟରେ ଅଧ୍ୟୟନରତ ଭିନ୍ନକ୍ଷମ ପିଲାମାନଙ୍କ ମଧ୍ୟରେ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ୨ ତାରିଖରେ ଆୟୋଜନ କରାଯାଇଥିଲା। ସମସ୍ତ ୧୭ଟି ବ୍ଲକର ୩୦ ଜଣିଆ ପ୍ରତିନିଧି ଦଳ ମୋଟ ୫୧୦ ଜଣ ୧୫ ବିଭାଗରେ ଅଂଶଗ୍ରହଣ କରି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଦ୍ୱିତୀୟ ଦିବସ ୩ ତାରିଖ ରବିବାରରେ ସ୍ଥାନୀୟ ଜିଲାପାଳଙ୍କ ଅଫିସ ପରିସରରୁ ଏକ ସଚେତନତା ରାଲି ଆୟୋଜନ କରାଯାଇ ଭିନ୍ନକ୍ଷମ ପିଲାମାନଙ୍କ



ସୁନ୍ଦରଗଡ଼ରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉଦ୍‌ଯାପନୀରେ ଅତିଥି ଓ ଅନ୍ୟମାନେ।

ଅଧିକାର, ସଶକ୍ତିକରଣ କ୍ଷେତ୍ରରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଏହି ରାଲିକୁ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଦିନ ୧୧ଟାରେ ସ୍ଥାନୀୟ ସାର୍ଥକ ବିଦ୍ୟାଳୟରେ ପୁରସ୍କାର ବିତରଣୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଜିଲା ସାମାଜିକ

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୩ ଉଦ୍‌ଯାପିତ**

ସୁରକ୍ଷା ଅଧିକାରୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଅତିରିକ୍ତ ଚିକିତ୍ସା ଅଧିକାରୀ ପ୍ରକାଶ ବଳ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଲିଗାଲ ସହାୟତା କେନ୍ଦ୍ର ସମ୍ପାଦିକା ଶୁଭଶ୍ରୀ ପ୍ରଧାନ, ସଦର ଥାନା ଅଧିକାରୀ ସୁସ୍ମିତା ଦେବତା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟାଙ୍ଗରପାଲି ଶିବ ପ୍ରସାଦ ମୁର୍ମୁ ମଞ୍ଚାସୀନ ଥିଲେ। ଅତିଥିମାନେ ଭିନ୍ନକ୍ଷମମାନେ ବି ସମାଜର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଡ ଅନନ୍ତ ଆଚାର୍ଯ୍ୟ ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୋମତୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାଗତ ଭାଷଣ ଓ ଜିଲା ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଓ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବାଲିଶଙ୍କରା ଏସ.ଏସ .ଡି ସରକାରୀ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଭିନ୍ନକ୍ଷମ ପ୍ରଧାନ ଶିକ୍ଷକ ପ୍ରମୋଦ ପଟେଲ, ଦେଓଙ୍କରାଣ ବିଦ୍ୟାପୀଠର ରଶ୍ମି ବହାଲୀ ଓ ଆଦିଶ ଆଦର୍ଶ ବିଦ୍ୟାଳୟ ସୁନ୍ଦରଗଡ଼ର ପ୍ରିୟଙ୍କା ବେସନ, ଜିଲା ବଧିର ସଂଘର ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଭିନ୍ନକ୍ଷମ ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ସୁନ୍ଦରଗଡ଼ରେ ଭାଜପାର ବିଜୟ ଉତ୍ସବ

**ସୁନ୍ଦରଗଡ,୩।୧୨(ଜୟନାରାୟଣ ମେଣ୍ଟୁଲି)**

୪ରାଜ୍ୟରେ ଭୋଟ ଗଣତି ପରେ ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନରେ ଭାଜପାର ବିପୁଳ ବିଜୟ ସହ ଶାସନକୁ ଫେରିଥିବା ଖୁସିରେ ସାରା ଦେଶରେ ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ସୁନ୍ଦରଗଡ଼ ମେଡିକାଲ ଛକ ଠାରେ ଭାଜପା ସୁନ୍ଦରଗଡ଼ ସଙ୍ଗଠନ ପକ୍ଷରୁ ବିଧାୟିକା କୁସୁମ ଟେଟେ ଓ ସୁନ୍ଦରଗଡ଼ ଜିଲା ଭାଜପା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ଉପସ୍ଥିତିରେ ଭାଜପା କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଆତସବାଜୀ ଫୁଟାଇବା ସହ ସମସ୍ତଙ୍କୁ ମିଠା ବଣ୍ଟନ କରି ଏହି ବିଜୟ ଉତ୍ସବ ପାଳନ କରିଛନ୍ତି। ଏହି ବିଜୟ ଉତ୍ସବ ସମୟରେ ମହିଳା ସଭାନେତ୍ରୀ ସଞ୍ଜୁଲତା ନାଏକ, ଯୁବମୋର୍ଚ୍ଚା ସଭାପତି ଶ୍ରୀକାନ୍ତ ଭଞ୍ଜ, ସ୍ୱଚ୍ଛଭାରତ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଭାଜପା କାଉନସିଲର, ଏସସି ମୋର୍ଚ୍ଚା ସଭାପତି ସିମେଶ୍ୱର ଲରିଆ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜା କାକ, ପଶ୍ଚିମ ଓଡିଶା ମିଡ଼ିଆ ସେଲ ସୁବାସ ରଣା, ଶତାଧିକ ଭାଜପା କର୍ମୀ ଉପସ୍ଥିତ ରହିଥିଲେ।

## ସ୍କୁଟି ନମ୍ବରରେ ବ୍ୟାଣ୍ଡେଜ ଲଗାଇ ପୋଲିସ ଦ୍ୱାରା ଧରାପଡ଼ିଲେ

**କୁତ୍ରା, ୩।୧୨(ଦେବାଶିଷ ସାହୁ)**

- ସିସି କ୍ୟାମେରାରୁ ବର୍ତ୍ତିବା ପାଇଁ ଅଭିନବ ପ୍ରୟାସ
- ୩ ହଜାର ଜରିମାନା ଗଣିଲେ

ଦୁର୍ଘଟଣା ରୋକିବା ତଥା ଅମାନିଆଙ୍କୁ ସାବାଡ଼ କରିବା ପାଇଁ ବର୍ତ୍ତମାନ ରାଉରକେଲା-ସୁନ୍ଦରଗଡ଼ ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ ୱେରେ ସିସି କ୍ୟାମେରା ଲଗାଯାଇଛି। ହେଲମେଟ ପିନ୍ଧି ନ ଥିଲେ କିମ୍ବା ଦ୍ରୁତ ଗତିରେ ଗଲେ ଇ ଚାଲାଣ କଟୁଛି। କିନ୍ତୁ କେତେଜଣ ଅମାନିଆ ସିସି କ୍ୟାମେରାରୁ ବର୍ତ୍ତିବା ପାଇଁ ଅଭିନବ ଉପାୟ ଅବଲମ୍ବନ କରୁଥିବା ଦେଖିବାକୁ ମିଳୁଛି। ରବିବାର କୁତ୍ରାରେ ସାପ୍ତାହିକ ହାଟ ଥିବାବେଳେ ରାଜଗାଙ୍ଗପୁରର ଦୁଇଜଣ ଯୁବକ ଏକ ସ୍କୁଟି ଯୋଗେ ସୁନ୍ଦରଗଡ଼ ପଟୁ ରାଜଗାଙ୍ଗପୁର ଅଭିମୁଖେ ରାଜ୍ୟ ରାଜପଥରେ ଯାଉଥିବାବେଳେ କୁତ୍ରା ପୋଲିସ ତାଙ୍କୁ ସ୍ଥାନୀୟ ବସଷ୍ଟାଣ୍ଡ ନିକଟରେ ଅଟକାଇଥିଲା। ସ୍କୁଟିରେ ଦେଖିବାକୁ ମିଳିଥିଲା ଯେ, ସ୍କୁଟିର ଉଭୟ



ଆଗ ଓ ପଛପଟ ନମ୍ବର ପ୍ଲେଟର କିଛିଟା ନମ୍ବର ଲୁଚାଇବାକୁ ଲଗାଯାଇଛି ବ୍ୟାଣ୍ଡେଜ। ଆଗପଟେ ବ୍ୟାଣ୍ଡେଜ ସହିତ ଲାଗିଥିଲା ଗୋଟେ ନାଲି କପଡ଼ା। ଏହାକୁ ନେଇ ପୋଲିସ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। କାଳେ ଉକ୍ତ ସ୍କୁଟିଟି ଚୋରି ହୋଇଥିବ ବୋଲି ସନ୍ଦେହକରି ପୋଲିସ ଦୁଇ ଯୁବକଙ୍କୁ ପଚରାଉଚୁରା କରି କୁତ୍ରା ଥାନାକୁ ନେଇଯାଇଥିଲା। ସେଠାରେ ଅଧିକ ତଦନ୍ତ ପରେ ଗାଡ଼ି ଚାଳକଙ୍କଠାରୁ ତିନିହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ ଉକ୍ତ ଯୁବକ ଦ୍ୱୟ ରାଜଗାଙ୍ଗପୁରର ହୋଇଥିବାବେଳେ ସେମାନେ ବିଜୁ ଏକ୍ସପ୍ରେସ ୱେରେ ଲାଗିଥିବା ସିସିଟିଭିରୁ ବର୍ତ୍ତିବା ପାଇଁ ଏଭଳି ଅଭିନବ ଉପାୟ ଅବଲମ୍ବନ କରିଥିବା ଜଣାପଡିଛି। ତେବେ ଏଭଳି ଘଟଣା ଏହି ଗୋଟିଏ ନୁହେଁ, ଏଭଳି ଅନେକ ଗାଡି ଚାଳକ ଅଛନ୍ତି, ବିଶେଷ କରି ଦୁଇ ଚକିଆ ଗାଡି ଚାଳକ ଯେଉଁମାନେ ସିସି କ୍ୟାମେରାଠାରୁ ଲୁଚିକି ଯିବାପାଇଁ ଏଭଳି କରୁଛନ୍ତି। ନମ୍ବର ପ୍ଲେଟରେ କିଏ ସେଲୋଟେପ ଲଗାଉଛି ତ ଆଉ କିଏ ବ୍ୟାଣ୍ଡେଜ ଓ କିଏ ପୁଣି ମାଟି ବୋଳିକି ଯାଉଛନ୍ତି।

## ଜିଲା ପ୍ରତିଷ୍ଠା ଦିବସ, ମହୋତ୍ସବ ଯତ୍ରା ପାଇଁ ପ୍ରସ୍ତୁତି

**ସୁନ୍ଦରଗଡ,୩।୧୨(ଜୟ ନାରାୟଣ ମେଣ୍ଟୁଲି)**

ସ୍ଥାନୀୟ ସଦ୍‌ଭାବନା ଗୃହରେ ଜିଲାପାଳ ଡା. ପରାଗ ଗାଭାଲୀଙ୍କ ଅଧକ୍ଷତାରେ ସୁନ୍ଦରଗଡ ଜିଲା ପ୍ରତିଷ୍ଠା ଦିବସ ଏବଂ ମହୋତ୍ସବ ଯତ୍ରାର ସଫଳ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୧ରୁ ୫ ପର୍ଯ୍ୟନ୍ତ ଯତ୍ରା ଚାଲିବାକୁ ନିର୍ଦ୍ଧାରିତ ହୋଇଛି। କମିଟି ସଭ୍ୟ କ୍ଷେତ୍ର ପରିଦର୍ଶନ କରି ଯତ୍ରା ନିମନ୍ତେ ସ୍ଥାନ ନିରୂପଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଯତ୍ରା ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ଥାନୀୟ କଳାକାର ତଥା ବୁଦ୍ଧିଜୀବୀଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯିବ ଏବଂ ସଂପୃକ୍ତ କମିଟି ଗୁଡ଼ିକ ପରସ୍ପର ସହ ସମନ୍ୱୟ ରକ୍ଷା କରି ନିଜ ନିଜ କମିଟିର କାର୍ଯ୍ୟ ଗୁଡିକ ସମ୍ପାଦନ କରିବାକୁ ଜିଲାପାଳ ଡା. ଗାଭାଲୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ବିବରଣୀ ପାଠ କରିବା ସହିତ ଯତ୍ରା ନିମନ୍ତେ ପଦକ୍ଷେପ ନିଆଯିବାକୁ ଥିବା ବିଭିନ୍ନ ପ୍ରସଙ୍ଗ ଗୁଡିକ ଉପସ୍ଥାପନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ଜାନୁୟାରୀ ୧ରେ ମା' ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟରେ ମଶାଲ ବାହାରିବ। ଏହି ଶୋଭାଯାତ୍ରାରେ କଳାକାର, ସାଧାରଣ ଜନତା, ବିଭିନ୍ନ ଅନୁଷ୍ଠାନ, ଯୁବବର୍ଗ, ଅଧିକାରୀ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ପ୍ରତ୍ୟେକ ଦିନ ସଂଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଯେଉଁଥିରେ ଆଞ୍ଚଳିକ, ରାଜ୍ୟ ସ୍ତରୀୟ ଏବଂ ଜାତୀୟ ସ୍ତରୀୟ ପ୍ରମୁଖ କଳାକାରମାନେ ଅଂଶ ଗ୍ରହଣ କରିବେ। ଏହା ସହିତ ଓରମାସ ଦ୍ୱାରା ପଲ୍ଲିଶ୍ରୀ ମେଳା ଆୟୋଜିତ ଏବଂ ପୁସ୍ତକ ମେଳା ମଧ ଆୟୋଜନ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝି, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ସଦର ଉପ ଜିଲାପାଳ ଦାସରଥି ସରାବୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଆର୍ ଆଣ୍ଡ ବିର ଅଧିକ୍ଷଣ ଯନ୍ତ୍ରୀ ନାରାୟଣ ପଟେଲ, କଳାକାର, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଡ.ଗଭାଲୀ ସହଯୋଗ କାମନା କରିଥିଲେ।

## ଟ୍ୟାଙ୍କରକୁ ଧକ୍କା ଦେଲା ଟ୍ରକ: ୨ ମୃତ, ୩ ଆହତ

**ଲହୁଣୀପଡ଼ା/ ଟେନ୍‌ସା, ୩।୧୨ (ଦାଶରଥି ପଣ୍ଡା/ ସମୀର ପାଢୀ)**

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର କୁନ୍ଦୁରୁଚୁରୁ ଗ୍ରାମ ନିକଟରେ ଶନିବାର ବିଳମ୍ବିତ ରାତ୍ରିରେ ଏକ ଟେଙ୍କର ପଛରେ ଟ୍ରକ ଧକ୍କା ଦେବାରୁ ୨ ଜଣଙ୍କର ମୃତ୍ୟୁଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ ଜେଏଚ ୦୯ୟୁ -୩୫୨୯ ଟେଙ୍କର ଲହୁଣୀପଡା ପଟେ ଆସୁଥିବା ବେଳେ ଲୁହାପଥର ବୋଝେଇ ଟ୍ରକଟି ପଛରୁ ଆସି ଟେଙ୍କର ପଛରେ ଧକ୍କା ମାରିଥିଲା। ଫଳରେ ଟ୍ରକ ଚାଳକ ଗାଡ଼ି ଭିତରେ ଚାପି ମୃତ୍ୟୁବରଣ କରିଥିଲେ। ଟେଙ୍କରରେ ଥିବା ଚାରି ଜଣ ଗୁରୁତର ଆହତ ହୋଇଥିଲେ। ଖବର ପାଇ କେ.ବଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଗାଡ଼ି ଭିତରେ ଚାପି ହୋଇ ମୃତ୍ୟୁବରଣ କରିଥିବା ଚାଳକଙ୍କୁ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ କାଟି ବାହାର କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତ ଚାଳକ ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳର ପବିତ୍ର ସାହୁଙ୍କ ପୁଅ ସିକନ (୨୨)ବୋଲି ଜଣାପଡ଼ିଛି। ଲହୁଣୀପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଚାରିଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ଜୟପ୍ରକାଶ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଥିମଧ୍ୟରୁ ରାଉରକେଲା ସିଭିଲ ଟାଉନସିପରେ ରହୁଥିବା ଚକ୍ରଧର ବାଗଙ୍କ ପୁଅ ବିକାଶ ବାଗ (୪୦)ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଖବରପାଇ କେ. ବଲାଙ୍ଗ ପୋଲିସ ଜୟପ୍ରକାଶ ହସ୍ପିଟାଲରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଅନ୍ୟ ଆହତ ତିନିଜଣ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ବଲାଙ୍ଗ ପୋଲିସ ଉଭୟ ଗାଡିକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

## ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ଭାଜପା କର୍ମୀଙ୍କ ବିଜୟ ଉତ୍ସବ



କୁଆଁରମୁଣ୍ଡାରେ ଅନୁଷ୍ଠିତ ଭାଜପାର ବିଜୟ ଉତ୍ସବ।

**କୁଆଁରମୁଣ୍ଡା,୩।୧୨(ମହେନ୍ଦ୍ର କୁମାର ସାହୁ)**

ସଦ୍ୟ ସମାପ୍ତ ୪ ରାଜ୍ୟର ବିଧାନସଭା ନିର୍ବାଚନରେ ଭାଜପା ୩ଟି ରାଜ୍ୟରେ ବାଜିମାତ କରିଛି। ଏହି ଖୁସିରେ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ଭାଜପା କର୍ମୀମାନେ ରବିବାର ସନ୍ଧ୍ୟାରେ ବିଜୟ ଉତ୍ସବ ପାଳନ କରିଛନ୍ତି। ବୀରମିତ୍ରପୁର ଭାଜପା ବିଧାୟକ ଶଙ୍କର ଓରାମ ବିଭିନ୍ନ ସ୍ଥାନରେ ଭାଜପା କର୍ମୀମାନଙ୍କ ଦ୍ୱାରା ଅନୁଷ୍ଠିତ ବିଜୟ ଉତ୍ସବକୁ ସ୍ୱାଗତ କରିବା ସହ ଉତ୍ସାହିତ କରିଛନ୍ତି। ଆଗାମୀ ଦିନରେ ଦଳୀୟ ସଙ୍ଗଠନ କିଭଳି ଅଧିକ ସୁଦୃଢ ହେବ ସେ ପ୍ରୟାସ ଜାରି ରହିବ ବୋଲି ବିଧାୟକ ଶଙ୍କର ଓରାମ ଏହି ଅବସରରେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଭାଜପା କୁଆଁରମୁଣ୍ଡା କାର୍ଯ୍ୟାଳୟ ନିକଟରୁ ସନ୍ଧ୍ୟାରେ ଅନୁଷ୍ଠିତ ବିଜୟ ଉତ୍ସବରେ ଶତାଧିକ କର୍ମୀ ଓ ନେତା ୧୪୩ ନମ୍ବର ଜାତୀୟ ରାଜପଥରେ ଏକ ଶୋଭାଯାତ୍ରାରେ ବାହାରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଭାରତ ମାତାର ଜୟ ଜୟ କାର କରି ନିକଟସ୍ଥ ଚେକଗେଟ ଛକରେ ପହଞ୍ଚିଥିଲେ। ବାଜା ବଜାଇ ବାଣଫୁଟାଇ ଦଳର ବିଜୟ ଉତ୍ସବ ପାଳନ କରିଛନ୍ତି। ଏହାସହ ସାଧାରଣ ଲୋକଙ୍କୁ ମିଠା ବାଣ୍ଟି ଖୁସି ମନାଇଛନ୍ତି। ଏହି ଶୋଭାଯାତ୍ରାରେ ଭାଜପା ରାଉରକେଲା ସାଙ୍ଗଠନିକ ଜିଲା ସାଧାରଣ ସମ୍ପାଦକ ଶଙ୍କର ପୂଝାରୀ, କୁଆଁରମୁଣ୍ଡା ମଣ୍ଡଳ ସଭାପତି ଦିଲ୍ଲୀପ ପଟେଲ, ମହିଳା ମୋର୍ଚ୍ଚା ମଣ୍ଡଳ ସଭାନେତ୍ରୀ ରୀନା ମେହେର,ବୁଲୁ ଚାନ୍ଦ,ଜୀବନ ଦାସ, ଲକ୍ଷ୍ମୀନାରାୟଣ ସାହୁ ପ୍ରମୁଖ ସାମିଲ ହୋଇ ଖୁସି ମନାଇବା ସହ କର୍ମୀମାନଙ୍କ ମନୋବଳକୁ ବହୁଗୁଣିତ କରିଛନ୍ତି।

## ଦେଓଗାଁ ବ୍ଲକ ଜନପ୍ରତିନିଧିଙ୍କ ବୈଠକ



ବୈଠକରେ ଉପସ୍ଥିତ ବ୍ଲକ ଅଧ୍ୟକ୍ଷଙ୍କ ସହ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ।

**ଦେଓଗାଁ,୩।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ସମର୍ଥିତ ସମିତି ସଭ୍ୟଙ୍କ ସହଯୋଗରେ ବିଜେଡି ସମର୍ଥିତ ଦୟାନିଧି ଖମାରୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ହେଲେ ନିକଟରେ କଂଗ୍ରେସ ସମର୍ଥିତ ସମିତି ସଭ୍ୟମାନେ ବ୍ଲକର ସମସ୍ୟା ସହ ଉନ୍ନୟନ କାର୍ଯ୍ୟରେ ଅଧ୍ୟକ୍ଷଙ୍କ ଅସହଯୋଗକୁ ନେଇ ଜିଲାପାଳ ଓ ପିଡିଙ୍କୁ ଫେରାଦ ହେବା ପରେ ବ୍ଲକ ଅଞ୍ଚଳରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଏହାକୁ ଦେଖି ଅଧ୍ୟକ୍ଷ ଖମାରୀ ନିଜ ଶକ୍ତି ପ୍ରଦର୍ଶନ ପାଇଁ ସହଯୋଗୀ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ନେଇ ବଡବନ୍ଧ ପଞ୍ଚାୟତ କରୁଆଁଝର ନିକଟସ୍ଥ ଏକ ଫାର୍ମ ହାଉସଠାରେ ରବିବାର ଏକ ବୈଠକ କରିଥିଲେ। ବୈଠକରେ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ସମେତ ୧୯ଜଣ ସରପଞ୍ଚ ଓ ୧୪ଜଣ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

**ଲହୁଣୀପଡା,୩।୧୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ସଭା ଗୃହଠାରେ ରବିବାର ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ କୁମାର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜାହ୍ନବୀ ମାହାନ୍ତ, ବିଆରଟି ମମତା ରାଉତରାୟ ଯୋଗଦେଇ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ଦେବା ସହିତ ଭିନ୍ନକ୍ଷମମାନଙ୍କୁ ସରକାରଙ୍କ ପକ୍ଷରୁ କି ପ୍ରକାର ସରକାରୀ ସାହାଯ୍ୟ ସହାୟତା ଯୋଗାଇ ଦିଆଯାଇଛି ଏବଂ ସରକାରୀ ସହାୟତା ପାଇବାରୁ ଯେଉଁ ଭିନ୍ନକ୍ଷମମାନେ କୌଣସି କାରଣରୁ ବଞ୍ଚିତ ଅଛନ୍ତି କିଭଳି ସରକାରୀ ସହାୟତା ପାଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଲହୁଣୀପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମମାନଙ୍କ ମଧ୍ୟରୁ ୪ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୪ଜଣଙ୍କୁ ହୁଇଲ ଚେୟାର, ୨ ଜଣଙ୍କୁ ଶ୍ରବଣଯନ୍ତ୍ର, ୨ଜଣଙ୍କୁ ସିପି ଚେୟାର ଓ ୨ ଜଣଙ୍କୁ କିଟବ୍ୟାଗ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦର୍ଜାଂ ସରପଞ୍ଚ ସିଂରାୟ ମୁଣ୍ଡା, ଖୁଣ୍ଟୁଗାଁ ସୁମିତ୍ରା ଚାରଡିଆ, ମହୁଲପଦା ସୌଭାଗ୍ୟ ନାଏକ, ଡଲେଇସରା ସରପଞ୍ଚ ଅସାତୁ କୋହ୍ଲ ଉପସ୍ଥିତ ଥିବା ବେଳେ ବଡବାବୁ ମନୋଜ ପଟେଲ, ଶ୍ରୀକାନ୍ତ ସାହୁ,ସରୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅନୁଷ୍ଠିତ ହୋଇଥିଲା।

# ରାସ୍ତା ସଫାକଲେ ଗ୍ରାମବାସୀ

**ଲେଫ୍ରିପଡା,୩।୧୨(ଦେଶରଞ୍ଜନ ପଟେଲ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ସାତଯୋରିଆଠାରୁ ଲେଫ୍ରିପଡା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକକୁ ସାତଯୋରିଆ ଗ୍ରାମ ବନ ସୁରକ୍ଷା ସମିତି ପକ୍ଷରୁ ରବିବାର ସଫା କରାଯାଇଛି। ରାସ୍ତାର ଦୁଇପାର୍ଶ୍ୱରେ ବହୁ ମାତ୍ରାରେ ଅନାବନା ଘାସ ଉଠି ଯାତାୟତରେ ବାଧକ ସାଜୁଥିଲା। ଛୋଟବଡ଼ ଦୁର୍ଘଟଣା ଘଟିବା ମଧ୍ୟ ଆଶଙ୍କା ଥିଲା। ଦୁର୍ଘଟଣା ରୋକିବା ପାଇଁ ଗ୍ରାମବାସୀ ଏପରି କରିଥିବା କହିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ବହୁ ବର୍ଷ



ଗ୍ରାମବାସୀ ରାସ୍ତା ସଫେଇ କରୁଛନ୍ତି।

ପୂର୍ବେ ତିଆରି ହୋଇଥିବାରୁ ବର୍ତ୍ତମାନ ବହୁମାତ୍ରାରେ ଖାଲଖମା ହୋଇ ଯାଇଥିବାରୁ ଯାତାୟତ ସକାଶେ ଅସୁବିଧାର ସମ୍ମୁଖୀନ ହେଉଥିବା ସୂଚନା ଦେଇଛନ୍ତି। ରାସ୍ତା ବ୍ଲକ ହେଡ୍‌କ୍ୱାର୍ଟର୍ସକୁ ସଂଯୋଗ ହୋଇଥିବାରୁ ଗ୍ରାମବାସୀ ଓ ସ୍କୁଲ ପିଲା ଦୈନନ୍ଦିନ ବହୁ ସଂଖ୍ୟାରେ ଯିବାଆସିବା କରନ୍ତି। ସେମାନେ ବହୁ ମାତ୍ରାରେ ପ୍ରଭାବିତ ହେଉଥିବାରୁ ଯଥାଶୀଘ୍ର ରାସ୍ତାର ଉନ୍ନତିକରଣ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି। ଅପର ପକ୍ଷରେ ସ୍ୱେଚ୍ଛାକୃତ ଭାବେ ବନସୁରକ୍ଷା ସମିତି ସଭାପତି ନିତାଇ ଚରଣ ପଟେଲ, କୋଷାଧ୍ୟକ୍ଷ ଲୁକାଶ ମିଞ୍ଜ, ହିମାଂଶୁ ଷଣ୍ଢ, ବଳଦେ ମାଝୀ, ବାସୁଦେବ ସେଟ, ସଞ୍ଜୀବ ସୁରିନ, ଅମିତ ସୁରିନ, ଲାଉରେନ୍ସ କାଣ୍ଡୁଲିନା, ଫୁଲଜେମ ହେମରମ, ସରୋଜ ମିଞ୍ଜ, ନିରୋଜ ଟପ୍ପୋ, ସୁନ୍ଦର କଚ୍ଛରିଆ, ଅନୁପା ତିର୍କୀ, ନମିତା ମିଞ୍ଜ, ପ୍ରଶାନ୍ତ ହେମରମ ପ୍ରମୁଖ ଗ୍ରାମବାସୀ ଯୋଗଦାନ କରିଥିଲେ।

# କଳା, ସଂସ୍କୃତି ବିଶ୍ୱ ଦରବାରରେ ପହଞ୍ଚାଅ

**ସମ୍ବଲପୁର, ୩।୧୨(ବି.ଶଙ୍କର)**

- ଚିତ୍ରକଳା ପ୍ରଦର୍ଶନୀ ଧାରା ଉଦ୍‌ଘାଟିତ
- ୧୪ ଶିଳ୍ପୀଙ୍କ ୫୦ ଚିତ୍ରକଳା ପ୍ରଦର୍ଶିତ

ଚିତ୍ରକଳା ପ୍ରଦର୍ଶନୀ ଧାରା-୨୦୨୩ ରବିବାର ସମ୍ବଲପୁରସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରୀଠାରେ ଉଦ୍‌ଘାଟିତ ହୋଇଯାଇଛି । ସୁନ୍ଦରଗଡ଼ର କଳାୟତନ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପୁରାତନ ଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ଦଳଗତ ଚିତ୍ରକଳା ଓ ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀକୁ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶୁଭମ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ପ୍ରଖ୍ୟାତ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ବରଗଡ଼ର ପୂର୍ବତନ ସାଂସଦ ଡ. ପ୍ରଭାସ ସିଂ, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର, କଳାୟତନର ଅଧ୍ୟକ୍ଷ ଶୀତଳ କୁମାର ମହାପାତ୍ର ଓ ଦୀପ୍ତି କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚିତ୍ରଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ଯୁବ ପ୍ରତିଭାମାନଙ୍କର କଳାକୃତୀର ଉଚ୍ଚ ପ୍ରଶଂସା କରିବା ସହ ଏହି ଅଞ୍ଚଳର କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ପଶ୍ଚିମ ଓଡ଼ିଶାର ବରଗଡ, ବଲାଙ୍ଗୀର, ସୁବର୍ଣ୍ଣପୁର, ସୁନ୍ଦରଗଡ, ନୂଆପଡା ଓ କଳାହାଣ୍ଡି ଜିଲାର ୧୪ ଜଣ ଶିଳ୍ପୀଙ୍କ ପ୍ରାୟ ୫୦ଟି ଚିତ୍ରକଳା, ଭାସ୍କର୍ଯ୍ୟ କଳା, ମୁଦ୍ରଣ କଳା ଓ ଫଟୋଗ୍ରାଫି ଏହି ପ୍ରଦର୍ଶନୀରେ ସ୍ଥାନ ପାଇଛି । ଚିତ୍ରଶିଳ୍ପୀମାନେ ନିଜ ଜିଲାର କଳା ସୌନ୍ଦର୍ଯ୍ୟକୁ ନିଜର ଚିତ୍ରକଳା ଓ ମୂର୍ତ୍ତିକଳା ମାଧ୍ୟମରେ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ କରିଛନ୍ତି । ପଶ୍ଚିମ ଓଡ଼ିଶାର ଲୁକି ଯାଉଥିବା କଳା, ସଂସ୍କୃତି, ଚାଲି ଚଳଣୀ, ବେଶ ଭୂଷା, ଅଳଙ୍କାର, ନାଚ ଗୀତ ଉପରେ ଆଧାରିତ ଚିତ୍ର ଗୁଡିକୁ ଏଥିରେ ସ୍ଥାନ ଦିଆଯାଇଛି । କଳାୟତନର ପୁରାତନ ଛାତ୍ର ପ୍ରବୀଣ କୁମାର ମାଝୀ, ଶୁଭମ ସାହୁ, ସଚିନ୍ଦ୍ର ପ୍ରଧାନ, କୁଳଦୀପ ରାୟ, ମନୋରଞ୍ଜନ ନାଏକ, ଜଗନ୍ନାଥ ସେଠ, ପିଙ୍କୁ ପଟେଲ, ଅମୃତାଂଶୁ ଶେଖର କୁମ୍ଭାର, ପ୍ରଶାନ୍ତ ମିର୍ଦ୍ଧା, ଅଙ୍କୁର ଧୁରୁଆ, କୁନାଲ ସାହୁ, ଦିନେଶ କୁମାର ବିଶି, ଆଶିଷ କୁମାର ବୁଡ଼େକ ଓ ଜୟ ମେହେରଙ୍କ ଏଥିରେ ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେହ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ ଆସନ୍ତା ୬ ତାରିଖରେ ଉଦ୍‌ଯାପିତ ହେବ ।



ରବିବାର ସମ୍ବଲପୁରରେ ଅତିଥିମାନେ ଚିତ୍ରକଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି ।

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ଅଭିଯୋଗରେ ମହିଳା ଗିରଫ

**ସୋନପୁର,୩।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ଗଞ୍ଜେଇ ଚାଲାଣ ଅଭିଯୋଗରେ ସୋନପୁର ଟାଉନ ଥାନା ପୋଲିସ ନାସୁଦା ବିବି(୪୯)ଙ୍କୁ ଶନିବାର ବିଳମ୍ବିତ ରାତିରେ ଗିରଫ କରିଛି । ତାଙ୍କ ନିକଟରୁ ୪ କିଲୋ ୧୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି । ସେ ବସ୍ ଯୋଗେ ଯିବା ପାଇଁ ଗଞ୍ଜେଇ ବ୍ୟାଗ୍ ଧରି ସୋନପୁର ବସଷ୍ଟାଣ୍ଡରେ ଅପେକ୍ଷା କରିଥିଲେ। ନାସୁଦାଙ୍କ ଘର ପଶ୍ଚିମବଙ୍ଗର ଇଷ୍ଟ ମେଦିନାପୁର ଜିଲା ଅନ୍ତର୍ଗତ ନୁନାନ ଅଞ୍ଚଳରେ। ସେ ଏବେ ସମ୍ବଲପୁର ସହର ଭୁତାପଡା ଅଞ୍ଚଳରେ ରହୁଛନ୍ତି। ଏ ସମ୍ପର୍କରେ ସୋନପୁର ଥାନାରେ ନଂ ୩୦୫/୨୩ ରେ ଏକ ମାମଲା ରୁଜୁ ହୋଇଛି। ରବିବାର ନାସୁଦାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏସଆଇ ଶମ୍ଭୁଭୂଷଣ ଦେହୁରୀ ମାମଲାର ତଦନ୍ତ କରୁଛନ୍ତି।

### ପୋଲିସଙ୍କୁ ଆକ୍ରମଣ, ଫାଣ୍ଡିରେ ଭଙ୍ଗାରୁଜା

**ଅଭିଯୁକ୍ତ ଗିରଫ**

**ତରଭା,୩।୧୨(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ପୁଆ ଗ୍ରାମର ମହେନ୍ଦ୍ର ବାଗ(୨୪) ମେଣ୍ଡା ଫାଣ୍ଡିରେ କାର୍ଯ୍ୟରତ କନଷ୍ଟେବଲ ପ୍ରକାଶ ଧରୁଆଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ମହେନ୍ଦ୍ର ଶନିବାର ମେଣ୍ଡା ଫାଣ୍ଡିକୁ ଆସି ଧରୁଆଙ୍କୁ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ। ସେ ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଫାଣ୍ଡିର କମ୍ପ୍ୟୁଟରକୁ ଭାଙ୍ଗି ଦେଇଥିଲେ। କନଷ୍ଟେବଲ ଧରୁଆ ଏ ସମ୍ପର୍କରେ ତରଭା ଥାନାରେ ଲିଖିତ ଅଭିଯୋଗ କରିବା ପରେ ୨୭୮/୨୩ ମୂଳେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ମହେନ୍ଦ୍ରଙ୍କୁ କୋର୍ଟଚାଲାଣ କରାଯାଇଛି। ଆକ୍ରମଣର କାରଣ ଜଣାପଡିନାହିଁ ଫାଣ୍ଡି ଅଧିକାରୀ ରବିନ୍ଦ୍ର ସାହୁ ମାମଲାର ତଦନ୍ତ କରୁଥିବା ତରଭା ଆଇଆଇସି ଅନିତା କିଡୋ ସୂଚନା ଦେଇଛନ୍ତି।

### ପଲିଥିନମୁକ୍ତ ସଚେତନତା

**ବାଉଁଶୁଣୀ, ୩।୧୨(ଦେବାଶିଷ ନେପାକ)**

ନୂଆ ଓଡ଼ିଶା ନବୀନ ଓଡ଼ିଶା ସମନ୍ୱୟ ଯୁବ ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ବାଉଁଶୁଣୀ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ରାଲି ବିଦ୍ୟାଳୟରୁ ବାହାରିଥିଲା। ପଲିଥିନ ମୁକ୍ତ ରୁହନ୍ତୁ ଏବଂ ନିଜକୁ ସୁଖୀ ରଖନ୍ତୁ ନାରା ଦେଇ ଛାତ୍ରୀଛାତ୍ରମାନେ ଜନସାଧାରଣଙ୍କୁ ସଚେତନ କରାଇବା ସହ ବାଉଁଶୁଣୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ପରିଷ୍କାର କରି ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ବିଦ୍ୟାଳୟର ନୋଡାଲ ଅଫିସର ଉମାକାନ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୌଦ୍ଧ ପୁସ୍ତକ ମେଳା ଉଦ୍‌ଘାଟିତ

**ବୌଦ୍ଧ,୩।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଜର୍ଣ୍ଣାଲିଷ୍ଟ ଫୋରମ ଦ୍ୱାରା ଆୟୋଜିତ ଅଷ୍ଟାଦଶ ବୌଦ୍ଧ ପୁସ୍ତକମେଳା ରବିବାର ଦିନ କଚେରୀ ଖେଳପଡିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଯୋଗଦେଇ ପୁସ୍ତକ ମେଳା ଉଦ୍‌ଘାଟନ କରିଥିଲେ। ଜିଲାପାଳ ସ୍ୱାଇଁ ପୁସ୍ତକ ମେଳାର ଉପାଦେୟତା ଓ ପୁସ୍ତକ ପଠନ ଉପରେ ଆଲୋକପାତ କରିଥିଲେ। ଜିଲା ଜର୍ଣ୍ଣାଲିଷ୍ଟ ଫୋରମ ସଭାପତି ଦିବ୍ୟଶଙ୍କର ରାଉତ, ସାଧାରଣ ସଂପାଦକ ଯୁଗଳ କିଶୋର ସାମଲ, ଆବାହକ ସତ୍ୟଜିତ କୁମାର ପଣ୍ଡାଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ଉଦଘାଟନୀ ସଭା ସତ୍ୟଜିତ ପଣ୍ଡା ପରିଚାଳନା କରିଥିବା ବେଳେ ଦିବ୍ୟଶଙ୍କର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ମେଳାରେ ରାଜ୍ୟର ପ୍ରତିଷ୍ଠିତ ପୁସ୍ତକ ପ୍ରକାଶକ ଓ ବିକ୍ରେତା ଯୋଗ ଦେଇଥିଲେ।

# ପୁରୁଣାପାଣିକୁ ଟାଇଟଲ



ବିକାଶ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

**ଦେବଗଡ, ୩।୧୨(ଶଶାଙ୍କ ଶେଖର ଝାଙ୍କର )**

ଦେବଗଡ ଜିଲା ବାରକୋଟ ବ୍ଲକ ଗୁରୁସଙ୍ଗ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ରାଧାକୃଷ୍ଣ କ୍ଲବ ଆନୁକୂଲ୍ୟରେ ଚାଲିଥିବା ବିକାଶ ସ୍ମାରକୀ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କତ୍ରାପାଲି ଫୁଟବଲ ଦଳକୁ ପରାସ୍ତ କରି ପୁରୁଣାପାଣି ଚାମ୍ପିୟନ ହୋଇଛି। ମ୍ୟାଚଗୁଡିକୁ ରେଫରୀଭାବେ ରଞ୍ଜନ ସାମଲ, ଶିବୁ ସାହୁ, ରାକେଶ ଦାସ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଆଜୟ ସାହୁ ଓ ସଞ୍ଜୀବ ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ରାଧାକୃଷ୍ଣ କ୍ଲବ ସଭାପତି ରଞ୍ଜନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଯୋଗଦେଇ ଚାମ୍ପିୟନ ପୁରୁଣାପାଣି ଓ ରନର ଅପ କତ୍ରାପାଲି ଫୁଟବଲ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଗୁରୁସଙ୍ଗ ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ପ୍ରଶାନ୍ତ କୁମାର ପ୍ରଧାନ, ଗୁରୁସଙ୍ଗ ସେବା ସମବାୟ ସମିତି ସଭାପତି ବେଲାଳସେନ ବାରିକ ଯୋଗ ଦେଇଥିଲେ। ଶେଷରେ ଆୟୋଜକ କ୍ଲବ ସମ୍ପାଦକ ଉତ୍ତମ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦେଶୀ ମଦ ଜବତ, ଜଣେ ଗିରଫ

**ଦେବଗଡ, ୩।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା ରିଆମାଳ ଥାନା କଂସର ପାଣ୍ଡି ଅନ୍ତର୍ଗତ ରଙ୍ଗିଆଡିପାରେ ରବିବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି । ଏଥିସହ ଉକ୍ତ ଗ୍ରାମର ବୀର ଭଇଁସା (୩୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୀର ନିୟମିତ ଭାବେ ବେଆଇନ ବିଦେଶୀ ମଦ କାରବାର କରୁଥିବା କୌଣସି ସୂତ୍ରରୁ ସୂଚନା ପାଇ ଦେବଗଡ ଅବକାରୀ ଅଧିକ୍ଷିକା ବାସନ୍ତୀପ୍ରଭା ନାୟକ ସେଠାରେ ଚଢାଉ ପାଇଁ ବିଭାଗୀୟ ଇନ୍ସପେକ୍ଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶଅନୁଯାୟୀ ଇନ୍ସପେକ୍ଟର ମଧୁସୂଦନ ସାହୁ ସଦଳବଳେ ରଙ୍ଗିଆଡିପାରେ ପହଞ୍ଚିବା ବେଳେ ବୀର ୨ଟି ପ୍ଲାଷ୍ଟିକ ବସ୍ତା ସହ ରାସ୍ତା କଡରେ ଠିଆ ହୋଇଥିବା ଦେଖି ପଚରାଉଚରା କରିଥିଲେ। ଯାଞ୍ଚ କରିବାରୁ ଉକ୍ତ ବସ୍ତାଦ୍ୱୟରେ ରୟାଲ ଷ୍ଟାଗ, ବାକାର୍ଡି ବ୍ଲାକ, ରୟାଲ ଚ୍ୟାଲେଞ୍ଜ, ମେକ୍ଡୱେଲ ଓ ଷ୍ଟେରଲିଙ୍ଗ ରିଜର୍ଭ ଆଦି ବ୍ରାଣ୍ଡର ବିଦେଶୀ ମଦ ବୋତଲ ବାହାରିଥିଲା। ମଦ ଜବତ ସହ ବୀରଙ୍କୁ ଗିରଫ କରି ଦେବଗଡ ଜିଲା ଅବକାରୀ କାର୍ଯ୍ୟାଳୟ ଅଣାଯିଥିଲା। ଜବତ ବିଦେଶୀ ମଦର ମୂଲ୍ୟ ୩୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

## ଜିଲା ଭାଜପା ପାଳିଲା ବିଜୟ ଉତ୍ସବ

**ଦେବଗଡ, ୩।୧୨(ଶଶାଙ୍କ ଶେଖର ଝାଙ୍କର)**

ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ ରାଜ୍ୟରେ ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ଉପଲକ୍ଷେ ରବିବାର ଦେବଗଡ ଜିଲା ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଥିଲା। ସନ୍ଧ୍ୟାରେ ଗୋପବନ୍ଧୁ ଛକଠାରେ ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ତଥା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୂତିଆ, ନଗର ଭାଜପା ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ସୁଗୁଡା ମଣ୍ଡଳ ଭାଜପା ସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନ, କାଉନଶିଲର କାର୍ତ୍ତିକ ମହାକୁଡ, ସରୋଜ କୁମାର ପାଢି, ରାଜୁ ଆଚାର୍ଯ୍ୟ, ରମଣୀ ରଞ୍ଜନ ଆଚାର୍ଯ୍ୟ, ଦୟାଶଙ୍କର ଦ୍ୱିବେଦୀ, ନରୋତ୍ତମ ସାହୁ, ପୁନିଆ ମୁଣ୍ଡାଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ରହି ନାଚି ଉଠିଥିଲେ। ବାଣ ଫୁଟାଇ ଉତ୍ସବ ମନାଇଥିଲେ। ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ଉପ ସଭାପତି ସତ୍ୟ ନାରାୟଣ ପାଣି ଉପସ୍ଥିତ ଥିଲେ ।

## ଫୁଟବଲ ଟୁର୍ନାମେଣ୍ଟ: ମାଝିପାଲି ଚାମ୍ପିୟନ



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

**ଦେବଗଡ, ୩।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା ରିଆମାଳ ବ୍ଲକ ତେନ୍ତୁଳାବାହାଲ ପଞ୍ଚାୟତର କୁଣ୍ଡାଝରୀ ଗ୍ରାମରେ ବୀଣାପାଣି ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପାଲୁଣିପଡା ଫୁଟବଲ ଦଳକୁ ପରାସ୍ତ କରି ମାଝିପାଲି ଏକାଦଶ ଚାମ୍ପିୟନ ହୋଇଛି। ଆୟୋଜକ ଯୁବକ ସଂଘ ସଭାପତି ପ୍ରଦୀପ୍ତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୁବନେତା ରାଜକିଶୋର ଦାଶ ଯୋଗଦେଇ ଚାମ୍ପିୟନ ମାଝିପାଲି ଫୁଟବଲ ଦଳ ଓ ରନର୍ସ ଅପ ପାଲୁଣିପଡାକୁ ଟ୍ରଫି ଓ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ ବୀଣାପାଣି ଯୁବକ ସଂଘ ସମ୍ପାଦକ ନରହରି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ଯୁବକ ସଂଘ ଉପଦେଷ୍ଟା ପୌଲସ୍ତି ବିଶ୍ୱାଳ, ଖଗେଶ୍ୱର ଭୋଇ, ଭୁବେଶ ପ୍ରଧାନ, ବିଶ୍ୱଜିତ ଭୋଇ, ତରଣୀସେନ ଭୋଇ ଓ ସୁବାସ ବିଶ୍ୱାଳ ସହଯୋଗ କରିଥିଲେ।

# ଭୋଟର ପଞ୍ଜୀକରଣ ସମୀକ୍ଷା କଲେ ନିର୍ବାଚନ ଅଧିକାରୀ

**ସୋନପୁର,୩।୧୨ (ମୃତ୍ୟୁଞ୍ଜୟ ଶତପଥୀ)**

**ଶତ ପ୍ରତିଶତ ଲକ୍ଷ୍ୟ ହାସଲ ପାଇଁ ପରାମର୍ଶ**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପୂର୍ବ ପ୍ରସ୍ତୁତି ଜୋରସୋରରେ ଚାଲିଛି । ଏହି କ୍ରମରେ ରବିବାର ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ପ୍ରସାଦ ମହାନ୍ତି ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଜିଲାପାଳଙ୍କ କାର୍ଯ୍ୟାଳୟ ମିନି ସଭାକକ୍ଷରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ମହାନ୍ତି ଜିଲାର ନିର୍ବାଚନ ସମ୍ବନ୍ଧୀୟ ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମର ସ୍ଥିତି ଓ ଅଗ୍ରଗତିର ସମୀକ୍ଷା କରିଥିଲେ। ନୂତନ ଭୋଟର ପଞ୍ଜୀକରଣ ସହ ମୃତ ଓ ସ୍ଥାନାନ୍ତର ଭୋଟରଙ୍କୁ ତାଲିକାରୁ ବାଦ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନୂତନ ଭୋଟର ପଞ୍ଜୀକରଣକୁ ଧାର୍ଯ୍ୟ ସମୟ ମଧ୍ୟରେ ଶତ ପ୍ରତିଶତ ସମ୍ପୂର୍ଣ୍ଣ କରିବାକୁ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଡେପୁଟି କଲେକ୍ଟର ଯଶସ୍ୱିନୀ ପୋଥାଳ ଓ ଜିଲାର ସମସ୍ତ ବିଡ଼ିଓ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ତୈଳିକ ବୈଶ୍ୟ ସମାଜର ବାର୍ଷିକୋତ୍ସବ

**ବୌଦ୍ଧ,୩।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ତୈଳିକ ବୈଶ୍ୟ ସମାଜର ସପ୍ତମ ବାର୍ଷିକ ଉତ୍ସବ ବାମଣ୍ଡା ନିକଟସ୍ଥ ନାଏକପଡା ଗୁମ୍ଫା ପରିସରରେ ଥିବା ଜଗନ୍ନାଥ ମନ୍ଦିର ନିକଟରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସଭାପତି ଶଙ୍କର୍ଷଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମାଜର ସଂପାଦକ ବିଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ସୁବାସ ଚନ୍ଦ୍ର ସାହୁ ଯୋଗଦେଇ ସମାଜର ଉନ୍ନତି ପାଇଁ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

## କାର୍ଯ୍ୟରେ ଅବହେଳା: ୨ କର୍ମଚାରୀ ନିଲମ୍ବିତ

**ବୌଦ୍ଧ,୩।୧୨(ଅଜିତ କୁମାର ବାରିକ)**

କାର୍ଯ୍ୟରେ ଅବହେଳା ପାଇଁ ବୌଦ୍ଧ ଜିଲା ପରିଷଦ କାର୍ଯ୍ୟାଳୟର ଦୁଇ ବରିଷ୍ଠ କର୍ମଚାରୀଙ୍କୁ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ନିଲମ୍ବିତ କରିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଜିଲା ପରିଷଦ କାର୍ଯ୍ୟାଳୟର କାର୍ଯ୍ୟରତ ସେକ୍ସନ ଅଫିସର ମାନସ କୁମାର ସେଠୀ ଓ ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ପ୍ରତାପ ରୁଦ୍ର ଡାଙ୍ଗଙ୍କୁ ଶନିବାର ଦିନ ନିଲମ୍ବିତ କରାଯାଇଛି । ଏନେଇ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀଙ୍କୁ ପଚାରିବାରେ ଉଭୟ କର୍ମଚାରୀଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବନକରାଯାଇଥିବା ସୂଚନା ଦେଇଥିଲେ।

# ଚିନ୍ମୟ ବିଦ୍ୟାଳୟରେ ଗୀତା ଆବୃତ୍ତି ପ୍ରତିଯୋଗିତା

**ଦେବଗଡ,୩।୧୨(ଶଶାଙ୍କ ଶେଖର ଝାଙ୍କର )**

ଚିନ୍ମୟ ମିଶନ ଆନୁକୂଲ୍ୟରେ ଦେବଗଡ ଚିନ୍ମୟ ବିଦ୍ୟାଳୟରେ କୁନି ଛାତ୍ରୀଛାତ୍ରଙ୍କ ମଧ୍ୟରେ ରବିବାର ଗୀତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀନୀ ତନୁଷ୍କା ନନ୍ଦଜୀ ଓ ରାଜେଶ କୁମାର କୁଅଁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୩୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଗୀତା ଆବୃତି କରିଥିଲେ। ୧୪ ଜଣ ବିଚାରକ ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଓ ଜିଲା ପରିଷଦଅଧ୍ୟକ୍ଷା ପୁଷ୍ପାଞ୍ଜଳି ସାମଲ ଯୋଗଦେଇ ଗୀତାର ମହତବାଣୀ ଉପରେ ଆଲୋକପାତ କରିବାସହ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଏଥିସହ ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ବିଦ୍ୟାଳୟ ଅଧ୍ୟକ୍ଷ ସୁଜିତ ଠାକୁର, ରୋଜୀ ପ୍ରଧାନ, ଜ୍ୟୋତ୍ସ୍ନା ଦେବୀ, ରଞ୍ଜନ ସାହୁ, ମୁକୁନ୍ଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଗୀତା ଆବୃତ୍ତିର କୃତୀ ପ୍ରତିଯୋଗୀ।

# ଭିନ୍ନକ୍ଷମ ଦିବସରେ ସଚେତନତା ଶୋଭାଯାତ୍ରା

**ଦେବଗଡ,୩।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା ଟାଉନ ହଲ ପରିସରରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବା ସହ ଟାଉନ ହଲରେ ପହଞ୍ଚିଥିଲା। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଅପୂର୍ବା ଚୌଧୁରୀ ଏବଂ ଡିଏସ୍ଏସଓ ସର୍ବେଶ୍ୱର ପାଣିଗ୍ରାହୀ ସବୁଜ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ବିଭିନ୍ନ ବର୍ଗର ଭିନ୍ନକ୍ଷମ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପରେ ଟାଉନ ହଲରେ ଏକ ସଭାର ଆୟୋଜନ କରାଯାଇଥିଲା। ଡିଏସ୍ଏସଓ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଏବଂ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ଡିଏସଡବ୍ଲ୍ୟୁଓ ନରହରି ସିଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ୪ଭିନ୍ନକ୍ଷମ ଦମ୍ପତିଙ୍କ ବିବାହ ପ୍ରୋତ୍ସାହନ ରାଶି ବାବଦକୁ ଜଣ ପିଛା ଅଢେଇ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏଥିସହ ୧୨ ଜଣ ଭିନ୍ନକ୍ଷମଙ୍କୁ ଭତ୍ତା କାର୍ଡ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।





ଭିନ୍ନକ୍ଷମ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରିଙ୍କି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ୍ ବିଜୟୀ

## ଭୁବନେଶ୍ୱର 'ଏ' ଡିଭିଜନ ଫୁଟ୍‌ବଲ ଲିଗ୍

**ଭୁବନେଶ୍ୱର, ୩।୧୨ (ସରୋଜ ଜେନା)**

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ 'ଗତିକୃଷ୍ଣ ପଣ୍ଡା ମେମୋରିଆଲ' ଭୁବନେଶ୍ୱର 'ଏ' ଡିଭିଜନ ଫୁଟବଲ ଲିଗ୍‌ରେ ରବିବାର ବିଜୟୀ ହୋଇଛି ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ୍। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଖେଳା ଯାଇଥିବା ମ୍ୟାଚ୍‌ରେ ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ୍ ୭-୧ରେ ଘାଟିକିଆ ବଜରଙ୍ଗ କ୍ଲବକୁ ପରାସ୍ତ କରିଛି। ବଜରଙ୍ଗ କ୍ଲବ ପକ୍ଷରୁ ୨୩ତମ ମିନିଟ୍‌ରେ ତୋଫାନ ନାୟକ ପ୍ରଥମ ଗୋଲ ଦେଇଥିଲେ। ତେବେ ୩୯ତମ ମିନିଟ୍‌ରେ ରାହୁଲ ମୁଖୀ ଓ ୪୩ତମ ମିନିଟ୍‌ରେ ରାଜେଶ ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ ୨-୧ରେ ଆଗୁଆ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ୫ ଗୋଲ ଦେଇଥିଲା ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ୍। ଆକାଶ ନାୟକ(୭୮) ଓ ପ୍ରକାଶ ନାୟକ(୮୨) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ରାଜେଶ ନାୟକ(୬୮, ୭୧ ଓ ୮୬) ମିନିଟରେ ଆଉ ୩ଟି ଗୋଲ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ। ୪ ଗୋଲ ସ୍କୋର କରିଥିବା ରାଜେଶ ନାୟକଙ୍କୁ ବା'ର ବରିଷ୍ଠ କାର୍ଯ୍ୟକାରୀ ସମିତି ସଦସ୍ୟ ରଜତ ବଲ୍ଲଭ ଦାସ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଏମ୍ ଏସ୍ ବେଗ୍ ଖେଳ ପରିଚାଳନା କରିଥିବା ବେଳେ ସୁଶାନ୍ତ ମିଶ୍ର ଓ ଶେଖାୱତ ଖାଁ ସହକାରୀ ରେଫରି ରହିଥିଲେ। ସୋମବାର କିସ୍ ଫୁଟବଲ କ୍ଲବ ଓ କ୍ଲବ୍ ୭୩ ମଧ୍ୟରେ ମ୍ୟାଚ ଖେଳାଯିବ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରାଜେଶ ନାୟକଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

# ୨୦୨୯ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ବିଡ୍ ଦାଖଲ କରିବ ଭାରତ

**ଅମୃତସର, ୩।୧୨ (ପି.ଟି.)**

ବିଶ୍ୱର ଅନ୍ୟତମ କ୍ରୀଡ଼ା ମହାଶକ୍ତି ହେବା ଦିଗରେ ଅଗ୍ରସର ହେଉଥିବା ଭାରତ ୨୦୨୯ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ବିଡ୍ ଦାଖଲ କରିବାକୁ ଯାଉଛି। ପୂର୍ବରୁ ୨୦୨୭ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଭାରତ ବିଡ୍ ଦାଖଲ କରିବାର ଯୋଜନା ରହିଥିଲା। ତେବେ ରବିବାର ଏହି ସମ୍ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପୂର୍ବରୁ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ (ଏଏଫ୍ଆଇ) ଓ ଭାରତୀୟ ଅଲିମ୍ପିକ୍ସ ମହାସଂଘ(ଆଇଓସି) ପକ୍ଷରୁ ୨୦୨୭ ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଯୋଜନା କରାଯାଇଥିଲା। ତେବେ ଏଏଫ୍ଆଇ ୨୦୨୯ରେ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ ପାଇଁ ବିଡ୍ ଦାଖଲ କରିବ ବୋଲି ଏହାର ଉପସଭାପତି ଅଞ୍ଜୁ ବବି ଜର୍ଜ କହିଛନ୍ତି। ଏଏଫ୍ଆଇର ବାର୍ଷିକ ସାଧାରଣ ବୈଠକରେ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନିଆଯାଇଥିବା ଅଞ୍ଜୁ କହିଛନ୍ତି।

# ଟାଏକୋଣ୍ଡୋ ପାଇଁ ୧୩ ଜଣିଆ ଓଡ଼ିଶା ଦଳ



ଟାଏକୋଣ୍ଡୋ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୩।୧୨ (ସରୋଜ ଜେନା)**

ଦାର୍ଜିଲିଂର କାଲିପଙ୍ଗଠାରେ ଡିସେମ୍ବର ୯ ଓ ୧୦ ତାରିଖରେ ହେବାକୁ ଥିବା ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ପାଇଁ ୧୩ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଅଲ ଇଣ୍ଡିଆ ଟାଏକୋଣ୍ଡୋ ଫେଡେରେଶନ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ସବ୍ ଜୁନିୟର, ଜୁନିୟର, ସିନିୟର ପୁରୁଷ ଓ ମହିଳା ପରି ୪ ବର୍ଗରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। କୋଚ୍ ପାର୍ଥସାରଥି ରାଉତଙ୍କ ନେତୃତ୍ୱରେ ଏହି ୧୩ ଜଣିଆ ଦଳ କାଲିପଙ୍ଗ ଗସ୍ତ କରିବ। ଓଡ଼ିଶା ରୟାଲ ଟାଏକୋଣ୍ଡୋ ସଭାପତି ହିମାଂଶୁ ଶେଖର ପ୍ରଧାନ, ଯୁଗ୍ମ ସମ୍ପାଦକ ଅମିତ କୁମାର ରାଉତ ଓଡ଼ିଶା ଦଳ ସହ ଯାତ୍ରା କରିଛନ୍ତି। ସଂଘର ସଦସ୍ୟ କୀର୍ତ୍ତି ପ୍ରଭା ରାଉତ, ପ୍ରଫୁଲ୍ଲ କିଶୋର ସାହୁ ଓ ବିବେକାନନ୍ଦ ପାତ୍ର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


## ୫୦ତମ ବିବାହବାର୍ଷିକ ଶୁଭେଚ୍ଛା



ବଂଶୀଧର ବେହେରା ଓ କଳ୍ପନା ବେହେରା
ବାଲିଅନ୍ତା, ଅଣ୍ଡିଲୋ (କ)

ଆଜି ୫୦ତମ ବିବାହ ବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଆପଣଦ୍ୱୟଙ୍କ ଚଳାପଥ କୁସୁମିତ କରନ୍ତୁ। ଆପଣଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।

ଶୁଭେଚ୍ଛା ସହ: ପୁଅ: ଦିଲୀପ, ବୋହୂ: ସସ୍ମିତା, ଝିଅ: ସବିତା, ଜ୍ୱାଇଁ: ପ୍ରଭାତ, ନାତି: ଜଗଦୀଶ ଓ ରୁଦ୍ରନାରାୟଣ, ନାତୁଣୀ: ସଞ୍ଜନା, ରିତୁପର୍ଣ୍ଣା, ଅନ୍ନପୂର୍ଣ୍ଣା।

ଧ-୭୧୨୨୫


# ସିରିଜ ଜିତିଲେ ଇଂଲଣ୍ଡ 'ଏ' ମହିଳା

**ମୁମ୍ବାଇ, ୩।୧୨ (ପି.ଟି.):** ଭାରତ 'ଏ' ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌କୁ ଜିତି ନେଇଛି ଇଂଲଣ୍ଡ 'ଏ'। ରବିବାର ମୁମ୍ବାଇରେ ଖେଳାଯାଇଥିବା ଅନ୍ତିମ ମ୍ୟାଚ୍‌କୁ ୨ ଉଇକେଟରେ ଜିତି ନେଇଥିଲା ଇଂଲଣ୍ଡ। ଲୋ ସ୍କୋରିଂ ମ୍ୟାଚ୍‌ରେ ଭାରତ 'ଏ' ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ୧୦୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଇଂଲଣ୍ଡ ୧୯.୧ ଓଭରରେ ୮ ଉଇକେଟ ହରାଇ ୧୦୪ ରନ୍ କରି ମ୍ୟାଚ୍ ଜିତି ନେଇଥିଲା।

# ଅଂଶଗ୍ରହଣ କଲେ ୩୦୦ରୁ ଊର୍ଦ୍ଧ୍ୱ ଯୁବ ସନ୍ତରଣକାରୀ

## ଆଇ ସୁଇମ୍ ଜୁନିୟର ମିଟ୍

**ଭୁବନେଶ୍ୱର, ୩।୧୨ (ବିଜୟ ରଣା)**

କିସ୍, ଗ୍ଲେନମାର୍କ ଆକ୍ୱାଟିକ୍ ଓ କିଟ୍‌ର ମିଳିତ ଆନୁକୂଲ୍ୟରେ ରବିବାର କିଟ୍ ପରିସରରେ ରହିଥିବା ୬ଟି ସୁଇମିଂ ପୁଲ୍‌ରେ ଆଇସୁଇମ ଜୁନିୟର ସୁଇମ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଇଭେଣ୍ଟରେ ୩୦୦ରୁ ଊର୍ଦ୍ଧ୍ୱ ଉତ୍ସାହୀ ଯୁବ ସନ୍ତରଣକାରୀ ଭାଗ ନେଇ ଇଭେଣ୍ଟକୁ ସଫଳ କରିଥିଲେ। ଯୁବ ସନ୍ତରଣକାରୀମାନେ ୩୦ ପୃଥକ୍ ପୃଥକ୍ ଇଭେଣ୍ଟରେ ଭାଗ ନେଇଥିଲେ। ସମଗ୍ର ରାଜ୍ୟର ୬ରୁ ଅଧିକ କ୍ଲବ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଇଭେଣ୍ଟର ସଫଳତାକୁ ନେଇ ଆନନ୍ଦ ପ୍ରକାଶ କରିବା ସହ ଯୁବ ସନ୍ତରଣକାରୀଙ୍କ ଶକ୍ତି ଓ ଉତ୍ସାହ ତାଙ୍କୁ ଅଭିଭୂତ କରିଛି ବୋଲି କହିଥିଲେ। ଏଭଳି ପ୍ରତିଯୋଗିତା ସୁସ୍ଥ ଜୀବନଶୈଳୀ ବ୍ୟତୀତ ଶୃଙ୍ଖଳା ଓ ପ୍ରତିଯୋଗିତାର ଭାବନା ସୃଷ୍ଟି କରିବ। ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ନେହା ସଲଦାନହା କହିଛନ୍ତି, ଆଇ ସୁଇମ୍ କେବଳ ଏକ ସୁଇମ୍ ମିଟ୍ ନୁହେଁ ବରଂ ସନ୍ତରଣ କ୍ରୀଡ଼ାର ପ୍ରସାର ଏବଂ ଯୁବ ପ୍ରତିଭାଙ୍କୁ ଉତ୍ସାହିତ କରିବାରେ ସହାୟକ ହୋଇଛି।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।



ପଦକ ହାସଲକାରୀ ୫ ଓଡ଼ିଆ କରାଟେକା।

# ଓଡ଼ିଶା ପ୍ରତିଯୋଗୀଙ୍କୁ ୫ ପଦକ

## ସାଉଥ୍ ଏସିଆ କରାଟେ

**ଭୁବନେଶ୍ୱର, ୩।୧୨ (ସରୋଜ ଜେନା)**

ନେପାଳରେ ଅନୁଷ୍ଠିତ ସାଉଥ୍ ଏସିଆ କରାଟେ ପ୍ରତିଯୋଗିତାରେ ଓଡ଼ିଆ ପ୍ରତିଯୋଗୀଙ୍କୁ ସଫଳତା। ଓଡ଼ିଶାରୁ ସମୁଦାୟ ୫ ଜଣ ପ୍ରତିଯୋଗୀ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ବେଳେ ଓଡ଼ିଶା ଦୁଇ ସ୍ୱର୍ଣ୍ଣ ପଦକ ସହିତ ୫ ପଦକ ବିଜୟୀ ହୋଇଛନ୍ତି। ଏହା ସହିତ ଦୁଇଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ପ୍ରଥମ ଦିନରେ ୨୧ ବର୍ଷରୁ କମ୍ ବୟସ ବର୍ଗରେ ସୁରୋମିତା ଓ ସୁମନ ଶେଖର ସ୍ୱର୍ଣ୍ଣ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଆଉ ୩ ପଦକ ଜିତିଛନ୍ତି। ଭାଲେନା ଭାଲେଣ୍ଟିନା ଓ ସୁରମିତା ସିହ୍ନାଙ୍କ ମହିଳା କାଟା ଟିମ୍ ରୌପ୍ୟ ପଦକ ହାସଲ କରିଥିଲେ। ମହିଳା ୫୦ କିଗ୍ରା ଫାଇଟିଂରେ ଲୋମା ସ୍ୱାଇଁ ରୌପ୍ୟ ପଦକ ବିଜୟୀ ହୋଇଥିବା ବେଳେ ୭୬+ କିଗ୍ରା ଫାଇଟିଂରେ ଓଡ଼ିଶା ପ୍ରତିଯୋଗୀ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଖେଳାଳିଙ୍କ ସମସ୍ତ ଖର୍ଚ୍ଚ ବହନ କରାଯାଇଥିଲା। ସଫଳତା ପାଇଁ ରାଜ୍ୟ କରାଟେ ସଂଘ ପକ୍ଷରୁ ଖେଳାଳିମାନଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।


# Classified Everyday
0674-2580101, 2549949



REAL ESTATE

SALE

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **9658562429.** D-75276

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

2634sqft. stitiban gharabadi plot W/ Boundary, front road for sale at Senapati Bagicha, Puri @ 75 Lakhs: negotiable. Contact No- 9437281290, 8895729136. D-1835

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

ଭୁବନେଶ୍ୱର ଏୟାରପୋର୍ଟରୁ ୧୪କିମି, ଜଟଣୀ-ପିପିଲି ମେନ୍‌ରୋଡ଼ ପାଖରେ ୩୦ ଫୁଟ ରୋଡଥାଇ ଘରବାଡି ପ୍ଲଟ୍ ବର୍ଗଫୁଟକୁ- 850/-,1100/- କିଣି ଘର କରନ୍ତୁ। 9853150290. D-75274



Healthcare

Newly open spa positively Heath benefits with expert therapist. 9040286886. D- 75173

**Newly Healthcare benefited spa Experience Therapist in Bhubaneswar. Contact: 9938843929** D- 75172

**Relax, Refresh your body, Mind at Saikrupa Spa with best therapies. 8984068077.** D-1873

**Full Body massage by experience therapist @999 only-9078484455 (Bhubaneswar).** D-1928

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75066

**Ashirvaad Salon and SPA get good massage for your health tha best therapy. 7077181074.** D-75069

**LOST**

Lost my original B.Tech (Mechanical) Certificate vide Regd. No.- 0901293115, while going from Kachery Market to Fandi Chhak on 01.12.2023 at about 10AM, if any one found/seen please contact - Subhasish Dash, Mob- 7008091789. D-1943



# ମନେ ପଡ଼ନ୍ତି

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱ ପତିତପାବନ ପରିଡ଼ା
ଗ୍ରାମ: ନଳୀବସନ୍ତ, ଡେଲାଙ୍ଗ, ପୁରୀ
ଆବିର୍ଭାବ- ୦୪।୦୪।୧୯୪୦
ତିରୋଧାନ- ୧୫।୧୧।୨୦୨୨
ଚାଲିବାର ବାଟ ଦେଖାଇ ହାତଛାଡ଼ି ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ, ମଣିଷପଣିଆ ଆମପାଇଁ ପ୍ରେରଣାର ଉତ୍ସ ତଥା ସ୍ମୃତି ହୋଇ ରହିବ। ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାମୃତରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା।
ଶୋକସନ୍ତପ୍ତ- ପୁଅ: ମନୋଜ, ଧନଞ୍ଜୟ, ସଞ୍ଜୟ, ଭାଗୀରଥି, ଦାଶରଥି, ଅଶୋକ, ପୂର୍ଣ୍ଣଚନ୍ଦ୍ର, କୃଷ୍ଣଚନ୍ଦ୍ର, ବୋହୂ: ସରୋଜିନୀ, ବିଦ୍ୟୁଲତା, ସୋନୀ, ବୀଣାପାଣି, ତିଳଉମା, ବାସନ୍ତି, ଝିନି, ରମା, ଉର୍ବଶୀ, ନାତି/ନାତୁଣୀ: ରିଙ୍କୁ, ପପୁ, ନିସି, ଲୁସି, ଦୀପୁ, ତପୁ, ପିଙ୍କୁ, ମାମୁନି, ପ୍ରଶାନ୍ତ, ଟୁନା, କାଲୁ, ସନିଆ, ମନୁଆ।
ଧ-୧୯୪୦

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ସୁନୀତା ସ୍ୱାଇଁ
ରାମଚନ୍ଦ୍ରପୁର, ପିତଳ, ଗଞ୍ଜାମ
ଆବିର୍ଭାବ: ୨୦।୦୬।୧୯୬୫
ତିରୋଧାନ: ୨୪।୧୧।୨୦୨୩
(କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ)
ତୁମର ମଧୁର ସ୍ମୃତି, ସ୍ନେହ, ଶ୍ରଦ୍ଧା ତଥା ପ୍ରତିଟି କାର୍ଯ୍ୟରେ ପ୍ରତି ମୁହୂର୍ତ୍ତରେ ନିଃସ୍ୱାର୍ଥପର ତଥା ଉତ୍ସର୍ଗୀକୃତ ସଚ୍ଚୋଟ ସାଥିର ଅନୁପସ୍ଥିତି ସଦା ଅନୁଭୂତ। ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାର: ଦେବରାଜ ସ୍ୱାଇଁ (ସ୍ୱାମୀ), ଶୁଭ୍ରାଂଶୁ (ଜ୍ୟେଷ୍ଠପୁତ୍ର), ପୁନମ୍ (ପୁତ୍ରୀ), ସମ୍ବିତ୍ (କନିଷ୍ଠ ପୁତ୍ର), ଶୀତାଂଶୁ (ଜାମାତା), ଆକାଂକ୍ଷା (ଜ୍ୟେଷ୍ଠ ପୁତ୍ରବଧୂ), ସୌମ୍ୟା (କନିଷ୍ଠ ପୁତ୍ରବଧୂ), ସ୍ୱୟଂସିଦ୍ଧି ଓ ସୁଦୀକ୍ଷା (ନାତୁଣୀଦ୍ୱୟ) ତଥା ସମ୍ପୂର୍ଣ୍ଣ ସ୍ୱାଇଁ ପରିବାର।
ଧ-୧୯୪୪

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱ ଗୌରାଙ୍ଗ ଚରଣ ମହାପାତ୍ର
ପ୍ରାଚୀବିହାର, ପଳାଶୁଣି
ଆବିର୍ଭାବ: ୦୫।୧୧।୧୯୪୫
ତିରୋଧାନ: ୧୪।୧୧।୨୦୨୨
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ନାତି
ଧ-୧୯୩୯

## ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବ୍ରଜ ବଲ୍ଲଭ ମେହେର
ଅବସରପ୍ରାପ୍ତ ଅଧୀକ୍ଷକ, ଖଣି ଓ ଭୂତତ୍ତ୍ୱ ବିଭାଗ ରାଜ୍ୟ ଲୋକସେବା ଭବନ, ଭୁବନେଶ୍ୱର ତଥା ଓଡ଼ିଆ ସିନେ କଳାକାର
(୧୫।୦୮।୧୯୪୭- ୨୫।୧୧।୨୦୨୩)
ଯଦିଓ ତୁମ ମୃତ୍ୟୁ "ନିତିଆ" ଓ "ବାବୁଲି" ପରି ଅସମୟ କି ଅପ୍ରତ୍ୟାଶିତ ନ ଥିଲା, କିନ୍ତୁ ତୁମର ଶେଷ ପନ୍ଦର ଦିନର ଦେହ ଅବସ୍ଥା ଆମ ସମସ୍ତଙ୍କୁ ବ୍ୟସ୍ତ ଓ ବିବ୍ରତ କରିଥିଲା। କ'ଣ ଆଉ କରାଯାଇପାରେ? ସବୁ ସେହି ନିରାମୟଙ୍କର ଇଚ୍ଛା। ଆଜିର ଏହି ପୁଣ୍ୟତିଥିରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ବନ୍ଧୁ: ସୁଶୀଳ କୁମାର ନନ୍ଦ (ନନ୍ଦ), ସୁରେନ୍ଦ୍ର ନାଥ ସରକାର (ସୁରେନ୍) ଓ "ପ୍ରେଷ୍ଟିଜ" ପରିବାର
ଧ-୬୭୪୨୯

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ନିରୁପମା ଜେନା
(ପ୍ରାକ୍ତନ ଶିକ୍ଷୟିତ୍ରୀ, ବଙ୍କ ସ୍କୁଲ, ଭଦ୍ରକ)
DOB- 16.06.1943
DOD- 04.12.2022
ତିଥି- ମାର୍ଗଶିର ମାସ ଦି୧୮ନ ଏକାଦଶୀ
ଆଜିର ଦିନରେ ତମର ଅମର ଆତ୍ମାର ଶାନ୍ତି କାମନା କରିବା ସହ ଚେତନାରେ ଅଧିକରୁ ଅଧିକ ପ୍ରଗତି କର ଏବଂ ସୂକ୍ଷ୍ମରେ ଆଧ୍ୟାତ୍ମିକ ଅନୁଭୂତି ଦୃଢ଼ୀଭୂତ ହେଉ। ଶ୍ରୀମା ଶ୍ରୀଅରବିନ୍ଦଙ୍କ ନିକଟରେ ଏତିକି ପ୍ରାର୍ଥନା।
ପରିବାରବର୍ଗ ଓ ସହକର୍ମୀବୃନ୍ଦ
ଧ-୧୯୪୧

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଗୌରାଙ୍ଗ ଦେବ ଦାସ
(ଅବସରପ୍ରାପ୍ତ OFS ପ୍ରଶାସନିକ ଅଧିକାରୀ)
ସ୍ଥାନ: ବଳରାମପୁର, ତଳସାହି
ଆବିର୍ଭାବ: ୨୧।୦୨।୧୯୫୮
ତିରୋଧାନ: ୧୫।୧୧।୨୦୨୨
(କୃଷ୍ଣପକ୍ଷ ସପ୍ତମୀ ତିଥି)
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ନିବେଦନ କରୁଛୁ। ଯେଉଁଠି ଥା'ନ୍ତୁ ଭଲରେ ରୁହନ୍ତୁ, ଏତିକି କାମନା।
ଶୋକସନ୍ତପ୍ତ: ପତ୍ନୀ: ସରୋଜିନୀ, ପୁତ୍ର: ରାକେଶ, ରାକେଶ, କନ୍ୟା: ରାଜଶ୍ରୀ ଏବଂ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୯୪୨

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଭିନ୍ନକ୍ଷମ ଦିବସରେ କ୍ରୀଡ଼ା ପ୍ରତିଯୋଗିତା





ପୋଡିୟମ୍‌ରେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

**ଭୁବନେଶ୍ୱର, ୩।୧୨ (ବିଜୟ ରଣା)**

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଦୁଇ ଦିନ ଧରି ଦୂତୀଚାନ୍ଦ ଇନ୍‌ଡୋର ଷ୍ଟାଡିୟମରେ ଏକ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ସ୍ୱତନ୍ତ୍ର ବିଦ୍ୟାଳୟ ତଥା ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକରୁ ପ୍ରାୟ ୨୦୦ ଦୃଷ୍ଟିବାଧିତ, ଶ୍ରବଣବାଧିତ, ସେରେବ୍ରାଲ୍ ପାଲ୍‌ସି ଓ ଅଟିଜିମ୍‌ଗ୍ରସ୍ତ ତଥା ମାନସିକ ଅନଗ୍ରସର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ବର୍ଗରେ ୧୦୦ ମିଟର ଓ ୨୦୦ ମିଟର ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଶଟ୍‌ପୁଟ୍ ଥ୍ରୋ ସାଙ୍ଗକୁ ହ୍ୱିଲଚେୟାର ରେସ୍ ଓ ସଫ୍ଟ ବଲ୍ ଥ୍ରୋ ସମେତ ଅନ୍ୟ ବହୁ କ୍ରୀଡ଼ା ପ୍ରତିଯୋଗିତ ହୋଇଥିଲା। ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଦିଲୀପ କୁମାର ରାୟ ଓ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି କୃତି ପ୍ରତିଯୋଗୀଙ୍କୁ ଅର୍ଥରାଶି ସହ ପ୍ରଶଂସାପତ୍ର ବିତରଣ କରିଥିଲେ। ବିଭାଗ ପକ୍ଷରୁ ନିଶିକାନ୍ତ ଟେଟେ ଓ କବିତାଶ୍ରୀ ଅମାତ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ଶ୍ରେୟା, ସୁୟଶଙ୍କୁ ଟାଇଟଲ୍



ପୁରସ୍କୃତ ଖେଳାଳି।

**ଭୁବନେଶ୍ୱର, ୩।୧୨ (ସରୋଜ ଜେନା)**

କେଟି ଗ୍ଲୋବାଲ ସ୍କୁଲରେ ଆୟୋଜିତ ଏମ୍‌ଓସିଏଫ୍ ଏଆଇଟିଏ ଓ ଟିଏ କେଟି ଗ୍ରାସରୁଟ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ବାଳିକା ସିଙ୍ଗଲ୍ସରେ ଶ୍ରେୟା ମହାପାତ୍ର ଓ ବାଳକ ସିଙ୍ଗଲ୍ସରେ ସୁୟଶ ପଟ୍ଟନାୟକ ବିଜୟୀ ହୋଇଛନ୍ତି। କେଟି ଗ୍ଲୋବାଲ ସ୍କୁଲ ଓ ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ୍ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ବାଳିକା ସିଙ୍ଗଲ୍ସ ଇଭେଣ୍ଟ ଫାଇନାଲରେ ଟପ୍ ସିଡ୍ ଶ୍ରେୟା ମହାପାତ୍ର ୬-୩ ଓ ୭-୫ରେ ଦ୍ୱିତୀୟ ସାଇ ରୂପୀ ସୌର୍ଯ୍ୟା ମହାନ୍ତିଙ୍କୁ ପରାସ୍ତ କରିଥିଲେ। ସେହିପରି ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଦ୍ୱିତୀୟ ସିଡ୍ ସୂର୍ଯ୍ୟ ପଟ୍ଟନାୟକ ୩-୬, ୬-୨,୬-୨ରେ ଟପ୍ ସିଡ୍ ସୂର୍ଯ୍ୟ ପ୍ରତାପ ନାୟକଙ୍କୁ ପରାସ୍ତ କରିଥିଲେ। ପୂର୍ବତନ ପ୍ରଫେଶନାଲ ଏଟିପି ଟେନିସ୍ ଖେଳାଳି ଚିନ୍ମୟ ପ୍ରଧାନ ବିଜୟୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ଚାଲିବା ଓ ଟାଇପ୍-୨ ଡାଇବେଟିସ୍



ଟାଇପ୍-୨ ଡାଇବେଟିସ୍‌ଠାରୁ ନିଜକୁ ଦୂରେଇ ରଖିବାର ଏକ ସରଳ ତଥା ସହଜ ଉପାୟ ରହିଛି। ତାହା ପୁଣି ହାତ ପାଆନ୍ତାରେ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଘଣ୍ଟାଏ ସମୟ ମଧ୍ୟରେ ୪.୮-୬ କିମି ଚାଲନ୍ତି ତେବେ ତାହା ଆପଣଙ୍କୁ ଟାଇପ୍-୨ ଡାଇବେଟିସ୍‌ଠାରୁ କେତେକାଂଶରେ ଦୂରେଇ ରଖିପାରିବ। ନ୍ୟୁୟର୍କସ୍ଥିତ ନର୍ଥୱେଲ୍ ଲେନକ୍ସ ହିଲ୍ ହସ୍‌ପିଟାଲର ଡାଇବେଟିସ ବିଶେଷଜ୍ଞମାନେ ଏ ନେଇ ଏକ ସର୍ଭେ କରିଥିଲେ। ଡା. ମିନସା ସୁଦ୍‌ଙ୍କ ତତ୍ତ୍ୱାବଧାନରେ ଏହି ସର୍ଭେ କରାଯାଇଥିଲା। ଏ ନେଇ ସେ କହନ୍ତି, 'ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ ୪-୬ କିମି ଚାଲିବାକୁ ପରାମର୍ଶ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ଟାଇପ୍-୨ ଡାଇବେଟିସ୍‌ର ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ଏଭଳି ଚାଲିବାକୁ ଜଣେ ଯଦି ଅଭ୍ୟାସରେ ପରିଣତ କରନ୍ତି ତେବେ ତାଙ୍କଠାରେ ଟାଇପ୍-୨ ଡାଇବେଟିସ୍ ଲକ୍ଷଣ ଦେଖାଯିବାର ଆଶଙ୍କା ଅନେକାଂଶରେ କମ୍ ରହିଛି। ଚାଲିବା ସମୟରେ ଟିକେ ଦ୍ରୁତ ବେଗରେ ଚାଲିଲେ ତାହାର ଆହୁରି ସୁଫଳ ମିଳିଥାଏ।'

# ଉପକାରୀ ଲେମ୍ବୁ



ଲେମ୍ବୁ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ। ଏଥିରେ ଭିଟାମିନ୍-ସି ଭରି ରହିଛି, ଯାହାକି ମନୁଷ୍ୟ ଶରୀର ପାଇଁ ଅତି ଉପକାରୀ। ଯଦି ଆମେ ପ୍ରତିଦିନ ଖାଦ୍ୟରେ ଲେମ୍ବୁ ଖାଇବା, ତେବେ ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହାର ଆଉ କେତେକ ଉପକାରୀ ଗୁଣ ରହିଛି। ସେଗୁଡିକ ମଧ୍ୟରେ ରକ୍ତହୀନତା ଦୂର କରିବା ଏବଂ ପାଚନ ଶକ୍ତି ବୃଦ୍ଧି କରାଇବା ଅନ୍ୟତମ। ଲେମ୍ବୁ ମିଶ୍ରିତ ଉଷୁମ ପାଣି ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭପ୍ରଦ। ଏଭଳି ପାଣି ନିୟମିତ ପିଇବା ଦ୍ୱାରା ମେଦବହୁଳତା ଅନେକାଂଶରେ ହ୍ରାସ ପାଇଥାଏ। ଏହାକୁ ନିୟମିତ ଖାଇଲେ ତାହା ହୃଦ୍‌ଜନିତ ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହା ମଧ୍ୟ କିଡ୍‌ନୀ ଷ୍ଟୋନ୍ ସୃଷ୍ଟିକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ଲେମ୍ବୁକୁ ଖାଦ୍ୟ ସହ ପାଣିରେ ଚିପୁଡ଼ି କିମ୍ବା 'ଗ୍ରୀନ୍ ଟି' କରି ମଧ୍ୟ ସେବନ କରିପାରିବା। ଲେମ୍ବୁରସକୁ ବିଭିନ୍ନ ପ୍ରଣାଳୀରେ ଖାଦ୍ୟ ରୂପେ ଗ୍ରହଣ କରିବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ଭୂତାଣୁଜନିତ ରୋଗକୁ ପ୍ରତିରୋଧ କରାଯାଇପାରିବ। ଦିନରେ ଅତିବେଶିରେ ଦୁଇଟି ଗୋଟି ଲେମ୍ବୁ ଖାଇବା ଉଚିତ। ଦୈନନ୍ଦିନ ଖାଦ୍ୟ ତାଲିକାରେ ଲେମ୍ବୁକୁ ସାମିଲ କରିବା ନିହାତି ଆବଶ୍ୟକ। ଏହାଦ୍ୱାରା ଆମେ ସୁସ୍ଥ ତଥା ନୀରୋଗ ଜୀବନ ବିତାଇପାରିବା।

# ଏକ୍‌ଜିମା ଅଧିକ କୁଣ୍ଡାଇ ହୁଏ କାହିଁକି



ଏକ୍‌ଜିମା ଏକ ଚର୍ମଜନିତ ସମସ୍ୟା। ଏହାର ପ୍ରାରମ୍ଭିକ ସ୍ତରରୁ ଚିକିତ୍ସା କରାଇନେବା ଦରକାର। ନ ହେଲେ ଏଭଳି ସମସ୍ୟା ଧୀରେ ଧୀରେ କାୟା ବିସ୍ତାର କରିଥାଏ। ଏକ୍‌ଜିମା ହେଲେ ସେହି ସ୍ଥାନରେ ବାରମ୍ବାର କୁଣ୍ଡାଇ ହୁଏ। ବେଳେବେଳେ ପ୍ରବଳ କୁଣ୍ଡାଇ ହୁଏ। ତେବେ ଏଭଳି ହୁଏ କାହିଁକି ? ବିଶେଷଭାବରେ ଇନ୍‌ଫ୍ଲାମେଶନ ପାଇଁ ଏହା କୁଣ୍ଡାଇ ହୋଇଥାଏ। ତେବେ ଏହା ପଛରେ ଥିବା ଆଉ ଏକ କାରଣକୁ ନିକଟରେ ଖୋଜି ପାଇଛନ୍ତି ହାର୍ଭାର୍ଡ ମେଡିକାଲ ସ୍କୁଲର ବିଶେଷଜ୍ଞମାନେ। ଏ ନେଇ ସେମାନେ ପ୍ରାୟ ଦୁଇ ବର୍ଷ ଧରି ଗବେଷଣା କରିବା ପରେ ଏକ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଉକ୍ତ ସ୍କୁଲର ଇମ୍ୟୁନୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଆଇଜାକ୍ ଚିନୁ କହନ୍ତି, ''ଏକ୍‌ଜିମା ହେବା ଦ୍ୱାରା ଚର୍ମର ସେହି ସ୍ଥାନରେ ଅନେକ ବ୍ୟାକ୍ଟେରିଆ ଏକାଠି ହୋଇଯାଆନ୍ତି। ସେଥିଯୋଗୁ ଆକ୍ରାନ୍ତ ସ୍ଥାନ କୁଣ୍ଡାଇ ହୋଇଥାଏ। ପୁଣି ବେଳେବେଳେ ଏହି କୁଣ୍ଡାଇ ହେବା ଅସହ୍ୟ ହୋଇପଡେ। ଉକ୍ତ ବ୍ୟାକ୍ଟେରିଆଟି ହେଲା 'ଷ୍ଟେଫିଲୋକସ ଆୟୁ଼ୟସ'। ଏକ୍‌ଜିମା ସ୍ଥାନରେ ଏହି ବ୍ୟାକ୍ଟେରିଆ ଯେତେବେଳେ ଅଧିକ ସକ୍ରିୟ ହୋଇଉଠନ୍ତି, ସେତେବେଳେ ସେହି ଜାଗା ପ୍ରବଳ କୁଣ୍ଡାଇ ହୁଏ।''

# ନିଃଶବ୍ଦ ଘାତକ : ଉଚ୍ଚ ରକ୍ତଚାପ



ଡା. ନିତ୍ୟାନନ୍ଦ ସ୍ୱାଇଁ




''ହୃତ୍‌ପିଣ୍ଡ ସଙ୍କୁଚିତ ହେବା ପରେ ଅତି ସ୍ୱଳ୍ପ ସମୟ ପାଇଁ ତାହା ଶିଥିଳ ହୋଇ ରହେ। ଏହି ସମୟରେ ମଧ୍ୟ ଅବ୍ୟାହତ ରହିଥାଏ ରକ୍ତ ପ୍ରବାହ ଏବଂ ଧମନୀର ପାଚେରିରେ ସାମାନ୍ୟ ଚାପ ଅନୁଭୂତ ହୁଏ। ଏହି ପ୍ରକାରର ଚାପକୁ କୁହାଯାଏ 'ଡାୟୋଷ୍ଟୋଲିକ ରକ୍ତଚାପ' ଏବଂ ଏହା ସିଷ୍ଟୋଲିକ ରକ୍ତଚାପଠାରୁ ଊଣା। ସିଷ୍ଟୋଲିକ୍ ଚାପ ହେଉଛି ହୃତ୍‌ପିଣ୍ଡ ସଙ୍କୋଚନ ସମୟରେ ସର୍ବାଧିକ ଚାପ ଏବଂ ଡାୟୋଷ୍ଟୋଲକ ଚାପ ହେଉଛି ହୃତ୍‌ପିଣ୍ଡ ଶିଥିଳତା ବା ପ୍ରସାରଣ ସମୟର ସର୍ବନିମ୍ନ ଚାପ।''

**ରକ୍ତଚାପ କ'ଣ :** ସାଧାରଣ ଭାବରେ କହିଲେ ରକ୍ତ ସ୍ରୋତ ଦ୍ୱାରା ଧମନୀଗୁଡ଼ିକର ପାଚେରି ଉପରେ ପଡୁଥିବା ଚାପକୁ 'ରକ୍ତଚାପ' କହନ୍ତି। ଡାକ୍ତରୀ ଭାଷାରେ କହନ୍ତି 'ବ୍ଲଡପ୍ରେସର', ସଂକ୍ଷେପରେ ବି.ପି.। ହୃତ୍‌ପିଣ୍ଡ ସଙ୍କୁଚିତ ହେଲେ ତା' ଭିତର ରକ୍ତ ଧମନୀ ଭିତରକୁ ପିଚ୍‌କି ଯାଏ। ହୃତ୍‌ପିଣ୍ଡ ସଙ୍କୁଚିତ ହୋଇ ରକ୍ତ ପ୍ରେରଣ କଲା ବେଳେ ଧମନୀର ୱାଲ୍ ବା ପାଚେରିରେ ଯେଉଁ ଚାପ ଅନୁଭୂତ ହୁଏ, ତାହାକୁ କୁହାଯାଏ 'ସିଷ୍ଟୋଲିକ୍ ରକ୍ତଚାପ'। କିନ୍ତୁ ହୃତ୍‌ପିଣ୍ଡ ସଙ୍କୁଚିତ ହେବା ପରେ ଅତି ସ୍ୱଳ୍ପ ସମୟ ପାଇଁ ତାହା ଶିଥିଳ ହୋଇ ରହେ। ଏହି ସମୟରେ ମଧ୍ୟ ଅବ୍ୟାହତ ରହିଥାଏ ରକ୍ତ ପ୍ରବାହ ଏବଂ ଧମନୀର ପାଚେରିରେ ସାମାନ୍ୟ ଚାପ ଅନୁଭୂତ ହୁଏ। ଏହି ପ୍ରକାରର ଚାପକୁ କୁହାଯାଏ 'ଡାୟୋଷ୍ଟୋଲିକ ରକ୍ତଚାପ' ଏବଂ ଏହା ସିଷ୍ଟୋଲିକ ରକ୍ତଚାପ ଠାରୁ ଊଣା। ସିଷ୍ଟୋଲିକ୍ ଚାପ ହେଉଛି ହୃତ୍‌ପିଣ୍ଡ ସଙ୍କୋଚନ ସମୟରେ ସର୍ବାଧିକ ଚାପ ଏବଂ ଡାୟୋଷ୍ଟୋଲକ ଚାପ ହେଉଛି ହୃତ୍‌ପିଣ୍ଡ ଶିଥିଳତା ବା ପ୍ରସାରଣ ସମୟର ସର୍ବନିମ୍ନ ଚାପ।

**ଆମ ସମସ୍ତଙ୍କର କ'ଣ ରକ୍ତଚାପ ରହିଛି :** ହଁ, ପିଲା, ବୁଢ଼ା, ନାରୀ, ପୁରୁଷ ସମସ୍ତଙ୍କର ରକ୍ତଚାପ ଅଛି। ଏପରି କି ପ୍ରତ୍ୟେକ ଶିଶୁ ମଧ୍ୟ ନିଜ ରକ୍ତଚାପକୁ ଧରି ଭୂମିଷ୍ଠ ହୋଇଥାଏ। ପ୍ରତ୍ୟେକ ସୁସ୍ଥ ବ୍ୟକ୍ତିଙ୍କର ରକ୍ତଚାପକୁ ଆମେ ସାଧାରଣ ରକ୍ତଚାପ ବା 'ନର୍ମାଲ ବ୍ଲଡ ପ୍ରେସର' ବୋଲି କହିଥାଉ। ଏହା ବଢ଼ିଗଲେ ସେହି ଅସ୍ୱାଭାବିକତାକୁ କୁହାଯାଏ 'ଉଚ୍ଚ ରକ୍ତଚାପ' ବା ହାଇପର ଟେନ୍ସନ୍ ('ହାଇପର'ର ଅର୍ଥ ଅଧିକ ଏବଂ 'ଟେନ୍ସନ୍'ର ଅର୍ଥ ଚାପ)। ଶରୀର ସାରା ରକ୍ତ ସଞ୍ଚାଳନ ପାଇଁ ରକ୍ତଚାପ ଅପରିହାର୍ଯ୍ୟ। ରକ୍ତର ଚାପ ଥିବାରୁ ହିଁ ରକ୍ତରେ ଥିବା ଜଳ, ଅମ୍ଳଜାନ ଓ ଖାଦ୍ୟ ଉପାଦାନମାନ ଶରୀରର ସବୁକୋଷରେ ସହଜରେ ପହଞ୍ଚିଥାଏ।

**ରକ୍ତଚାପକୁ ପ୍ରକାଶ କରାଯାଏ କିପରି**

ରକ୍ତଚାପକୁ ଦୁଇଟି ସଂଖ୍ୟା ଭାବରେ ପ୍ରକାଶ କରାଯାଏ ଓ ଭଗ୍ନାଂଶ ଲେଖିବା ପ୍ରକାରେ ଉପର ଓ ତଳ ରୀତିରେ ଲେଖାଯାଏ। ଏଥିରେ ଉପର ସଂଖ୍ୟାଟି ସିଷ୍ଟୋଲିକ୍ ରକ୍ତଚାପ ଏବଂ ତଳ ସଂଖ୍ୟାଟି ଡାୟୋଷ୍ଟୋଲିକ୍ ରକ୍ତଚାପ। ରକ୍ତଚାପର ଏକକ ହେଉଛି ମିଲିମିଟର ଅଫ୍ ମର୍କ୍ୟୁରୀ (mm of Hg)। ଉଦାହରଣସ୍ୱରୂପ ୧୨୦/୮୦ ଏମ୍ଏମ୍ ଅଫ୍ ଏଚ୍‌ଜି ବୋଲି ଲେଖିଲେ ସିଷ୍ଟୋଲିକ୍ ରକ୍ତଚାପ ହେଉଛି ୧୨୦ ଏବଂ ଡାୟୋଷ୍ଟୋଲିକ ରକ୍ତଚାପ ହେଉଛି ୮୦ ଏମ୍ଏମ୍ ଅଫ୍ ଏଚ୍‌ଜି। ୧୮ ବର୍ଷ ବୟସରୁ ଅଧିକ ବୟସର ବ୍ୟକ୍ତିଙ୍କର ସିଷ୍ଟୋଲିକ ଓ ଡାୟୋଷ୍ଟୋଲିକ ରକ୍ତଚାପ ହେଉଛି ୮୦ ଏମ୍ଏମ୍ ଅଫ୍ ଏଚ୍‌ଜି।

୧୮ବର୍ଷ ବୟସରୁ ଅଧିକ ବ୍ୟକ୍ତିଙ୍କର ସିଷ୍ଟୋଲିକ୍ ଓ ଡାୟୋଷ୍ଟୋଲିକ୍ ରକ୍ତଚାପ ଯଥାକ୍ରମେ ୧୨୦ରୁ କମ୍ ଓ ୮୦ରୁ କମ୍ ରହିଥିଲେ ତାହା ସାଧାରଣ ରକ୍ତଚାପ ବା ନର୍ମାଲ ବ୍ଲଡ ପ୍ରେସର। ଏହା ଯଥାକ୍ରମେ ୧୨୦ରୁ ୧୩୯ ଏବଂ ୮୦ରୁ ୮୯ ମଧ୍ୟରେ ରହିଥିଲେ ତାହା ପ୍ରାକ୍ ଉଚ୍ଚ ରକ୍ତଚାପ ଅବସ୍ଥା ବା ପ୍ରିହାଇପରଟେନ୍‌ସନ୍। ମାତ୍ର ଏହା ଯଥାକ୍ରମେ ୧୪୦ରୁ ବେଶି ଏବଂ ୯୦ରୁ ବେଶି ରହିଥିଲେ ତାହା ଉଚ୍ଚ ରକ୍ତଚାପ ବା 'ହାଇପରଟେନ୍‌ସନ୍'। ଏହି ପରିପ୍ରେକ୍ଷୀରେ ଦେଖିଲେ ରକ୍ତଚାପ ୧୨୦/୮୦ ମିଲିମିଟର ଅଫ୍ ମର୍କ୍ୟୁରୀରୁ ବେଶି ରହିଥିଲେ ତାହା ଆଦୌ ନିରାପଦ ନୁହେଁ।

**କେଉଁ କେଉଁ କାରକ ରକ୍ତଚାପକୁ ପ୍ରଭାବିତ କରିଥାନ୍ତି**

-ବାପା କିମ୍ବା ମା' ଉଭୟ ଉଚ୍ଚ ରକ୍ତଚାପ ରୋଗୀ ହୋଇଥିଲେ ସନ୍ତାନମାନେ ଉଚ୍ଚ ରକ୍ତଚାପ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ବେଶି।

-ବୟସ ବଢ଼ିଲେ ରକ୍ତଚାପ କିଛି ମାତ୍ରାରେ ବଢ଼ିପାରେ। ତେବେ ୪୫ରୁ ୬୦ ବର୍ଷ ବୟସ ଏହି ରୋଗ ପାଇଁ ସମ୍ବେଦନଶୀଳ ବୟସ। ଶିଶୁ ଓ କିଶୋରୀକିଶୋରମାନଙ୍କଠାରେ ମଧ୍ୟ ରକ୍ତଚାପ ବଢ଼ିପାରେ।

-ସୁସ୍ଥ ପୁରୁଷମାନଙ୍କ ତୁଳନାରେ ସୁସ୍ଥ ମହିଳାମାନଙ୍କ ରକ୍ତଚାପ ସାମାନ୍ୟ ଊଣା। ଠିଆ ହେବା ଭଙ୍ଗୀରେ ସିଷ୍ଟୋଲିକ୍ ଚାପ ଟିକିଏ କମ୍ ଏବଂ ଡାୟୋଲୋଷ୍ଟିକ ଚାପ ଟିକିଏ ବେଶି। ବିଛଣାରେ ଶୋଇ ରହିବା ଅବସ୍ଥାରେ ଡାୟୋଷ୍ଟୋଲିକ୍ କମ୍ ଓ ସିଷ୍ଟୋଲିକ୍ ବେଶି।

-ବ୍ୟାୟାମ କରୁଥିବା ବେଳେ ରକ୍ତଚାପ ବଢ଼ିଯାଏ ଏବଂ ବ୍ୟାୟାମ ବନ୍ଦ କରିଦେଇ ବିଶ୍ରାମ ନେଲେ ରକ୍ତଚାପ ତାହାର ପୂର୍ବ ଅବସ୍ଥାକୁ ଫେରିଆସେ।

-କ୍ରୋଧ, ବିରକ୍ତି, ବିଷାଦ, କଳହ, ଅଶାନ୍ତି ଓ ଅସ୍ୱାଭାବିକ ମାନସିକ ଚାପ ରକ୍ତଚାପକୁ ବଢ଼ାଇ ଦିଏ।

-ଶରୀରରେ ଚର୍ବି ଜମି ମେଦବହୁଳତା ପ୍ରକାଶ ପାଇଲେ ରକ୍ତଚାପ ବଢ଼ିଯାଇ ପାରେ।

-ନିୟମିତ ଭାବରେ ଅଧିକ ପରିମାଣର ଲୁଣ, ଲହୁଣି, ଘିଅ, ବନସ୍ପତି, ଅନ୍ୟାନ୍ୟ ତେଲ, ମଦ, ପଶୁ ମାଂସ ବିଶେଷଭାବରେ ଚର୍ବି ଲାଗିଥିବା ମାଂସ ଖାଇଲେ ରକ୍ତଚାପ ବଢ଼ିଯିବାର ଆଶଙ୍କା ଅଧିକ। ବେଶି ପରିମାଣର ଫାଷ୍ଟଫୁଡ୍ ଏବଂ ମିଠା ଖାଇଚାଲିଲେ ମେଦବହୁଳତା ହୋଇ ରକ୍ତଚାପ ବଢ଼ାଏ। ଏକ ଆକଳନରୁ ଜଣାପଡିଛି ଯେ, ପୃଥିବୀରେ ଉଚ୍ଚ ରକ୍ତଚାପ ରୋଗୀଙ୍କ ସଂଖ୍ୟା ପାଖାପାଖି ୧୦୦ କୋଟି ୩୦ ଲକ୍ଷ। ଏମାନଙ୍କ ମଧ୍ୟରେ କେବଳ ଭାରତରେ ରହିଛନ୍ତି ୨୨ କୋଟି। ଏଭଳି ରୋଗୀଙ୍କ ସଂଖ୍ୟା ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ କମ୍।





**ଲକ୍ଷଣ :** ଜାଣି ରଖନ୍ତୁ ଯେ, ରକ୍ତଚାପ ଅଧିକ ଥିବା ସତ୍ତ୍ୱେ କୌଣସି ଲକ୍ଷଣ ପ୍ରକାଶ ପାଉ ନ ଥିବା ଅତି ସାଧାରଣ। ତେଣୁ ଉଚ୍ଚ ରକ୍ତଚାପକୁ କୁହାଯାଏ ନିଃଶବ୍ଦ ଘାତକ (sailent killer) ବା ନୀରବ ଘାତକ। ତେବେ ରକ୍ତଚାପର ମାତ୍ରା ବେଶି ବଢ଼ିଗଲେ ମୁଣ୍ଡ ବଥାଏ, ମୁଣ୍ଡ ଘୂରାଇପାରେ, ନାକରୁ ରକ୍ତ ପଡ଼ିପାରେ, ଆଖିକୁ ଜାଲୁଜାଲୁଆ ଦେଖାଯାଇପାରେ, କାନରେ ସେଁ ସେଁ ଶବ୍ଦ ଶୁଣାଯାଇପାରେ। କାହା କାହାଠାରେ ଅନୁଭୂତ ହୋଇପାରେ ଶ୍ୱାସକଷ୍ଟ।

**କେଉଁ କେଉଁ ଜଟିଳତା ପ୍ରକାଶ ପାଇପାରେ :** ରକ୍ତଚାପ ବେଶି ରହିଲେ ହୃଦ୍ ରକ୍ତନଳୀ ଆକ୍ରାନ୍ତ ହୋଇ ହୋଇପାରେ ହାର୍ଟ ଆଟାକ୍। ହୋଇପାରେ ହାର୍ଟ ଫେଲ୍ୟୁୟର। ମସ୍ତିଷ୍କର ରକ୍ତନଳୀ ଫାଟିଯାଇ ମସ୍ତିଷ୍କ ଭିତରକୁ ରକ୍ତସ୍ରାବ ହୋଇପାରେ; ଫଳରେ ଜାତ ହୋଇପାରେ ବ୍ରେନ୍ ଆଟାକ ବା ଷ୍ଟ୍ରୋକ୍ ଏବଂ ପାରାଲିସିସ। ଚକ୍ଷୁ ଭିତରକୁ ରକ୍ତସ୍ରାବ ହୋଇ ଦୃଷ୍ଟିଶକ୍ତି ହାନି ହୋଇପାରେ। ପ୍ରକାଶ ପାଏ କ୍ରନିକ କିଡ୍‌ନୀ ଡିଜିଜ ବା ଦୀର୍ଘକାଳୀନ ବୃକ୍କ ରୋଗ ଓ ତଜ୍ଜନିତ ରେନାଲ ଫେଲ୍ୟୁୟର। ଘଟିପାରେ ସ୍ମୃତିହାନି ତଥା ଏକାଗ୍ରତାହାନି। (କ୍ରମଶଃ..)

-ଅଭୀପ୍‌ସା, ସେକ୍ଟର-୬, ପ୍ଲଟ ନଂ-୧୧୩, ଅଭିନବ ବିଡ଼ାନାସୀ, କଟକ-୧୪
ମୋ : ୯୪୩୭୭୬୬୧୧୭

# କଣ୍ଟାକ୍ଟ ଲେନ୍ସ ଲଗାଇଥିଲେ...

କଣ୍ଟାକ୍ଟ ଲେନ୍ସର ବ୍ୟବହାର ଏବେ ଏକ ଫ୍ୟାଶନ ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। କିନ୍ତୁ ଏହି ସମୟରେ କେତେକ ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଦରକାର। ଏହାକୁ ଲଗାଇବା ପୂର୍ବରୁ ହାତକୁ ପରିଷ୍କାର ଭାବରେ ଧୁଅନ୍ତୁ। ଯଦି ବାହାରକୁ ଏହି ଲେନ୍ସ ଲଗାଇ ଯାଇଛନ୍ତି ତେବେ ଫେରିବା ପରେ ତାହାକୁ କାଢ଼ି ଦିଅନ୍ତୁ। ବିଶେଷଭାବରେ ଶୋଇବା ପୂର୍ବରୁ ଏହାକୁ ବାହାର କରିଦେବା ନିହାତି ଦରକାର। ଯଦି ଏଭଳି ନ କରନ୍ତି ତେବେ ଆଖିରେ ଇନଫେକଶନ ହେବାର ଆଶଙ୍କା ରହିଛି। ତାହାକୁ ଆଖିରୁ ବାହାର କରିବା ପୂର୍ବରୁ ହାତକୁ ଭଲ ଭାବରେ ସାବୁନ କିମ୍ବା ହ୍ୟାଣ୍ଡୱାଶରେ ଧୁଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯଦି ଆପଣ କଣ୍ଟାକ୍ଟ ଲେନ୍ସ ଲଗାଇଛନ୍ତି ତେବେ ଆଖିକୁ ଆଦୌ ରଗଡନ୍ତୁ ନାହିଁ। କାରଣ ଏହାଦ୍ୱାରା ଆଖିର ପରଦା ପ୍ରଭାବିତ ହୋଇଥାଏ। ଯଦି ଏହାକୁ ଲଗାଇବା ପରେ ଆଖି କୁଣ୍ଡାଇ ହେଉଛି ତେବେ ବିଳମ୍ବ ନ କରି ତାହାକୁ ବାହାର କରିଦିଅନ୍ତୁ। ଯଦି କିଛି ସମସ୍ୟା ଦେଖାଦେଲା, ତେବେ ତୁରନ୍ତ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଆଉ ଏକ ଜିନିଷ ପ୍ରତି ସତର୍କ ରହିବା ନିହାତି ଦରକାର। ତାହା ହେଲା କଣ୍ଟାକ୍ଟ ଲେନ୍ସର ଏକ୍ସପାଏରି ତାରିଖ। ଏଥିପ୍ରତି ସଚେତନ ରୁହନ୍ତୁ ଏବଂ ସେହି ତାରିଖରେ ତାହାକୁ ବଦଳାଇ ଦିଅନ୍ତୁ। ବାଇକ୍ ଚଲାଇବା ବେଳେ ଯଦି ପ୍ରବଳ ପବନ କିମ୍ବା ଧୂଳିଝଡ଼ ଅଥବା ବର୍ଷା ହେଉଛି ତେବେ କଣ୍ଟାକ୍ଟ ଲେନ୍ସକୁ ସାମୟିକ ସମୟ ପାଇଁ କାଢ଼ି ଦିଅନ୍ତୁ।



# ପାଞ୍ଚଟି କଥା



ଆଜିକାଲିର ବ୍ୟସ୍ତ ଜୀବନ ଭିତରେ ନିଜକୁ ସୁସ୍ଥ ରଖିବା ଅପରିହାର୍ଯ୍ୟ। ଏଭଳି କେତୋଟି କଥା ରହିଛି, ଯାହାକୁ ଅନୁସରଣ କଲେ ତା'ର ସୁଫଳ ଆମକୁ ମିଳିପାରିବ। ସେଭଳି ପ୍ରମୁଖ ପାଞ୍ଚଟି କଥା ବିଷୟରେ ସୂଚନା ଦିଆଯାଉଛି। ପ୍ରଥମ କଥା ହେଲା ସକାଳୁ ଠିକ୍ ସମୟରେ ଉଠନ୍ତୁ। ଉଠିବା ପରେ ନିତ୍ୟକର୍ମ ଶେଷ କରନ୍ତୁ। ଦ୍ୱିତୀୟ କଥା ହେଲା ଉଷୁମ ପାଣି। ଏହି ପାଣି ଆମ ସ୍ୱାସ୍ଥ୍ୟ ପାଇଁ କେତେ ଲାଭପ୍ରଦ ତାହା କହିବା ଅନାବଶ୍ୟକ। ତେଣୁ ସକାଳୁ ଉଠିବା ପରେ ୧ ଗ୍ଲାସ ଉଷୁମ ପାଣି ପିଅନ୍ତୁ। ତୃତୀୟ କଥା ହେଉଛି ବ୍ୟାୟାମ। ସୁସ୍ଥ ଶରୀର ପାଇଁ ବ୍ୟାୟାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ଏହାକୁ ସାମିଲ କରନ୍ତୁ। ଚତୁର୍ଥ କଥା ହେଲା ବ୍ରେକ୍‌ଫାଷ୍ଟ। ପ୍ରତିଦିନ ଠିକ୍ ସମୟରେ ବ୍ରେକଫାଷ୍ଟ ବା ପ୍ରାତଃଭୋଜନ କରନ୍ତୁ। ଏଥିରେ ତଟକା ଫଳମୂଳ ଏବଂ ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ପଞ୍ଚମ କଥା ହେଉଛି ମେଡିଟେସନ ବା ଧ୍ୟାନ। ପ୍ରତିଦିନ ସକାଳୁ କିଛି ସମୟ ମେଡିଟେସନ କରନ୍ତୁ। ଏହା ଶରୀରକୁ ସୁସ୍ଥ ରଖିବା ସହ ମାନସିକ ଶାନ୍ତି ପ୍ରଦାନ କରିଥାଏ। ଏହାବ୍ୟତୀତ ସବୁବେଳେ ସୁଷମ ତଥା ଭଟାମିନଯୁକ୍ତ ଖାଦ୍ୟ ଖାଆନ୍ତୁ ଏବଂ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ।

# ସ୍ୱାସ୍ଥ୍ୟ ସୂଚନା

- ଦୈନନ୍ଦିନ ଖାଦ୍ୟ ତାଲିକାରେ ଦହିକୁ ସାମିଲ୍ କରନ୍ତୁ। ଏହା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାଏ। ଶରୀରରେ କୋଲେଷ୍ଟରଲ୍ ଏବଂ ମେଦବହୁଳତାକୁ ଏହା କେତେକାଂଶରେ କମାଇଥାଏ।
- ରକ୍ତରେ ଶର୍କରା ବା ସୁଗାର ପରିମାଣକୁ ସନ୍ତୁଳିତ ରଖିବାରେ ସଜନା ଶାଗ ଅନେକାଂଶରେ ସହାୟକ ହୋଇଥାଏ। ରକ୍ତଚାପକୁ ଏହା ମଧ୍ୟ ସନ୍ତୁଳିତ ରଖେ। ତା' ସହ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣକୁ ବୃଦ୍ଧି କରିଥାଏ।
- ନିୟମିତ କଲରା ଖାଇଲେ ତାହା ଆଲର୍ଜି ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖେ। ଏହା ମଧ୍ୟ କ୍ୟାନ୍‌ସର ସେଲକୁ ବୃଦ୍ଧି କରିବାକୁ ଦିଏ ନାହିଁ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି।



- ଦୀର୍ଘ ସମୟ ଧରି କିଛି କାମ କରୁଛନ୍ତି, ତେବେ ମଝିରେ ମଝିରେ କିଛି ସମୟ ବିରତି ନିଅନ୍ତୁ। ଫଳରେ ଏଥିଯୋଗୁ ମାନସିକ ଶାନ୍ତି ମିଳିବା ସହ ଅଧିକ କାମ କରିବାକୁ ଆଗ୍ରହ ସୃଷ୍ଟି ହୋଇଥାଏ।
- ବାହାର ଜିନିଷ ଯେତେ କମ୍ ଖାଇବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ। କାରଣ ଏହାକୁ ନିୟମିତ ଖାଇଲେ ତାହା ଏସିଡିଟି ବ୍ୟତୀତ ପେଟଜନିତ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।

# ଓଜନ କମାଇବାର ସହଜ ଉପାୟ

ଆଜିକାଲି ଓଜନ ବୃଦ୍ଧି ବା ମେଦବହୁଳତା (ଓବେସିଟି) ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଅସନ୍ତୁଳିତ ଜୀବନଶୈଳୀ, ଖାଦ୍ୟପେୟ ଏଥିପାଇଁ ମୁଖ୍ୟତଃ ଦାୟୀ। ଓଜନକୁ ଯଦି ନିୟନ୍ତ୍ରଣରେ ରଖା ନ ଯାଏ ତେବେ ପରବର୍ତ୍ତୀ ସମୟରେ ତାହା ପରୋକ୍ଷରେ ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତେବେ ଏହାର ଏକ ସହଜ ତଥା ସରଳ ଉପାୟ ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ରକ୍ତରେ ସୁଗାର ପରିମାଣକୁ ସନ୍ତୁଳିତ ରଖିପାରିଲେ ତେବେ ସେ ଓଜନ ବୃଦ୍ଧି ପରି ସମସ୍ୟାର ସମ୍ମୁଖୀନ ହେବାର କମ୍ ଆଶଙ୍କା ରହିଛି ବୋଲି ବର୍ଲିନ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଯଦି ଆପଣଙ୍କର ବ୍ଲଡପ୍ରେସର ବା ରକ୍ତଚାପ ରହିଛି ତେବେ ଏହାକୁ ନିୟନ୍ତ୍ରଣ ରଖିବା ଆବଶ୍ୟକ। ଓଜନ ବୃଦ୍ଧିରେ ଏହା କେତେକାଂଶରେ ସହାୟକ ହୋଇଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।



# ଖଇରାରେ ଛାତ୍ର ରାଜନୀତି ସରଗରମ

ଖଇରା,୩।୧୨(ଉତ୍କଳବନ୍ଧୁ ପଣ୍ଡା)




ବିଜୁ ଛାତ୍ର ଜନତା ଦଳ (ବାମ) ଏବଂ କଂଗ୍ରେସ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା ବଜାର ପରିକ୍ରମା କରୁଛି।

■ ୪ ହଜାର ନୂଆ ଭୋଟରଙ୍କୁ ଆକୃଷ୍ଟ କରିବା ଉଦ୍ୟମ
■ ମାଧମ ସାଜିଛି କ୍ୟାମ୍ପସ୍ ରାଲି

ଖଇରା ବିଜେଡି ଓ କଂଗ୍ରେସ ପକ୍ଷରୁ ସମାନ୍ତରାଳ ଭାବେ ଖଇରା ମହାବିଦ୍ୟାଳୟ କ୍ୟାମ୍ପସ୍ କମିଟି ଗଠନ କରାଯିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଖଇରା ବ୍ଲକରେ ନୂତନ ଭୋଟର ତାଲିକାରେ ୪ହଜାର ଯୁବ ଭୋଟର ଯୋଡ଼ି ହୋଇ ଯାଇଥିବା ବେଳେ ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ଏହି କ୍ୟାମ୍ପସ୍ କମିଟି ଗଠନର ମୂଳ ଲକ୍ଷ୍ୟ ବୋଲି ସାଧାରଣରେ ଆଲୋଚିତ ହେଉଛି। ଏହି ରାଲି ପରେ ଛାତ୍ର ରାଜନୀତି ସରଗରମ ହୋଇ ପଡ଼ିଛି। ଶୁକ୍ରବାର ବିଜେଡି ଛାତ୍ର ନେତାଙ୍କ ନେତୃତ୍ୱରେ ବିସିଜେଡିର ଛାତ୍ରୀଛାତ୍ରମାନେ ଡିଜେ ବଜାଇ ଖଇରା ବଜାର ପରିକ୍ରମା କରିଥିବା ବେଳେ ଶନିବାର ବିଜେଡିକୁ ଟକ୍କର ଦେଇ ଅନ୍ୟ ଏକ ବିଶାଳ ରାଲି ଖଇରା ବଜାର ପରିକ୍ରମା କରିଛି। ବିଜୁ ଛାତ୍ର ଜନତା ଦଳ ସଭାପତି ଗୌତମ ରାଉତ ଓ କାର୍ଯ୍ୟକାରୀ ସଭାପତି ପ୍ରୀତମ ନାୟକଙ୍କ ନେତୃତ୍ୱରେ ଓ ମିଳନ ପତ୍ରୀ, ତୃପ୍ତିକାନ୍ତ ନାୟକ, ସୌମ୍ୟ ରଞ୍ଜନ ନାୟକ ଓ ଜ୍ୟୋତି ପ୍ରକାଶ ନାୟକଙ୍କ ସହଯୋଗରେ କ୍ୟାମ୍ପସ କମିଟି ଗଠନ କରାଯିବା ପରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କମିଟି କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ସେହିଭଳି କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରାଙ୍କ ପରାମର୍ଶ କ୍ରମେ ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଛାତ୍ର କଂଗ୍ରେସ ସମର୍ଥିତ ଛାତ୍ରୀଛାତ୍ରମାନଙ୍କୁ ସଙ୍ଗଠିତ କରାଯାଇ ଅନ୍ୟ ଏକ କ୍ୟାମ୍ପସ କମିଟି ଗଠନ କରାଯାଇଥିଲା । ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଉପସଭାପତି ଭବାନୀ ଶଙ୍କର ମାହେଲିକ, ଛାତ୍ରନେତା ଚନ୍ଦନ ମାହେଲିକ, ଗଣେଶ ସାହୁ, ବରେନ୍ଦ୍ର କୁଅଁର, ହେମନ୍ତ ସ୍ୱାଇଁ, ସାଧାରଣ ସମ୍ପାଦିକା ସ୍ମୃତିରାଣୀ ମହାପାତ୍ର, ଗୀତାଞ୍ଜଳି ସେଠୀଙ୍କ ଉପସ୍ଥିତିରେ ରାଲି ଖଇରା କଲେଜ ଛକରୁ ବାହାରି ବ୍ଲକ ପର୍ଯ୍ୟନ୍ତ ଯାଇଥିଲା। କ୍ୟାମ୍ପସ୍ କମିଟି ଗଠନରେ ଭାଜପାର ଛାମୁଆ ସଂଗଠନ ଏବିଭିପି ପଛରେ ପଡ଼ିଯାଇଥିବା ଦେଖିବାକୁ ମିଳିଛି।

# ଅଖା ସିଲେଇ କରି ପରିବାର ଚଳାଉଛନ୍ତି

ଚମ୍ପୁଆ,୩।୧୨(ମହେଶ୍ୱର ଦାସ)

## ଦିବ୍ୟାଙ୍ଗଙ୍କ ପାଇଁ ପ୍ରେରଣା ଏହେସାନ୍



ଏମ୍ଡି ଏହେସାନ୍

ରବିବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ହୋଇଛି। ଭିନ୍ନକ୍ଷମମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କଠାରୁ ଆରମ୍ଭ କରି ବିଭିନ୍ନ ବେସରକାରୀ ସଂସ୍ଥାଗୁଡ଼ିକ ପ୍ରୟାସ ଜାରି ରଖିଛନ୍ତି। ଏଭଳି କ୍ଷେତ୍ରରେ ଜଣେ ଦିବ୍ୟାଙ୍ଗ ହୋଇ ଦିବ୍ୟାଙ୍ଗମାନଙ୍କ ପ୍ରେରଣାର ଉତ୍ସ ପାଲଟିଥିବା ଯୁବକ ହେଉଛନ୍ତି ଚମ୍ପୁଆ ମୁସ୍‌ଲିମ ବସ୍ତିର ଏମ୍ଡି ଏହେସାନ୍ ଓରଫ ଲେଙ୍ଗେଡୁ(୩୪)। ସେ ନିଜେ ରୋଜଗାର କରି ପରିବାର ପ୍ରତିପୋଷଣ କରିବା ସହ ୪ ଜଣଙ୍କୁ ରୋଜଗାର ଦେଇ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଏହେସାନଙ୍କ କହିବା ଅନୁଯାୟୀ, ତାଙ୍କୁ ୩ ବର୍ଷ ହୋଇଥିବା ବେଳେ ଜ୍ୱର ହୋଇଥିଲା। ଜ୍ୱର ଭଲ ହେବା ପରେ ତାଙ୍କ ବାମଗୋଡ଼ଟି ପୋଲିଓରେ ଆକ୍ରାନ୍ତ ହୋଇଯାଇଥିଲା। ପିତା ଗୁଲ ମହମ୍ମଦ ଅନେକ ଟଙ୍କା ଖର୍ଚ୍ଚ କରାଇ ଚିକିତ୍ସା କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା। ସେହିଦିନଠାରୁ ଏହେସାନ ଦିବ୍ୟାଙ୍ଗ ପାଲଟି ଯାଇଥିଲେ। ଆଣ୍ଠୁରେ ହାତ ଭରାଦେଇ ଚଲାବୁଲା କରିବା ସହିତ ସ୍ଥାନୀୟ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଶେଷ କରିଥିଲେ। ଏହେସାନଙ୍କ ସିଲେଇ ପ୍ରତି ଆଗ୍ରହ ରହିଥିବା ଦେଖି ତାଙ୍କ ବାପା ଏକ ସିଲେଇ ମେସିନ ଘରକୁ ଆଣିଥିଲେ। ପରେ ୧୪ ବର୍ଷ ବୟସରେ ପ୍ଲାଷ୍ଟିକ ବୁରା(ଅଖା)ରେ ବ୍ୟାଗ୍ ସିଲେଇ କରି ହାଟରେ ବିକିବା ଆରମ୍ଭ କରିଥିଲେ। ବର୍ତ୍ତମାନ ଏହେସାନ ପ୍ଲାଷ୍ଟିକ୍ ଅଖା ସିଲେଇ କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ଧାନଚାଷ ସମୟରେ ଧାନ ରଖିବା ପାଇଁ ଚାଷୀମାନେ ବୁରାକୁ ଗୁରୁତ୍ୱ ଦେଉଥିବା ଏହେସାନ ପ୍ଲାଷ୍ଟିକ ଅଖା ସିଲେଇ କରି ବେଶ୍ ଲାଭବାନ୍ ହୋଇପାରିଛନ୍ତି। ଏପରିକି ନିଜ ଘରେ ଏକ ଅଖା ସିଲେଇ କୁଟିର ଶିଳ୍ପ ନିର୍ମାଣ କରିବାରେ ସଫଳ ହୋଇପାରିଛନ୍ତି। ଦୈନିକ ୪ କାରିଗର ସିଲେଇ କାର୍ଯ୍ୟରେ ନିଯୁକ୍ତ ରହୁଥିବା ବେଳେ ଏହେସାନ ଏହାକୁ ହୋଲସେଲିଂ ଆକାରରେ ବିକ୍ରି କରି ବାର୍ଷିକ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିପାରୁଛନ୍ତି। ଏଥିପାଇଁ ଆବଶ୍ୟକ ଅଖା ବାଲେଶ୍ୱର ଓ ମୟୂରଭଞ୍ଜ ଅଞ୍ଚଳରୁ ଆଣୁଥିବା ଏହେସାନ କହିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ୨୦ରୁ ୨୫ ଜଣ ବେପାରୀ ତାଙ୍କଠାରୁ ବୁରା ହୋଲ୍‌ସେଲ୍ ରେଟ୍‌ରେ କିଣି ଗ୍ରାମାଞ୍ଚଳରେ ବିକୁଥିବା କହିଛନ୍ତି।







































ଧରିତ୍ରୀ DHARITRI 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଡିସେମ୍ବର ୪/୨୦୨୩ Bhubaneswar, Monday, December 4/ 2023

# ୪-୧ରେ ସିରିଜ୍ ଜିତିଲା ଭାରତ

**ବେଙ୍ଗାଲୁରୁ,୩।୧୨**

ଅନ୍ତିମ ଟି୨୦ରେ ଅଷ୍ଟ୍ରେଲିଆକୁ ୬ ରନରେ ହରାଇ ୫ ମ୍ୟାଚ୍ ବିଶିଷ୍ଟ ସିରିଜକୁ ୪-୧ରେ ଜିତି ନେଇଛି ଭାରତ। ଆର. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ବଳରେ ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୦ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୨୦ ଓଭରରେ ୮ ଉଇକେଟ ହରାଇ ୧୫୪ ରନ୍ କରିଥିଲା। ମାଥ୍ୟୁ ୱେଡ୍ ଟସ୍ ଜିତି ଭାରତକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ମେଘୁଆ ପାଗ କାରଣରୁ ପିଚ୍ ବ୍ୟାଟିଂ ସହାୟକ ନଥିବା ବେଳେ ଭାରତୀୟ ବ୍ୟାଟରଙ୍କୁ ସ୍କୋର କରିବାରେ ଅସୁବିଧା ହୋଇଥିଲା।

ଯଶସ୍ୱୀ ଜୟସ୍ୱାଲ(୨୧) ଓ ଋତୁରାଜ ଗାଏକ୍ୱାଡ (୧୦) ପ୍ରଥମ ଉଇକେଟରେ ୩୩ ରନ୍ ଯୋଡିଥିଲେ। ମାତ୍ର ୩ ବଲ୍ ବ୍ୟବଧାନରେ ଉଭୟ ଓପନର ପ୍ୟାଭିଲିୟନ ଫେରିଥିଲେ। ଦଳୀୟ ସ୍କୋର ୪୬ରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ(୫) ରନ୍ କରି ଆଉଟ ହୋଇଥିଲେ। ନିର୍ଭରଯୋଗ୍ୟ ରିଙ୍କୁ ସିଂ ମାତ୍ର ୫ ରନ୍ କରି ଦଳୀୟ ସ୍କୋର ୫୫ରେ ଆଉଟ ହୋଇଥିଲେ। ୫୫ ରନ୍‌ରେ ୪ ଉଇକେଟ ହରାଇବା ପରେ ଶ୍ରେୟସ୍ ଆୟର (୫୩) ଓ ଜିତେଶ ଶର୍ମା(୨୪) ପଞ୍ଚମ ଉଇକେଟରେ ୪୨ ରନ୍ ଯୋଡିଥିଲେ। ଜିତେଶ ୧୬ ବଲ୍ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ପରବର୍ତ୍ତୀ ବ୍ୟାଟର ଅକ୍ଷର ପଟେଲ(୩୧) ରନ୍ ସ୍କୋର କରିବା ସହ ଆୟରଙ୍କ ସହ ମିଶି ୪୬ ରନ୍ ଯୋଡିଥିଲେ। ୨୧ ବଲ୍ ଖେଳି ପଟେଲ ୨ ଚୌକା ଓ ୧ ଛକା ମାରିଥିଲେ। ଶେଷ ଓଭରରେ ନିଜର ଅର୍ଦ୍ଧଶତକ ପୂରଣ କରିଥିବା ଆୟର ୩୭ ବଲ୍ ଖେଳି ୫୩ ରନ୍ କରିଥିଲେ। ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ସେ ୫ ଚୌକା ଓ ୨ ଛକା ମାରିଥିଲେ। ଜାସନ୍ ବେହେଣ୍ଡ୍ରଫ୍ ଓ ବେନ୍ ଡ୍ୱାରସୁଇସ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆରୋନ ହାର୍ଡି, ତନଭୀର ସାଂଘା ଓ ନାଥାନ ଏଲିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଏକ ପୁଲ୍ ଶଟ୍ ଖେଳିବା ଅବସରରେ ଶ୍ରେୟାସ ଆୟର।

ଅଷ୍ଟ୍ରେଲିଆ ପକ୍ଷରୁ ଟ୍ରାଭିସ୍ ହେଡ୍(୨୮) ଓ ଜୋଶ ଫିଲିପ୍(୬) ୧୬୧ ରନ୍‌ର ଲକ୍ଷ୍ୟ ନେଇ ଇନିଂସ ଆରମ୍ଭ କରିଥିବା ପ୍ରଥମ ଉଇକେଟରେ ୨୨ ରନ୍ ଯୋଡିଥିଲେ। ପରବର୍ତ୍ତୀ ବ୍ୟାଟର ବେନ୍ ମ୍ୟାକଡେରମଟ୍‌(୫୪) ଓ ଟିମ୍ ଡେଭିଡ୍ (୧୭) ଚତୁର୍ଥ ଉଇକେଟରେ ୪୭ ରନ୍ ଯୋଡିଥିଲେ। ଶେଷ ଆଡକୁ ମାଥ୍ୟୁ ୱେଡ୍(୨୨) ରନ୍ କରିଥିଲେ ହେଁ ବିଜୟ ପାଇଁ ଏହା ଯଥେଷ୍ଟ ନ ଥିଲା। ଭାରତ ପକ୍ଷରୁ ମୁକେଶ କୁମାର ୩ ଉଇକେଟ ନେଇଥିବା ବେଳେ ରବି ବିଷ୍ଣୋଇ ଓ ଅର୍ଶଦୀପ ସିଂ ଦୁଇ ଓ ଅକ୍ଷର ପଟେଲ ୧ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୬୦/୮(ଶ୍ରେୟସ୍ ଆୟର-୫୩, ଅକ୍ଷର ପଟେଲ-୩୧, ଜିତେଶ ଶର୍ମା-୨୪, ଜାସନ୍ ବେହେଣ୍ଡ୍ରଫ-୨/୩୮, ବେନ୍ ଡ୍ୱାରସୁଇସ୍-୨/୩୦, ଆରୋନ୍ ହାର୍ଡି-୧/୨୧)। ଅଷ୍ଟ୍ରେଲିଆ ୨୦ ଓଭରରେ ୧୫୪/୮(ବେନ୍ ମ୍ୟାକଡେରମଟ୍‌-୫୪, ଟ୍ରାଭିସ୍ ହେଡ୍-୨୮, ମାଥ୍ୟୁ ୱେଡ୍-୨୨, ମୁକେଶ କୁମାର-୩/୩୨, ରବି ବିଷ୍ଣୋଇ-୨/୨୯, ଅର୍ଶଦୀପ ସିଂ-୨/୪୦, ଅକ୍ଷର ପଟେଲ-୧/୧୪)।

# ହର୍ଷିତ ରଞ୍ଜନ ଚାମ୍ପିୟନ


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୩।୧୨ (ବିଜୟ ରଣା)**

ରୟାଲ ପବ୍ଲିକ ସ୍କୁଲ କେସୁରା ଓ ଭୁବନେଶ୍ୱର ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୧୬ତମ ସନ୍ଦୀପ ମେମୋରିଆଲ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ କଟକସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲର ହର୍ଷିତ ରଞ୍ଜନ ସାହୁ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଥିବା ବେଳେ କଟକ, ଓଲ୍ଡ ଷ୍ଟିୱାର୍ଟ ସ୍କୁଲର ଲଳିତ ରଞ୍ଜନ ସାହୁ (୪.୫ପଏଣ୍ଟ) ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଯଥାକ୍ରମେ ୩ୟରୁ ୧୦ମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ହେଲେ ରବୀନ୍ଦ୍ର ସାହୁ (କଳାହାଣ୍ଡି), ରବୀନ୍ଦ୍ର କୁମାର ଓଝା (କଟକ), ସୌମ୍ୟରଞ୍ଜନ ମିଶ୍ର (ଭୁବନେଶ୍ୱର), ପ୍ରକାଶଚନ୍ଦ୍ର ସାହୁ (ଦାଣ୍ଡମୁକୁନ୍ଦପୁର), ସୃଜନ ପ୍ରଣୟୀ ରାୟ (ଭୁବନେଶ୍ୱର), ସ୍ୱସ୍ତିକ ରଞ୍ଜନ ସ୍ୱାଇଁ, ମଣ୍ଟୁ ଲୁହା ଓ ଆୟୁଷମାନ ବେହେରା। ସେହିପରି ୭ବର୍ଷରୁ କମ୍ ବୟସ ବର୍ଗରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଖେଳାଳି ହେଲେ ସତ୍ୟନାରାୟଣ ସ୍ୱାଇଁ ଓ ଆଦିତ୍ୟ ଶଙ୍କର ବେହେରା। ୯ ବର୍ଷରୁ କମ୍ ବିଭାଗରେ ସାକେତ କୁମାର ମାଇତି ଓ ବିନୟ ଆଶୁତୋଷ ମହାରଣା ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ୧୧ବର୍ଷରୁ କମ୍ ବିଭାଗରେ ପ୍ରତୀକ କୁଶାଳ ରାଉତ ପ୍ରଥମ ଓ ସତ୍ୟମ୍ ସ୍ୱରୂପ ସାହୁ ଦ୍ୱିତୀୟ ହୋଇଛନ୍ତି। ୧୩ ବର୍ଷରୁ କମ୍ ବିଭାଗରେ ଆଦିତ୍ୟ ନାରାୟଣ ମହାନ୍ତି ଓ ସାତ୍ତ୍ୱିକ ପଟ୍ଟନାୟକ ଯଥାକ୍ରମ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ବାଳିକା ବିଭାଗରେ ସାନଭି ପଣ୍ଡା ଓ ଶାନ୍‌ଭି ମହାପାତ୍ର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କେଶୁରା, ରୟାଲ ପବ୍ଲିକ ସ୍କୁଲ, ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଚାମ୍ପିୟନଶିପ୍‌ର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଉପସ୍ଥିତ ଥିଲେ ରୟାଲ ପବ୍ଲିକ ସ୍କୁଲର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପରିମିତା ସାହ ଓ ମ୍ୟାନେଜର ଅଜୟ କୁମାର ଦାସ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ଭୁବନେଶ୍ୱର ଚେସ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ସୁରିନ୍ଦରନାଥ ମହାନ୍ତି।

# ୮ରୁ ଅଲ୍ ଓଡ଼ିଶା ନାଲ୍‌କୋ ଟେନିସ୍


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆୟୋଜକ ଓ କର୍ମକର୍ତ୍ତା।

**ଭୁବନେଶ୍ୱର,୩।୧୨ (ସରୋଜ ଜେନା)**

■ ୩୦୦ରୁ ଅଧିକ ପ୍ରତିଯୋଗୀ ଭାଗନେବେ
■ ୪ ଲକ୍ଷ ୩୨ ହଜାରର ପୁରସ୍କାର ରାଶି

ଭୁବନେଶ୍ୱର ଜିଲା ଟେନିସ ସଂଘ(ବିଡିଟିଏ) ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି ୨୨ତମ ଅଲ୍ ଓଡ଼ିଶା ନାଲ୍‌କୋ ଟେନିସ୍ ଟୁର୍ନାମେଣ୍ଟ। ଡିସେମ୍ବର ୮-୧୦ ମଧ୍ୟରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ୯ ବର୍ଗରେ ୩୦୦ରୁ ଅଧିକ ଖେଳାଳି ଭାଗ ନେବାକୁ ଥିବାବେଳେ ମୋଟ ୪ ଲକ୍ଷ ୩୨ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ରବିବାର ଏ ସମ୍ପର୍କିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ବିଡିଟିଏ ସମ୍ପାଦକ ଶାଶ୍ୱତ ମିଶ୍ର କହିଥିଲେ, କୋଭିଡ୍ କାରଣରୁ ୩ ବର୍ଷ ବନ୍ଦ ରହିବା ପରେ ଏହି ଟୁର୍ନାମେଣ୍ଟ ପୁନର୍ବାର ଆରମ୍ଭ ହେବାକୁ ଯାଉଛି। ନାଲ୍‌କୋ ଏହାର ମୁଖ୍ୟ ପ୍ରାୟୋଜକ ରହିଥିବା ବେଳେ ଓଏମ୍‌ସି ଓ ଟାଟା ଷ୍ଟିଲ ସହ ପ୍ରାୟୋଜକ ରହିଛନ୍ତି। ତେଣୁ ଅଲ ଓଡ଼ିଶା ଟେନିସ ଟୁର୍ନାମେଣ୍ଟ ସହ ନାଲ୍‌କୋକୁ ଯୋଡା ଯାଇଛି। ବିଡିଟିଏ ସହ ନାଲ୍‌କୋ ୫ ବର୍ଷ ପାଇଁ ପ୍ରାୟୋଜକ ଚୁକ୍ତି ସ୍ୱାକ୍ଷର କରିଛି। ୧୪ ବର୍ଷରୁ କମ୍ ବାଳକ-ବାଳିକା, ୧୮ ବର୍ଷରୁ କମ ବାଳକ, ମହିଳା ଓପନ, ପୁରୁଷ ଓପନ, ପୁରୁଷ ଡବଲ୍ସ, ପୁରୁଷ ଭେଟେରାନ(୪୦ ବର୍ଷରୁ ଊର୍ଦ୍ଧ୍ୱ) ଡବଲ୍ସ, ପୁରୁଷ ଭେଟେରାନ(୫୦ ବର୍ଷରୁ ଊର୍ଦ୍ଧ୍ୱ) ଏବଂ ପୁରୁଷ ଭେଟେରାନ (୬୦ ବର୍ଷରୁ ଊର୍ଦ୍ଧ୍ୱ) ଆଦି ୯ ବର୍ଗରେ ୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସିଙ୍ଗଲ୍ସ ବୟସ ବର୍ଗରେ ୨୦୦ ଟଙ୍କା, ପୁରୁଷ ଓ ମହିଳା ବର୍ଗର ଓପନ ନିମନ୍ତେ ୩୦୦ ଟଙ୍କା ଏବଂ ଭେଟେରାନ ଡବଲ୍ସ ନିମନ୍ତେ ୫୦୦ ଟଙ୍କା ପ୍ରବେଶିକା ଫି ପ୍ରତିଯୋଗୀଙ୍କ ନିମନ୍ତେ ଧାର୍ଯ୍ୟ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରବିବାର କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଡିଟିଏ ସମ୍ପାଦକ ଶାଶ୍ୱତ ମିଶ୍ର, କୋଷାଧ୍ୟକ୍ଷ ଅଜୟ ସାହୁ, ଦେବୀ ବିଶ୍ୱାଳ ଏବଂ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।

# ବିଜୟ ହଜାରେ ଟ୍ରଫି: ଓଡ଼ିଶାର ବୃହତ୍ ବିଜୟ

**ଭୁବନେଶ୍ୱର,୩।୧୨ (ସରୋଜ ଜେନା)**

ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ଏହାର ତୃତୀୟ ବିଜୟ ହାସଲ କରିଛି। ରବିବାର ତ୍ରିପୁରାକୁ ଦଳ ୯ ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ଓଡ଼ିଶା ପ୍ରଥମେ ବୋଲିଂ କରିଥିଲା। ତ୍ରିପୁରା ୩୪.୪ ଓଭରରେ ୧୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଓଡ଼ିଶା ୨୧.୫ ଓଭରରେ ୧ ଉଇକେଟ ହରାଇ ବିଜୟ ହାସଲ କରିଥିଲା।

ଓଡ଼ିଶା ଟସ୍ ଜିତି ବୋଲିଂ କରିଥିବା ବେଳେ ଦେବବ୍ରତ ପ୍ରଧାନ ଘାତକ ବୋଲିଂ କରିଥିଲେ। ଦେବବ୍ରତ (୮.୪-୪-୧୬-୪)ଚମତ୍କାର ସ୍ପେଲ ସହିତ ତ୍ରିପୁରା ବ୍ୟାଟିଂ ଲାଇନ୍‌ଅପ୍‌କୁ ଧ୍ୱସ୍ତ କରି ଦେଇଥିଲେ। ତ୍ରିପୁରା ୩୫ ରନ୍‌ରେ ୬ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ଦଳ ପକ୍ଷରୁ ୭ ଜଣ ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ସପ୍ତମ ଉଇକେଟରେ ପାଲଜୋର ତମାଙ୍ଗ(୪୨) ଓ ସୁମିତ ସିଂ(୧୪)ଙ୍କ ମଧ୍ୟରେ ୩୮ ରନ୍‌ର ଭାଗୀଦାରି ହୋଇଥିଲା। ଓଡ଼ିଶା ପକ୍ଷରୁ ଦେବବ୍ରତ ପ୍ରଧାନ ୪ ଉଇକେଟ ନେଇଥିବା ବେଳେ ତାରିଣୀ ସ' ୩ ଉଇକେଟ ନେଇଥିଲେ। ଗୋବିନ୍ଦ ପୋଦ୍ଦାର ଓ ଅଭିଷେକ ରାଉତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୧୨ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓଡ଼ିଶା ୧୦ ରନରେ ଓପନର ତଥା ଅଧିନାୟକ ଶାନ୍ତନୁ ମିଶ୍ର(୪)ଙ୍କ ଉଇକେଟ ହରାଇଥିଲା। ତେବେ ସନ୍ଦୀପ ପଟ୍ଟନାୟକ(୫୭) ଓ କାର୍ତ୍ତିକ ବିଶ୍ୱାଳ(୪୪) ଦ୍ୱିତୀୟ ଉଇକେଟରେ ଅବିଭାଜିତ ୧୦୭ ରନ୍ ଯୋଡି ଓଡ଼ିଶାକୁ ଏହାର ତୃତୀୟ ବିଜୟ ପ୍ରଦାନ କରିଥିଲେ। ସନ୍ଦୀପ ୬୧ ବଲ୍ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। କାର୍ତ୍ତିକ ୬୩ ବଲ୍ ଖେଳି ୩ ଚୌକା ମାରିଥିଲେ। ତ୍ରିପୁରା ପକ୍ଷରୁ ସୁମିତ ସିଂ ଏକମାତ୍ର ଉଇକେଟ ନେଇଥିଲେ। ଓଡ଼ିଶା ଏହାର ଅନ୍ତିମ ମ୍ୟାଚରେ ମୁମ୍ବାଇକୁ ଭେଟିବ।







# ଖେଳରତ୍ନ ପୁରସ୍କାର କମିଟି ଗଠିତ

**ନୂଆଦିଲ୍ଲୀ, ୩।୧୨(ପି.ଟି.):** ମେଜର ଧ୍ୟାନଚାନ୍ଦ ଖେଳରତ୍ନ, ଅର୍ଜୁନ ଓ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ଚୟନ କମିଟି ଗଠନ କରାଯାଇଥିବା କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ରବିବାର ଘୋଷଣା କରାଯାଇଛି। ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଏଏମ୍ ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିର ସଦସ୍ୟ ସଂଖ୍ୟା ୧୨ ରହିଛି। ତନ୍ମଧ୍ୟରେ ୬ଜଣ ଜଣାଶୁଣା କ୍ରୀଡ଼ା ବ୍ୟକ୍ତିତ୍ୱ ଅଛନ୍ତି। ସେମାନେ ହେଲେ ଭାରତର ପୂର୍ବତନ ହକି ଅଧିନାୟକ ଧନରାଜ ପିଲ୍ଲେ, ଅଲିମ୍ପିଆନ ବକ୍ସର ଅଖିଲ କୁମାର, ଶୁଟର ଶୁମା ଶିରୁର୍, ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ ତରଫରୁ ପ୍ରତିନିଧିତ୍ୱ କରୁଥିବା ୮ ଥର ଜାତୀୟ ଟେବୁଲ ଟେନିସ ଚାମ୍ପିୟନ କମଲେଶ ମେହେଟା। ପୂର୍ବତନ ଭାରତୀୟ ମହିଳା କ୍ରିକେଟ ଅଧିନାୟିକା ଅଞ୍ଜୁମ ଚୋପ୍ରା ଏବଂ ମିଶନ ଅଲିମ୍ପିକ ସେଲ ଓ ଫାର୍ମାନ ବାଶା ଅଫ୍ ପାୱାର ଲିଫ୍ଟିଂ ଫେଡେରେଶନର ଅଂଶ ବିଶେଷ ଥିବା ବ୍ୟାଡ୍‌ମିଣ୍ଟନ ଖେଳାଳି ତ୍ରୁପତି ମୁରୁଗୁଣ୍ଡେ ମଧ୍ୟ କମିଟିର ସଦସ୍ୟ ରହିଛନ୍ତି। ମିଡିଆ ପ୍ରତିନିଧି ଭାବେ ଦୈନିକ ଜାଗରଣର ସ୍ପୋର୍ଟ୍ସ ଏଡିଟର ଅଭିଷେକ ତ୍ରିପାଠୀ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ମହାନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ, ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍‌ର ସିଇଓ ପୁଷ୍ପେନ୍ଦ୍ର ଗର୍ଗ ଏବଂ ସରକାରୀ ଅଫସିଆଲ ଭାବେ ଯୁଗ୍ମ ସଚିବ (ଏମ୍‌ୱାଇଏଏସ୍) ପ୍ରେମ୍ କୁମାର ଝା ଏହି କମିଟିରେ ସ୍ଥାନ ପାଇଛନ୍ତି।


ଏଏମ୍ ଖାନ୍‌ୱିଲକର

# ଅଶ୍ୱିନୀ-ତନିଶା ଯୋଡ଼ି ରନର ଅପ୍

**ଲକ୍ଷ୍ନୌ, ୩।୧୨ (ପି.ଟି.):** ଭାରତର ଡବଲ୍ସ ଯୋଡ଼ି ଅଶ୍ୱିନୀ ପୋନ୍ନାପ୍ପା ଓ ତନିଶା କ୍ରାଷ୍ଟୋ ଏଠାରେ ଚାଲିଥିବା ସୟଦ ମୋଦୀ ଇଣ୍ଟରନ୍ୟାଶନାଲ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ମହିଳା ଡବଲ୍ସ ରନର ଅପ୍ ହୋଇଛି। ରବିବାର ଫାଇନାଲରେ ବିଶ୍ୱର ୩୨ ନମ୍ବର ଭାରତୀୟ ଯୋଡ଼ି ତୃତୀୟ ସିଡ୍ ଜାପାନର ରିନ୍ ଇୱାନାଗା ଓ କିଏ ନାକାନିଶିଙ୍କଠାରୁ ୧୪-୨୧, ୨୧-୧୭, ୧୫-୨୧ରେ ହାରି ଯାଇଛନ୍ତି।

# ଜନ୍ମଦିନ ବିଶେଷାଙ୍କ

# ଧରିତ୍ରୀ 50

ଧରିତ୍ରୀର ୫୦ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ। ଏଥିରେ ଧରିତ୍ରୀର ୫୦ ବର୍ଷର ଯାତ୍ରାପଥରେ ବିଭିନ୍ନ ଉଲ୍ଲେଖନୀୟ ଘଟଣାର ଫଟୋଚିତ୍ର ସମେତ ଦାରୁଦିଅଁଙ୍କ ୫୦ ନୀତି, ୫୦ ମିଠାପିଠା, ଅନୁସରଣୀୟ ୫୦ ବ୍ୟକ୍ତିତ୍ୱ, ଓଡ଼ିଶାର ୫୦ ଜନଜାତି, ପର୍ଯ୍ୟଟନର ୫୦ ଆକର୍ଷଣ, ଓଡ଼ିଆ ସାହିତ୍ୟରେ ଛାପ ଛାଡ଼ିଥିବା ୫୦ ବହି, ୫୦ ଆମ ଖେଳ ଓ ଖେଳାଳି, ୫୦ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ସହ ୧୯୭୪ରୁ ୨୦୨୩ ମସିହା ମଧ୍ୟରେ ଧରିତ୍ରୀର ପୃଷ୍ଠା ମଣ୍ଡନ କରିଥିବା ବହୁ ପ୍ରବୀଣ ଲେଖକଙ୍କ ଗୃହୀତ ଗଳ୍ପ, କବିତା ଓ ପ୍ରବନ୍ଧକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଏଥିସହ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର କଳାକୃତିରେ ପୁଷ୍ଟ ଏହି ବିଶେଷାଙ୍କର ପ୍ରଚ୍ଛଦ।

**ମୂଲ୍ୟ:୧୦୦**

**ଯୋଗାଯୋଗ- ଭୁବନେଶ୍ୱର:** ସମୀର ରଞ୍ଜନ ପରିଡ଼ା- ୯୮୫୩୯୮୯୮୫୬
**(କଟକ ସହର,ଖୋର୍ଦ୍ଧା,ପୁରୀ):**
ଅରବିନ୍ଦ ପାଠୀ -୭୦୦୮୯୫୦୪୨୫
**କଟକ ସଦର:**ପ୍ରମୋଦ ନାୟକ - ୮୨୪୯୨୯୦୩୭୨
**ବାଲେଶ୍ୱର:** ଆଲୋକ କାନୁନ୍‌ଗୋ-୮୨୪୯୫୮୪୦୧୦
**ସମ୍ବଲପୁର:**ନରୋତ୍ତମ ଜେନା- ୯୩୪୮୨୦୯୫୩୪
**ଅନୁଗୋଳ:**ସୌରଭ ତ୍ରିପାଠୀ-୮୮୪୭୮୬୨୦୯୨
**ରାୟଗଡ଼ା:**ବିଶ୍ୱଜିତ୍ ପାଲଟାସିଂ-୭୯୭୮୦୩୮୨୦୩
**ବ୍ରହ୍ମପୁର:**ମଳୟ କୁମାର ସାହୁ-୯୪୩୯୬୮୩୯୯୯




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ।

**ଦୂରଭାଷ: ୦୬୭୪-୨୫୮୦୧୦୧, ୨୫୪୯୩୦୨**




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ